# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୮/୨୦୨୬ (୧୪ ପୃଷ୍ଠା) | Bhubaneswar, Tuesday, April 28/2026 | Page 14 | ₹ 7.00

୫୨ଶ ଭାଗ ୧୫୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 153 | ମୂଲ୍ୟ₹୭/-




**ଅମିଷାଙ୍କ ଅବସୋସ**

'ତେରେ ନାମ୍' ଫିଲ୍ମରେ ସଲମାନ ଖାନ୍‌ଙ୍କ ସହ ଅଭିନୟ ସୁଯୋଗ ହାତଛଡ଼ା କରିଥିବାରୁ ଏବେବି ଅବସୋସ କରନ୍ତି ଅମିଷା ପଟେଲ।

୦୨

୧୪

**ହାଜେଲଉଡ୍‌ଙ୍କ ପ୍ରଭାବୀ ବୋଲିଂ**

ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ପ୍ରଭାବୀ ବୋଲିଂ କରିଛନ୍ତି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଜୋଶ ହାଜେଲଉଡ୍।



# ବାଣିଜ୍ୟ ପରୀକ୍ଷାର୍ଥୀଙ୍କୁ ରାଜନୀତି ବିଜ୍ଞାନ ପ୍ରଶ୍ନପତ୍ର

**ମାଲକାନଗିରି, ୨୭।୪**
**(ଗୌରିଶଙ୍କର ପଣ୍ଡା)**

ଜଣେ ବାଣିଜ୍ୟ ବିଭାଗ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ପରିଚାଳକ କଳା ବିଭାଗର ରାଜନୀତି ବିଜ୍ଞାନ ପ୍ରଶ୍ନପତ୍ର ଦେଇଥିଲେ। ଛାତ୍ର ଜଣକ ମଧ୍ୟ କିଛି ବୁଝି ନ ପାରି ସେହି ପ୍ରଶ୍ନର ଉତ୍ତର ଲେଖି ଚାଲିଲେ। ପରୀକ୍ଷାର ୩ ଘଣ୍ଟା ସମୟ ସରିଆସୁଥିବା ବେଳେ ଛାତ୍ରଙ୍କୁ ଭୁଲ୍ ପ୍ରଶ୍ନପତ୍ର ଦିଆଯାଇଥିବା ପରୀକ୍ଷା ପରିଚାଳକ ଜାଣିବା ପରେ ତୁରନ୍ତ ଛାତ୍ରଙ୍କଠାରୁ ସେହି ପ୍ରଶ୍ନପତ୍ର ନେଇ ତାଙ୍କୁ ତାଙ୍କ ବିଭାଗର ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିଲା। ମାଲକାନଗିରି ସଦରରେ ଥିବା ମାଲକାନଗିରି ମହାବିଦ୍ୟାଳୟରେ ସୋମବାର ଏଭଳି ତ୍ରୁଟି ଦେଖିବାକୁ ମିଳିଛି।



ଏକାକୀ ପରୀକ୍ଷା ଦେଉଥିବା ବିଦ୍ୟାର୍ଥୀ।

ମାଲକାନଗିରି କଲେଜରେ ବ୍ୟାକ୍ କୋର୍ସ ପାଇଁ ସୋମବାର ପୁନଃ ପରୀକ୍ଷା ଥିଲା। ବିଭିନ୍ନ ବିଷୟରେ ଫେଲ୍ ହୋଇଥିବା ୭୫ ଜଣ ପରୀକ୍ଷାର୍ଥୀ ସୋମବାର ପୁଣି ଥରେ ନିଜର ବ୍ୟାକ୍ କୋର୍ସ ନିମନ୍ତେ ପରୀକ୍ଷା ଦେଇଥିଲେ। ତେବେ ବାଣିଜ୍ୟ ବିଭାଗର ସୌରଭ ଭୌମିକ ନାମକ ଛାତ୍ର ୩ୟ ସେମିଷ୍ଟରର କର୍ପୋରେଟ ଆକାଉଣ୍ଟିଂ ପରୀକ୍ଷା ଦେବାକୁ ଆସିଥିଲେ। କିନ୍ତୁ ପରୀକ୍ଷା ପରିଚାଳକ ଭୁଲ୍‌ରେ ତାଙ୍କୁ ରାଜନୀତି ବିଜ୍ଞାନର ପ୍ରଶ୍ନପତ୍ର ଦେଇଥିଲେ। ସୌରଭ କିଛି ବୁଝି ନ ପାରି ସେହି ପ୍ରଶ୍ନର ଉତ୍ତର ଲେଖି ଚାଲିଲେ। ତେବେ ଇତିମଧ୍ୟରେ ୩ ଘଣ୍ଟା ସମୟ ସରିଆସୁଥିବା ବେଳେ ପରୀକ୍ଷା ପରିଚାଳକ ଜାଣିପାରିଲେ ଯେ, ସୌରଭଙ୍କୁ ଭୁଲ୍ ପ୍ରଶ୍ନପତ୍ର ଦିଆଯାଇଛି। ସୌରଭ ମଧ୍ୟ ଏ ନେଇ ପରୀକ୍ଷା ପରିଚାଳକଙ୍କୁ ଅବଗତ କରାଇଥିଲେ। ଏ ନେଇ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଅଧ୍ୟାପକମାନେ ଜାଣିବା ପରେ ତୁରନ୍ତ ଛାତ୍ରଙ୍କଠାରୁ ସେହି ପ୍ରଶ୍ନପତ୍ର ନିଆଯାଇ ତାଙ୍କୁ ତାଙ୍କ ବିଭାଗର ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ତାଙ୍କୁ ଅତିରିକ୍ତ ସମୟ ମଧ୍ୟ ପ୍ରଦାନ କରାଯାଇ ଉତ୍ତର ଲେଖିବାର ସୁଯୋଗ ଦିଆଯାଇଥିଲା। ଅପରପକ୍ଷରେ ଏହି ତ୍ରୁଟି ପାଇଁ ଅନ୍ୟ ଛାତ୍ରମାନେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଦୋଷଦେବା ସହ ଘଟଣାକୁ ଲୁଚାବାକୁ ଯାଇ ସୌରଭଙ୍କୁ ବାହାରକୁ ଛାଡ଼ି ନ ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମାଲକାନଗିରି ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତରଞ୍ଜନ ବାରିକଙ୍କୁ ପଚାରିବାରୁ, ପ୍ରଶ୍ନପତ୍ର ଦେବା ସମୟରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ତ୍ରୁଟି ରହିଛି। ଏହାସହ ଛାତ୍ର ଜଣକ ମଧ୍ୟ ଯେଉଁ ବିଷୟରେ ପଢ଼ି ନାହାନ୍ତି ତାହାର ପ୍ରଶ୍ନପତ୍ର ଦେଖି ତୁରନ୍ତ ଅଭିଯୋଗ କରିଥିଲେ ଏହାର ସମାଧାନ ସେହି ସମୟରେ ହିଁ ହୋଇପାରିଥାନ୍ତା ବୋଲି ସେ ପ୍ରକାଶ କରିଛନ୍ତି।

## ୪ରୁ ୧୦ ଓଜେଇଇ

**ଭୁବନେଶ୍ୱର, ୨୭।୪ (ସୁଚିସ୍ମିତା ସାହୁ)**

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)-୨୦୨୬ ମେ' ୪ ତାରିଖରୁ ଆରମ୍ଭ ହେବ। ୧୦ ତାରିଖ ଯାଏ ଚାଲିବାକୁ ଥିବା ଏହି ପରୀକ୍ଷା ଦୈନିକ ୩ଟି ସିଫ୍ଟରେ କରାଯିବ। ପ୍ରଥମ ସିଫ୍ଟ ସକାଳ ୯ରୁ ୧୧ଟା, ଦ୍ୱିତୀୟ ସିଫ୍ଟ ଅପରାହ୍ଣ ୧ଟା ରୁ ୩ଟା ଓ ତୃତୀୟ ସିଫ୍ଟ ପରୀକ୍ଷା ସାଢ଼େ ୪ରୁ ସାଢ଼େ ୬ ଯାଏ ଚାଲିବ। ପ୍ରଥମ ଦିନ ସମସ୍ତ ସିଫ୍ଟରେ ବିଏସ୍‌ସି ନର୍ସିଂ ପରୀକ୍ଷା ରହିଛି। ୫ ତାରିଖ ପ୍ରଥମ ଦୁଇଟି ସିଫ୍ଟରେ ବିଏସ୍‌ସି ନର୍ସିଂ ଓ ତୃତୀୟ ସିଫ୍ଟରେ ବି.ଫାର୍ମ ପରୀକ୍ଷା ରହିଛି। ସେହିପରି ୬ ତାରିଖର ସମସ୍ତ ସିଫ୍ଟରେ ଛାତ୍ରୀଛାତ୍ର ବି.ଫାର୍ମ ପରୀକ୍ଷା ଦେବେ। ୭ ତାରିଖ ପ୍ରଥମ ସିଫ୍ଟରେ ☞ପୃଷ୍ଠା-୪

**ଭଉଣୀଙ୍କ କଙ୍କାଳ ଧରି ବ୍ୟାଙ୍କରେ ଭାଇ** ୩

**ଆଜିର ସମ୍ପାଦକୀୟ**

ଯାଲଦା ଓ ଡିପ୍‌ଫେକ୍


SIKSHA 'O' ANUSANDHAN

SAAT-2026

Empowering students for a brighter future

MANAGEMENT PROGRAMMES
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 66th Best in Management Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



4001/46/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

OPTCL Lifeline of Odisha

୧୬୪୭ କୋଟି ଟଙ୍କା ବ୍ୟୟରେ
କେନ୍ଦୁଝର ବିଦ୍ୟୁତ୍ ଶକ୍ତି ବ୍ୟବସ୍ଥାର ସମ୍ପ୍ରସାରଣ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୪୦୦/୨୨୦ କେ. ଭି. ନୂତନ ଗ୍ରୀଡ ସବଷ୍ଟେସନ୍

୨ ଟି ୨୨୦ କେ.ଭି. ଗ୍ରୀଡ ସବଷ୍ଟେସନ୍

୫ ଟି ଟ୍ରାନ୍ସମିସନ ଲାଇନ

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
ଭିତ୍ତିପ୍ରସ୍ତର ସ୍ଥାପନ

ଗରିମାମୟ ଉପସ୍ଥିତି

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ଅନନ୍ତ ନାୟକ
ସାଂସଦ, କେନ୍ଦୁଝର

ଡ. ଫକୀର ମୋହନ ନାଏକ
ଅଧ୍ୟକ୍ଷ, ଜିଲ୍ଲା ଯୋଜନା କମିଟି ତଥା ବିଧାୟକ, ତେଲକୋଇ

ଶ୍ରୀ ସନାତନ ମହାକୁଡ
ବିଧାୟକ, ଚମ୍ପୁଆ

୨୮ ଅପ୍ରେଲ ୨୦୨୬ । ପୂର୍ବାହ୍ନ ୯ ଘଟିକା । କେନ୍ଦୁଝର

ଶକ୍ତି ବିଭାଗ, ଓଡ଼ିଶା ସରକାର

OIPR-4001/4011/2/26-27/0007



ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପ୍ରଚାର ଶେଷ ଦିନରେ ସୋମବାର ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀ କୋଲକାତାରେ ଏକ ରୋଡ୍‌ଶୋ'ରେ ଯୋଗ ଦେଇଛନ୍ତି। ତାଙ୍କ ସହ ଦଳୀୟ ନେତ୍ରୀ ସାୟୋନି ଘୋଷ ଓ ଅନ୍ୟମାନେ ଅଛନ୍ତି।

# ପଶ୍ଚିମବଙ୍ଗରେ ପ୍ରଚାର ଶେଷ, ଦିନକ ପରେ ଭୋଟ

କୋଲକାତା,୨୭।୪

## ଶପଥ ଉତ୍ସବକୁ ଆସିବେ କହିଲେ ମୋଦି

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ମତଦାନ ବୁଧବାର ହେବାକୁ ଥିବାବେଳେ ସୋମବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୧୪୨ ଆସନ ପାଇଁ ଭୋଟଗ୍ରହଣ କରାଯିବ। ପ୍ରଚାର ଶେଷ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତର ୨୪ ପ୍ରଗଣାର କଙ୍କିନାରାଠାରେ ଏକ ରାଲିକୁ ସମ୍ବୋଧନ କରିଥିବାବେଳେ ବରିଷ୍ଠ ଭାଜପା ନେତା ଅମିତ୍ ଶାହା ହୁଗ୍ଲି ଜିଲାର ଚନ୍ଦନନଗରଠାରେ ରୋଡ୍‌ଶୋ' କରିଥିଲେ। ଅନ୍ୟ ଭାଜପା ନେତାଙ୍କ ମଧ୍ୟରେ ଯୋଗୀ ଆଦିତ୍ୟନାଥ ଏବଂ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଶେଷ ଦିନରେ ପ୍ରଚାର କରିଥିଲେ। ସେହିପରି ତୃଣମୂଳ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାରେ ରୋଡ୍‌ଶୋ' କରିଥିବାବେଳେ ଦଳର ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଆରାମବାଗରେ ରାଲି କରିବା ସହ ମହେଶତାଲାରେ ଏକ ରୋଡ୍‌ଶୋ'ରେ ଭାଗ ନେଇଥିଲେ।

ନିର୍ବାଚନ ପରେ ଭାଜପା ପଶ୍ଚିମବଙ୍ଗରେ ସରକାର ଗଢ଼ିବ ବୋଲି ପ୍ରଧାନମନ୍ତ୍ରୀ ମୋଦି ଦୃଢ଼ୋକ୍ତି କରିଛନ୍ତି। ମେ' ୪ ପରେ ନୂଆ ସରକାରର ଶପଥ ଗ୍ରହଣ ଉତ୍ସବକୁ ସେ ପଶ୍ଚିମବଙ୍ଗ ଆସିବେ ବୋଲି ସୋମବାର ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ଦ୍ୱିତୀୟ ପର୍ଯ୍ୟାୟରେ କୋଲକାତା ଉତ୍ତର, କୋଲକାତା ଦକ୍ଷିଣ, ହାଓଡ଼ା, ନଦିଆ, ଉତ୍ତର ୨୪ ପ୍ରଗଣା, ଦକ୍ଷିଣ ୨୪ ପ୍ରଗଣା, ହୁଗ୍‌ଲି ଏବଂ ପୂର୍ବ ବର୍ଦ୍ଧମାନ ସମେତ ୮ଟି ନିର୍ବାଚନ ଜିଲାରେ ମତଦାନ ହେବ। ଏଥିପାଇଁ ସମସ୍ତ ବୃହତ୍ ଦଳର ନେତାମାନେ ଶେଷଦିନରେ ପ୍ରଚାରକୁ ଜୋର୍‌ଦାର କରିଥିଲେ। ସୂଚନାଯୋଗ୍ୟ, ଗତ ୨୩ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୧୫୨ ଆସନ ପାଇଁ ମତଦାନ ହୋଇଥିଲା। ମତଦାନ ହାର ସର୍ବାଧିକ ୯୩.୧୯ ପ୍ରତିଶତ ରହିଥିଲା। ୨୯ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ ପରେ ମେ' ୪ରେ ଏକସଙ୍ଗେ କେରଳମ୍, ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀର ଭୋଟଗଣନା କରାଯାଇ ଫଳାଫଳ ପ୍ରକାଶ ପାଇବ।

## ଦିନେଶ ତ୍ରିବେଦୀ ବାଂଲାଦେଶରେ ଭାରତର ଉଚ୍ଚାୟୁକ୍ତ ନିଯୁକ୍ତ



ଦିନେଶ ତ୍ରିବେଦୀ

ନୂଆଦିଲ୍ଲୀ,୨୭।୪ (ପି.ଟି.)

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିନେଶ ତ୍ରିବେଦୀଙ୍କୁ ସୋମବାର ବାଂଲାଦେଶରେ ଭାରତର ପରବର୍ତ୍ତୀ ଉଚ୍ଚାୟୁକ୍ତ ନିଯୁକ୍ତ କରାଯାଇଛି। ସେ ଖୁବ୍‌ଶୀଘ୍ର ଦାୟିତ୍ୱ ନେବାକୁ ଯାଉଛନ୍ତି। ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସଜାଡ଼ିବା ପାଇଁ ଯୋଜନା ହେଉଥିବାବେଳେ ବରିଷ୍ଠ ରାଜନେତା ତ୍ରିବେଦୀଙ୍କୁ ଡାକା ପଠାଇବା ପାଇଁ ନୂଆଦିଲ୍ଲୀ ନିଷ୍ପତ୍ତି ନେଇଛି। ସୂଚନାଯୋଗ୍ୟ, ୨୦୨୪ ଅଗଷ୍ଟରେ ଶେଖ୍ ହାସିନା ସରକାରର ପତନ ପରେ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ବାଂଲାଦେଶର ଅନ୍ତରୀଣ ସରକାର ସମୟରେ ୨ ଦେଶର ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥିଲା। ଗତ ଫେବୃଆରୀରେ ପ୍ରଧାନମନ୍ତ୍ରୀ ତାରିକ୍ ହରମାନଙ୍କ ନେତୃତ୍ୱରେ ବାଂଲାଦେଶର ନୂଆ ସରକାର ଆସିବା ପରେ ଦ୍ୱିପାକ୍ଷିକ ସମ୍ପର୍କରେ ସୁଧାର ପାଇଁ ଉଦ୍ୟମ ଆରମ୍ଭ ହୋଇଛି।

# ଭାରତ, ନ୍ୟୁଜିଲାଣ୍ଡ ମଧ୍ୟରେ ଏଫ୍‌ଟିଏ ସ୍ୱାକ୍ଷରିତ

ନୂଆଦିଲ୍ଲୀ,୨୭।୪(ପି.ଟି.)

## ନ୍ୟୁଜିଲାଣ୍ଡରେ ଭାରତୀୟ ରପ୍ତାନି ସାମଗ୍ରୀ ଶୁଳ୍କମୁକ୍ତ ହେବ

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ସୋମବାର ଏକ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ) ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ବଳରେ ନ୍ୟୁଜିଲାଣ୍ଡ ବଜାରରେ ଭାରତୀୟ ବସ୍ତ୍ର, ଚମଡ଼ା ଜୋତା, ରତ୍ନପଥର ଓ ଅଳଙ୍କାର ସମେତ ୧୦୦ ପ୍ରତିଶତ ରପ୍ତାନି ସାମଗ୍ରୀ ଶୁଳ୍କମୁକ୍ତ ହେବ। ଫଳରେ ଭାରତୀୟ ରପ୍ତାନିକାରୀମାନେ ଏହି ଚୁକ୍ତିନାମା ବଳରେ ଲାଭବାନ୍ ହେବେ। ନ୍ୟୁଜିଲାଣ୍ଡ ପାର୍ଲାମେଣ୍ଟରେ ଅନୁମୋଦନ ପରେ ଚଳିତ ବର୍ଷ ଶେଷ ସୁଦ୍ଧା ଉକ୍ତ ଚୁକ୍ତିନାମା କାର୍ଯ୍ୟକାରୀ ହେବା ଆଶା କରାଯାଉଛି। ଭାରତରେ କେନ୍ଦ୍ର କ୍ୟାବିନେଟ୍ ଏଫ୍‌ଟିଏକୁ ମଞ୍ଜୁରୀ ପ୍ରଦାନ କରିଛି।

ଏକ ବାଣିଜ୍ୟ ଚୁକ୍ତିନାମାରେ ଦ୍ୱିତୀୟ ଥର ପାଇଁ ଭାରତ ଆଗାମୀ ୧୫ ବର୍ଷ ମଧ୍ୟରେ ୨୦ ବିଲିୟନ ଆମେରିକୀୟ ଡଲାର ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ(ଏଫ୍‌ଡିଆଇ) ଗ୍ରହଣ କରିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଭାରତ ସହ ୪ ୟୁରୋପୀୟ ରାଷ୍ଟ୍ର କରିଥିବା ଚୁକ୍ତିନାମାରେ ୧୦୦ ବିଲିୟନ ଡଲାର ଏଫ୍‌ଡିଆଇ ପ୍ରତିଶ୍ରୁତି ଦିଆଯାଇଥିଲା। ସୋମବାର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ଭାରତ ଗସ୍ତରେ ଆସିଥିବା ନ୍ୟୁଜିଲାଣ୍ଡର ବାଣିଜ୍ୟ ଓ ନିବେଶ ମନ୍ତ୍ରୀ ଟୋଡ୍ ମାକ୍‌ଲେ ମୁକ୍ତ ବାଣିଜ୍ୟ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ବଳରେ ୫ ବର୍ଷରେ ଦ୍ୱିପାକ୍ଷିକ ବାଣିଜ୍ୟ ୨ ଗୁଣ ବଢ଼ି ୫ ବିଲିୟନ ଡଲାରରେ ପହଞ୍ଚିବା ଆଶା କରାଯାଉଛି। ଏହାଦ୍ୱାରା ଦେଶର କୃଷକ, ଯୁବବର୍ଗ, ମହିଳା, ଏମ୍‌ଏସ୍‌ଏମ୍‌ଇ, କାରିଗର, ଷ୍ଟାର୍ଟଅପ୍, ଛାତ୍ରୀଛାତ୍ର ଓ ନବପ୍ରବର୍ତ୍ତକମାନେ ବିଶେଷ ଲାଭବାନ ହେବେ ବୋଲି ଚୁକ୍ତିନାମା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଭାରତରେ ୨୦ ବିଲିୟନ ଡଲାର ପୁଞ୍ଜିନିବେଶ ପାଇଁ ନ୍ୟୁଜିଲାଣ୍ଡ ପ୍ରତିଶ୍ରୁତି ଦେଇଥିବାରୁ ଏହା କୃଷି, ଉତ୍ପାଦନ, ନବପ୍ରବର୍ତ୍ତନ, ପ୍ରଯୁକ୍ତି ଆଦି କ୍ଷେତ୍ରରେ ଆମର ସହଯୋଗକୁ ସୁଦୃଢ଼ କରିବ ଏବଂ ଉଭୟ ଦେଶ ପାଇଁ ଏକ ସମୃଦ୍ଧ ଓ ଗତିଶୀଳ ଭବିଷ୍ୟତର ମାର୍ଗ ପ୍ରଶସ୍ତ କରିବ ବୋଲି ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି। ସେହିପରି ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲୁକ୍ସନ ଏହି ଚୁକ୍ତିକୁ ଦୀର୍ଘବର୍ଷ ପରେ ହୋଇଥିବା ଏକ ଐତିହାସିକ ରାଜିନାମା କହିବା ସହ ଏହା ଆମ ରପ୍ତାନିକାରୀଙ୍କୁ ୧୪୦ କୋଟି ଜନସଂଖ୍ୟା ଥିବା ଭାରତୀୟ ବଜାରରେ ଏବଂ ବିଶ୍ୱର ୩ୟ ବୃହତ୍ ଅର୍ଥନୀତି ହେବାକୁ ଯାଉଥିବା ଦେଶରେ ବ୍ୟବସାୟ କରିବା ପାଇଁ ଅଭୂତପୂର୍ବ ସୁଯୋଗ ପ୍ରଦାନ କରିବ ବୋଲି କହିଛନ୍ତି।

ଗତ କିଛିବର୍ଷ ମଧ୍ୟରେ ଭାରତର ଏହା ୯ମ ଚୁକ୍ତିନାମା। ୩୮ଟି ବିକଶିତ ରାଷ୍ଟ୍ର ସହ ଏହିସବୁ ଚୁକ୍ତିନାମା ହୋଇଥିବା ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ଗୋୟଲ କହିଛନ୍ତି। ଦେଶର ରପ୍ତାନି, କୃଷି ଉତ୍ପାଦନ, ଦକ୍ଷତା, ନିବେଶ ଓ ସେବାକୁ ସଶକ୍ତ କରାଇବା ଚୁକ୍ତିନାମାର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି।



ନୂଆଦିଲ୍ଲୀରେ ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର ଅବସରରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲଙ୍କ ସହ ନ୍ୟୁଜିଲାଣ୍ଡ ବାଣିଜ୍ୟ ଓ ନିବେଶ ମନ୍ତ୍ରୀ ଟୋଡ୍ ମାକ୍‌ଲେ।

## ଖାଦ୍ୟରେ ବିଷକ୍ରିୟା: ପରିବାରର ୪ ମୃତ

ମୁମ୍ବାଇ,୨୭।୪

ମୁମ୍ବାଇର ପାଇଧୋନି ଅଞ୍ଚଳରେ ଖାଦ୍ୟରେ ବିଷକ୍ରିୟା ଯୋଗୁ ଗୋଟିଏ ପରିବାରର ୪ ସଦସ୍ୟଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଶନିବାର ରାତିରେ ଏହି ଘଟଣା ଘଟିଛି। ମୃତକମାନେ ହେଲେ ୪୦ ବର୍ଷୀୟ ଅବଦୁଲ୍ଲା ଡୋକାଡିଆ, ତାଙ୍କ ସ୍ତ୍ରୀ ନସ୍‌ରିନ(୩୫), ଝିଅ ଐଶା (୧୬) ଏବଂ ଜୈନାବ (୧୩)। ପରିବାର ସଦସ୍ୟ ଶନିବାର ରାତି ୧୦ଟା ୩୦ ମିନିଟ୍‌ରେ ରାତ୍ରଭୋଜନରେ ବିରିଆନି ଖାଇଥିଲେ। ରାତି ୧ଟାରୁ ୧ଟା ୩୦ ମଧ୍ୟରେ ଉପରୋକ୍ତ ୪ ଜଣ ତରଭୁଜ ଖାଇଥିଲେ। ଭୋର ସମୟରେ ସେମାନଙ୍କର ଝାଡ଼ାବାନ୍ତି ହୋଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କର ମୃତ୍ୟୁ ଘଟିଛି। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟରୁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଉଛି।

# ଟିଏମ୍‌ସି କର୍ମୀଙ୍କ ଘରୁ ୧୦୦ ବୋମା ଜବତ

ନୂଆଦିଲ୍ଲୀ,୨୭।୪(ପି.ଟି.)

## କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ ଇସି

ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଉଥିବା ପଶ୍ଚିମବଙ୍ଗରେ ବେଆଇନ ଭାବେ ଦେଶୀ ବୋମା ପ୍ରସ୍ତୁତିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଗିରଫ କରିବା ପାଇଁ ପୋଲିସକୁ ନିର୍ବାଚନ କମିଶନ ରବିବାର ନିର୍ଦ୍ଦେଶ ଦେଇଛନ୍ତି। ଏଭଳି କୌଣସି ବିସ୍ଫୋରକ ସହ ସମ୍ପୃକ୍ତ ମାମଲାର ତଦନ୍ତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଦ୍ୱାରା କରାଇବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣେ ବରିଷ୍ଠ ନିର୍ବାଚନ ଅଧିକାରୀ କହିଛନ୍ତି। ଦକ୍ଷିଣ ୨୪ ପ୍ରଗଣା ଜିଲାର ଭଙ୍ଗାର ଅଞ୍ଚଳରେ ଜଣେ ଟିଏମ୍‌ସି କର୍ମୀଙ୍କୁ ଘରୁ ପ୍ରାୟ ୧୦୦ଟି ଦେଶୀ ବୋମା ମିଳିବା ପରେ ଏଭଳି ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ରଫିକୁଲ୍ ଇସ୍‌ଲାମଙ୍କ ଘରେ ଚଢ଼ାଉ ବେଳେ ଉକ୍ତ ବୋମା ମିଳିଥିଲା। ଏପ୍ରିଲ ୨୯ରେ ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ହେବାକୁ ଥିବାବେଳେ ଏହା ପୂର୍ବରୁ ଆଇନ ଶୃଙ୍ଖଳା ପରିଚାଳନାରେ ଯେପରି କୌଣସି ତ୍ରୁଟି ନ ହୁଏ, ତାହା ସୁନିଶ୍ଚିତ କରିବାକୁ ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ କହିଛନ୍ତି। ବୋମା ଜବତ ହେଲେ କିମ୍ବା ଧମକ ମିଳିଲେ, ଏଥିପାଇଁ ସମ୍ପୃକ୍ତ ଅଞ୍ଚଳର ପୋଲିସ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ନିର୍ବାଚନ କମିଶନଙ୍କ ଜଣେ ଅଧିକାରୀ କହିଛନ୍ତି।

## ଦିଲ୍ଲୀରେ ଆନ୍ତଃରାଜ୍ୟ ଡ୍ରଗ୍ସ ସିଣ୍ଡିକେଟ୍ ଠାବ

ନୂଆଦିଲ୍ଲୀ,୨୭।୪(ପି.ଟି.)

### ୫ କୋଟିର କୋକେନ୍ ଜବତ

ଦିଲ୍ଲୀ ପୋଲିସ ଏକ ବୃହତ୍ ଆନ୍ତଃରାଜ୍ୟ ନିଶା ଚୋରା କାରବାର ସିଣ୍ଡିକେଟ୍‌ର ପର୍ଦ୍ଦାଫାଶ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ୫ କେ.ଜି. ଉଚ୍ଚ ମାନର କୋକେନ୍ ଜବତ ହୋଇଛି। ଡ୍ରଗ୍ସ ଚାଲାଣ ସମ୍ପର୍କରେ ନିର୍ଦ୍ଦିଷ୍ଟ ସୂଚନା ପାଇ ପୋଲିସ ଗତ ୧୦ ତାରଖରେ ଗାଜିପୁରରୁ ଜଭେଦ ହୁସେନ୍ ନାମକ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ୪୫୬ ଗ୍ରାମ୍ କୋକେନ୍ ଜବତ ହୋଇଥିଲା। ଉତ୍ତରପ୍ରଦେଶର ସୋଏବ୍ ଖାନ୍ (୨୫) ଡ୍ରଗ୍ସ ଯୋଗାଣକାରୀ ବୋଲି ଜଣାପଡ଼ିଥିଲା। ଦିଲ୍ଲୀ ପୋଲିସ ସ୍ଥାନୀୟ ପୋଲିସ ସହାୟତାରେ ବରେଲିରୁ ଖାନ୍‌ଙ୍କୁ ଗିରଫ କରିଥିଲା। ଡ୍ରଗ୍ସ ନେଟ୍‌ୱର୍କ ସହ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ପୋଲିସ ତନାଘନା ଚଳାଇଛି।

## ଚାଦ୍‌ରେ ପାଣି ପାଇଁ ସଂଘର୍ଷ: ୪୨ ମୃତ

ଏନ୍‌ଜାମେନା,୨୭।୪

ପୂର୍ବ ଚାଦ୍‌ରେ ଏକ ଜଳ ଉତ୍ସକୁ ନେଇ ୨ ପରିବାର ମଧ୍ୟରେ ସଂଘର୍ଷରୁ ହିଂସାକାଣ୍ଡରେ ୪୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି। ଦେଶର ଉପପ୍ରଧାନମନ୍ତ୍ରୀ ଲିମାନେ ମହମତ ସୁଦାନ ସୀମାବର୍ତ୍ତୀ ଓ୍ୱାଡି ଫିରା ପ୍ରଦେଶର ଇଗାଟେ ଅନ୍ତର୍ଗତ ଉକ୍ତ ଗ୍ରାମକୁ ଯାଇ ଆହତମାନଙ୍କୁ ଭେଟିଛନ୍ତି। ଆହତମାନଙ୍କୁ ପ୍ରଦେଶିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ମହମତ କହିଛନ୍ତି।

## ବାଂଲାଦେଶରେ ହିନ୍ଦୁ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ

ଢାକା,୨୭।୪(ପି.ଟି.)

ବାଂଲାଦେଶରେ ଏକ ହିନ୍ଦୁ ମନ୍ଦିରର ତତ୍ତ୍ୱାବଧାରକଙ୍କ ମୃତଦେହ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ମିଳିଛି। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଚଟ୍ଟୋଗ୍ରାମ ଜିଲା ଦୋହଜାରି ଅଞ୍ଚଳର ୪୦ ବର୍ଷୀୟ ନୟନ ସାଧୁ କୋକ୍ସ ବଜାର ଅନ୍ତର୍ଗତ ଖୁରୁଶକୁଲରେ ଶିବକାଳୀ ମନ୍ଦିରରେ ତତ୍ତ୍ୱାଧାରକ ତଥା ପୂଜକ ଭାବେ କାର୍ଯ୍ୟ କରୁଥିଲେ। ଗତ ୧୯ ତାରିଖ ସନ୍ଧ୍ୟାରେ ତାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା।

## ଦିଲ୍ଲୀ ପୋଲିସ ଗୁଳିରେ ଡେଲିଭରି ବଏ ମୃତ

ନୂଆଦିଲ୍ଲୀ,୨୭।୪

ଦକ୍ଷିଣପଶ୍ଚିମ ଦିଲ୍ଲୀର ଝାଫରପୁର କଲନ ଅଞ୍ଚଳରେ ଶନିବାର ରାତି ୨ଟା ୩୦ ମିନିଟ୍‌ରେ ଦିଲ୍ଲୀ ପୋଲିସ କନ୍‌ଷ୍ଟେବଲ୍‌ଙ୍କ ଗୁଳିମାଡ଼ରେ ଜଣେ ୨୧ ବର୍ଷୀୟ ଡେଲିଭରି ବଏଙ୍କ ମୃତ୍ୟୁ ଘଟିଛି। ମୃତକ ପାଣ୍ଡବ କୁମାରଙ୍କ ଘର ବିହାରରେ ଓ ସେ ଖାଦ୍ୟ ଡେଲିଭରି ଏଜେଣ୍ଟ ଭାବେ କାମ କରୁଥିଲେ। ତାଙ୍କ ଗାଡ଼ି ପଛ ସିଟ୍‌ରେ ବସିଥିବା ସାଙ୍ଗ କ୍ରିଷନ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

# କେନ୍ଦ୍ରୀୟ ହିମାଳୟରେ ଝୁଲନ୍ତା ହିମବାହର ବିପଦ

ନୂଆଦିଲ୍ଲୀ,୨୭।୪

## କେନ୍ଦ୍ରକୁ ଏନ୍‌ଜିଟି ନୋଟିସ

ଝୁଲନ୍ତା ହିମବାହ କେନ୍ଦ୍ରୀୟ ହିମାଳୟର ଗଢ଼ାଣିଆ ପାର୍ବତ୍ୟାଞ୍ଚଳ ପାଇଁ ବିପଦ ଭାବେ ଉଭା ହୋଇଥିବାବେଳେ ଏନେଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ କେନ୍ଦ୍ର ସରକାର ଓ ଅନ୍ୟାନ୍ୟ ପକ୍ଷଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି। ପରିବେଶକୁ ନେଇ ଏକ ଅଧ୍ୟୟନ ଉପରେ ଏକ ଖବରକାଗଜ ରିପୋର୍ଟକୁ ଏନ୍‌ଜିଟି ନିଜଆଡ଼ୁ ବିଚାର ପାଇଁ ଗ୍ରହଣ କରି ଶୁଣାଣି କରିଥିଲେ। କେନ୍ଦ୍ରୀୟ ହିମାଳୟର ଗଢ଼ାଣିଆ ଅଞ୍ଚଳ ପାଇଁ ବିପଜ୍ଜନକ ଝୁଲନ୍ତା ଗ୍ଲାସିୟର ବିପଦ ଭାବେ ଦେଖାଦେଇଛି। ଏହା ବିପର୍ଯ୍ୟୟ ସୃଷ୍ଟିକାରୀ ହିମସ୍ଖଳନ ଘଟାଇବା ସହ ଅଚାନକ ବନ୍ୟା ଆସିପାରେ ବୋଲି ଅଧ୍ୟୟନରେ ସତର୍କ କରାଯାଇଥିବାବେଳେ ଏନ୍‌ଜିଟି ଅଧ୍ୟକ୍ଷ ଜଷ୍ଟିସ୍ ପ୍ରକାଶ ଶ୍ରୀବାସ୍ତବ ଏବଂ ବିଶେଷଜ୍ଞ ସଦସ୍ୟ ଆଫ୍ରୋଜ ଅହମଦ ଏହାର ଶୁଣାଣି କରି ଗତ ୨୪ ତାରିଖରେ ନୋଟିସ ଜାରି କରିଥିଲେ। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ, ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି ଭୁବନେଶ୍ୱର ଏବଂ ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭେଲପମେଣ୍ଟ ଅର୍ଗାନାଇଜେଶନ ଚଣ୍ଡିଗଡ଼ର ୪ ଜଣ ଗବେଷକ ଗଙ୍ଗାନଦୀର ମୁଖ୍ୟ ଉତ୍ପତ୍ତି ସ୍ଥଳ ଉତ୍ତରାଖଣ୍ଡର ଅଳକାନନ୍ଦା ଅବବାହିକାରେ ଏଭଳି ଗ୍ଲେସିୟରଗୁଡ଼ିକୁ ଆକଳନ କରିଥିବା ଖଣ୍ଡପୀଠ କହିଛନ୍ତି।

# ଅମିଷାଙ୍କ ଅବସୋସ



ଅମିଷା ପଟେଲ

ମୁମ୍ବାଇ

ବଲିଉଡରେ କଳାକାରମାନେ ଫିଲ୍ମ ସାଇନ କରିବା ଏବଂ ପରେ କୌଣସି କାରଣରୁ ତାହାକୁ ଛାଡ଼ିଦେବା ଏକ ସାଧାରଣ କଥା। କିନ୍ତୁ କିଛି ଫିଲ୍ମ ଏମିତି ଥାଏ, ଯାହାକୁ ହାତଛଡ଼ା କରିବା ପରେ ଜଣେ କଳାକାରଙ୍କୁ ସାରା ଜୀବନ ଅନୁତାପ କରିବାକୁ ପଡ଼ିଥାଏ। ଏମିତି କିଛି ଘଟିଛି ବଲିଉଡ ଅଭିନେତ୍ରୀ ଅମିଷା ପଟେଲଙ୍କ ସହ। ସଲମାନ୍ ଖାନ୍‌ଙ୍କ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଫିଲ୍ମ 'ତେରେ ନାମ୍'କୁ ନେଇ ଅମିଷା ପଟେଲ ଏକ ବଡ଼ ଖୁଲାସା କରିଛନ୍ତି। ସାଧାରଣତଃ ଆମେ ଜାଣୁ ଯେ 'ତେରେ ନାମ୍' ଫିଲ୍ମରେ ସଲମାନଙ୍କ ସହ ଭୂମିକା ଚାୱଲାଙ୍କ ଯୋଡ଼ି ଏବଂ ସେମାନଙ୍କ କେମିଷ୍ଟ୍ରିକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। କିନ୍ତୁ ଅମିଷା ନିକଟରେ ଏକ ସାକ୍ଷାତ୍‌କାରରେ କହିଛନ୍ତି ଯେ, ସଲମାନ୍ ପ୍ରଥମେ ଏହି ଫିଲ୍ମ ପାଇଁ ତାଙ୍କୁ ହିଁ ନେବାକୁ ଚାହୁଁଥିଲେ। ସଲମାନ ତାଙ୍କୁ ଫିଲ୍ମର କାହାଣୀ ଏବଂ ଗୀତ ମଧ୍ୟ ଶୁଣାଇଥିଲେ।

ଅମିଷା କହିଛନ୍ତି, 'ମୁଁ ଚାହୁଁଥିଲେ ମଧ୍ୟ ଏହି ଫିଲ୍ମ କରିପାରିଲି ନାହିଁ। ଯେତେବେଳେ ସଲମାନ୍ ମୋତେ ଅଫର ଦେଲେ, ସେତେବେଳେ କେବଳ ଗୀତ ଏବଂ କାହାଣୀ ପ୍ରସ୍ତୁତ ଥିଲା। କିନ୍ତୁ ଶୁଟିଂ ତାରିଖ କିମ୍ବା ନିର୍ଦ୍ଦେଶକ କିଏ ହେବେ, ତାହା ସ୍ଥିର ହୋଇନଥିଲା। ଯେତେବେଳେ ସବୁକିଛି ଚୂଡ଼ାନ୍ତ ହେଲା ଏବଂ ସତୀଶ କୌଶିକଜୀ ନିର୍ଦ୍ଦେଶନା ଭାର ନେଲେ, ସେତେବେଳକୁ ମୁଁ ଅନ୍ୟ କିଛି ଫିଲ୍ମ ପାଇଁ ପ୍ରତିଶ୍ରୁତିବଦ୍ଧ ଥିଲି।' ସେହି ସମୟରେ ତାଙ୍କ ପାଖରେ ବିଲ୍‌କୁଲ ଫ୍ରି ଡେଟ୍ସ ନଥିଲା। ଯଦି ସେହି ସମୟରେ ତାଙ୍କ ପାଖରେ ସମୟ ଥାଆନ୍ତା, ତେବେ ସେ 'ତେରେ ନାମ୍' ଭଳି ଏକ ଚମତ୍କାର ଫିଲ୍ମକୁ କେବେବି ହାତଛଡ଼ା କରିନଥାନ୍ତେ।

ଅମିଷା ଏହାକୁ ନିଜର ବଡ଼ କ୍ଷତି ଏବଂ ଦୁର୍ଭାଗ୍ୟ ବୋଲି କହିଛନ୍ତି। ସେ କହିଛନ୍ତି, 'ମୁଁ ଏହି ଫିଲ୍ମକୁ ମନା କରିଥିବାରୁ ମୋର ସବୁବେଳେ ଅବସୋସ ରହିବ। ୨୦୦୩ରେ ମୁକ୍ତିଲାଭ କରିଥିବା 'ତେରେ ନାମ୍' ତାମିଲ ଫିଲ୍ମ 'ସେତୁ'ର ରିମେକ ଥିଲା। ଏହି ଫିଲ୍ମଟି ବକ୍ସ ଅଫିସରେ ଧମାଲ କରିବା ସହ ନିଜ ବଜେଟଠାରୁ ଦୁଇଗୁଣ ଅଧିକ ଆୟ କରିଥିଲା।

## ପୁରୀ ବିମାନବନ୍ଦର ବିରୋଧରେ ମେଳି



ବ୍ରହ୍ମଗିରି ବ୍ଲକ ଗୋରୁଆଳ ପଞ୍ଚାୟତସ୍ଥିତ ବାତ୍ୟା ଆଶ୍ରୟସ୍ଥଳରେ ପୁରୀ ବିମାନବନ୍ଦରକୁ ବିରୋଧ କରି କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ଗ୍ରାମ ସଭା। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ଆମେରିକା ଅବରୋଧ ହଟାଇଲେ ହର୍ମୁଜ ଖୋଲିବୁ

**କାଇରୋ,୨୭।୪**

ଆମେରିକା ଅବରୋଧ ହଟାଇ ଯୁଦ୍ଧ ବନ୍ଦକଲେ, ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ମୁକ୍ତ କରିବା ପାଇଁ ଇରାନ ପ୍ରସ୍ତାବ ଦେଇଛି। ଇରାନର ଆଣବିକ କାର୍ଯ୍ୟକ୍ରମ ସମ୍ପର୍କିତ ପ୍ରଶ୍ନ ଉପରେ ପରବର୍ତ୍ତୀ ପର୍ଯ୍ୟାୟରେ ଆଲୋଚନା କରାଯିବ ବୋଲି ୨ ଜଣ ଆଞ୍ଚଳିକ ଅଧିକାରୀ ସୋମବାର କହିଛନ୍ତି। ଇରାନର ଏହି ପ୍ରସ୍ତାବ ସମ୍ପର୍କରେ ପାକିସ୍ତାନ ଆମେରିକାକୁ ଜଣାଇ ଦେଇଛି। ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହାକୁ ଗ୍ରହଣ କରି ନ ପାରନ୍ତି ବୋଲି କୁହାଯାଉଛି।

ଫେବୃଆରୀ ୨୮ରେ ଆମେରିକା ଏବଂ ଇସ୍ରାଏଲ୍ ମିଳିତ ଭାବେ ଇରାନ ଉପରେ ଆକ୍ରମଣ କରିଥିବାବେଳେ ୪୦ ଦିନ ପରେ ଟ୍ରମ୍ପ୍ ୨ ସପ୍ତାହ ପାଇଁ ଅସ୍ତ୍ରବିରତି ଘୋଷଣା କରିଥିଲେ। ଏହାର ସମୟସୀମା ଶେଷ ହେବା ପୂର୍ବରୁ ଦୁଇ ଦେଶ କୌଣସି

### ଇରାନର ପ୍ରସ୍ତାବ

ଚୁକ୍ତିନାମାରେ ପହଞ୍ଚି ନ ପାରିବାରୁ ଟ୍ରମ୍ପ୍ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅସ୍ତ୍ରବିରତି ଅବଧି ବୃଦ୍ଧି କରିଛନ୍ତି। ତେବେ ଯେକୌଣସି ସମୟରେ ଅସ୍ତ୍ରବିରତି ଉଲ୍ଲଂଘନ ହୋଇପାରେ। ସେପଟେ ଇରାନ ବିଶ୍ୱର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଇନ୍ଧନ ପରିବହନ ଜଳପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଅବରୋଧ କରି ରଖିଥିବାରୁ ଶକ୍ତି ଯୋଗାଣ କ୍ଷେତ୍ରରେ ଗୁରୁତର ସମସ୍ୟା ସୃଷ୍ଟି ହୋଇଛି ଓ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ବନ୍ଦ ଜବାବରେ ଆମେରିକା ଇରାନୀୟ ବନ୍ଦରଗୁଡ଼ିକୁ ଅବରୋଧ କରି ରଖିଛି।

ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ବନ୍ଦ ଯୋଗୁ ଟ୍ରମ୍ପ୍‌ଙ୍କ ଉପରେ ଚାପ ବଢୁଛି, କାରଣ ମଧ୍ୟବର୍ତ୍ତିକାଳୀନ ☞ପୃଷ୍ଠା-୪

### ୧୨ ଭାରତୀୟ ଥିବା ଜାହାଜ ଉପରେ ଇରାନ୍‌ର ଆକ୍ରମଣ

**ତେହରାନ୍,୨୭।୪**

ଓମାନ ଉପକୂଳରେ ଟୋଗୋର ଏକ ରାସାୟନିକ ସାମଗ୍ରୀ ବୋଝେଇ ଜାହାଜ ଉପରେ ଇରାନୀୟ ତଟସୁରକ୍ଷା ବଳ ଆକ୍ରମଣ କରିଛି। ଉକ୍ତ ଜାହାଜରେ ୧୨ ଜଣ ଭାରତୀୟ କ୍ରିଓ ସଦସ୍ୟ ଥିଲେ। ଶିନାସ୍ ବନ୍ଦର ସୀମା ନିକଟରେ ଗତ ଶନିବାର ଏହି ଆକ୍ରମଣ ହୋଇଥିବା ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ସୋମବାର କୁହାଯାଇଛି। ଏମ୍‌ଟି ସିରୋନ୍ ନାମକ ଉକ୍ତ ☞ପୃଷ୍ଠା-୪

# କୋଟିଏ ଟଙ୍କାର ଅଳଙ୍କାର ଜବତ, ୪ ଗିରଫ

**ବାଲେଶ୍ୱର,୨୭।୪**
**(ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱର ସହର ଓ ଏହାର ଆଖପାଖ ଅଞ୍ଚଳରୁ ସୁନା ଓ ରୁପା ଅଳଙ୍କାର ଚୋରି କରିଥିବା ୪ଜଣଙ୍କୁ ସୋମବାର ସଦର ଥାନା ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୧୮୮ ଗ୍ରାମ୍ ସୁନା ଓ ୨୭ କେଜି ୫୦୦ ଗ୍ରାମ୍ ରୁପା ଗହଣା ସହ ନଗଦ ୪,୮୦,୪୦୦ ଟଙ୍କା, ଗୋଟିଏ ଏଲ୍‌ଇଡି ଟିଭି, ଗୋଟିଏ ଇନ୍‌ଭର୍ଟର, ଏକ ଫ୍ରିଜ୍ ଓ ବାଇକ୍ ଜବତ କରାଯାଇଛି। ଜବତ ଅଳଙ୍କାରର ମୂଲ୍ୟ କୋଟିଏ ଟଙ୍କା ହେବ ବୋଲି ସୋମବାର ସନ୍ଧ୍ୟାରେ ସଦର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକର ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ରସାଳପୁର ଛେଳିଆପଦା ଅଞ୍ଚଳର କାଳିଆ ଓରଫ ଦୀପକ ବେହେରା(୨୬) ଓ ମୂଷି ଓରଫ କାର୍ତ୍ତିକ ବେହେରା(୨୨), ସୁନ୍ଦରୀ ଗ୍ରାମର ସିପୁ ଓରଫ ସୁକାନ୍ତ ଦାସ(୪୦)



ଜବତ ସୁନା ଅଳଙ୍କାର ସହ ଏସ୍‌ପି ପ୍ରତ୍ୟୁଷ ଦିବାକର ଓ ଅନ୍ୟ ପୋଲିସ ଅଧିକାରୀ।

ଏବଂ ଟାଉନ ଥାନା ଅଧୀନ ମାଣିଖମ୍ବ ଅଞ୍ଚଳର ବିକାଶ ଚକ୍ରବର୍ତ୍ତୀ(୪୪)।

ପ୍ରକାଶ ଯେ, ଗତ ୧୪ ତାରିଖରେ ସଦର ଥାନା ଅଧୀନ ବିଦ୍ୟୁତ୍‌ନଗରର ସଚ୍ଚିନ୍ଦ୍ର ଦାସଙ୍କ ଘରେ କେହି ନ ଥିବାବେଳେ ସୁନା ଅଳଙ୍କାର ଚୋରି ହୋଇଥଲା। ଏନେଇ ସଦର ଥାନାରେ ଏକ ମାମଲା (ନଂ.୨୨୬/୨୬) ରୁଜୁ ପରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିଲା। ସୋମବାର ପୋଲିସ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କ ମଧ୍ୟରୁ ବିକାଶ ସୁନା ଓ ରୁପା ☞ପୃଷ୍ଠା-୪

# ଭଉଣୀଙ୍କ କଙ୍କାଳ ଧରି ବ୍ୟାଙ୍କରେ ଭାଇ

**ତିନିମାସ ତଳେ ମୃତ ଭଉଣୀଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇବାକୁ ବ୍ୟାଙ୍କ ଯାଇଥିଲେ ଭାଇ। ବ୍ୟାଙ୍କ କର୍ତ୍ତୃପକ୍ଷ ମୃତ ଭଉଣୀଙ୍କ ନାମରେ ଆକାଉଣ୍ଟ ଥିବାରୁ ମୃତ୍ୟୁ ପ୍ରମାଣ ପତ୍ର ଓ ଅନ୍ୟ କାଗଜପତ୍ର ଆଣିଲେ ଟଙ୍କା ମିଳିବ ବୋଲି କହିଥିଲେ। ମାତ୍ର ଅପାଠୁଆ ଭାଇ ମୃତ୍ୟୁ ପ୍ରମାଣପତ୍ର ଯୋଗାଡ ପାଇଁ ଶ୍ମଶାନରେ ପୋତା ହୋଇଥିବା ଭଉଣୀର ଶବ ବାହାର କରି କଙ୍କାଳ ଓ ଅସ୍ଥି ଧରି ଆସି ବ୍ୟାଙ୍କରେ ପହଞ୍ଚିଥିଲେ। ଏହା ଦେଖି ବ୍ୟାଙ୍କ କର୍ମଚାରୀ ଭୟଭୀତ ହେବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଚରା ଉଚରା କରିବା ପରେ ସତ ସାମ୍ନାକୁ ଆସିଥିଲା। କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମଲ୍ଲିପଶି ଗ୍ରାମରେ ସୋମବାର ଏଭଳି ଘଟଣା ଘଟିଛି।**

### ମୃତ ଭଉଣୀଙ୍କ ଆକାଉଣ୍ଟରେ ଥିବା ଟଙ୍କା ଦେଲାନି ବ୍ୟାଙ୍କ



ଜିତୁ ମୁଣ୍ଡାଙ୍କୁ ପୋଲିସ ବୁଝାଶୁଝା କରୁଛି।

**ପାଟଣା/କେନ୍ଦୁଝର,୨୭।୪**
**(ବୀର କିଶୋର ଦାଶ/ ନରେଶ ଚନ୍ଦ୍ର ପଟ୍ଟନାୟକ)**

ମୃତ ଭଉଣୀଙ୍କ ଆକାଉଣ୍ଟରେ ଥିବା ଟଙ୍କା ଦେଲାନି ବ୍ୟାଙ୍କ। ଭଉଣୀଙ୍କ ମୃତ୍ୟୁ ପ୍ରମାଣପତ୍ର ଧରି ଆସିବାକୁ କହି ବ୍ୟାଙ୍କ କର୍ମଚାରୀ ଫେରାଇଦେଇଥିଲେ। ମାତ୍ର ଆଦିବାସୀ ବ୍ୟକ୍ତି ପ୍ରମାଣପତ୍ର କ'ଣ ବୁଝି ନ ଥିଲେ। ବାରମ୍ବାର ବ୍ୟାଙ୍କକୁ ଦୌଡ଼ି ନିରାଶ ହେବାରୁ ୩ ମାସ ପୂର୍ବେ ମୃତ୍ୟୁ ଘଟିଥିବା ଭଉଣୀଙ୍କ କଙ୍କାଳ ଶ୍ମଶାନରୁ ଖୋଳି ଅଖାରେ ପୂରାଇ ବ୍ୟାଙ୍କରେ ପହଞ୍ଚିଥିଲେ। ଏଭଳି ଅଭାବନୀୟ ଘଟଣା କେନ୍ଦୁଝର ଜିଲା ପାଟଣା ଥାନା ମୂଷାଖୋରୀ ପଞ୍ଚାୟତ ମଲ୍ଲିପଶି ଗ୍ରାମରେ ଥିବା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରେ ଘଟିଥିବା ଦେଖାଯାଇଛି।

ପାଟଣା ବ୍ଲକ୍ ଏରେଣ୍ଡେଇ ପଞ୍ଚାୟତ ଡିଆନାଳି ଚତୁରିସାହିର ଜିତୁ ମୁଣ୍ଡାଙ୍କ ଭଉଣୀ କାଳା ମୁଣ୍ଡା (୭୫)ଙ୍କ ୩ ମାସ ପୂର୍ବେ ମୃତ୍ୟୁ ଘଟିଥିଲା। ପ୍ରଥା ଅନୁଯାୟୀ କାଳାଙ୍କ ଅନ୍ତିମ ସଂସ୍କାର କରାଯାଇ ପୋତି ଦିଆଯାଇଥିଲା। ମଲ୍ଲିପଶି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରେ ଥିବା ଭଉଣୀଙ୍କ ଆକାଉଣ୍ଟରେ ପ୍ରାୟ ୧୯, ୩୦୦ ଟଙ୍କା ଜମା ରହିଥିଲା। ଭଉଣୀଙ୍କ ମୃତ୍ୟୁ ପରେ ଜିତୁ ଟଙ୍କା ଉଠାଇବା ପାଇଁ ବ୍ୟାଙ୍କକୁ ଯାଇଥିଲେ। କିନ୍ତୁ ଆକାଉଣ୍ଟଟି ତାଙ୍କ ଭଉଣୀଙ୍କ ନାମରେ ଥିବାରୁ ବ୍ୟାଙ୍କ ଅଧିକାରୀ ଟଙ୍କା ଦେବାକୁ ମନା କରିଦେଇଥିଲେ। ଭଉଣୀଙ୍କ ମୃତ୍ୟୁର ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ କାଗଜପତ୍ର ସଂଗ୍ରହ କରିବାକୁ କହିଥିଲେ। ଜିତୁ ଅଶିକ୍ଷିତ ଥିବାରୁ ମୃତ୍ୟୁ ପ୍ରମାଣପତ୍ର ☞ପୃଷ୍ଠା-୪

# ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର

**ଭୁବନେଶ୍ୱର, ୨୭।୪(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପ୍ରଚାରର ଶେଷଦିନରେ ବନଗାଁ ଲୋକ ସଭା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିଛନ୍ତି। ସେ ଏହି ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଗେଡା ବିଧାନସଭା କ୍ଷେତ୍ରରେ ସାଧାରଣ ସଭାରେ ଯୋଗଦେଇ ନିଜର ଅଭିଭାଷଣ ରଖିଛନ୍ତି। ଏହାସହ ଏକ ନିର୍ବାଚନୀ ରାଲିରେ ମଧ୍ୟ ସାମିଲ ହୋଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ତୃଣମୂଳ କଂଗ୍ରେସ ସରକାରକୁ ଟାର୍ଗେଟ କରିବା ସହିତ ଏଥର ସାଧାରଣ ଲୋକମାନେ ସରକାର ପରିବର୍ତ୍ତନ କରି ଭାଜପାକୁ ଶାସନ କ୍ଷମତାକୁ ଆଣିବାକୁ ☞ପୃଷ୍ଠା-୪



ପଶ୍ଚିମବଙ୍ଗ ବାଗେଡା ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ବାଚନ ପ୍ରଚାର କରୁଛନ୍ତି।

# ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ଲାଗି ବାଚସ୍ପତିଙ୍କୁ ଲିଖିତ ଜଣାଇଲା ବିଜେଡି

**ଭୁବନେଶ୍ୱର, ୨୭।୪(ସୁନିତ୍ ମିଶ୍ର)**

ଗତ ରାଜ୍ୟ ସଭା ନିର୍ବାଚନରେ ଦଳ ବିପକ୍ଷରେ ଭୋଟ୍ ଦେଇଥିବା ୮ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ୍ ବିଶ୍ୱାଳ, ସୁବାସିନୀ ଜେନା, ରମାକାନ୍ତ ଭୋଇ, ନବ କିଶୋର ମଲ୍ଲିକ, ଚକ୍ରମଣି କହଁର, ସନାତନ ମହାକୁଡ ଏବଂ ଅରବିନ୍ଦ ମହାପାତ୍ରଙ୍କ ସଭ୍ୟପଦ ରଦ୍ଦ କରିବାକୁ ବିଜେଡି ପକ୍ଷରୁ ସୋମବାର ଦାବି କରାଯାଇଛି। ବିଜେଡି ବିଧାୟକମାନେ ମିଳିତ ଭାବେ ବାଚସ୍ପତି ସୁରମା ପାଢ଼ୀଙ୍କୁ ଭେଟି ଲିଖିତ ଭାବେ ୮ ବିଧାୟକଙ୍କ ସଭ୍ୟପଦ ସମ୍ବିଧାନର ଅନୁଚ୍ଛେଦ ୧୦ ଅନୁଯାୟୀ ରଦ୍ଦ କରିବାକୁ ଜଣାଇଛନ୍ତି। ଉକ୍ତ ୮ ବିଧାୟକ ବର୍ତ୍ତମାନ ଦଳରେ ନିଲମ୍ବିତ ହୋଇ ରହିଛନ୍ତି। ରାଜ୍ୟ ସଭା ନିର୍ବାଚନ ପୂର୍ବରୁ ସନାତନ ଏବଂ ଅରବିନ୍ଦ ଦଳ ବିରୋଧୀ କାର୍ଯ୍ୟ ଲାଗି ନିଲମ୍ବିତ ହୋଇଥିଲେ। ଏହାପରେ ସେମାନଙ୍କ ସମେତ ଅନ୍ୟ ୬ ଜଣ ରାଜ୍ୟ ସଭା ନିର୍ବାଚନରେ ଭୋଟ୍ କ୍ରସ୍ କରି ନିଲମ୍ବିତ ହୋଇଥିଲେ। ଏହି ସମସ୍ତ ବିଧାୟକ ଦଳ ବିରୋଧରେ ବିଭିନ୍ନ ସ୍ଥାନରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବା ସହିତ ଅନ୍ୟାନ୍ୟ ଦଳ ବିରୋଧୀ କାର୍ଯ୍ୟ କରିଥିବା ନେଇ ବାଚସ୍ପତିଙ୍କ ନିକଟରେ ବିଜେଡି କହିଛି। ରାଜ୍ୟ ସଭା ନିର୍ବାଚନରେ କଂଗ୍ରେସର ୩ ଜଣ ବିଧାୟକ ସୋଫିଆ ଫିର୍ଦ୍ଦୋସ, ରମେଶ ଜେନା ଏବଂ ଦାଶରଥି ଗମାଙ୍ଗ କ୍ରସ୍ ଭୋଟିଂ କରିବା ସହିତ ଦଳରୁ ନିଲମ୍ବିତ ହୋଇଛନ୍ତି। ରାଜ୍ୟ ☞ପୃଷ୍ଠା-୪

# ୨୦୮୫ ବେଳକୁ ଏକ-ତୃତୀୟାଂଶ ଜୀବଜଗତ ଚରମ ପାଣିପାଗ ସଙ୍କଟର ସମ୍ମୁଖୀନ ହୋଇପାରେ

**ନୂଆଦିଲ୍ଲୀ,୨୭।୪(ପି.ଟି.)**

ବିଶ୍ୱ ତାପନ ଜାରି ରହିଲେ ୨୦୮୫ ବେଳକୁ ଜୀବଜଗତର ଏକ-ତୃତୀୟାଂଶ ଅତ୍ୟଧିକ ଚରମ ପାଣିପାଗ ସଙ୍କଟର ସମ୍ମୁଖୀନ ହୋଇପାରେ ବୋଲି ଏକ ନୂତନ ଅଧ୍ୟୟନରେ କୁହାଯାଇଛି। ନେଚର ଇକୋଲୋଜି ଆଣ୍ଡ ଇଭଲ୍ୟୁଶନ ନାମକ ପତ୍ରିକାରେ ଉକ୍ତ ଅଧ୍ୟୟନ ପ୍ରକାଶ ପାଇଛି। ତେବେ ନିର୍ଗମନକୁ ଦ୍ରୁତ ବେଗରେ ନେଟ୍ ଜିରୋ ସ୍ତରକୁ କମାଇବା ଦ୍ୱାରା ଏହି ପ୍ରଭାବଗୁଡ଼ିକୁ ଅନେକାଂଶରେ ହ୍ରାସ କରାଯାଇପାରିବ ବୋଲି ଅଧ୍ୟୟନରେ କୁହାଯାଇଛି।

ଜର୍ମାନୀର ପୋଟ୍ସଡାମ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚର ଗବେଷକମାନଙ୍କ ନେତୃତ୍ୱରେ ଏହି ଅଧ୍ୟୟନ କରାଯାଇଛି। ଗବେଷକମାନେ ଜଳବାୟୁ ପୂର୍ବାନୁମାନ ଏବଂ ପ୍ରଜାତିଗୁଡ଼ିକର ତଥ୍ୟ ଅନୁଧ୍ୟାନ କରିଛନ୍ତି। ସେମାନେ ଜାଣିବାକୁ ପାଇଛନ୍ତି, ଯଦି ଶତାବ୍ଦୀର ଶେଷଭାଗ ଆଡ଼କୁ ତାପମାତ୍ରା କମିବାକୁ ଆରମ୍ଭ କରେ, ତେବେ ସ୍ଥଳଭାଗରେ ରହୁଥିବା ପ୍ରାଣୀ ବାସସ୍ଥାନର ମାତ୍ର ୯ ପ୍ରତିଶତ ୨୦୮୫ ବେଳକୁ ଚରମ ଜଳବାୟୁ ସଙ୍କଟର ସମ୍ମୁଖୀନ ହୋଇପାରେ ବୋଲି ଆଶା କରାଯାଉଛି। ଗବେଷଣାର ନେତୃତ୍ୱ ନେଉଥିବା ଷ୍ଟିଭାଡ଼ି ହେଇନିକ୍ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ବିଶେଷ କରି ଚରମ ପାଣିପାଗ (ଅତ୍ୟଧିକ ବନ୍ୟା, ମରୁଡ଼ି, ଗ୍ରୀଷ୍ମପ୍ରବାହ ଇତ୍ୟାଦି) ସଂରକ୍ଷଣ ଯୋଜନାରେ ଏବେ ବି ଅବହେଳା ହେଉଛି। ଏହା କେବଳ ବହୁ ବର୍ଷ ଧରି ତାପମାତ୍ରା କ୍ରମାଗତ ପରିବର୍ତ୍ତନ ନୁହେଁ। ବିଭିନ୍ନ ଚରମ ପାଣିପାଗର ମିଳିତ ପ୍ରଭାବ ଜୈବ ବିବିଧତା ପ୍ରତି ମିଳିତ ବିପଦ ସୃଷ୍ଟି କରିପାରେ ବୋଲି ସେ କହିଛନ୍ତି।

15001/28/2627



ଉତ୍କଳଗୌରବ ମଧୁସୂଦନ ଦାସଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୨୮ ଅପ୍ରେଲ ୨୦୨୬
ସକାଳ ୮ ଘଟିକା – ରାଜଭବନ ଛକ, ଭୁବନେଶ୍ୱରସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।
ଜୟଦେବ ଭବନ, ଭୁବନେଶ୍ୱର
ଅପରାହ୍ନ ୫ ଘଟିକା । କବିତା ପାଠୋତ୍ସବ
ନିମନ୍ତ୍ରିତ କବିଙ୍କ ଦ୍ୱାରା ସ୍ୱରଚିତ ଦେଶାତ୍ମବୋଧକ କବିତା ଆବୃତ୍ତି
ସନ୍ଧ୍ୟା ୬ ଘଟିକା ସାଧାରଣ ସଭା
– ମୁଖ୍ୟ ଅତିଥି –
ଶ୍ରୀମତୀ ସୁରମା ପାଢ଼ୀ
ବାଚସ୍ପତି, ଓଡ଼ିଶା ବିଧାନସଭା
– ସମ୍ମାନନୀୟ ଅତିଥି –
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଏକାମ୍ର– ଭୁବନେଶ୍ୱର
ଶ୍ରୀଯୁକ୍ତ ସାରଦା ପ୍ରସାଦ ପ୍ରଧାନ
ବିଧାୟକ, ମାହାଙ୍ଗା
– ସମ୍ମାନନୀୟ ବକ୍ତା–
ଡଃ ସଂଗ୍ରାମ କେଶରୀ ରାଉତ
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ
ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁଯାୟୀ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।
ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର
OIPR-15001/15001/2/26-27/0028

# ଆଜି କ'ଣ କେଉଁଠି

## ବାଲେଶ୍ୱର

- ସ୍ୱାଭିମାନ ଦିବସ ଶୋଭାଯାତ୍ରା, ସ୍ଥାନ: ପୋଡାଡିହା ମହୋତ୍ସବ ପଡିଆ, ରୂପସା, ସମୟ: ସକାଳ ୭ଟା ୩୦।
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୂଣ୍ୟ ଜୟନ୍ତୀ ଉତ୍ସବ, ସ୍ଥାନ: ପୁରୁଣା କୋର୍ଟ ପରିସର, ଜଳେଶ୍ୱର, ସମୟ: ସକାଳ ୮ଟା।
- ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ପରମିଟ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ସ୍ୱାଭିମାନ ଦିବସ ସମାରୋହ, ସ୍ଥାନ: ନୂଆସାହି ବିଟ୍‌ସ କଲେଜ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ୩୦।
- ବିଶାଳ ମହିଳା ଜନ ଆକ୍ରୋଶ ସମାବେଶ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ମଧୁବାବୁଙ୍କ ଜୟନ୍ତୀ ସମାରୋହ ଓ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ଷ୍ଟେଶନ କ୍ଲବ୍, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଖବରଦାତା ସମ୍ମିଳନୀ, ସ୍ଥାନ ହୋଟେଲ ସ୍ନେହା, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ମହାବୀରଙ୍କ ବାର୍ଷିକ ଉତ୍ସବ ଓ ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ସରତରପୁର, ପଦ୍ମପୁର, ମିଶ୍ରପୁର, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ମହାବୀରଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଅଯୋଧ୍ୟା, ରଘୁପୁର, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ବୈଶାଖୀ ମେଳାର ୩ୟ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ : ମଧୁସୂଦନ ଛକ, ବଡ଼ବିଲ, ସମୟ: ସକାଳ ୮ଟା।
- ଆଇନଜୀବୀ ଦିବସ ପାଳନ, ସ୍ଥାନ : ବଡ଼ବିଲ ଜେଏମ୍‌ଏଫ୍‌ସି କୋର୍ଟ, ବଡ଼ବିଲ, ସମୟ: ସକାଳ ୮ଟା ୩୦।
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ, କେନ୍ଦୁଝର, ସମୟ: ସକାଳ ୯ଟା ୩୦।
- ବାସୁଦେବପୁରସ୍ଥିତ ୪୦୦/୨୨୦ କେଭି ଗ୍ରୀଡ୍ ସବ ଷ୍ଟେଶନକୁ ଉପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ, ସ୍ଥାନ: ଯୋଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉଚ୍ଚ କ୍ଷମତା ସମ୍ପନ୍ନ ଗ୍ରୀ ସବ୍‌ଷ୍ଟେସନର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଯୋଡ଼ା ବ୍ଲକ୍ ଉଚ୍ଚବାଲି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଏନକେ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ଚମ୍ପୁଆ ବ୍ଲକ୍ ପୁରୁଷୋତ୍ତମପୁର, ସମୟ : ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ଗୋପବନ୍ଧୁ ନଗର ପ୍ରେସ କ୍ଲବ୍ ପକ୍ଷରୁ ଉତ୍କଳ ଗୌରବ ମଧୁ ବାବୁଙ୍କ ଜୟନ୍ତୀ ପାଳନ,ସ୍ଥାନ:ପୁରୁଣା ବାରିପଦା ପଞ୍ଚାୟତ କାର୍ଯ୍ୟାଳୟ ସମିଳନୀ କକ୍ଷ, ଗୋପବନ୍ଧୁ ନଗର, ସମୟ:ସକାଳ ୯ଟା।
- ଆମେ-୮୦ପକ୍ଷରୁ ଜଳଛତ୍ର, ସ୍ଥାନ: ପୂର୍ତ୍ତବିଭାଗ ଅଫିସ ସମ୍ମୁଖ କଚେରୀ ରୋଡ୍ ବାରିପଦା, ପୂର୍ବାହ୍ନ ୧୦ଟା।
- ବାରିପଦା ଏକ୍ସପୋ ମେଳା, ସ୍ଥାନ: କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ମଧୁସୂଦନ ଦାସଙ୍କ ଜୟନ୍ତୀ, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ସନ୍ଧ୍ୟା ୫ ଟା ୩୦।
- ଅନ୍ୱେଷା କଳାକେନ୍ଦ୍ର ପକ୍ଷରୁ ମଧୁସୂଦନ ଜୟନ୍ତୀ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୬ ଟା।

## କନ୍ଧମାଳ

- ୧୦୦ ଫୁଟ ଜାତୀୟ ପତାକା ଉଦ୍‌ଘାଟନ, ସ୍ଥାନ: ଗୋପବନ୍ଧୁ ଛକ, ସମୟ: ସକାଳ ୮ ଟା।
- ନୂତନ ଓସୱାନ ସଭାଗୃହ ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ ଟା।
- ବ୍ଲକ ଅଫିସ ସାମ୍ନାରେ ମାର୍କେଟ କମ୍ପ୍ଲେକ୍ସ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଫୁଲବାଣୀ, ସମୟ: ସକାଳ ୮ ଟା।
- ଷ୍ଟାଡିୟମ ନିକଟରେ ନୂତନ ମ୍ୟୁନିସିପାଲିଟି କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଫୁଲବାଣୀ, ସମୟ: ସକାଳ ୮ ଟା ରୁ ୯ ଟା।

## ଢେଙ୍କାନାଳ

- ମଧୁ ଜୟନ୍ତୀ ଓ ଆଇନଜୀବୀ ଦିବସ, ସ୍ଥାନ: ଢେଙ୍କାନାଳ ଜିଲା ଓକିଲ ସଂଘ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ହାକଥନ, ସ୍ଥାନ: କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲ, ସମୟ: ସକାଳ ୯ଟା।

## ଅନୁଗୋଳ

- ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ତରଫରୁ ଦହି ସର୍ବତ ବଣ୍ଟନ, ସ୍ଥାନ: ଆଠମଲ୍ଲିକ ଦୁର୍ଗାବଜାର, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର

- ପାରାଦୀପ ବାର୍ ଆସୋସିଏସଶନ ଓ ପୌରପାଳିକାର ମିଳିତ ଜୟନ୍ତୀ କାର୍ଯ୍ୟକ୍ରମ, ସ୍ଥାନ: ଦୋଛକି, ପାରାଦୀପ, ସମୟ: ସକାଳ ୮ଟା ୩୦।
- ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ କାର୍ଯ୍ୟକ୍ରମ, ସ୍ଥାନ: ଷଣ୍ଢକୁଦ, ପାରାଦୀପ,ସମୟ: ପୂର୍ବାହ୍ନ ୧୦ଟା।
- ଲକ୍‌ପଡା ଶିବ ମନ୍ଦିର ବାର୍ଷିକ ଉତ୍ସବ ଉପଲକ୍ଷେ ରାଧାକୃଷ୍ଣ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ଲକ୍‌ପଡା, ଅଠରବାଙ୍କୀ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ଜାତୀୟ ନାଟ ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଶ୍ରୀ ବାସୁଦେବଙ୍କ ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ, ସ୍ଥାନ: ବେଣାଜୋରୀ ବଟ, ଭରତପୁର, କେନ୍ଦ୍ରାପଡା, ସମୟ: ସକାଳ ୬ଟା।
- ଶ୍ରୀ ହନୁମାନଜୀଉଙ୍କ ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ଗଜେନ୍ଦ୍ରପୁର, ପଚ୍ଚାମୁଣ୍ଡାଇ, ସମୟ: ସକାଳ ୬ଟା, ସ୍ଥାନ: ଶାଳିଅଞ୍ଚ, ଆଳି, ସମୟ: ସକାଳ ୮ଟା ।
- ପବିତ୍ର ସୀତା ନବମୀ ଉପଲକ୍ଷେ ଶ୍ରୀରାମଚରିତ ମାନସ ଓ ତ୍ରିଜିତ ଦାସଙ୍କ ପ୍ରବଚନ, ସ୍ଥାନ: ମହୀପାଳ, କେନ୍ଦ୍ରାପଡା ସହର, ସମୟ: ସନ୍ଧ୍ୟା ୫ଟା ।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ଶନି ମନ୍ଦିର ପୀଠ, ହରିଦାସପୁର, ଗରଦପୁର, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର

- ମା' ଶାରଳାଙ୍କ ୪ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସାଧିବାସ, ସ୍ଥାନ : ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତ ଦେଉଳିପାଳ ପାହାଡ଼ ପାଦ ଦେଶ, ସମୟ : ସକାଳ ୬ଟା।
- ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଲାଏନ୍ସ କ୍ଲବ ଓ କଳିଙ୍ଗ ଯୁବକ ସଂଘ ପକ୍ଷରୁ ଗଣଧାରଣା। ସ୍ଥାନ: କୁଆଖିଆ ବିଦ୍ୟୁତ ଉପଖଣ୍ଡ କାର୍ଯ୍ୟାଳୟ, ସମୟ: ସକାଳ ୮ଟା୩୦।
- ମହା ବିଷୁବ ମିଳନ ଓ କବି ସମ୍ମିଳନୀ, ସ୍ଥାନ: ଯାଜପୁର ଅରିଲୋ ଶାମେଶ୍ୱର ପୀଠ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ମଧୁବାବୁ ଜୟନ୍ତୀ, ସ୍ଥାନ:ଓଡଗାଁ କୋର୍ଟ ପରିସର, ସମୟ ପୂର୍ବାହ୍ନ ୧୧ଟା ।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ମହୋତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ:ଓଡଗାଁ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ:ମଧ୍ୟାହ୍ନ ୧୨ରୁ ରାତ୍ର ୧୦ଟା ।
- ଚନ୍ଦନ ଯାତ୍ରାର ନବମ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ଜୀଉ ମନ୍ଦିର ; ଶରଣକୁଳ ଲଡୁବାବାଙ୍କ ମନ୍ଦିର ;ଓଡଗାଁ ରଘୁନାଥ ଜୀଉ ମନ୍ଦିର, ସମୟ:ମଧ୍ୟାହ୍ନ ୧୨ଟା ୩୦ ।
- ଚନ୍ଦନ ଯାତ୍ରା ନବମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା ।
- ଚନ୍ଦନ ଯାତ୍ରା ନବମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ଜୀଉ ମନ୍ଦିର ; ରଣପୁର ଜଗନ୍ନାଥ ଜୀଉ ମନ୍ଦିର, ସମୟ: ଅପରାହ୍ନ ୨ଟା ।
- ଶୁଳିଆ ଠାକୁରାଣୀଙ୍କର ବାର୍ଷିକ ଉତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ: ଖଣ୍ଡପଡା ବ୍ଲକ ବାଣପୁର ଶୁଳିଆ ଠାକୁରାଣୀ ପୀଠ, ସମୟ:ଅପରାହ୍ନ ୪ଟା ।

## ରାୟଗଡ଼ା

- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜନ୍ମ ବାର୍ଷିକୀ, ସ୍ଥାନ: ଯୁଜିଏମ୍‌ଆଇଟି କଲେଜ ପରିସର, ରାୟଗଡ଼ା, ସମୟ: ସକାଳ ୯ଟା ।
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳନ, ସ୍ଥାନ: ଗୁଣପୁର କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଓକିଲ ଦିବସ, ସ୍ଥାନ: ରାୟଗଡ଼ା ବାର ଆସୋସିଏଶନ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା।

## ନବରଙ୍ଗପୁର

- ମଧୁବାବୁ ଜୟନ୍ତୀ, ସ୍ଥାନ: ଉମରକୋଟସ୍ଥିତ ବିଜୁ ପଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ , ସମୟ ପୂର୍ବାହ୍ନ ୧୦ଟା। ।
- ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏବଂ ସମଗ୍ର ଶିକ୍ଷା ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି, ସ୍ଥାନ: ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମଧୁବାବୁ ଜୟନ୍ତୀ, ଆଇନଜୀବୀ ଦିବସ, ସ୍ଥାନ: ଜିଲା ଜଜ୍ କୋର୍ଟ ପରିସର, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ, ସ୍ଥାନ: ଗୋପବନ୍ଧୁ ପାର୍କ, କୋରାପୁଟ, ସମୟ: ସକାଳ ୯ଟା।
- ଓକିଲ ଦିବସ ପାଳନ, ସ୍ଥାନ: ବାର ଆସୋସିଏଶନ କାର୍ଯ୍ୟାଳୟ ପରିସର, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ସାଓଲିନ କୁଂଫୁ ଉସୁ ଆସୋସିଏଶନ ପକ୍ଷରୁ ମାଗଣା ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର, ସ୍ଥାନ: ବିନାଖଣ୍ଡିସ୍ଥିତ ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଭୁବନେଶ୍ୱର ସମ୍ଭାଗ ଆୟୋଜିତ ସମ୍ଭାଗସ୍ତରୀୟ ବାସ୍କେଟବଲ କ୍ରୀଡା ଉତ୍ସବ, ସ୍ଥାନ: ବରେଇପାଲି ଶିଳ୍ପାଞ୍ଚଳସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ଖେଳ ପଡିଆ, ସମୟ: ସକାଳ ୭ଟା।
- ରାଜ୍ୟସ୍ତରୀୟ ପୋଲିସ ସନ୍ତରଣ ଓ କ୍ରସ୍‌କଣ୍ଟ୍ରି ପ୍ରତିଯୋଗିତା, ସ୍ଥାନ: ଡାକ୍ତର ଝସକେତନ ସାହୁ ସନ୍ତରଣାଗାର, ସମୟ: ସକାଳ ୭ଟା।
- କେନ୍ଦ୍ରୀୟ ହିନ୍ଦି ନିର୍ଦ୍ଦେଶାଳୟ ଆୟୋଜିତ ହିନ୍ଦି ନୂତନ ଲେଖକ ଶିବିର, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ ଟା।
- ସ୍ୱୀକାର ପକ୍ଷରୁ ବିଶିଷ୍ଟ ସଞ୍ଚାର କଳାକାର ଦୁଃଖନାଶନ ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର

- ମଧୁବାବୁ ଜୟନ୍ତୀ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, କଦମପଡା, ବଲାଙ୍ଗୀର, ସମୟ: ସକାଳ ୭ଟା ୧୫।
- ବଲାଙ୍ଗୀର ଓକିଲ ସଂଘ ପକ୍ଷରୁ ଲୟର୍ସ ଡେ' ପାଳନ, ସ୍ଥାନ: ସିଭିଲ କୋର୍ଟ ବାର ହଲ୍ ବଲାଙ୍ଗୀର, ସମୟ: ସକାଳ ୯ଟା ୩୦।

## ରାଉରକେଲା

- ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ୯ମ ଦିବସରେ ଭଜନ ସନ୍ଧ୍ୟା, ସ୍ଥାନ: ସେକ୍ଟର-୩ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାର ୨ୟ ଦିବସ, ସ୍ଥାନ: ସେକ୍ଟର-୧୩ ମେଲଣ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଉତ୍କଳ ଗୌରବ ମଧୁସୂଦନ ଦାସ ଓ ପାରଳା ମହାରାଜା ଜୟନ୍ତୀ, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୩୦।
- ପ୍ରଗତି ଉତ୍କଳସଂଘ ପକ୍ଷରୁ ମଧୁସୂଦନ ଦାସଙ୍କ ଜୟନ୍ତୀ, ସ୍ଥାନ: ସେକ୍ଟର-୭, ସମୟ: ସନ୍ଧ୍ୟା ୬ଟା ୪୫।

## ସୁନ୍ଦରଗଡ଼

- ସୁନ୍ଦରଗଡ଼ ଜିଲା ଓକିଲ ସଂଘ ତରଫରୁ ଆଇନଜୀବୀ ଦିବସ, ସ୍ଥାନ: ବିକାଶ ଭବନ, ସୁନ୍ଦରଗଡ଼, ସମୟ: ସକାଳ ୯ଟା।

## ବରଗଡ଼

- ବୈଶାଖି ମେଳା,ସ୍ଥାନ: ନୃସିଂହନାଥ, ପାଇକମାଳ,ସମୟ: ସକାଳ ୭ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜିଲା ଓକିଲ ସଂଘ, ବରଗଡ଼,ସମୟ: ସକାଳ ୭ଟା।
- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ:ଚାନ୍ଦିନୀ ଛକ, ଝାରବନ୍ଧ, ସମୟ: ଅପରାହ୍ନ ୧ଟା।
- ପଞ୍ଚ ଦିନାତ୍ମକ ଶିବ ପୁରାଣ ପାରାୟଣ ଅବସରରେ କଳସ ଅଧିବାସ, ସ୍ଥାନ: ସରଣ୍ଡା ବିଶ୍ୱେଶ୍ୱର ବାବା ଶିବ ମନ୍ଦିର ପ୍ରାଙ୍ଗଣ, ସରଣ୍ଡା, ସମୟ: ଅପରାହ୍ନ ୩ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତାଳ ଗଛ ଛାଇ ନୁହଁଇ ଚିର,**
**ଆପଣାର ଦୁଃଖ ନ ଜାଣେ ପର**
**କଥାକୁ ବାରନ୍ତେ ସକଳେ**
**କାର୍ଯ୍ୟ ଥିବା ଯାଏ ସକଳେ ଡାକନ୍ତି**
**କେହି ନ ପଚାରେ ଆକୁଳେ।**

ନିଜ ଦୁଃଖକୁ ଅନ୍ୟ କେହି ସହଜରେ ଅନୁଭବ କରିପାରନ୍ତି ନାହିଁ। ବରଂ ସେଥିପ୍ରତି ଭିନ୍ନ ଭିନ୍ନ ଟିପ୍ପଣୀ ବା ମନ୍ତବ୍ୟ ଦେଇଥାନ୍ତି। ସେହିପରି କାମ ପଡ଼ିଲେ ସମସ୍ତେ ଅନ୍ୟକୁ ଖୋଜିଥାନ୍ତି ଅଥଚ କାମ ନ ଥିଲେ କାହାରି କାହା ପ୍ରତି ବ୍ୟାକୁଳତା ପ୍ରକାଶ ପାଇ ନଥାଏ ବୋଲି ଏଠାରେ ସୂଚିତ କରାଯାଇଛି।

**ତୋ ଭାଇ ଗଡଗଡ଼ା ଥିଲା,**
**କଡେ କଉଡ଼ି ହାତରେ ନ ଦେଇ**
**ବଳେ ଛାଡ଼ି ଦେଇ ଗଲା।**

ଯୌତୁକ ଏକ ସାମାଜିକ ବ୍ୟାଧି ଯାହା ଆଜି ବି ସମାଜରେ ପ୍ରଚଳିତ। ବିବାହ ସମୟରେ କନ୍ୟା ଯୌତୁକ ନ ଆଣିଲେ ଶାଶୁଘରର ଅନେକ କଟୁ କଥା ଶୁଣିଥାଏ। ବେଳେବେଳେ ଯୌତୁକଲୋଭୀ ବ୍ୟକ୍ତିମାନେ କନ୍ୟା ପରିବାର ପ୍ରତି ଅଶାଳୀନ ବ୍ୟବହାର ଦେଖାଉଥିବା ଲକ୍ଷ୍ୟ କରାଯାଇଥାଏ। କନ୍ୟା ଭାଇର ଦାରିଦ୍ର୍ୟ ପ୍ରତି ଶାଶୁଘର ଲୋକେ ଖୁଣ୍ଟା ଦେଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ସୋମବାର ଅପରାହ୍ନ ୪ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ୪ରୁ ୧୦ ଓଜେଇଇ...

ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ (୧ ଘଣ୍ଟା) ଓ ଏମ୍‌ଏସ୍‌ସି ନର୍ସିଂ, ଦ୍ୱିତୀୟ ଓ ତୃତୀୟ ସିଫ୍ଟରେ ଏମ୍‌ବିଏ ପରୀକ୍ଷା ରହିଛି। ୮ ତାରିଖ ସମସ୍ତ ସିଫ୍ଟରେ ଏଲ୍‌ଇ. ଟେକ୍(ଡିପ୍ଲୋମା) ପରୀକ୍ଷା ଥିବାବେଳେ ୯ ତାରିଖ ପ୍ରଥମ ସିଫ୍ଟରେ ଏଲ୍‌ଇ. ଟେକ୍(ଡିପ୍ଲୋମା), ଦ୍ୱିତୀୟ ସିଫ୍ଟରେ ଏମ୍‌ସିଏ/ଏମ୍‌ଏସ୍‌ସି(କମ୍ପ୍ୟୁଟର ସାଇନ୍ସ), ତୃତୀୟ ସିଫ୍ଟରେ ଏମ୍‌ସିଏ/ପୋଷ୍ଟ ବେସିକ ସାଇନ୍ସ ନର୍ସିଂ ପରୀକ୍ଷା ରହିଛି। ୧୦ ତାରିଖ ପ୍ରଥମ ସିଫ୍ଟରେ ଏମ୍. ଫାର୍ମ (୧ ଘଣ୍ଟା)/ ଏମ୍.ଆର୍କ/ଏମ୍. ପ୍ଲାନ୍ ଆଣ୍ଡ ଏମ୍.ଟେକ୍ (୧୧ ପ୍ରୋଗ୍ରାମ) ଓ ଏଲ୍. ଟେକ୍ ବିଏସ୍‌ସି (୧ ଘଣ୍ଟା) ଓ ଦ୍ୱିତୀୟ ସିଫ୍ଟରେ ବି.କ୍ୟାଟ୍ ଓ ଏଲ୍.ଫାର୍ମ(୧ ଘଣ୍ଟା)/ପୋଷ୍ଟ ବେସିକ୍ ଡିପ୍ଲୋମା ନର୍ସ ପରୀକ୍ଷା ରହିଛି। କମ୍ପ୍ୟୁଟର୍ ଆଧାରିତ ପରୀକ୍ଷା (ସିବିଟି) ହେବ ବୋଲି ଓଜେଇଇ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

## କୋଟିଏ ଟଙ୍କାର...

ଅଳଙ୍କାର କିଣିଥିବା ଜ୍ୱୁଏଲେରି ମାଲିକ ବୋଲି ଏସ୍‌ପି କହିଛନ୍ତି। ଗିରଫ ଅଭିଯୁକ୍ତଙ୍କ ନାମରେ ସହଦେବଖୁଣ୍ଟା, ଟାଉନ, ସଦର ଓ ଶିଳ୍ପାଞ୍ଚଳ ଥାନାରେ ୧୬ଟି ଚୋରି ମାମଲା ରହିଛି। ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସମେତ ପ୍ରବେଶନ ଆଇପିଏସ୍ ମଞ୍ଜୁସା ବି ଜଜ, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ ଉପସ୍ଥିତ ଥିଲେ।

## ଆମେରିକା ଅବରୋଧ...

ନିର୍ବାଚନ ପୂର୍ବରୁ ତୈଳ ଓ ଗ୍ୟାସୋଲିନ୍ ଦର ଅତ୍ୟଧିକ ବୃଦ୍ଧି ପାଇଛି। ଏଥିସହ ଆମେରିକାର ଉପସାଗରୀୟ ସହଯୋଗୀ ରାଷ୍ଟ୍ରଗୁଡ଼ିକ ଉପରେ ମଧ୍ୟ ଚାପ ପଡ଼ିଛି। କାରଣ ସେମାନେ ତୈଳ ଓ ଗ୍ୟାସ୍ ରପ୍ତାନି ପାଇଁ ଉକ୍ତ ସାମୁଦ୍ରିକ ପଥକୁ ବ୍ୟବହାର କରୁଥିଲେ। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ବନ୍ଦ ଯୋଗୁ ବିଶ୍ୱ ଅର୍ଥନୀତି ପ୍ରଭାବିତ ହୋଇଛି। ସାର, ଖାଦ୍ୟ ଓ ଅନ୍ୟାନ୍ୟ ମୌଳିକ ସାମଗ୍ରୀ ଦର ବୃଦ୍ଧି ପାଇଛି। ଏହି ପ୍ରସ୍ତାବ ଇରାନର ପରମାଣୁ କାର୍ଯ୍ୟକ୍ରମ ଆଲୋଚନାକୁ ଘୁଞ୍ଚାଇଦେବ। ଅନ୍ୟପକ୍ଷରେ ଟ୍ରମ୍ପ କହିଛନ୍ତି, ଇରାନ ସହ ଯୁଦ୍ଧକୁ ଓହ୍ଲାଇବାର ମୁଖ୍ୟ କାରଣ ହେଉଛି, ଏହାକୁ ପରମାଣୁ ବୋମା ତିଆରିରୁ ରୋକିବା। ଉପରୋକ୍ତ ପ୍ରସ୍ତାବ ସମ୍ପର୍କରେ ଇରାନ ଓ ପାକିସ୍ତାନର ଅଧିକାରୀମାନଙ୍କ ମଧ୍ୟରେ ଏକ ରୁଦ୍ଧଦ୍ୱାର ବୈଠକରେ ଆଲୋଚନା ହୋଇଥିବା ୨ ଅଧିକାରୀ ନାମ ପ୍ରକାଶ ନ କରିବା ସର୍ତ୍ତରେ ସୂଚନା ଦେଇଛନ୍ତି। ଆମେରିକା ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ସଫଳତାର ସହ ଆରମ୍ଭ କରିବାକୁ ଚାହୁଁଥିଲେ ଏଥିପାଇଁ ତେହେରାନ୍‌ର ପ୍ରଥମ ପ୍ରସ୍ତାବ ହେଲା ଇରାନ ଏବଂ ଲେବାନନ୍ ବିରୋଧରେ ଚାଲିଥିବା ଯୁଦ୍ଧ ସମ୍ପୂର୍ଣ୍ଣବନ୍ଦ କରାଯିବା ସହ ଭବିଷ୍ୟତରେ ନ ହେବା ପାଇଁ ଗ୍ୟାରେଣ୍ଟି ଦେଉ। ଏଥିରେ ଆମେରିକା ରାଜି ହେଲେ ଦ୍ୱିତୀୟ ପର୍ଯ୍ୟାୟରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ର ପରିଚାଳନା ଓ ପ୍ରଶାସନକୁ ନେଇ ଆଲୋଚନା ହେବ। ଏହି ୨ ପର୍ଯ୍ୟାୟ ପରେ ଇରାନ ଆଣବିକ ପ୍ରସଙ୍ଗରେ ଆଲୋଚନା କରିବାକୁ ପ୍ରସ୍ତୁତ ବୋଲି କହିଛି।

ସୂଚନାଯୋଗ୍ୟ, ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ଇରାନ ବୈଦେଶିକ ମନ୍ତ୍ରୀ ଅବ୍ବାସ ଅରାଘଚି ନିକଟରେ ଇସ୍‌ଲାମାବାଦ ଆସିଥିଲେ ମଧ୍ୟ ଟ୍ରମ୍ପ ତାଙ୍କ ପ୍ରତିନିଧିଙ୍କୁ ନ ପଠାଇବାରୁ ସେ ଫେରିଯାଇଥିଲେ। ଅରାଘଚି ଇତିମଧ୍ୟରେ ଓମାନ ଗସ୍ତ କରିବା ସହ ସୋମବାର ରୁଷିଆ ଯାଇଛନ୍ତି। ଇରାନ ଓ ଆମେରିକା ମଧ୍ୟରେ ଯୁଦ୍ଧ ବନ୍ଦ ଲାଗି ଓମାନ ଅନ୍ୟତମ ମଧ୍ୟସ୍ଥ ଭାବେ କାର୍ଯ୍ୟ କରୁଥିବାବେଳେ ରୁଷିଆ ଇରାନର ସହଯୋଗୀ ରାଷ୍ଟ୍ର।

## ୧୨ ଭାରତୀୟ...

କେମିକାଲ୍ ଟ୍ୟାଙ୍କର ଅନ୍ୟ ଜାହାଜ ସହ ଯାଉଥିବାବେଳେ ତଟସୁରକ୍ଷା ବଳ ପକ୍ଷରୁ ସତର୍କତାମୂଳକ ଗୁଳି କରାଯାଇଥିଲା। ତେବେ ଜାହାଜରେ ଭାରତୀୟ କ୍ରିଉ ସଦସ୍ୟମାନେ ସୁରକ୍ଷିତ ଥିବା ମନ୍ତ୍ରଣାଳୟର ନିର୍ଦ୍ଦେଶକ ମନଦୀପ ସିଂ ରାନ୍ଧୱା ଗଣମାଧ୍ୟମକୁ କହିଛନ୍ତି।

## ଭଉଣୀଙ୍କ କଙ୍କାଳ...

ସମ୍ପର୍କରେ ବୁଝିପାରିଲେ ନାହିଁ। ଭଉଣୀଙ୍କ କଙ୍କାଳ ଶ୍ମଶାନରୁ ଖୋଳି ବାହାର କରିଥିଲେ। ଭଉଣୀ ନାମରେ ଥିବା ଜମା ପାସବୁକ ଓ କଙ୍କାଳକୁ ଜରି ଅଖାରେ ଧରି ପ୍ରାୟ ୪ କି.ମି. ଚାଲି ସୋମବାର ଅପରାହ୍ନ ପ୍ରାୟ ୧ଟାରେ ଗ୍ରାମୀଣ ବ୍ୟାଙ୍କ ଆଗରେ ପହଞ୍ଚିଥିଲେ। କଙ୍କାଳ ଦେଖି ବ୍ୟାଙ୍କ କର୍ମଚାରୀ ଭୟଭୀତ ହୋଇ ପୋଲିସକୁ ଖବର ଦେଇଥିଲେ। ଖବର ପ୍ରସାରିତ ହେବା ପରେ ଆଖପାଖରୁ ଲୋକେ ଦେଖିବା ପାଇଁ ବ୍ୟାଙ୍କରେ ରୁଣ୍ଡ ହୋଇଥିଲେ। ପାଟଣା ପୋଲିସ ପହଞ୍ଚି ଜିତୁଙ୍କ ସହ ଆଲୋଚନା କରିଥିଲା। ବୁଝାସୁଝା ପରେ କଙ୍କାଳକୁ ନେଇ ଶ୍ମଶାନରେ ପୁଣି ପୋତି ଦିଆଯାଇଥିଲା। ଥାନା ଅଧିକାରୀ କିରଣ ପ୍ରସାଦ ସାହୁ କହିଛନ୍ତି, ଜିତୁଙ୍କୁ ବୁଝାଇ ମୃତ୍ୟୁ ପ୍ରମାଣପତ୍ର ସଂଗ୍ରହ କରିବାକୁ କୁହାଯାଇଛି। ଏହାପରେ ସେ ତାଙ୍କ ଭଉଣୀଙ୍କ କଙ୍କାଳ ଥିବା ବ୍ୟାଗ୍ ସହିତ ଫେରି ଯାଇଥିଲେ। ଅନ୍ୟପକ୍ଷେ ବ୍ୟାଙ୍କ କର୍ମଚାରୀ କୁଆଡ଼େ ତାଙ୍କୁ ଭଉଣୀ ଆସିଲେ ଟଙ୍କା ଦିଆଯିବ ବୋଲି କହିଥିବା କୁହାଯାଉଛି। ଏ ନେଇ ବ୍ୟାଙ୍କ ପରିଚାଳକ ସୁଶାନ୍ତ ସେଠୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ ଉଠାଇ ନ ଥିଲେ।

## ପଶ୍ଚିମବଙ୍ଗରେ...

ଆହ୍ୱାନ ଦେଇଛନ୍ତି। ଓଡ଼ିଶା ଭଳି ଡବଲ ଇଞ୍ଜିନ ସରକାରକୁ ଆଣିଲେ ପଶ୍ଚିମବଙ୍ଗରେ ବିକାଶ ଆଗେଇପାରିବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଦିନିକିଆ ପଶ୍ଚିମବଙ୍ଗ ଗସ୍ତ କାର୍ଯ୍ୟକ୍ରମ ଶେଷକରି ସୋମବାର ଓଡ଼ିଶା ଫେରି ଆସିଛନ୍ତି। ମୁଖ୍ୟମନ୍ତ୍ରୀ ପଶ୍ଚିମବଙ୍ଗ ବିମାନବନ୍ଦରଠାରେ ପହଞ୍ଚିବା ପରେ ତାଙ୍କୁ ବହୁ ସଂଖ୍ୟକ ଓଡ଼ିଆ ଲୋକ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟମନ୍ତ୍ରୀ ସେଠାରୁ ସିଧାସଳଖ ପ୍ରଚାର ମଇଦାନକୁ ଗସ୍ତ କରିଥିଲେ ବୋଲି ଜଣାପଡ଼ିଛି। ଏହି ଅବସରରେ ତାଙ୍କ ସାଙ୍ଗରେ ଓଡ଼ିଶାର କେତେଜଣ ବିଧାୟକ ମଧ୍ୟ ଉପସ୍ଥିତ ଥିଲେ।

## ୮ ବିଧାୟକଙ୍କ...

ସଭା ନିର୍ବାଚନ ପରେ ପରେ କଂଗ୍ରେସ ସେହି ୩ ଜଣଙ୍କ ସଭ୍ୟ ପଦ ରଦ୍ଦ ଲାଗି ବାଚସ୍ପତିଙ୍କ ନିକଟରେ ବହୁ ଆଗରୁ ଲିଖିତ ଭାବେ ଜଣାଇ ସାରିଛି। ମାତ୍ର ବିଜେଡି କାହିଁକି ଏତେ ବିଳମ୍ବରେ ତାଙ୍କ ଦଳର ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ଲାଗି ଦାବି କଲା ତାକୁ ନେଇ ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି। ବିଜେଡି ବିଧାୟକମାନେ ସୋମବାର ପୂର୍ବାହ୍ନ ୧୧ଟାରେ ପ୍ରଥମେ ଶଙ୍ଖ ଭବନଠାରେ ଏକାଠି ହୋଇଥିଲେ। ସେଠାରେ ଦଳ ବିରୋଧୀ କାର୍ଯ୍ୟ କରିଥିବା ବିଧାୟକମାନଙ୍କ ସଭ୍ୟପଦ ରଦ୍ଦ ବିଷୟରେ ଆଲୋଚନା ହୋଇଥିଲା। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ନବୀନ ନିବାସରୁ ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ସମ୍ପର୍କିତ ଲିଖିତ ପତ୍ର ଆଣିବାରେ ବିଳମ୍ବ କରିଥିଲେ। ମାତ୍ର ବିଧାୟକମାନେ ଶଙ୍ଖ ଭବନରେ ଅପେକ୍ଷା କରି ରହିଥିଲେ। ପ୍ରମିଳା ଶଙ୍ଖ ଭବନରେ ପହଞ୍ଚିବା ପରେ ସବୁ ବିଧାୟକ ଏକାଠି ବାହାରି ବିଧାନସଭାରେ ପହଞ୍ଚିଥିଲେ। ଏହାପରେ ବାଚସ୍ପତିଙ୍କୁ ଭେଟି ଦଳ ତା'ର ଦାବି ଜଣାଇଛନ୍ତି।

ଏହାପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ଯେଉଁ ବିଧାୟକମାନେ ବିଭିନ୍ନ ସମୟରେ ଦଳର ହ୍ୱିପ୍ ମାନିନାହାନ୍ତି, ଅନେକ ସମୟରେ ଦଳ ବିରୋଧୀ ମନ୍ତବ୍ୟ ରଖିଛନ୍ତି ଏବଂ ସ୍ୱେଚ୍ଛାକୃତ ଭାବେ ଦଳରେ ନାହାନ୍ତି ବୋଲି କହିଛନ୍ତି, ଅନୁଚ୍ଛେଦ ୧୦ ଅନୁଯାୟୀ ସେମାନଙ୍କ ସଭ୍ୟ ପଦ ରଦ୍ଦ କରିବାକୁ ବାଚସ୍ପତିଙ୍କୁ କୁହାଯାଇଛି। ବିଭିନ୍ନ ଆଇନ ବିଶେଷଜ୍ଞମାନଙ୍କ ସହିତ ଆଲୋଚନା କରିବା ପରେ ଯେଉଁ ବିଧାୟକମାନେ ଦଳର ସମ୍ବିଧାନକୁ ଅବମାନନା କରିଛନ୍ତି, ସେମାନଙ୍କ ସଭ୍ୟପଦ ରଦ୍ଦ ହୋଇପାରିବ ବୋଲି ସ୍ପଷ୍ଟ ହେଉଛି। ରାଜ୍ୟ ସଭା ନିର୍ବାଚନର ୩ ଦିନ ପୂର୍ବରୁ ଦଳର ମୁଖ୍ୟ ସଚେତକ ଏକ ହ୍ୱିପ୍ ଜାରି କରିଥିଲେ। ସେହି ହ୍ୱିପ୍‌ରେ ସେ ଉଲ୍ଲେଖ କରିଥିଲେ, ୩ ଦିନ ଭିତରେ କେହି ବିଧାୟକ ଭୁବନେଶ୍ୱର ଛାଡ଼ିବେ ନାହିଁ, ଦଳର ଯେଉଁ କାର୍ଯ୍ୟକ୍ରମ ହେବ ସେଥିରେ ଯୋଗଦେବେ। ମାତ୍ର ନିଲମ୍ବିତ ବିଧାୟକମାନେ ତାକୁ ଅବମାନନା କରିଥିଲେ। ପରବର୍ତ୍ତୀ ସମୟରେ ସେମାନେ କ୍ରସ୍ ଭୋଟ୍ କରିଲେ। ଏହାସହ ଦଳ ବିରୋଧରେ ମନ୍ତବ୍ୟ ରଖି ସେମାନେ ସ୍ୱେଚ୍ଛାକୃତ ଭାବେ ଦଳରେ ରହିବେ ନାହିଁ ବୋଲି ଦର୍ଶାଇ ସାରିଛନ୍ତି।

ପ୍ରମିଳା ମଲ୍ଲିକ କହିଛନ୍ତି, କ୍ରସ୍ ଭୋଟିଂ କରିବା ସହ ଦଳ ବିରୋଧରେ ବାରମ୍ବାର ମନ୍ତବ୍ୟ ରଖୁଥିବା ବିଧାୟକମାନେ ଯଦି ଏତେ ଲୋକପ୍ରିୟ ତେବେ ସେମାନେ ଇସ୍ତଫା ଦେଇ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ନ୍ତୁ। ଅନ୍ୟ ରାଜ୍ୟରେ ଯେପରି ଆଇନ ଅନୁଯାୟୀ ଦଳ ବିରୋଧରେ କାର୍ଯ୍ୟ କରିଥିବା ବିଧାୟକମାନଙ୍କ ସଭ୍ୟପଦ ରଦ୍ଦ ହୋଇଛି, ସମାନ ନିୟମ ଏଠାରେ ମଧ୍ୟ ଲାଗୁ ହେଉ। ନିଲମ୍ବିତ ୮ ବିଧାୟକ ଯେମିତି ବାରମ୍ବାର ଦଳ ଏବଂ ଦଳର ନେତାଙ୍କ ବିରୋଧରେ ମନ୍ତବ୍ୟ ରଖୁଛନ୍ତି ଏହା ସେମାନଙ୍କ ସଭ୍ୟପଦ ରଦ୍ଦ କରିବା ପାଇଁ ଯଥେଷ୍ଟ ବୋଲି ପ୍ରମିଳା କହିଛନ୍ତି।

ଭାଜପା ନେତା ତଥା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବିଜେଡି ନିୟମ କାନୁନ କିଛି ଜାଣିନାହିଁ। ଜଣେ ବିଧାୟକଙ୍କୁ ନିଲମ୍ବିତ କରିବା ପରେ ସେ ଆଉ ସେହି ଦଳର ସଭ୍ୟ ରୁହନ୍ତି ନାହିଁ। ଯିଏ ସଭ୍ୟ ନୁହେଁ, ସେମାନଙ୍କ କ୍ଷେତ୍ରରେ ହ୍ୱିପ୍ କାମ କରେନାହିଁ। ହ୍ୱିପ୍ କି ଆଣ୍ଟି ଡିଫେକ୍ସନ ଆକ୍ଟ ଜାଣନ୍ତି ନାହିଁ। ନ ଜାଣିଲେ କିଛି ଅସୁବିଧା ନାହିଁ, ସେମାନଙ୍କୁ ବୁଝାଇବା ପାଇଁ ଆମେ ଅଛୁ ବୋଲି ପୂଜାରୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଶନି ସହ ମଙ୍ଗଳଙ୍କ ସଂଯୋଗ ଦୈହିକ ଅସୁସ୍ଥତା ସୃଷ୍ଟିକଲେ ମଧ୍ୟ ଚନ୍ଦ୍ରଙ୍କ ପ୍ରଭାବରେ ବ୍ୟବହାରିକ କୁଶଳତା ଜାରିରହିବ। ସହକର୍ମୀ, ଅଧସ୍ତନ କର୍ମଚାରୀ ଏବଂ ବନ୍ଧୁବର୍ଗଙ୍କ ସହ ସୁସମ୍ପର୍କ ପୂର୍ବବତ୍ ରହିପାରେ। କିନ୍ତୁ କାର୍ଯ୍ୟବ୍ୟସ୍ତତା କାରଣରୁ କ୍ଳାନ୍ତି ଅନୁଭବ କରିବେ। ସଭାସମିତି ଓ ଆନୁଷ୍ଠାନିକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ଶୁକ୍ରଙ୍କ ରାଶ୍ୟାବସ୍ଥାନରୁ ସ୍ୱାସ୍ଥ୍ୟ ନିୟନ୍ତ୍ରଣାଧୀନ ରହିବା ସହ ବିଳାସପ୍ରିୟ ହେବେ। ରାହୁ କର୍ମସ୍ଥାନରେ ଅବସ୍ଥାନ ପୂର୍ବକ ସମସ୍ୟାକୁ ପ୍ରତିହତକରି କାର୍ଯ୍ୟସାଧନ କରାଇବେ। ରବି ଉଚ୍ଚସ୍ଥ ଯୋଗୁ ଗୃହ ନିର୍ମାଣ ସମ୍ବନ୍ଧୀୟ କିମ୍ବା ଗଠନମୂଳକ କାର୍ଯ୍ୟ ସମ୍ପନ୍ନ କରିପାରନ୍ତି। ଆର୍ଥିକ ଓ ସାମାଜିକ ସ୍ଥିତି ମଜଭୁତ ରଖିବା ନିମିତ ବିଭିନ୍ନ ଯୋଜନା କରିବେ।

**ମିଥୁନ** ବୁଧଙ୍କ ସୁପ୍ରଭାବରୁ ବୌଦ୍ଧିକତାର ଅଭିବୃଦ୍ଧି ବନ୍ଧୁଗହଣରେ ସମ୍ମାନର ପରିଚାୟକ ହେବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ବ୍ୟବସାୟରେ ଝଗଡ଼ା ଏବଂ ବିବାଦୀୟ ପରିସ୍ଥିତିରେ ସାମ୍ୟତା ଆସିପାରେ। ଆନୁଷଙ୍ଗିକ ସାହାଯ୍ୟ ଲାଭକରି କାମ ତ୍ୱରାନ୍ୱିତ କରିବେ। ଅନୁଷ୍ଠାନ କିମ୍ବା ବ୍ୟକ୍ତିଙ୍କ ନିକଟରୁ ଅର୍ଥପ୍ରାପ୍ତି ସହ ନୂତନ କର୍ମାରମ୍ଭରେ ଉତ୍ସାହିତ ହେବେ।

**କର୍କଟ** ରାଶ୍ୟାଧିପ ତୃତୀୟସ୍ଥ କର୍ମକ୍ଷେତ୍ରରେ ଦକ୍ଷତାର ପ୍ରଶଂସା ମାଧ୍ୟମରେ ସାମାଜିକ ସ୍ଥିତିକୁ ସୁଦୃଢ଼ କରିବ। ପାରିବାରିକ କ୍ଷେତ୍ର ବ୍ୟତିକ୍ରମ ଭିତରେ ଅବଶ୍ୟ ଶୃଙ୍ଖଳିତ ରହିପାରେ। ସହକର୍ମୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟତା ଅଭାବରୁ କର୍ମକ୍ଷେତ୍ରରେ ଅସ୍ଥିରତା ଦେଖାଦେବ। ଶିଳ୍ପ,ବାଣିଜ୍ୟ ଓ ପରିବହନ ଶନିଙ୍କ ପ୍ରଭାବରୁ ଦୁର୍ବଳ ରହିପାରେ।

**ସିଂହ** ରବି ଏବଂ ଚନ୍ଦ୍ରଙ୍କ ସ୍ଥିତି ମନ୍ଦ ନ ଥିବାରୁ ଦୈହିକ ଏବଂ ମାନସିକ ସ୍ଥିତି ସୁଦୃଢ଼ ରହିବ। ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ ହେବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ଦ୍ୱାରା ସ୍ଥଗିତ କାର୍ଯ୍ୟର ଅଗ୍ରଗତି ଯୋଗୁ ଆଶ୍ୱସ୍ତି ଲାଭ କରିବେ। ପାରିବାରିକ ସ୍ଥିତି ବହୁତ ଭଲ ରହିବ ଏବଂ ସନ୍ତାନହେତୁକ ଗୌରବ ଅନୁଭବ କରିପାରନ୍ତି।

**କନ୍ୟା** ରାଶି ପ୍ରତି ବୁଧଙ୍କ ଦୃଷ୍ଟି ଫଳରେ ଯେଉଁ କାମରେ ହାତ ଦେବେ ସଫଳତା ହାସଲ କରିବେ। ଜମିଜମା, କଳ କାରଖାନା, ହୋଟେଲ ଶିଳ୍ପ କ୍ଷେତ୍ରରୁ ଲାଭବାନ୍ ହେବେ। ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବା କାରଣରୁ ସାମୟିକ ବ୍ୟସ୍ତତା ବୃଦ୍ଧିପାଇବ। ବନ୍ଧୁ ଗହଣରେ ବାକ୍ ଅସଂଯମ ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ତୁଳା** ରବିଙ୍କ ଦୃଷ୍ଟି ଲୋକପ୍ରିୟତା ବୃଦ୍ଧି ସାଙ୍ଗକୁ ସ୍ୱାସ୍ଥ୍ୟ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବ। ପାରିବାରିକ ଜୀବନରେ ବ୍ୟତିକ୍ରମ ଥିଲେ ମଧ୍ୟ କିଛି ଅସୁବିଧା ହେବନାହିଁ। ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲକରିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ ,ନତୁବା ବହୁମୂଲ୍ୟ ଦେବାକୁ ପଡ଼ିପାରେ।

**ବିଛା** ଚନ୍ଦ୍ରଙ୍କ ଲାଭ ଭାବରେ ଅବସ୍ଥିତି ଆପଣଙ୍କ ଆଶା ଓ ଅଭିଳାଷ ପୂରଣ କରିବାରେ ସମର୍ଥ ହେବ। ଆର୍ଥିକ ଅନଟନ କାମକୁ ବିଳମ୍ବିତ କରିବାରୁ ବିବ୍ରତ ହେବେ। ପ୍ରକାଶନ, ପ୍ରଶାସନିକ ତଥା ରାଜନୈତିକ ସ୍ତରରେ ବ୍ୟସ୍ତତା ମଧ୍ୟ ଦୂରେଇହେବ। କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ଆଶା କରାଯାଇପାରେ।

**ଧନୁ** ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ଆରୋଗ୍ୟଲାଭ, କାର୍ଯ୍ୟସିଦ୍ଧି ସାଙ୍ଗକୁ ସାମାଜିକ ସ୍ତରରେ ଉଚ୍ଚସମ୍ମାନ ପାଇବେ। ଦୀର୍ଘଦିନରୁ ବାକି ପଡ଼ିଥିବା ଟଙ୍କା ଆଦାୟ ପାଇଁ ଅନୁକୂଳ ସୁଯୋଗ ସୃଷ୍ଟିହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବାରେ ବନ୍ଧୁଙ୍କ ଅବଦାନକୁ ଭୁଲିପାରିବେନାହିଁ। ଜମିଜମା ବିବାଦର ସମାଧାନ ସୁଯୋଗ ସୃଷ୍ଟି ହେବ।

**ମକର** ଆପଣଙ୍କ ରାଶି ପାଇଁ ଗ୍ରହ ସ୍ଥିତି ଅନୁକୂଳ ନ ଥିବାରୁ ପାରିବାରିକ ସମସ୍ୟା ମଧ୍ୟରେ ମାନସିକ ଶାନ୍ତି ରହି ନ ପାରେ। ତଥାପି ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦେବା ସକାଶେ ବନ୍ଧୁ ଦ୍ୱାରକୁ ଗମନକରିବେ। ରାଜନୀତି ତଥା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହୋଇପାଇପାରନ୍ତି।

**କୁମ୍ଭ** ଚନ୍ଦ୍ରଙ୍କ ଦ୍ୱାରା ସଂଘଟିତ ବିପରୀତ ରାଜଯୋଗ ପ୍ରଭାବରେ ବ୍ୟୟବହୁଳତା ମଧ୍ୟରେ କାର୍ଯ୍ୟସିଦ୍ଧି ହେବ। ଆଜି ଦେବ ଦର୍ଶନ ସକାଶେ ମନ ବଳାଇବେ। ଦୀର୍ଘଦିନରୁ ଅପେକ୍ଷା କରି କରି ଆଜି ହଠାତ୍ ପଡ଼ୋଶୀଙ୍କଠାରୁ ଶୁଭଖବର ପାଇ ଖୁସି ହେବେ। ବନ୍ଧୁଙ୍କ ନିକଟରୁ ବକେୟା ଆଦାୟ କରିବାରେ ସକ୍ଷମ ହେବେ।

**ମୀନ** ରାଶିରେ ଶନି ଏବଂ ମଙ୍ଗଳଙ୍କ ସଂଯୋଗରୁ ବନ୍ଧୁମାନଙ୍କ ଦ୍ୱାରା କୌଣସି ସମସ୍ୟା ସକାଶେ ବ୍ୟସ୍ତତା ଅନୁଭବ କରିପାରନ୍ତି। ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟ ପାଇବେ, କିନ୍ତୁ ଏଥିପାଇଁ ବହୁତ ମେହନତ କରିବାକୁ ପଡ଼ିବ। କଳା,ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ, କିନ୍ତୁ ସମସ୍ୟା ମଧ୍ୟରେ ଚଳିବାକୁ ପଡ଼ିପାରେ।

ଆଜି ଏପ୍ରିଲ ୨୮ ତାରିଖ, ଓକିଲ ଦିବସ, ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ, ବୈଶାଖ ଶୁକ୍ଳ ଦ୍ୱାଦଶୀ ମଙ୍ଗଳବାର। ରାଶିନକ୍ଷତ୍ର-ଉତ୍ତରା ଫାଲ୍‌ଗୁନୀ/ କନ୍ୟା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ୧୨ ନକ୍ଷତ୍ରେ ବିବାହ ପାଣି ଗ୍ରହଣ। ଦିବା ଘ.୦୮।୩୩ ଗତେ, ଘ.୧୦।୨୮ ମଧ୍ୟେ, ଘ.୦୧।୦୦ ଗତେ, ଘ.୦୧।୧୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୪ ଗତେ, ଘ.୦୪।୧୯ ମଧ୍ୟେ ରାହୁକାଳ ।




# 'ପେସା'କୁ ନେଇ ବଢ଼ିଲା ତତ୍ପରତା

## ୩୦ରେ ମୁଖ୍ୟସଚିବଙ୍କ ଅଧ୍ୟକ୍ଷତାରେ ଚୂଡ଼ାନ୍ତ ବୈଠକ

ଭୁବନେଶ୍ୱର,୨୭।୪
(ରବିନାରାୟଣ ଜେନା)

ରାଜ୍ୟରେ ଆଦିବାସୀ ବର୍ଗଙ୍କ ଅଧିକାରକୁ ସୁରକ୍ଷିତ ରଖିବା ଏବଂ ସେମାନଙ୍କୁ ତାଙ୍କର ହକ୍ ଦେବାପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଏନେଇ ଏପ୍ରିଲ ୩୦ରେ ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ 'ପେସା' ନିୟମର ଚୂଡ଼ାନ୍ତ ବୈଠକ ଅନୁଷ୍ଠିତ ହେବ ବୋଲି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜଣାଯାଇଛି।

ଏସଂକ୍ରାନ୍ତରେ ପଞ୍ଚାୟତିରାଜ ବିଭାଗର ଏସ୍‌ଆଇଆର୍‌ଡି ନିର୍ଦ୍ଦେଶିକା ମଧୁସ୍ମିତା ସାମଲ ଏପ୍ରିଲ ୨୪ରେ ରାଜ୍ୟ ଉନ୍ନୟନ ଆୟୁକ୍ତଙ୍କ ସହିତ ଗୃହ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ,ଜଙ୍ଗଲ ଓ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ମଧୁସ୍ମିତା ଦର୍ଶାଇଛନ୍ତି, ଏହି 'ପେସା' ନିୟମର ଚିଠା ପ୍ରସ୍ତାବକୁ ନେଇ ପୂର୍ବରୁ ଏକ କମିଟି ଗଠନ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଏବେ ଏହି ନିୟମର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏଥିପାଇଁ ମୁଖ୍ୟଶାସନ ସଚିବ ଏପ୍ରିଲ ୩୦ରେ ଦିନ ଧାର୍ଯ୍ୟ କରିଛନ୍ତି। ଲୋକସେବା ଭବନର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ସନ୍ଧ୍ୟା ୬ଟାରେ ଏହି ବୈଠକ ଅନୁଷ୍ଠିତ ହେବ। ଏଥିରେ ଯୋଗଦେବା ଲାଗି ମଧୁସ୍ମିତା ପତ୍ରରେ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ଏହି ଆଇନ ରାଜ୍ୟରେ କାର୍ଯ୍ୟକାରୀ କରିବା ଲାଗି ୨୦୨୩ ନଭେମ୍ବର ୧୦ରେ ତତ୍କାଳୀନ ସରକାରଙ୍କ ପକ୍ଷରୁ ଚିଠା ପ୍ରସ୍ତାବ ଆସିଥିଲା। ଏହି ଚିଠା ବିଜ୍ଞପ୍ତିକୁ ନେଇ ଯଦି କାହାର କିଛି ଅଭିଯୋଗ କିମ୍ବା ସୁଚିନ୍ତିତ ମତାମତ ଥାଏ ଦେବାକୁ କୁହାଯାଇଥିଲା। ଏପରି କି ଜିଲାପାଳମାନେ ଏହି 'ପେସା' ଆଇନକୁ ଲୋକଙ୍କୁ ଠିକଣା ଭାବେ ବୁଝାଇବା ଏବଂ ଏହାର ବ୍ୟାପକ ପ୍ରସାର ଲାଗି ପଦକ୍ଷେପ ନେବାକୁ କୁହାଯାଇଥିଲା। ଏହାଦ୍ୱାରା ପଞ୍ଚାୟତବାସୀଙ୍କ ମଧ୍ୟରୁ କାହାର କ'ଣ ସମସ୍ୟା ଉପୁଜିବ ସେ ସଂକ୍ରାନ୍ତରେ ମତାମତ ସଂଗ୍ରହ କରି ସରକାରଙ୍କୁ ତୁରନ୍ତ ଅବଗତ କରାଇବା ଲାଗି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ କୁହାଯାଇଥିଲା। ପତ୍ରରେ କୁହାଯାଇଥିଲା, ଓଡ଼ିଶା ଗ୍ରାମପଞ୍ଚାୟତ ନିୟମ-୨୦୨୩ ଅନୁଯାୟୀ ସରକାରଙ୍କ ପକ୍ଷରୁ ଅଧିସୂଚିତ ଅଞ୍ଚଳ ସଂପ୍ରସାରଣ(ପେସା) ଆଇନ ଲାଗି ବିଜ୍ଞପ୍ତି ଜାରି କରାଗଲା। ପଞ୍ଚାୟତରେ ଲଘୁ ଖଣିଜ ସମ୍ପଦ, ଜଳାଶୟ, ମାନବିକ ଅଧିକାର, ଗ୍ରାମ, ଗ୍ରାମସଭା, ପଞ୍ଚାୟତ ସମିତି, ଜିଲା ପରିଷଦ ଆଇନ ଏବଂ ପଞ୍ଚାୟତର କ୍ଷମତା ବୃଦ୍ଧି କରାଯିବ। ବହୁ କ୍ଷମତା ପଞ୍ଚାୟତରେ ରହିଥିଲେ ହେଁ 'ପେସା' ଆଇନ କାର୍ଯ୍ୟକାରୀ ନ ହେବା ଯୋଗୁ ପଞ୍ଚାୟତ ସରପଞ୍ଚଙ୍କ କ୍ଷମତା ସହିତ ଆଦିବାସୀ ବର୍ଗ ଏହାର ସୁଫଳ ପାଇପାରୁ ନାହାନ୍ତି। ଗ୍ରାମପଞ୍ଚାୟତ ହେଉଛି ଗ୍ରାମ ଶାସନର କାର୍ଯ୍ୟକାରୀ କର୍ତ୍ତୃପକ୍ଷ। ଗ୍ରାମସଭାର ଅଧ୍ୟକ୍ଷ ହେଉଛନ୍ତି ସରପଞ୍ଚ। ଗ୍ରାମସଭା ଜରିଆରେ ପଞ୍ଚାୟତରେ କୃଷି ଲାଗି ସ୍ୱତନ୍ତ୍ର ଖସଡ଼ା, ସାମାଜିକ ସମୀକ୍ଷା କରିବା ସହିତ ଯେଉଁମାନେ ବକେୟା ଖିଲାପକାରୀ ଥିବେ ସେମାନଙ୍କ ସମ୍ପର୍କରେ ଜରିମାନା କରିବା ନିଷ୍ପତ୍ତି ସରପଞ୍ଚମାନେ ନେଇପାରିବେ। ଏହାସହିତ କେଉଁଠାରେ ସାଧାରଣ ସାମଗ୍ରୀ ବଣ୍ଟନ ଦୋକାନ ଖୋଲିବ ଏବଂ ଦର ତଦାରଖ କରିବା, ବିଭିନ୍ନ ଯୋଜନାରେ ହିତାଧିକାରୀ ଚିହ୍ନଟ କରିବା, ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ କାର୍ଯ୍ୟକ୍ରମ, ପାନୀୟଜଳ ପରିଚାଳନା ପ୍ରଭୃତି କାର୍ଯ୍ୟକ୍ରମ ଅନୁଧ୍ୟାନ କରିବେ। ଗ୍ରାମସଭା ଜରିଆରେ ପଞ୍ଚାୟତରେ କେତେ ଅର୍ଥ କେଉଁ ସଂସ୍ଥା ବିନିଯୋଗ କରିଛି ତା'ର ପ୍ରମାଣପତ୍ର ନିଶ୍ଚିତ କରିବା, ଲଘୁ ଖଣିଜ ସମ୍ପଦ ତଥା ସ୍ଥାନୀୟ ପଦାର୍ଥ ଉପରେ ରୟାଲଟି ଗ୍ରହଣ କରିବା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିପାରିବେ। ବିଜ୍ଞପ୍ତିରେ ଦର୍ଶାଯାଇଥିଲା, ଯେତେବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ଜମି ଅଧିଗ୍ରହଣ କରାଯିବ, ସେତେବେଳେ ଗ୍ରାମପଞ୍ଚାୟତ ସହିତ ଅଧିଗ୍ରହଣକାରୀ ଅଧିକାରୀମାନେ ପରାମର୍ଶ କରି ଉକ୍ତ କାର୍ଯ୍ୟ କରିବେ। ସରକାରଙ୍କ ଖସଡ଼ା ଅନୁଯାୟୀ ସମସ୍ତ କାର୍ଯ୍ୟ ହେବା ବିଧେୟ। ସେହିପରି ଯେତେବେଳେ ଗ୍ରାମ ସୀମାରେ ପରିବର୍ତ୍ତନ କରାଯିବା ସହିତ କିଛି ନୂତନ ଲୋକଙ୍କୁ ସାମିଲ କରାଯିବ ସେତେବେଳେ ଅଧିଗ୍ରହଣ ଅଞ୍ଚଳରେ ଲୋକଙ୍କୁ କ୍ଷତିପୂରଣ ଦେବାକୁ ପଡ଼ିବ।

# ଶୃଙ୍ଖଳିତ ନୀତିକାନ୍ତି ପାଇଁ ନିଆଯାଇପାରିବ କାର୍ଯ୍ୟାନୁଷ୍ଠାନ

## ସରକାରଙ୍କୁ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସ୍ୱତ୍ୱଲିପି କମିଟିର ୨ୟ ଅନ୍ତରୀଣ ରିପୋର୍ଟ

ଭୁବନେଶ୍ୱର,୨୭।୪
(ରବିନାରାୟଣ ଜେନା)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି କିଭଳି ଶୃଙ୍ଖଳିତ ହେବ ସେନେଇ ସୋମବାର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସ୍ୱତ୍ୱଲିପି କମିଟି ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଦ୍ୱିତୀୟ ଅନ୍ତରୀଣ ରିପୋର୍ଟ ପ୍ରଦାନ କରିଛି। ଜଷ୍ଟିସ୍ ଡ. ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ରଙ୍କୁ ନେଇ ଗଠିତ ଦୁଇଜଣିଆ କମିଟି ମନ୍ଦିରର ସେବା ପୂଜା, ଶୃଙ୍ଖଳିତ ନୀତିକାନ୍ତି, ମନ୍ଦିର ଗର୍ଭଗୃହ ଓ ରୋଷଶାଳା ମରାମତି, ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା, ସେବାୟତ ପାଇଁ ସ୍ୱତନ୍ତ୍ର ତାଲିମ୍ କାର୍ଯ୍ୟକ୍ରମ, ହୁଣ୍ଡି ପରିଚାଳନା, ଜମି ସମସ୍ୟା ସମାଧାନ ନେଇ ପ୍ରାୟ ୧୬ଟି ପ୍ରସ୍ତାବ ରିପୋର୍ଟରେ ଦର୍ଶାଇଛନ୍ତି।

ଏନେଇ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ମହାପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିରର ଶୃଙ୍ଖଳିତ ନୀତିକାନ୍ତି ସହ ସମସ୍ତ ସେବାୟତ, ନିଯୋଗ ଏବଂ ଭକ୍ତଙ୍କ ପାଇଁ ସର୍ବଶ୍ରେଷ୍ଠ ବ୍ୟବସ୍ଥା ହେବ। ଏଥିଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ପରବର୍ତ୍ତୀ ନିଷ୍ପତ୍ତି ତ୍ୱରିତ ଗ୍ରହଣ କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ କମିଟି ଅଧ୍ୟକ୍ଷ ଜଷ୍ଟିସ ଚୌଧୁରୀ କହିଛନ୍ତି, ଜାନୁଆରୀ ୨୦୨୬ରେ କମିଟି ପକ୍ଷରୁ ପ୍ରଥମ ଅନ୍ତରୀଣ ରିପୋର୍ଟ ପ୍ରଦାନ କରାଯାଇଥିଲା। ଏହି ଦ୍ୱିତୀୟ ରିପୋର୍ଟରେ ଶ୍ରୀମନ୍ଦିର ଭଳି ଆଇନ ବ୍ୟବସ୍ଥା ମଧ୍ୟ ରହିବ। ଯଦି ନୀତି କାନ୍ତିରେ ତ୍ରୁଟି ବିଚ୍ୟୁତି ଦେଖାଯାଏ ତେବେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ। କମିଟି ରିପୋର୍ଟରେ ଭକ୍ତ, ସେବାୟତ, ଏଏସ୍‌ଆଇ, ରାଜ୍ୟ ଗ୍ରନ୍ଥାଗାର, ଆଇନ ବିଶାରଦମାନଙ୍କ ମତ ରହିଛି। ଆଗାମୀ ଦିନରେ ମଧ୍ୟ ଅନେକଙ୍କ ମତ ସଂଗ୍ରହ କରାଯାଇ ଚୂଡ଼ାନ୍ତ ରିପୋର୍ଟ ଆସିପାରେ। କମିଟି ଗଠନ ପରେ ଲିଙ୍ଗରାଜ ମନ୍ଦିରରେ ବିଶୃଙ୍ଖଳା କମିବାରେ ଲାଗିଛି। ଆଗକୁ ରିପୋର୍ଟଗୁଡ଼ିକ ସରକାର ଅନୁଧ୍ୟାନ କରି ଆଇନରେ ପରିଣତ କରିବେ। ଏହି କାର୍ଯ୍ୟକ୍ରମରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜାପାନ ରାଷ୍ଟ୍ରଦୂତଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

## ଓଡ଼ିଶାର 'ଡାଲମା' ସ୍ୱାଦକୁ ଓନୋଙ୍କ ପ୍ରଶଂସା

ଭୁବନେଶ୍ୱର, ୨୭।୪(ସୁନିତ୍ ମିଶ୍ର)

ସମ୍ବଲପୁର ରେଙ୍ଗାଲିଠାରେ ଗତ ୨୪ ତାରିଖରେ ଜେଏସ୍‌ଡବ୍ଲ୍ୟୁ ଏବଂ ଜାପାନର ଜେଏଫ୍‌ଇ ଷ୍ଟିଲ୍ ମଧ୍ୟରେ ଏକ ଯୌଥ ଉଦ୍ୟୋଗ (ଜଏଣ୍ଟ ଭେଞ୍ଚର) ନେଇ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିବାବେଳେ ଭାରତରେ ଅବସ୍ଥାପିତ ଜାପାନ ରାଷ୍ଟ୍ରଦୂତ ଓନୋ କେଇଚି ମଧ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜାପାନ ରାଷ୍ଟ୍ରଦୂତଙ୍କୁ ପାରମ୍ପରିକ ଓଡ଼ିଆ ଖାଦ୍ୟ ପରଷା ଯାଇଥିଲା। ପାରମ୍ପରିକ ଓଡ଼ିଆ ଖାଦ୍ୟର ସ୍ୱାଦରେ ରାଷ୍ଟ୍ରଦୂତ ଖୁବ୍ ଆନନ୍ଦିତ ଥିଲେ। ବିଶେଷକରି ଡାଲମା ତାଙ୍କୁ ବହୁତ ଭଲ ଲାଗିଥିଲା। କାର୍ଯ୍ୟକ୍ରମ ସରିବା ପରେ ସେ ତାଙ୍କ ସାମାଜିକ ଗଣମାଧ୍ୟମରେ ଲେଖିଥିଲେ, ଓଡ଼ିଶାରେ ଡାଲମାର ସ୍ୱାଦକୁ ଖୁବ୍ ଉପଭୋଗ କଲେ। ଏହା ଅତ୍ୟନ୍ତ ସ୍ୱାଦିଷ୍ଟ ଏବଂ ଓଡ଼ିଶାର ଉନ୍ନତ ରନ୍ଧନ କଳାର ଏକ ସୁନ୍ଦର ପ୍ରତିଫଳନ। ଓନୋଙ୍କ ଏହି ପୋଷ୍ଟ ପରେ ମୁଖ୍ୟମନ୍ତ୍ରୀ ଆନନ୍ଦ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ 'X'ରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାର ପାରମ୍ପରିକ ସ୍ୱାଦକୁ ଏତେ ଭଲ ପାଇଥିବାରୁ ଓନୋଙ୍କୁ ଧନ୍ୟବାଦ। ଡାଲମା କେବଳ ଖାଦ୍ୟ ପରମ୍ପରାର ଅଂଶ ନୁହେଁ, ଏହା ହେଉଛି ଆମ ସଂସ୍କୃତି ଓ ଆତିଥେୟତାର ପ୍ରତୀକ। ଏହି ମତପ୍ରକାଶ କରିବା ସହିତ ଓଡ଼ିଶା ଓ ଜାପାନ ମଧ୍ୟରେ ଥିବା ସାଂସ୍କୃତିକ ସମନ୍ୱୟ ଆଗାମୀ ଦିନରେ ଆମର ବନ୍ଧୁତାକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# କରଞ୍ଜିଆରେ ପୃଥକ୍ ଦୁର୍ଘଟଣା: ୫ ମୃତ, ୬ ଗୁରୁତର

ବାରିପଦା/କରଞ୍ଜିଆ
(ନୀଳାଦ୍ରି ବିହାରୀ ଦଣ୍ଡପାଟ/ କବିତା ମହାନ୍ତ),୨୭।୪


କାଦଡିହା ନିକଟରେ ଦୁର୍ଘଟଣାଗ୍ରସ୍ତ ବସ୍ ଓ କାର୍।

ମୟୂରଭଞ୍ଜ ଜିଲା କରଞ୍ଜିଆ ଉପକଣ୍ଠ ଅଞ୍ଚଳରେ ସୋମବାର ପୃଥକ୍ ସଡ଼କ ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬ଜଣ ଗୁରୁତର ହୋଇଛନ୍ତି। ପୋଲିସ ସମସ୍ତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରିଛି।

ସୂଚନା ଅନୁଯାୟୀ, କରଞ୍ଜିଆ ଥାନା ଅଧୀନ ୨୨୦ନଂ. ଜାତୀୟ ରାଜପଥର ବାଉନଶୋଳ ନିକଟରେ ସ୍କୁଟି ଓ ସ୍କର୍ପିଓ ମୁହାଁମୁହିଁ ଧକ୍କା ହୋଇଛି। ଝାଡ଼ଖଣ୍ଡରୁ ଘଟଗାଁ ତାରିଣୀଙ୍କ ଦର୍ଶନ ପାଇଁ ଯାଉଥିବା ସ୍କର୍ପିଓ ଦ୍ରୁତଗତିରେ ଆସି ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ କରଞ୍ଜିଆ ଡାକ୍ତରଖାନାରୁ ସ୍କୁଟି ଯୋଗେ ଘରକୁ ଫେରୁଥିବା ଦମ୍ପତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତ ଦମ୍ପତି ହେଲେ ସ୍ଥାନୀୟ ପାଣ୍ଡୁ ଅଞ୍ଚଳର ସନ୍ତୋଷ ନାୟକ(୪୮) ଏବଂ ତାଙ୍କ ସ୍ତ୍ରୀ କବିତା(୪୫)। ସ୍କର୍ପିଓରେ ବସିଥିବା ୫ଜଣ ମଧ୍ୟ ଗୁରୁତର ହୋଇଛନ୍ତି। ଦୁର୍ଘଟଣାରେ ଗାଡ଼ି ଦୁଇଟି ଭାଙ୍ଗି ଚୂରମାର ହୋଇଯାଇଛି। ସ୍ଥାନୀୟ ଲୋକେ ଗୁରୁତର ଯାତ୍ରୀମାନଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

ସେହିପରି କରଞ୍ଜିଆରୁ ଠାକୁରମୁଣ୍ଡାକୁ ସଂଯୋଗ କରୁଥିବା ୫୩ନଂ. ଜାତୀୟ ରାଜପଥର କାଦଡିହା ନିକଟରେ ଏକ ଘରୋଇ ବସ୍ ଓ କାର୍ ମୁହାଁମୁହିଁ ଧକ୍କା ହୋଇଛି। କାର୍‌ଟି ଯାଜପୁର ଜିଲା ଧର୍ମଶାଳାରୁ ରାଇରଙ୍ଗପୁର ଅଭିମୁଖେ ଯାଉଥିବା ବେଳେ ବସ୍‌ଟି କରଞ୍ଜିଆରୁ ଉଦଳା ଆସୁଥିଲା। ଦୁର୍ଘଟଣାରେ କାର୍‌ରେ ଥିବା ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଯାଜପୁର ଜିଲା ଚଣ୍ଡିଖୋଲର ନୀଳମଣି ସାହୁ, ଧର୍ମଶାଳାର ମୋବୁ ବଳା ଓ ପ୍ରଦୀପ ବଳସାମନ୍ତ। ଏସ୍‌ଡିପିଓ ନବକୃଷ୍ଣ ନାଏକ ଓ କରଞ୍ଜିଆ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଖବରପାଇ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ପହଞ୍ଚି ଗୁରୁତରଙ୍କୁ ଡାକ୍ତରଖାନା ପଠାଇଥିଲେ।

କାଦଡିହା ଛକ ନିକଟରେ ଏକ ଦୁର୍ଘଟଣାରେ ପଡ଼ିଆବେଡ଼ା କଲେଜ ଅଧ୍ୟାପକ ଅର୍ଜୁନ କୁମାର ମଲ୍ଲିକ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ବାଇକ୍‌କୁ ଧକ୍କା ଦେଲା ମିନିଟ୍ରକ୍, ମାମୁଁଭଣଜାଙ୍କ ମୃତ୍ୟୁ

ଭବାନୀପାଟଣା/ଜୁନାଗଡ଼,୨୭।୪
(ଉତ୍ତମ କୁମାର ଦାଶ/ଅଂଶୁମାନ ଯୋଶୀ)


ମହେନ୍ଦ୍ର ଓ ମୁକେଶ

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଭତ୍ରାଗୁଡା ଛକରୁ ସୋମବାର ସକାଳୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଏକ ମିନିଟ୍ରକ୍ (ମେଲୋଡି ପାଇଁ ବ୍ୟବହୃତ ଗାଡି) ଧକ୍କାରେ ମାମୁଁଭଣଜାଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଜୁନାଗଡ଼ ବ୍ଲକ ମାଟିଗାଁର ମାମୁଁ ମହେନ୍ଦ୍ର ନାଏକ (୧୫) ଓ ଚିଙ୍କିଲି ଗାଁର ଭଣଜା ମୁକେଶ ନାଗ (୧୯)। ସୂଚନା ଅନୁସାରେ, ପୂର୍ବାହ୍ନରେ ଏକ ବାଇକ୍ ଯୋଗେ ମହେନ୍ଦ୍ର ଓ ମୁକେଶ କୌଣସି କାମରେ ଜୁନାଗଡ଼ ଯାଉଥିବାବେଳେ ଭତ୍ରାଗୁଡା ଛକଠାରେ ଓଡ଼ି୦୮ଭି ୦୭୫୫ନମ୍ବର ବିଶିଷ୍ଟ ମିନିଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ମିନିଟ୍ରକ୍ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ୨ ଜଣଙ୍କ ଜୀବନ ଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେଣୁ ଏହାର ତଦନ୍ତ କରି ଚାଳକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମୃତ ମୁକେଶଙ୍କ ବାପା କୈଳାସ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରି ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିଥିବାବେଳେ ଚାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟପକ୍ଷେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।



# ୟଲ୍‌ଦା ଓ ଡିପ୍‌ଫେକ୍

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସର୍ବତ୍ର ଉପଲବ୍ଧ ହେଲାଣି। ମଣିଷର ଜୀବନଯାତ୍ରାକୁ ସହଜ ଓ ସୁବିଧାଜନକ କରିଦେଉଥିବାରୁ ତାହାର ଆଦର ବଢ଼ିବାରେ ଲାଗିଛି। କିନ୍ତୁ ଏହାର ଦୁର୍ବ୍ୟବହାର ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରୁଛି। ଏଆଇ ଆଧାରିତ ହ୍ୟୁମାନ୍ ଇମେଜ୍ ସିନ୍ଥେସିସ୍ କୌଶଳ ଭାବେ 'ଡିପ୍‌ଫେକ୍' ଜଣାଶୁଣା। ଡିପ୍‌ଫେକ୍ ପ୍ରଯୁକ୍ତି ଅସତ୍ୟ ଛବି, ଭିଡିଓ ଏବଂ ଅଡିଓ ରେକର୍ଡିଂ କରିଥାଏ। ଉଦାହରଣ ସ୍ୱରୂପ, ବାସ୍ତବରେ ଦୃଶ୍ୟମାନ ବ୍ୟକ୍ତିଙ୍କ ଚେହେରା ଓ ସ୍ୱରକୁ ଏଭଳି ନକଲ କରାଯାଇଥାଏ ଯେ, ତାହା ଦେଖଣାହାରୀ ବା ଶ୍ରୋତାଙ୍କୁ ଅବିକଳ ଅନୁଭବ ହୋଇଥାଏ। ଯଦି କେହି ସନ୍ଦେହ କରେ ତେବେ କଷ୍ଟକରି ମୂଳକୁ ଗଲେ ହୁଏତ ସତ୍ୟ ଜଣାପଡ଼ିପାରେ। ଡିପ୍‌ଫେକ୍ କେତେ ଗଭୀରକୁ ଯାଇଛି ଓ ସେ ସଂକ୍ରାନ୍ତ ଏକ ଘଟଣାକୁ ସାଧାରଣରେ ପ୍ରକାଶ କରିବା ଲାଗି 'ସ୍କାଏ ନ୍ୟୁଜ୍' ଉପସ୍ଥାପିକା ୟଲ୍‌ଦା ହାକିମ୍ ଅନ୍ତର୍ଜାତୀୟ ଖବର ସରବରାହ ସଂସ୍ଥା 'ରଏଟର୍ସ'କୁ ଦେଇଥିବା ସାକ୍ଷାତ୍‌କାରକୁ ବିଶ୍ଳେଷଣ କଲେ ବହୁତ ବିଷୟରେ ଜଣାପଡୁଛି।

ୟଲ୍‌ଦା ପ୍ରାୟ ଦୁଇ ଦଶନ୍ଧି ଧରି ବିଶ୍ୱ ରାଜନୀତି ଓ ଯୁଦ୍ଧ କ୍ଷେତ୍ରରୁ ରିପୋର୍ଟିଂ କରିବା ସହ ନିଆରା ଉପସ୍ଥାପନା ଶୈଳୀ ଯୋଗୁ ବେଶ୍ ଜଣାଶୁଣା। ଆଫଗାନିସ୍ତାନରେ ଜନ୍ମ ହୋଇ ଅଷ୍ଟ୍ରେଲିଆରେ ବଢ଼ିଥିବା ୟଲ୍‌ଦା ବ୍ରିଟେନ୍‌ରେ କ୍ୟାରିୟର କରିବା ସହ ବିଶ୍ୱ ସ୍ତରରେ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ରଏଟର୍ସ ସହ କଥାବାର୍ତ୍ତା କରି ୟଲ୍‌ଦା ଏଆଇ–ଜେନେରେଟେଡ୍ ବିଭ୍ରାନ୍ତିକର ସୂଚନାର ବିପଦ ଏବଂ କାହିଁକି ସାମ୍ବାଦିକତା କ୍ଷେତ୍ରରେ ଏହା ବିଶ୍ୱସନୀୟତା ହରାଉଛି ତାହା ଉପରେ ମତ ରଖିଛନ୍ତି। ତାଙ୍କ ରିପୋର୍ଟିଂକୁ ବଦଳାଯାଇ ତାହାର ପ୍ରସାରଣ କରାଯିବା କିଭଳି ଅସ୍ୱସ୍ତିକର ସ୍ଥିତି ସୃଷ୍ଟି କରିଥିଲା, ସେହି ବିଷୟରେ ସେ ଦର୍ଶାଇଛନ୍ତି। ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ କାରାଗାର ଜୀବନ, ଓକିଲ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଅବନତି ଘଟିବା ଓ ଡାକ୍ତରୀ ସୁବିଧା ନ ପାଇବା ନେଇ ପରିବାରର କ୍ରୋଧ ବିଷୟରେ ତାଙ୍କ ଭଉଣୀଙ୍କ ସହ ୟଲ୍‌ଦା ଇଣ୍ଟରଭ୍ୟୁ କରିଥିଲେ। ତାହା ଭାଇରାଲ ହୋଇଥିଲା। ଏହା ପାକିସ୍ତାନୀ ଚ୍ୟାନେଲଗୁଡ଼ିକରେ ପ୍ରସାରିତ ହୋଇଥିଲା ଓ ସୋସିଆଲ ମିଡିଆରେ ଅନେକ ଲକ୍ଷ ଥର ଦେଖାଯାଇଥିଲା। କିନ୍ତୁ ତା'ପର ଦିନ ଫେକ୍ ଭିଡିଓ ଆସିଲା। ୟଲ୍‌ଦା ଭାବିଥିଲେ ଯେ, ତାହା ସେହି ସମାନ ଇଣ୍ଟରଭ୍ୟୁ। କିନ୍ତୁ ଇମ୍ରାନଙ୍କ ଭଉଣୀ ଯେତେବେଳେ ପ୍ରଯୋଜକଙ୍କ ସହ ଯୋଗାଯୋଗ କରି ଜାଣିଲେ ଯେ ତାହା ଏକ ଡିପ୍‌ଫେକ୍ ସେତେବେଳେ ୟଲ୍‌ଦା ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପ୍ରଯୁକ୍ତିର କରାମତି ସେହି ଭିଡିଓକୁ ଉନ୍ନତ ସ୍ତରକୁ ନେଇଯାଇଥିଲା। ସେ ନିଜକୁ ସେଥିରେ ଦେଖୁଥିଲେ ମଧ୍ୟ ଅସତ୍ୟ ଭିଡିଓକୁ ଠଉରାଇପାରୁ ନ ଥିଲେ। ତେବେ କେତେଟା ପ୍ରଶ୍ନ ଯାହା ସେ ପଚାରି ନ ଥିଲେ ସେଗୁଡ଼ିକ ମିଥ୍ୟା ଭିଡିଓରେ ସ୍ଥାନିତ ହେବା ସନ୍ଦେହ ସୃଷ୍ଟି କରିଥିଲା। ପାକିସ୍ତାନ ସେନା ମୁଖ୍ୟଙ୍କୁ ଇମ୍ରାନ୍‌ଙ୍କ ଭଉଣୀ ସମାଲୋଚନା କରୁଥିବା ନକଲି ଭିଡିଓରେ ଦେଖାଯାଇଥିଲା। ତାହା ପାକିସ୍ତାନ ଓ ଭାରତୀୟ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇ ପ୍ରତିକ୍ରିୟା ସୃଷ୍ଟି କରିଥିଲା।

> କୁହାଯାଇପାରେ ଯେ, ଏଆଇ–ଜେନେରେଟେଡ୍ ବିଭ୍ରାନ୍ତିକର ସୂଚନା ନିଶ୍ଚିତ ଭାବେ ସାମ୍ବାଦିକତା ବୃତ୍ତି ଏବଂ ଦର୍ଶକ, ଶ୍ରୋତା ହୁଅନ୍ତୁ ବା ପାଠିକାପାଠକଙ୍କ ଉପରେ ପ୍ରଭାବ ପକାଇବା ଆରମ୍ଭ କଲାଣି। ତେଣୁ ଗଣମାଧ୍ୟମ ସହ ଜଡ଼ିତ ବ୍ୟକ୍ତି ୟଲ୍‌ଦା ହାକିମ୍‌ଙ୍କ ସାକ୍ଷାତ୍‌କାରକୁ ଏକ ଦୃଷ୍ଟାନ୍ତ ଭାବେ ଦେଖିବା ଦରକାର।

ଏଥିରୁ ବୁଝିବାକୁ ହେବ ଯେ, 'ସିଙ୍ଗ୍ ଇଜ୍ ବିଲିଭିଂ' ବା ଦେଖିଲେ ବିଶ୍ୱାସ ହୁଏ ବୋଲି ଯେଉଁ କଥା ରହିଛି, ତାହା ଏବେ ବାସ୍ତବତା ହରାଇଲାଣି। ସାମ୍ବାଦିକତା କ୍ଷେତ୍ରରେ 'ସିଙ୍ଗ୍ ଇଜ୍ ବିଲିଭିଂ'କୁ ଗୁରୁତ୍ୱ ଦିଆଯାଇଥାଏ। ୟଲ୍‌ଦାଙ୍କ ଇଣ୍ଟରଭ୍ୟୁ ଓ ପରବର୍ତ୍ତୀ ସମୟରେ ହୋଇଥିବା ଅସତ୍ୟ ଭିଡିଓକୁ ସବୁବେଳେ କଦାପି ଠଉରାଇ ହୋଇ ନ ପାରେ। ଅତୀତରେ ଏହାର ଅନେକ ଦୃଷ୍ଟାନ୍ତ ଦେଖାଦେଇଛି। ମ୍ୟାନ୍‌ମାର ଘଟଣାର ଭିଡିଓକୁ ମଣିପୁରରେ ହୋଇଥିବାର ପ୍ରଦର୍ଶନ କରାଯାଇ ଅରାଜକତା ସୃଷ୍ଟି କରାଯାଇଥିଲା। ସେହିପରି କେତେକ ଜଣାଶୁଣା ଚଳଚ୍ଚିତ୍ର ଅଭିନେତ୍ରୀ ଅଭିନେତାଙ୍କ ଚେହେରା ଭିନ୍ନ ଦିଗରେ ବ୍ୟବହାର କରାଯିବା ପରେ ଧରାପଡ଼ିଯିବା ବିଷୟ ଲୋକଲୋଚନକୁ ଆସିଛି। ୟଲ୍‌ଦା ହାକିମ୍‌ଙ୍କ କଥା ଦେଖିଲେ ସେ ଯେଉଁ ଧାରାରେ ସାକ୍ଷାତ୍‌କାର କରିଥିଲେ, ଡିପ୍‌ଫେକ୍ ବ୍ୟବହାର କରାଯାଇ ତାହାକୁ ଭିନ୍ନ ଦିଗକୁ ନିଆଯାଇଥିଲା। ଫଳରେ ଅବାସ୍ତବ ଇଣ୍ଟରଭ୍ୟୁ ଶିରୋନାମା ପାଲଟିଗଲା। ତେଣୁ କୁହାଯାଇପାରେ ଯେ, ଏଆଇ–ଜେନେରେଟେଡ୍ ବିଭ୍ରାନ୍ତିକର ସୂଚନା ନିଶ୍ଚିତ ଭାବେ ସାମ୍ବାଦିକତା ବୃତ୍ତି ଏବଂ ଦର୍ଶକ, ଶ୍ରୋତା ହୁଅନ୍ତୁ ବା ପାଠିକାପାଠକଙ୍କ ଉପରେ ପ୍ରଭାବ ପକାଇବା ଆରମ୍ଭ କଲାଣି। ତେଣୁ ଗଣମାଧ୍ୟମ ସହ ଜଡ଼ିତ ବ୍ୟକ୍ତି ୟଲ୍‌ଦା ହାକିମ୍‌ଙ୍କ ସାକ୍ଷାତ୍‌କାରକୁ ଏକ ଦୃଷ୍ଟାନ୍ତ ଭାବେ ଦେଖିବା ଦରକାର।

# ବଫର ରାଜ୍ୟରେ ବିଦ୍ରୋହ ଧ୍ୱନି

ଡ. ସାରଦା ପ୍ରସାଦ କର

ନେପାଳର ପ୍ରଧାନମନ୍ତ୍ରୀ ବାଲେନ ଶାହଙ୍କ ଦ୍ୱାରା ଉନ୍ମୋଚିତ 'ନେପାଳ ପ୍ରଥମ, ନେପାଳୀ ପ୍ରଥମ' ବୈଦେଶିକ ନୀତି ଏବେ ଦେଶରେ ଏକ ବଡ଼ ଧରଣର କୂଟନୈତିକ ବିବାଦ ସୃଷ୍ଟି କରିଛି। ଏହି ନୀତିରେ ନେପାଳକୁ ଭାରତ ଓ ଚାଇନା ମଧ୍ୟରେ ଏକ 'ବଫର ଷ୍ଟେଟ' ବା ଏକ ମଧ୍ୟବର୍ତ୍ତୀ ଅସ୍ଥିର କ୍ଷେତ୍ର ଭାବରେ ବର୍ଣ୍ଣନା କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ଏହି ନୂତନ ଜାତୀୟ ପ୍ରତିବଦ୍ଧତା ଢାଞ୍ଚାରେ ନେପାଳ କୌଣସି ସାମରିକ ବ୍ଲକରେ ଯୋଗ ନ ଦେଇ ଉଭୟ ଶକ୍ତିଶାଳୀ ପଡ଼ୋଶୀଙ୍କଠାରୁ 'ସମଦୂରତା' ବଜାୟ ରଖିବାକୁ ଲକ୍ଷ୍ୟ ରଖିଛି। ବାସ୍ତବିକ ସାମରିକ ମେଣ୍ଟରେ ଯୋଗଦେବା ନ ଦେବା ନେପାଳର ଇଚ୍ଛାଧୀନ ପ୍ରସଙ୍ଗ। ଆଙ୍ଗ୍ଲୋ–ନେପାଳ ଯୁଦ୍ଧର ପରିଣାମ ଓ ଭୌଗୋଳିକ ଅବସ୍ଥାନ ଦୃଷ୍ଟିରୁ ସୁରକ୍ଷିତ ଥିବା ହିନ୍ଦୁବହୁଳ ରାଜ୍ୟଟି ସାମରିକ ସହଯୋଗୀ ବନେଇବା ଦ୍ୱାରା ଅଧିକ ଖର୍ଚ୍ଚର ଆବଶ୍ୟକତା ସହ ଦେଶ ଉପରେ ଚାପ ବଢ଼ିବ। ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି, କୃଷି ଅଭିବୃଦ୍ଧି, ଶିଳ୍ପ ପ୍ରଗତି ଆଉ ସାମାଜିକ ସୁରକ୍ଷା ଉପରେ ଧ୍ୟାନକେନ୍ଦ୍ରିତ କଲେ 'ନେପାଳ ପ୍ରଥମ, ନେପାଳୀ ପ୍ରଥମ' କଥାଟି ନିଜ ଅଧିବାସୀଙ୍କ ପାଖରେ ଗ୍ରହଣୀୟ ହେବ। ଭାରତ ଓ ଚାଇନା ଭୂଖଣ୍ଡରେ ବୁଲିବୁଲି ରୁଦ୍ରାକ୍ଷ, ଶୀଳାଜିତ, ଉଷ୍ମ ପୋଷାକ ବିକୁଥିବା ନେପାଳୀ ଯୁବକର ପେଟକଥା ଯଦି ଦେଶରେ ସମାହିତ ହୋଇପାରୁଛି ତେବେ ବାଲେନ ଶାହ ଦେଶକୁ ଦେଇଥିବା ପ୍ରତିଶ୍ରୁତିର ଭଗୀରଥ ସାଜିବେ।

ନେପାଳ ସରକାର ଭାରତରୁ ଯାଉଥିବା ୧୦୦ ଟଙ୍କାରୁ ଅଧିକ ମୂଲ୍ୟର ସାମଗ୍ରୀ ଉପରେ ଅନିବାର୍ଯ୍ୟ ଶୁଳ୍କ ଲାଗୁ କରିଛନ୍ତି। ସୀମାବର୍ତ୍ତୀ ଅଞ୍ଚଳର ଲୋକଙ୍କ କହିବା କଥା ହେଉଛି ଏହା ଫଳରେ ସେମାନଙ୍କ ଦୈନନ୍ଦିନ ଜୀବନ ପ୍ରଭାବିତ ହେଉଛି। କାରଣ ସେମାନେ ଦୀର୍ଘବର୍ଷ ଧରି ସୀମା ସେପଟୁ ସାମଗ୍ରୀ କିଣାବିକା ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଛନ୍ତି। ଏହା ଭିତରେ ବାଲେନ ସରକାରଙ୍କ ବିରୋଧରେ କଷ୍ଟମ ନୀତି ସଂଶୋଧନ କରିବାକୁ ପ୍ରତିବାଦ ହୋଇଛି। ଦ୍ୱିତୀୟ ବିବାଦ ରହିଛି ଛାତ୍ର ସଂଗଠନକୁ ନେଇ। ଛାତ୍ରନେତାଙ୍କ କହିବା କଥା ସରକାର ଆଲୋଚନା କରିବା ବଦଳରେ ଏକତରଫା ନିଷ୍ପତ୍ତି ନେଉଛନ୍ତି। ଯାହାକୁ ନେଇ ଅନେକ ହଜାର ଛାତ୍ର ରାସ୍ତାରେ ଆନ୍ଦୋଳନ ଜାରି ରଖିଛନ୍ତି। ସେପଟେ ଗୃହମନ୍ତ୍ରୀ ସୁଦନ ଗୁରଙ୍ଗଙ୍କ ନାମରେ ଆୟଠାରୁ ଅଧିକ ସମ୍ପତ୍ତି ରହିବା ଦାବିରେ ମନ୍ତ୍ରୀ ଇସ୍ତଫା ଦେଇଛନ୍ତି।

ଚାଇନା ସହ ବାଣିଜ୍ୟିକ ଅଭାବୀ ପ୍ରାୟ ୧୫ ପ୍ରତିଶତ, ୩୪୦ ବିଲିଅନ ଡଲାରର ଅଭାବୀ ବାଣିଜ୍ୟରୁ ଉଠିବାକୁ ହେଲେ ନେପାଳକୁ ନିଜର ବୈଦ୍ୟୁତିକ ଯନ୍ତ୍ରାଂଶ ଓ କଳକବ୍‌ଜା ଉତ୍ପାଦ ବଢ଼ାଇବାକୁ ପଡ଼ିବ। ନଚେତ୍ ଚାଇନାକୁ ଆବଶ୍ୟକ କଞ୍ଚାମାଲ ଦେବାକୁ ପଡ଼ିବ। ସେପର୍ଯ୍ୟନ୍ତ ବାଲେନ ଶାହଙ୍କୁ ପରିଶ୍ରମ କରିବାକୁ ହେବ। ଭାରତ ସହ ନେପାଳର ସାଂସ୍କୃତିକ ପର୍ଯ୍ୟଟନ ସହଯୋଗ ରହିଛି। ହିନ୍ଦୁ ବହୁଳ ରାଷ୍ଟ୍ର ଭାବରେ ଭାରତୀୟ ପର୍ଯ୍ୟଟକଙ୍କ ପ୍ରଥମ ଆକର୍ଷଣ ନେପାଳ। ୨୦୨୫ରେ ପାଖାପାଖି ୧୫ ଲକ୍ଷ ଭାରତୀୟ ପର୍ଯ୍ୟଟକଙ୍କ ଅବଦାନ ସମୁଦାୟ ପର୍ଯ୍ୟଟକଙ୍କ ୩୫.୨ ପ୍ରତିଶତ, ଯାହା ୬ ପ୍ରତିଶତ ଜିଡିପିକୁ ଯୋଗଦାନ। ଭାରତ କେବେ ନେପାଳକୁ 'ବଫର ଷ୍ଟେଟ' ଭାବେ ନାହିଁ। ପେଟ୍ରୋଲିୟମ ଉତ୍ପାଦ, ବାସମତି ଚାଉଳ, ଷ୍ଟିଲ୍, ଖାଇବା ତେଲ ଆଦି ପାଇଁ ନେପାଳର ପ୍ରଥମ ପସନ୍ଦ ଭାରତ। ଭାରତୀୟ ବାଣିଜ୍ୟ ବିନିମୟରେ ନେପାଳୀ ଯୋଗଦାନ ୫:୧ ଭାଗ। ନେପାଳ– ଭାରତ ବାଣିଜ୍ୟିକ ଅସମାନତା ଆଳ 'ଆମେରିକା ଫାଷ୍ଟ' ଭଳି କଥା ନୁହେଁ। ଭାରତୀୟ ମାନବ ସମ୍ବଳ ନେପାଳ ପରି ଅଣବିକଶିତ ଦେଶ ଉପରେ ନିର୍ଭରଶୀଳ ନୁହେଁ।



ନେପାଳର ପୂର୍ବତନ ବୈଦେଶିକ ମନ୍ତ୍ରୀ ଓ ବିଶେଷଜ୍ଞମାନେ ବାଲେନଙ୍କ ଉକ୍ତିକୁ ଉପନିବେଶବାଦୀ ମାନସିକତା ଏବଂ ନେପାଳର ସାର୍ବଭୌମତ୍ୱକୁ ଦୁର୍ବଳ କରିବା ଭଳି ଏକ ପଦକ୍ଷେପ କହି ସମାଲୋଚନା କରିଛନ୍ତି। ବିଶେଷକରି ରାଜା ବୀରେନ୍ଦ୍ରଙ୍କ ଭଳି ପୂର୍ବତନ ଶାସକମାନେ ନେପାଳକୁ ଏକ 'ସେତୁ' ଭାବରେ ଚିତ୍ରଣ କରିବାକୁ ଚାହୁଁଥିବା ବେଳେ ବାଲେନ ଶାହଙ୍କ ଏହି 'ବଫର ରାଜ୍ୟ' ଶବ୍ଦ ପ୍ରୟୋଗ ନେପାଳର ଅନ୍ତର୍ଜାତୀୟ ମର୍ଯ୍ୟାଦା ହ୍ରାସ କରୁଥିବା ଅଭିଯୋଗ ହୋଇଛି। ଭାରତ–ନେପାଳ ଦ୍ୱିପାକ୍ଷିକ ଚୁକ୍ତି 'ଟ୍ରିଟି ଅଫ୍ ପିସ୍ ଆଣ୍ଡ ଫ୍ରେଣ୍ଡଶିପ୍–୧୯୫୦'କୁ 'ରୋଟି ବେଟି କି ରିସ୍ତା' କୁହାଯିବାର କାରଣ ଥିଲା ଶାନ୍ତି–ମୈତ୍ରୀ ସ୍ଥାପନା ସହ ବ୍ୟକ୍ତି ସ୍ତରରେ ବୌଦ୍ଧ ଓ ହିନ୍ଦୁ ସାଂସ୍କୃତିକ ମିଳନସ୍ଥଳୀ ତିଆରି କରିବା। ପ୍ରଧାନମନ୍ତ୍ରୀ କୃଷ୍ଣ ପ୍ରସାଦ ଓଲି ଯେଉଁଥିରେ ବିଷମଞ୍ଜି ବୁଣିବା ଆରମ୍ଭ କରିଥିଲେ, ଦେଶର ଅର୍ଥନୀତିକୁ ବିଗାଡି ଏବେ ଜେଲରେ। ନେପାଳକୁ ପ୍ରତିରକ୍ଷା ସରଞ୍ଜାମ, ସାଞ୍ଜୁଆ ଯାନ ଓ ଯୁଦ୍ଧ କୌଶଳ 'ସୂର୍ଯ୍ୟ କିରନ–୨୦୨୫' ଆଦି ସହଯୋଗରୁ ଭାରତ ସମ୍ପର୍କ ବୃଦ୍ଧି କରିବା ଚେଷ୍ଟା କରିଆସିଛି। ପ୍ରତିବଦଳରେ ନେପାଳ ଚାଇନା ସମ୍ପର୍କ ଆଡକୁ ଅଧିକ କେନ୍ଦ୍ରୀଭୂତ ହୋଇଛି।

ଗୋଟିଏ ପଟରେ ଚାଇନା ଋଣ ଜାଲରୁ ବାହାରିବା ନେପାଳ ପାଇଁ କଷ୍ଟସାଧ୍ୟ । ସରକାରୀ ବିମାନ ଚଳାଚଳ ସଂସ୍ଥା ଋଣ ଭାରରେ ଉବୁଟୁବୁ। ତାକୁ ଶୁଝିବାର ବାଟ କରିବା ପରିବର୍ତ୍ତେ ନେପାଳ 'ବଫର ରାଜ୍ୟ' କହି ନିଜକୁ ନିଜେ ଅସମ୍ମାନ କରିବାର କିଛି କାରଣ ନାହିଁ। ନେପାଳର ପୂର୍ବତନ ବୈଦେଶିକ ମନ୍ତ୍ରୀ ପ୍ରଦୀପ ଗ୍ୟାୱାଲିଙ୍କ କହିବା କଥା, ନେପାଳ ନିଜକୁ କେବେ ବି ଏକ ମଧ୍ୟବର୍ତ୍ତୀ ଅସ୍ଥିର କ୍ଷେତ୍ର ବା ବଫର ରାଜ୍ୟ ଭାବେ ଗ୍ରହଣ କରିନାହିଁ କିମ୍ବା ଭାବିବା ଉଚିତ ନୁହେଁ। କାଲାପାନୀ–ଲିମ୍ପିଆଧୁରା–ଲିପୁଲେଖ ସଂଯୋଗିତ ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଭାରତର ବାଣିଜ୍ୟିକ ଗତିବିଧିକୁ ନେପାଳ ବିରୋଧ କରେ। ବିରୋଧାଭାଷ ବଢ଼ିବାରୁ ଭାରତର ଜଳବିଦ୍ୟୁତ୍ ଯୋଜନା ପ୍ରସ୍ତାବ ଆଗକୁ ବଢ଼ିପାରୁନି। ଚାଇନାର ପ୍ରସ୍ତାବ ଭାରତ–ଚାଇନା–ନେପାଳ ତ୍ରିପାକ୍ଷିକ ସହଯୋଗ ଚୁକ୍ତି କାଗଜରେ ସୀମିତ, ନେପାଳର ସନ୍ଦେହ ଯୋଗୁ ଆଗକୁ ବଢ଼ିପାରୁନି। ଚାଇନା–ନେପାଳ ଅର୍ଥନୈତିକ କରିଡର ଟିକେ ଅଧିକ କ୍ରିୟାଶୀଳ ହୋଇଛି। ବାଣିଜ୍ୟିକ ଅଭିବୃଦ୍ଧି ଚାଇନାକୁ ଲାଭ ହୋଇଛି।

ବଫର ରାଜ୍ୟ ତାକୁ କୁହାଯାଏ, ଯିଏ ଭୌଗୋଳିକ ଭାବରେ ଦୁଇ ସମୃଦ୍ଧ ରାଜ୍ୟର ମଧ୍ୟଭାଗରେ ଥାଏ। ଯେମିତି ପୋଲାଣ୍ଡ ଦେଶଟି ରୁଷିଆ ଆଉ ଫ୍ରାନ୍ସ ମଝିରେ। ଗୋଟିଏ ଦେଶ ଆଉ ଗୋଟିଏ ଦେଶ ଉପରେ ଆକ୍ରମଣ କଲେ ପ୍ରଥମେ ମଝି ଦେଶଟିକୁ ଅକ୍ତିଆର କରିବ। ହେଲେ ନେପାଳର ପର୍ବତଘେରା ଅଞ୍ଚଳ ଭାରତ କିମ୍ବା ଚାଇନା କାହା ପାଇଁ ଏତେ ସହଜ ନୁହେଁ ଅନୁପ୍ରବେଶ କରିବା। ସେ ଦୃଷ୍ଟିରୁ ନେପାଳ ନିଜକୁ ବଫର ଷ୍ଟେଟ କହିବା ନିଜ ଲୋକଙ୍କ ପାଖରେ ଶୃଙ୍ଖଳା ଦେଶଭକ୍ତି ବାଣ୍ଟିବା। ନେପାଳ, ନେପାଳୀ ପ୍ରଥମ କଥାଟି ବାଲେନଙ୍କ ଟ୍ରମ୍ପ ମସ୍ତିଷ୍କ କଥା। 'ଆମେରିକା ଫାଷ୍ଟ' ନାରା ଦେଇ ୨୦୨୪ରେ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଟ୍ରମ୍ପ୍ ଏବେ ଲୋକଙ୍କ ଆଗରେ ମୁଣ୍ଡ ନୁଆଁଇ ଠିଆ ହେଉଛନ୍ତି। ଅସହିଷ୍ଣୁତାରେ ଦେଶର ପ୍ରଗତି ଦେଖିବା ବୃଥା।

ଜର୍ମାନୀ ଆଉ ରୁଷିଆ ମଝିରେ ପୋଲାଣ୍ଡ, ରୁଷିଆ ଆଉ ଚାଇନା ମଝିରେ ମଙ୍ଗୋଲିଆ, ସିରିଆ ଆଉ ଇସ୍ରାଏଲ ମଝିରେ ଲେବାନନ ପୁଣି ଏକଦା ବ୍ରିଟିଶ ସାମ୍ରାଜ୍ୟ ଆଉ ରୁଷିଆ ମଝିରେ ଆଫଗାନିସ୍ତାନକୁ ବଫର ରାଜ୍ୟ କୁହାଯାଏ। ପ୍ରତିଦ୍ୱନ୍ଦ୍ୱୀ ଦେଶ ମଝିରେ ଶାନ୍ତିଦୂତ ଭଳି ଆଉ ଗୋଟିଏ ଦେଶ ଛିଡ଼ା ହୋଇଥାଏ। କିନ୍ତୁ ଚାଇନା ଆଉ ଭାରତ ଭିତରେ ନେପାଳ ଶାନ୍ତିଦୂତ ହେବା ସମ୍ଭବ ନୁହେଁ। ପର୍ବତମାଳା ମଧ୍ୟରେ ନିଜେ ସୁରକ୍ଷିତ, ଈଶ୍ୱରଙ୍କ କୃପା। ଏକଥା ନେପାଳର ଆଧୁନିକ ନିର୍ମାତା ଜାଣିବା ଉଚିତ। ବେଜିଂ ପୂର୍ବରୁ ତ୍ରିପାକ୍ଷିକ ସହଯୋଗର ପ୍ରସ୍ତାବ ଦେଇଥିଲେ ମଧ୍ୟ ଭାରତ ଏଥିରେ ବିଶେଷ ଆଗ୍ରହ ଦେଖାଇ ନ ଥିଲା। ଏଭଳି ସ୍ଥିତିରେ ବାଲେନ ସରକାରଙ୍କ ଏହି ନୂତନ କୂଟନୈତିକ ଆଭିମୁଖ୍ୟ ପଡ଼ୋଶୀ ରାଷ୍ଟ୍ରଙ୍କ ସହ ଥିବା ସମ୍ପର୍କକୁ ଆଗାମୀ ଦିନରେ ଆହୁରି ଜଟିଳ କରିପାରେ ବୋଲି ଆଶଙ୍କା କରାଯାଉଛି।

ମୋ : ୮୨୪୯୮୨୭୧୪୮

# ଓଡ଼ିଶାର ପ୍ରଥମ ରାଜନୈତିକ ପୁରୁଷ ମଧୁବାବୁ

ସୀତାଂଶୁ ମୋହନ ଦ୍ୱିବେଦୀ

ଉତ୍କଳଗୌରବ ମଧୁସୂଦନ ଦାସ ହେଉଛନ୍ତି ଓଡ଼ିଶାର ସର୍ବପ୍ରଥମ ଓଡ଼ିଆ ରାଜନୈତିକ ପୁରୁଷ। ତାଙ୍କଠାରୁ ପ୍ରଥମେ ଓଡ଼ିଆଙ୍କୁ ମିଳିଥିଲା ରାଜନୀତି କ୍ଷେତ୍ରରେ ପ୍ରବେଶ କରିବାରେ ମୁକ୍ତ ଅଧିକାର। ମଧୁବାବୁ ୧୯୦୩ରେ ଜାତୀୟ କଂଗ୍ରେସରୁ ଅଲଗା ହୋଇ 'ଉତ୍କଳ ସମ୍ମିଳନୀ' ଗଠନକରି ଏକ ନୂତନ ଓଡ଼ିଶା ରାଜ୍ୟ ଗଠନ ନିମନ୍ତେ ଚେଷ୍ଟା କରିଥିଲେ। ସେତେବେଳେ ଉତ୍କଳର ସ୍ୱତନ୍ତ୍ର ସ୍ଥିତି ନ ଥିଲା। ଏହା ବଙ୍ଗ, ବିହାର, ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜ ସହ ମିଶିକରି ରହିଥିଲା। ତେଣୁ ଏସବୁ ଅଞ୍ଚଳକୁ ମିଶାଇ ଏକ ଶାସନାଧୀନ କରିବା ପାଇଁ ଉତ୍କଳରେ ଯେଉଁ ଆନ୍ଦୋଳନ ହୋଇଆସୁଥିଲା, ତାହା 'ଓଡ଼ିଆ ଆନ୍ଦୋଳନ'ନାମରେ ପରିଚିତ। ଓଡ଼ିଆ ଜାତିର ସାମଗ୍ରିକ ବିକାଶ ଏହି ଆନ୍ଦୋଳନ ସହ ସଂଶ୍ଳିଷ୍ଟ ଥିଲା। ମଧୁବାବୁଙ୍କ ପ୍ରଚେଷ୍ଟା ଫଳରେ ୧୯୦୩ରେ ସମ୍ବଲପୁରର ଉତ୍କଳ ସହ ମିଶ୍ରଣ ହୋଇଥିଲା। ଉତ୍କଳ ସମ୍ମିଳନୀ ଓ ଓଡ଼ିଆ ପତ୍ରିକା ମାଧ୍ୟମରେ ଉତ୍କଳର ମାନ ଫେରାଇ ଆଣିବା ପାଇଁ ସେ ଆନ୍ଦୋଳନ ଚଳାଇ ଆସିଥିଲେ। ସେ ସାଇମନ କମିଶନ, ଓଡନେଲ କମିଟି ଓ ହବାକ୍ କମିଟି ଆଗରେ ସାକ୍ଷ୍ୟ ଦେଇଥିଲେ। ଏହିପରି ଭାବରେ ଓଡ଼ିଆ ଆନ୍ଦୋଳନକୁ ସେ ଉଜ୍ଜୀବିତ କରି ରଖୁଥିଲେ। ବଙ୍ଗାଳିଙ୍କର ଖଣ୍ଡ ବିଖଣ୍ଡିତ ଓଡ଼ିଆ ଭାଷାଭାଷୀ ଅଞ୍ଚଳରୁ ଓଡ଼ିଆ ଭାଷା ଲୋପକରିବାର ଉଦ୍ୟମକୁ ପଣ୍ଡକରିବା ପାଇଁ 'ଉତ୍କଳ ଦୀପିକା' ପ୍ରକାଶ ପାଇବା ପରେ ଇଂରେଜ ସରକାରଙ୍କ ହୀନ ଉଦ୍ୟମ ପଣ୍ଡ ହୋଇଥିଲା। ୧୯୨୭ରେ ସାଇମନ କମିଶନ ଆଗରେ ମଧୁବାବୁ ତାଙ୍କର ଅନ୍ୟ ସହଯୋଗୀ ବନ୍ଧୁମାନଙ୍କ ସହ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଯଥାର୍ଥତା ଜଣାଇଥିଲେ। ଓଡନେଲ କମିଟି ସୁପାରିସ ଅନୁଯାୟୀ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇପାରିଲା। ୧୯୩୬ ଏପ୍ରିଲ ପହିଲାରେ ମଧୁବାବୁଙ୍କର ସ୍ୱପ୍ନର ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ହାସଲକଲା। କିନ୍ତୁ ଏହା ପୂର୍ବରୁ ମଧୁବାବୁ ମୃତ୍ୟୁବରଣ କରିଥିଲେ।

ମଧୁସୂଦନ ଜଣେ ରାଜନୀତିଜ୍ଞ, ଓକିଲ, ବାଗ୍ମୀ ଓ ସଂଗଠକ ଥିଲେ। ମଧୁବାବୁଙ୍କ ସମ୍ପାଦନରେ 'ଓଡ଼ିଆ' ନାମକ ଏକ ଇଂରାଜୀ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା। ଏହା ଥିଲା ସେତେବେଳେ ଓଡ଼ିଶାର ଜନଜୀବନ, ସାମାଜିକ ଓ ରାଜନୈତିକ ଇତିହାସର ମୁଖପାତ୍ର। ବିଶେଷତଃ ସ୍ତ୍ରୀଲୋକଙ୍କୁ କୋର୍ଟ କଚେରିରେ ସାହାଯ୍ୟ କରିବା ନିମନ୍ତେ ଶୈଳବାଳାଙ୍କ ସାନଭଉଣୀ ସୁଧାଂଶୁବାଳାଙ୍କୁ ମଧୁବାବୁ 'ଲ' ପଢ଼ାଇଥିଲେ ଓକିଲ କରିବାକୁ। କିନ୍ତୁ 'Legal Practioner's Act' ରେ ମହିଳାମାନେ ଓକିଲ ହେବାର ଆଇନ ନ ଥିବାରୁ ସୁଧାଂଶୁବାଳାଙ୍କୁ ଓକିଲ ଲାଇସେନ୍ସ ପାଇଁ ଦରଖାସ୍ତକୁ ନାକଚ କରିଦିଆଗଲା। ମଧୁବାବୁ ସେଥିପାଇଁ ମକଦ୍ଦମା କରି ପ୍ରିଭି କାଉନସିଲ୍ ପର୍ଯ୍ୟନ୍ତ



ମକଦ୍ଦମା ଲଢ଼ିଥିଲେ। ଡିଗ୍ରୀ ହାସଲକରି 'ଭାରତରେ ମହିଳାମାନେ ଓକିଲ ହୋଇପାରିବେ'ବୋଲି ଭାରତ ସରକାରଙ୍କ ଦ୍ୱାରା ଆଇନ ପ୍ରଣୟନ କରାଇଥିଲେ।

ମଧୁବାବୁ ଜଣେ ବିଚକ୍ଷଣ ଆଇନ ବିଶାରଦ ଥିଲେ। ସେ ମନ୍ତ୍ରୀ ଥିଲାବେଳେ 'Local Self Government Act' (ମ୍ୟୁନିସିପାଲିଟି ଆକ୍ଟ) ପ୍ରଣୟନ କରିଥିଲେ। ସେହି ଆକ୍ଟ ଏଯାବତ ବଳବତ୍ତର ରହିଛି, ଯାହା ପ୍ରମାଣ କରେ ସେ ଜଣେ ଉଚ୍ଚକୋଟୀର ରାଷ୍ଟ୍ର ନେତା ଥିଲେ। ସେ ହେଉଛନ୍ତି ସ୍ୱଦେଶୀ ଶିଳ୍ପ ଆନ୍ଦୋଳନର ପ୍ରଥମ ପ୍ରବର୍ତ୍ତକ। ସେ ଉପଲବ୍ଧି କରିଥିଲେ, ଶିଳ୍ପ ବିକାଶ ବିନା କୃଷି ଉପରେ କେବଳ ନିର୍ଭରକରି ଦେଶର ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବପର ନୁହେଁ। ତେଣୁ ସେ ତାରକସି ଶିଳ୍ପର ବିକାଶ ପ୍ରତି ଦୃଷ୍ଟି ଦେଇଥିଲେ। ମଧୁବାବୁ ଓଡ଼ିଶାର ଚମଡ଼ା କାରିଗରଙ୍କ ଉନ୍ନତି ପାଇଁ କଟକରେ 'ଉତ୍କଳ ଟ୍ୟାନେରି' ଚମଡ଼ା କାରଖାନା ଗଢ଼ିଥିଲେ। ସେଠାରେ ଯେଉଁ ଜୋତା ତିଆରି ହେଉଥିଲା ତାହାର ଉଚ୍ଚମାନ ଯେପରି ରକ୍ଷା କରାଯାଏ ସେଥିପ୍ରତି ସେ ସଚେତନ ଥିଲେ। ସେ ମନେକରୁଥିଲେ, ଯଦି ଓଡ଼ିଶା ନିର୍ମିତ ଜୋତା ତା'ର ଉଚ୍ଚମାନ ରକ୍ଷାକରି ନ ପାରେ ତା'ହେଲେ ତାହା ଓଡ଼ିଆ ଜାତି ପ୍ରତି ଲଜ୍ଜାକର ହେବ।

୧୯୨୪ରୁ ମଧୁବାବୁଙ୍କ ସ୍ୱଦେଶୀ ଶିଳ୍ପ ଆନ୍ଦୋଳନ ହରିଜନ ସଂସ୍ଥାପନ ଗ୍ରାମ୍ୟ ଉନ୍ନୟନର ପରିକଳ୍ପନା, ମୌଳିକ ଶିକ୍ଷାର ପ୍ରବର୍ତ୍ତନ ପାଇଁ ଜନଜାଗରଣ ଅନେକାଂଶରେ ମହାତ୍ମାଗାନ୍ଧୀଙ୍କ ଚିନ୍ତାଧାରାକୁ ଆଲୋଡ଼ିତ କରିଥିଲା। ହରିଜନଙ୍କ ପ୍ରତି ମଧୁବାବୁ ଯେଉଁ ଚିନ୍ତାଧାରା ପୋଷଣ କରିଥିଲେ, ତାହା ଦେଖି ମହାତ୍ମାଗାନ୍ଧୀ କହୁଥିଲେ, ସମାଜର ଏକ ଅଂଶ ପ୍ରତି ଆମେ ଯେଉଁ ଅପରାଧ କରିଚାଲିଛେ, ମଧୁସୂଦନ ଦାସ ସେସମ୍ପର୍କରେ ମୋ ଆଖି ଖୋଲିଦେଇଥିଲେ।

ଓଡ଼ିଶାବାସୀଙ୍କ ପାଇଁ ଆଇନଜୀବୀ ଭାବରେ ମଧୁସୂଦନ ଦାସଙ୍କ ଅବଦାନ ହେଲା ବ୍ରିଟିଶ ସରକାରଙ୍କ ଚକ୍ରାନ୍ତମୂଳକ ଆକ୍ରମଣରୁ ଶ୍ରୀଜଗନ୍ନାଥ ମନ୍ଦିରକୁ ସୁରକ୍ଷା ପ୍ରଦାନ ସହ ଗଜପତି ପରମ୍ପରାକୁ ସ୍ୱୀକୃତି ପ୍ରଦାନର ବ୍ୟବସ୍ଥା ଗ୍ରହଣ। ମଧୁବାବୁଙ୍କ ଜୀବନ ଇତିହାସରୁ ଜଣାପଡ଼େ, ଜଣେ ଆଇନଜୀବୀର ଭୂମିକା କେବଳ କୋର୍ଟ କଚେରି ପରିସରରେ ସୀମାବଦ୍ଧ ନୁହେଁ, ବରଂ ଜଣେ ଆଇନଜୀବୀଙ୍କ କର୍ତ୍ତବ୍ୟ ଓ ଉତ୍ତରଦାୟିତ୍ୱ ସମାଜ ତଥା ଦେଶର ଉନ୍ନତି ଓ ଅଗ୍ରଗତି ପାଇଁ ପରିବ୍ୟାପ୍ତ। ମଧୁବାବୁ ଏକାଧାରରେ ପ୍ରଥମ ଓଡ଼ିଆ ଗ୍ରାଜୁଏଟ, ପ୍ରଥମ ଓଡ଼ିଆ ଏମ୍.ଏ.। ସେ ଥିଲେ ପ୍ରଥମ ବିଲାତଯାତ୍ରୀ, ପ୍ରଥମ ଓଡ଼ିଆ ଓକିଲ, ପ୍ରଥମ ଓଡ଼ିଆ ମନ୍ତ୍ରୀ ଏବଂ ମନ୍ତ୍ରୀପଦ ଅବୈତନିକ ଦାବିକରି ଇସ୍ତଫା ଦେବାରେ ଭାରତର ପ୍ରଥମ ମନ୍ତ୍ରୀ। ଛୋଟଲାଟ୍ ଏବଂ ବଡ଼ଲାଟ୍ ସଭାରେ ମଧୁବାବୁ ଥିଲେ ପ୍ରଥମ ଓଡ଼ିଆ ସଦସ୍ୟ। ଜଣେ ଆଇନଜୀବୀ, ଆଇନଜ୍ଞ ତଥା ଦେଶବତ୍ସଳ ନେତା ରୂପେ ମଧୁସୂଦନ ଦାସଙ୍କର ଭୂମିକା ପ୍ରେରଣାଦାୟକ। ତେବେ ମଧୁସୂଦନଙ୍କର ଓଡ଼ିଶା ପ୍ରତି ଅତୁଳନୀୟ ଅବଦାନ ଥିଲେ ମଧ୍ୟ ରାଷ୍ଟ୍ର ମର୍ଯ୍ୟାଦା ପାଇବାରୁ ସେ ବଞ୍ଚିତ ହୋଇଛନ୍ତି। ସେଥିପାଇଁ ପ୍ରତ୍ୟେକ ଓଡ଼ିଆ ମଧୁବାବୁଙ୍କ ଜନ୍ମଦିବସକୁ ଓକିଲ ଦିବସରେ ସୀମିତ ନ ରଖି ରାଷ୍ଟ୍ର ଦିବସ ରୂପେ ପାଳନକଲେ ତାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ।

ଆଇନଜୀବୀ ତଥା
ଅଧ୍ୟକ୍ଷ, ରାଜ୍ୟ ଆଇନଜୀବୀ, ପରିଷଦ
ମୋ:୯୯୩୭୦୮୦୦୦୧

## ଏଇ ଭାରତରେ

ପିଲାମାନେ ଦେଶର ଭବିଷ୍ୟତ, ସେମାନଙ୍କ ଶିକ୍ଷା ଉପରେ ଦେଶର ବିକାଶ ସମ୍ଭବ । ଏହି ଗୁରୁତ୍ୱପୂର୍ଣ୍ଣ ଦିଗକୁ ଭଲ ଭାବେ ହୃଦୟଙ୍ଗମ କରିଛନ୍ତି ଆସାମର ଉତ୍ତମ ଟେରୋନ। ତାଙ୍କର ବୟସ ଏବେ ୪୭। ସେ ପାରିଜାତ ଏକାଡେମୀ ପ୍ରତିଷ୍ଠା କରି ୨୦ ଗାଁର ପିଲାଙ୍କୁ ମାଗଣାରେ ଶିକ୍ଷା ଦେଉଛନ୍ତି। ଉତ୍ତମ ବିଏସ୍‌ସି ପାସ୍ କରିଛନ୍ତି। ତାଙ୍କୁ ୨୧ ବର୍ଷ ବୟସ ହୋଇଥିବାବେଳେ ସେ ଲକ୍ଷ୍ୟ କରିଥିଲେ ତାଙ୍କ ଗାଁ ଓ ଆଖପାଖ ଗାଁର ପିଲାମାନେ ସ୍କୁଲକୁ ନ ଯାଇ ବାହାରେ ବୁଲୁଛନ୍ତି ଏବଂ ସେହି ପିଲାଙ୍କୁ ନିଜେ ପଢ଼ାଇବା ଲାଗି ସେତେବେଳେ ନିଷ୍ପତ୍ତି ନେଇଥିଲେ। ଉତ୍ତମ ପ୍ରଥମେ ତାଙ୍କ ଗୁହାଳକୁ ସ୍କୁଲରେ ପରିଣତ କରି ମାଗଣାରେ ପଢ଼ାଇବା ଆରମ୍ଭ କରିଥିଲେ। ଧୀରେ ଧୀରେ ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇବା ପରେ ସେ ୨୦୦୩ରେ ପାରିଜାତ ଏକାଡେମୀ ପ୍ରତିଷ୍ଠା କରିଥିଲେ, ଯାହା ଏଯାବତ ସଫଳତାର ସହ ଚାଲିଛି। ଏଥିପାଇଁ ଉତ୍ତମ ପ୍ରଥମେ ୮୦୦ ଟଙ୍କା ଖର୍ଚ୍ଚ କରିଥିଲେ। ଏହି ଏକାଡେମୀ ଆସାମ ଷ୍ଟେଟ୍ ବୋର୍ଡ ଦ୍ୱାରା ପଞ୍ଜୀକୃତ ହୋଇଛି। ଏବେ ଏହି ଏକାଡେମୀରେ ୨୦ ଜଣ ପ୍ରଶିକ୍ଷଣପ୍ରାପ୍ତ ଶିକ୍ଷକ ଅଛନ୍ତି ଏବଂ ୪୦୦ ପିଲା ନର୍ସରିଠାରୁ ଦଶମ ଯାଏ ପଢୁଛନ୍ତି। ପିଲାଙ୍କୁ ଆସାମିଜ୍, ହିନ୍ଦୀ, ଇଂଲିଶ, ସାମାଜିକ ବିଜ୍ଞାନ ଏବଂ ଗଣିତ ପଢ଼ାଯାଉଛି। ସେମାନଙ୍କୁ କମ୍ପ୍ୟୁଟର ଲର୍ନିଂ, ହସ୍ତତନ୍ତ, ଖେଳ ଏବଂ ନୃତ୍ୟ ଶିକ୍ଷା ଦିଆଯାଉଛି। ଯେଉଁପିଲା ଦୁର୍ଗମ ଅଞ୍ଚଳରୁ ଆସିଛନ୍ତି ସେମାନଙ୍କ ପାଇଁ ହଷ୍ଟେଲରେ ରହିବାର ବ୍ୟବସ୍ଥା କରାଯାଇଛି। ବ୍ୟକ୍ତିବିଶେଷ ଓ ବିଭିନ୍ନ ସଂସ୍ଥାରୁ ଦାନ ସୂତ୍ରରେ ମିଳୁଥିବା ଅର୍ଥରେ ଉତ୍ତମ ଏହି ସ୍କୁଲ ଚଳାଇଛନ୍ତି।

## ଚିରନ୍ତନୀ

ଧୀରେ ଧରା ଲଭଇ ଚେତନା
ବହେ କାହୁଁ ମନ୍ଦ ମଳୟ
ଜୀବନର ଗଉରବ ଗୀତ
ହରିଥିଲା କାଲି ଜଡ଼ ଶୀତ
ଆଜି ଆଣେ ପରାଣେ ପ୍ରଳୟ
ପଉଷର ମନ୍ଦ ମଳୟ !
–(ପୌଷ–ମଳୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | | | | | 4 |
| | | 7 | | | 2 | | | |
| 2 | | | | 1 | | | | |
| | | | | | | 9 | | 6 |
| 6 | | | | 7 | 9 | | 1 | |
| | | 1 | 4 | | | | 3 | 8 |
| 4 | | | 8 | | | | 6 | |
| 7 | | | | | | | 5 | 3 |
| | | | 2 | 4 | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 3 | 2 | 8 | 4 | 5 | 6 | 1 |
| 2 | 8 | 1 | 6 | 5 | 7 | 4 | 9 | 3 |
| 4 | 5 | 6 | 1 | 9 | 3 | 8 | 2 | 7 |
| 8 | 3 | 7 | 4 | 2 | 6 | 9 | 1 | 5 |
| 5 | 2 | 4 | 9 | 7 | 1 | 3 | 8 | 6 |
| 6 | 1 | 9 | 8 | 3 | 5 | 7 | 4 | 2 |
| 1 | 6 | 5 | 7 | 4 | 9 | 2 | 3 | 8 |
| 3 | 9 | 2 | 5 | 1 | 8 | 6 | 7 | 4 |
| 7 | 4 | 8 | 3 | 6 | 2 | 1 | 5 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶବ୍ଦ ଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଉ

ମହାଶୟ,

ଆଜିକାଲି ମାତୃଭୂମି, ମାତୃଭାଷା ଓ ଓଡ଼ିଆ ଅସ୍ମିତା ନେଇ ବିଭିନ୍ନ ସ୍ତରରେ ଆଲୋଚନା ହେଉଛି। ବିଶେଷକରି ସଭାସମିତି, ରାଜନୈତିକ ଉଦ୍‌ଘାଟନ ଓ ଉନ୍ମୋଚନ ଉତ୍ସବରେ ଏହାର ପ୍ରଚାର ପ୍ରସାର ବେଶି ଚାଲିଛି। ପରିତାପର ବିଷୟ, ଆମ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଶବ୍ଦ ଜ୍ଞାନ ଉପରେ ଆଦୌ ଗୁରୁତ୍ୱ ଦିଆଯାଉ ନାହିଁ। ତେଣୁ ବର୍ଣ୍ଣ ଅଶୁଦ୍ଧି ବହୁମାତ୍ରାରେ ଦୃଷ୍ଟିଗୋଚର ହେଉଛି। ପୁନଶ୍ଚ ଆଗଧାଡ଼ିର ସମ୍ବାଦପତ୍ରରେ ଉଦୁଉଦିଆ ସକାଳ, ଗରିମା, ବିଶିଷ୍ଟ ଇତ୍ୟାଦି ଶବ୍ଦ ବ୍ୟବହାର ଦେଖିବାକୁ ମିଳିଥାଏ। ସୁତରାଂ ଏହି ଅବସରରେ ଶିକ୍ଷାବିଭାଗ ଯଦି ଭାଷା ବିଶେଷଜ୍ଞଙ୍କ ଦ୍ୱାରା ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ କର୍ମଶାଳା ଆୟୋଜନ କରନ୍ତା, ତେବେ ଛାତ୍ରୀଛାତ୍ର ଉପକୃତ ହେବା ସହ ଭାଷା ସାହିତ୍ୟର ହିତ ସାଧନ ହୋଇପାରନ୍ତା ।

–ରବୀନ୍ଦ୍ର କୁମାର ମହାପାତ୍ର, କଲ୍ୟାଣ ବିହାର, ସୁନ୍ଦରପଦା, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)

# ଗ୍ରାମ ସଂଯୋଗୀକରଣ ରାସ୍ତାକାର୍ଯ୍ୟ ସରୁନି

**ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରହିଛି ୧୯୦୦୬ ପ୍ରକଳ୍ପ**

## ବର୍ଷା ପୂର୍ବରୁ ସାରିବାକୁ ଦାବି



**କେନ୍ଦ୍ରାପଡ଼ା,୨୭।୪(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାର ୧୫ ପଞ୍ଚାୟତକୁ ସଂଯୋଗୀକରଣ ରାସ୍ତା ନାହିଁ ସେତୁ ନ ଥିବାରୁ ଡଙ୍ଗାରେ ପାରହେଉଛନ୍ତି। ସେହିପରି ୬୦୦ରୁ ଅଧିକ ପଡ଼ା ଗ୍ରାମକୁ ଭଲ ନାହିଁ ଏଥିସହ ୧୫୫୨ ପଡ଼ା ଗ୍ରାମରେ ରାସ୍ତା ନିର୍ମାଣ ଅତ୍ୟନ୍ତ ଧୀମା ଗତିରେ ଚାଲିଛି। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ଗୋପବନ୍ଧୁ ଗ୍ରାମୀଣ ଯୋଜନା ଆଦିକୁ ବାଦ୍ ଦେଲେ କେବଳ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଥିବା ଗ୍ରାମ ସଂଯୋଗୀକରଣ ରାସ୍ତାର ୧୯୦୦୬ ପ୍ରକଳ୍ପ କାର୍ଯ୍ୟ ସରିନାହିଁ। ଏହି ରାସ୍ତା ପ୍ରକଳ୍ପ ସରି ନ ଥିବାରୁ ଆପତ୍‌କାଳୀନ ସମୟରେ ଅଞ୍ଚଳବାସୀ ହୀନସ୍ଥା ହେଉଥିବା ଦର୍ଶାଇଛନ୍ତି। ଆଗାମୀ ବର୍ଷାଦିନ ପୂର୍ବରୁ ପଡ଼ା ଗ୍ରାମାଞ୍ଚଳକୁ ସଂଯୋଗୀକରଣ ପ୍ରକଳ୍ପକୁ ସାରିବା ପାଇଁ ସେମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ପ୍ରମୋଦ କୁମାର ସ୍ୱାଇଁ, ପ୍ରଭାତ କୁମାର ତ୍ରିପାଠୀ, ପ୍ରତାପ ଚନ୍ଦ୍ର ପାଢ଼ୀ, କ୍ଷିତୀଶ କୁମାର ସିଂହ ଓ ବାନାମ୍ବର ସାହୁ ପ୍ରମୁଖ କହିଛନ୍ତି, ସୁଦୃଢ଼ ଯୋଗାଯୋଗ ଦେଶକୁ ସମୃଦ୍ଧିଶାଳୀ କରିଥାଏ। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ରାସ୍ତାର ଉନ୍ନତୀକରଣ ଉପରେ ଜୋର ଦେଉଛନ୍ତି। ମାତ୍ର ବହୁ ସମୟରେ ପ୍ରଶାସନିକ ଅଧିକାରୀ ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଏସବୁର ଲାଭ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରୁନାହିଁ। ଏହାର ଉଦାହରଣ ପଟ୍ଟାମୁଣ୍ଡାଇ ବ୍ଲକ୍ ସିଂହଗାଁ ପଞ୍ଚାୟତଠାରୁ ଆରମ୍ଭକରି ଏକମାଣିଆ, ପଦନୀପାଳ ଓ ବଡିଘର ଆଦି ୧୫ ପଞ୍ଚାୟତରେ ଦେଖିବାକୁ ମିଳିବ। ଏହି ୧୫ ପଞ୍ଚାୟତକୁ ସେତୁ ନିର୍ମାଣ ହୋଇ ନ ଥିବା ଯୋଗୁ ସଡ଼କ ଯୋଗାଯୋଗ ପଥ ବନ୍ଦ ରହିଛି। ବର୍ଷାଦିନେ ଡଙ୍ଗା ଏକମାତ୍ର ଭରସା ହୋଇଥିବା ବେଳେ ପ୍ରସୂତି, ଅପପୁଷ୍ଟିର ଶିକାର ଶିଶୁଙ୍କୁ ଟିକାକରଣରେ ବିଫଳତା ଦେଖିବାକୁ ମିଳୁଛି। ସେହିପରି ଗ୍ରାମାଞ୍ଚଳରେ ଅଗ୍ନିକାଣ୍ଡ, ଆଇନ ଶୃଙ୍ଖଳା ପରିସ୍ଥିତି, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ବିଦ୍ୟୁତ୍ ସେବା ଆଦି କ୍ଷେତ୍ରରେ ସହାୟତା ଯୋଗାଇ ଦିଆଯାଇ ପାରୁନାହିଁ। ସିଂହଗାଁ ପଞ୍ଚାୟତ ପାଇଁ ୨୦୧୪ରେ, ବଡିଘର ପାଇଁ ୨୦୧୬ରେ, ସିଓପଡ଼ା-ବାମଣ୍ଡା ପାଇଁ ୨୦୦୩ରେ ପ୍ରକଳ୍ପ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି ସଡ଼କ ପଥ ସମ୍ଭବ ହୋଇପାରି ନାହିଁ।

ଚଳିତ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ମୋଟ ୧୯୦୦୬ ଗ୍ରାମାଞ୍ଚଳ ସଡ଼କର ଉନ୍ନତୀକରଣ ପାଇଁ ପ୍ରସ୍ତାବ ଆସିଛି। ଏଥିମଧ୍ୟରୁ ୧୦୭୨୩ ପ୍ରକଳ୍ପର କାର୍ଯ୍ୟ ଚାଲିଛି। ୧୩୭ଟି ପ୍ରକଳ୍ପ କୌଣସି କାରଣରୁ ବନ୍ଦ ହୋଇଛି। ରାସ୍ତା ପ୍ରକଳ୍ପ କାର୍ଯ୍ୟକାରୀ କ୍ଷେତ୍ରରେ ରାଜନଗର ବ୍ଲକ୍ ସର୍ବାପେକ୍ଷା ପଛରେ ପଡ଼ିଛି। ଏହି ବ୍ଲକ୍ ଅଞ୍ଚଳରେ ମୋଟ ୧୬୦୦ ରାସ୍ତା ଉନ୍ନତୀକରଣ ସହ ଚାରା ରୋପଣ ହେବାକୁ ଅଛି। ସେହିପରି ଚଳିତ ଆର୍ଥିକ ବର୍ଷରେ ମାତ୍ର ୪ଟି ରାସ୍ତାର ନିର୍ମାଣ ସୋମବାର ସୁଦ୍ଧା ଶେଷ କରାଯାଇଥିବା ସୂଚନା ମିଳିଛି। ବର୍ଷାଦିନ ପୂର୍ବରୁ ଗ୍ରାମାଞ୍ଚଳ ରାସ୍ତାର ଉନ୍ନତୀକରଣ ପାଇଁ ସେମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି କହିଛନ୍ତି, ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। କେତେକ ରାସ୍ତାର ନିର୍ମାଣ ସମୟରେ ଜମିଜମାକୁ ନେଇ ବିବାଦ ଉଠିଥିବା ସେ କହିଛନ୍ତି।

# ହିନ୍ଦୁ ସଙ୍ଗଠନର ଗୋମାତା ସମ୍ମାନ ଅଭିଯାନ



ତହସିଲଦାର କାବେରୀ ମୁଦୁଲିଙ୍କୁ ଗୋମାତା ସମ୍ମାନ ଦାବିରେ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ବିଞ୍ଝାରପୁର,୨୭।୪(ରାମକୃଷ୍ଣ ଦାସ)**

ଗୋହତ୍ୟା ବନ୍ଦ କରିବା, ଗୋମାତାର ସୁରକ୍ଷା ଓ ଗୋମାତାକୁ ରାଷ୍ଟ୍ରୀୟ ମାତା ମାର୍ଯ୍ୟାଦା ଦେବା ଦାବିରେ ବିଞ୍ଝାରପୁର ବ୍ଲକ୍‌ରେ ସୋମବାର ଯାଜପୁର ଜିଲା ଗୋରକ୍ଷା ପ୍ରମୁଖ ଶ୍ରୀକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଗୋମାତା ସମ୍ମାନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମାଁସଡ଼ା ଗ୍ରାମପଞ୍ଚାୟତର ଅଲାଗପୁର ଛକରେ ବିଞ୍ଝାରପୁର ଅଞ୍ଚଳର ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ ଓ ଭାରତୀୟ ଜନତା ଦଳର ନେତା ଓ କର୍ମୀମାନେ ସଂକୀର୍ତ୍ତନ କରି ସଚେତନତା ଶୋଭାଯାତ୍ରା କରିଥିଲେ। ଶୋଭାଯାତ୍ରା ବିଞ୍ଝାରପୁର ତହସିଲ ଅଫିସରେ ପହଞ୍ଚିଥିଲା। ପରେ ତହସିଲଦାର କାବେରୀ ମୁଦୁଲିଙ୍କ ମାଧ୍ୟମରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଗୋମାତା ସମ୍ମାନ ଅଭିଯାନରେ ସନ୍ନ୍ୟାସୀ ସଚ୍ଚିଦାନନ୍ଦ ମହାରାଜ, ବଜରଙ୍ଗ ଦଳ ପ୍ରମୁଖ ସୁବୋଧ ଧଳ, କିରଣ କୁମାର ଜେନା, ବିଞ୍ଝାରପୁର ଭାଜପା ସଂଯୋଜକ ନିରଞ୍ଜନ ବେହୁରିଆ, ଜିଲା ସମ୍ପାଦକ ଜ୍ୟୋତି ପ୍ରକାଶ ନାୟକ, ଅନିତା ନାଥ, ଗୋସେବକ ସନ୍ତୋଷ ସାମଲ, ଦାସ ମୁରାରୀ ମୋହନ, ସୁଶାନ୍ତ ଯେନାଙ୍କ ସମେତ ଶତାଧିକ ଗୋସେବକ ସାମିଲ ଥିଲେ।

# ସ୍ୱାଭିମାନ ସଂକଳ୍ପ ଅଭିଯାନ



ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥିମାନେ।

**ଯାଜପୁର,୨୭।୪ (ହର୍ଷବର୍ଦ୍ଧନ ବେହେରା)**

ଅଖିଳଚକ୍ର ପକ୍ଷରୁ ସ୍ୱାଭିମାନ ସପ୍ତାହ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନର ଶୁଭାରମ୍ଭ ସୋମବାର ବିଞ୍ଝାରପୁର ବରୁଣେଶ୍ୱର କ୍ଷେତ୍ରରୁ ଆରମ୍ଭ କରାଯାଇଛି। ଶାସନ୍ଦା ଗ୍ରାମରେ ସ୍ଥାପନ କରାଯାଇଥିବା ଆଦିନେତା ବିଚିତ୍ରାନନ୍ଦ ଦାସ ଏବଂ ମଇଁଦା ୟୁଜିଏମ୍‌ଇ ସ୍କୁଲ ଓ ବରୁଣେଶ୍ୱର କଲେଜ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଅନୁଷ୍ଠାନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ସାଧାରଣ ସମ୍ପାଦକ ହରେକୃଷ୍ଣ ପଣ୍ଡା, ସହସମ୍ପାଦକ ଗୌରାଙ୍ଗ ସ୍ୱାଇଁ, ରବୀନ୍ଦ୍ର କୁମାର ପରିଡ଼ା, ଅଭୟ କୁମାର ଖୁଣ୍ଟିଆ, ମନୋରଞ୍ଜନ ଧଳ ପ୍ରମୁଖ କର୍ମକର୍ତ୍ତା ଯୋଗଦେଇ ସଂକଳ୍ପ ପାଠ କରିଥିଲେ। ଓଡ଼ିଆ ଜାତିର ପୂର୍ବ ଗୌରବ ଫେରାଇ ଆଣିବାକୁ ହେଲେ ମଧୁବାବୁଙ୍କ ସ୍ୱପ୍ନର ଓଡ଼ିଶା ବା ସ୍ୱାଭିମାନ ପ୍ରତି ଅନୁରକ୍ତ ହେବାକୁ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ୭ ଦିନଧରି ବିଭିନ୍ନ ଅନୁଷ୍ଠାନ ସହ ଯୋଗାଯୋଗ କରିବା, ବିଞ୍ଝାରପୁର ଅଞ୍ଚଳରେ ଥିବା ଉତ୍କଳଗୌରବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦିଆଯିବା ଏବଂ ମଧୁବାବୁଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ନିବେଦନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ମଧୁବାବୁଙ୍କ ଆଉ ଏକ ପ୍ରତିମୂର୍ତ୍ତି ମଧୁସୂଦନପୁରଠାରେ ସ୍ଥାପନ କରାଯିବାକୁ ସମ୍ପାଦକ ହରେକୃଷ୍ଣ ପଣ୍ଡା ସୂଚନା ଦେଇଥିଲେ।

# ଟେଣ୍ଡର ବାତିଲ ପାଇଁ ଚାପ ଅଭିଯୋଗ

**ଦୁଇ ଦିନ ଧରି ଡାକି ଯୋଗ୍ୟ କାଗଜପତ୍ର ଯାଞ୍ଚ ସ୍ଥଗିତ**

**ଯାଜପୁର,୨୭।୪(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) କାର୍ଯ୍ୟାଳୟ ଦ୍ୱାରା ପ୍ରିଣ୍ଟିଂ ସାମଗ୍ରୀ କିଣିବା ପାଇଁ ଆହୁତ ଟେଣ୍ଡରକୁ ବାତିଲ କରିବା ନିମନ୍ତେ ଏକ ଠିକାସଂସ୍ଥା ଚାପ ପ୍ରୟୋଗ କରୁଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ମୋତେ ନୁହେଁ ତ ଅନ୍ୟ କାହାକୁ ନୁହେଁ ନୀତିରେ ଉକ୍ତ ଠିକାସଂସ୍ଥା ଉଦ୍ୟମ ଚଳାଇଥିବାରୁ ଯୋଗ୍ୟ ବିଡରମାନଙ୍କୁ ଦୁଇ ଦିନ ଧରି ଡାକି କାଗଜପତ୍ର ଯାଞ୍ଚ ନ କରି ସ୍ଥଗିତ ରଖାଯାଇଛି ବୋଲି ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ସିଡିଏମଓ କାର୍ଯ୍ୟାଳୟର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ନିମନ୍ତେ ଷ୍ଟେଶନାରୀ ଓ ପ୍ରିଣ୍ଟିଂ ସାମଗ୍ରୀ ଯୋଗାଣ ପାଇଁ ଯୋଗ୍ୟ ଏଜେନ୍ସି ଚୟନ କରିବାକୁ ଗତ ମାର୍ଚ୍ଚ ୧୧ ତାରିଖରେ ବିଡ୍ ସଂଖ୍ୟା ୧୭୨୦ ମାଧ୍ୟମରେ ଏକ ଟେଣ୍ଡର ଆହ୍ୱାନ ହୋଇଥିଲା। ଏଥିରେ ୫ଟି ସଂସ୍ଥା ଟେଣ୍ଡର ପକାଇଥିବାବେଳେ ଜିଲାସ୍ତରୀୟ କ୍ରୟ କମିଟି ତନ୍ମଧ୍ୟରୁ ୩ଟି ସଂସ୍ଥାର ବୈଷୟିକ ବିଡ୍‌ର କାଗଜପତ୍ର ଯାଞ୍ଚ ପରେ ଆବଶ୍ୟକ ଯୋଗ୍ୟତା ନ ଥିବା ଦର୍ଶାଇ ସେମାନଙ୍କ ଦରଖାସ୍ତକୁ ଖାରଜ କରିଥିଲା। ବୈଷୟିକ ଯୋଗ୍ୟତା ରଖୁଥିବା ବାକି ୨ଟି ସଂସ୍ଥାର ଆର୍ଥିକ ବିଡ୍‌ର କାଗଜପତ୍ର ଯାଞ୍ଚ ପାଇଁ କ୍ରୟ କମିଟି ପକ୍ଷରୁ ଗତ ୨୪ ତାରିଖ ଓ ସୋମବାର ଧାର୍ଯ୍ୟ କରାଯାଇ ଚିଠି ହୋଇଥିବାବେଳେ ତାହାକୁ ସ୍ଥଗିତ ରଖାଯାଇଛି। ଏହି ଦୁଇଦିନ ଧରି ମନୋନୀତ ବିଡରମାନଙ୍କୁ ଡାକି ପୁଣି ଦିନ ଗଡ଼େଇଦେବା ଘଟଣାକୁ ଅବଲୋକନ କଲେ ଉକ୍ତ ଠିକାସଂସ୍ଥାର ପ୍ରଭାବ ଜିଲା ପ୍ରଶାସନ ଉପରେ ପଡ଼ିଥିବା କୁହାଯାଉଛି। ଉକ୍ତ ଠିକାସଂସ୍ଥାର ନିର୍ଦ୍ଦେଶକଙ୍କ ହାତ ଥିବା ନେଇ କ୍ରୟ କମିଟିର ସଦସ୍ୟ ଥିବା ଜନୈକ ଅଧିକାରୀ ନିଜ ନାମ ପ୍ରକାଶ ନ କରିବାର ସର୍ତ୍ତ ରଖି ସୂଚନା ଦେଇଛନ୍ତି। ଏହି ଅଧିକାରୀଙ୍କ ସୂଚନା ଅନୁସାରେ ଉକ୍ତ ଠିକାସଂସ୍ଥା ମଧ୍ୟ ଏହି ଟେଣ୍ଡରରେ ଭାଗ ନେଇଥିଲା। ମାତ୍ର ବୈଷୟିକ ବିଡ୍‌ରେ ଆବଶ୍ୟକ କାଗଜପତ୍ର ନ ଥିବା କାରଣରୁ କ୍ରୟ କମିଟି ତାକୁ ଖାରଜ କରି ଦେଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସେ ଜିଲାପାଳଙ୍କୁ କହି ଏହି ଟେଣ୍ଡରକୁ ରଦ୍ଦ କରିଦେବେ ବୋଲି କମିଟିର ସଦସ୍ୟମାନଙ୍କୁ ଧମକ ଦେଇଥିଲେ। ତଦନୁଯାୟୀ ଉକ୍ତ ସଂସ୍ଥାକୁ କୌଣସିମତେ ଟେଣ୍ଡର ପ୍ରକ୍ରିୟାରେ ସାମିଲ କରିବା ପାଇଁ କୁଆଡ଼େ ଚାପ ପଡୁଥିବା ଅଧିକାରୀ ଜଣକ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ କ୍ରୟ କମିଟିର ସଦସ୍ୟ ତଥା ସିଡିଏମ୍‌ଓ ବିଜୟ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, କ୍ରୟ କମିଟି ଟେଣ୍ଡର କାଗଜପତ୍ର ଯାଞ୍ଚ କରିବ। କମିଟି ଯାହା ନିଷ୍ପତ୍ତି ନେବ ସେହି ଅନୁସାରେ ବିଡର ଚୟନ କରାଯିବ।

# ଗୃହଗଣନା, ଜନଗଣନା କାର୍ଯ୍ୟ ତ୍ୱରାନ୍ୱିତ

**ଯାଜପୁରଟାଉନ,୨୭।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)**

ଜନଗଣନା-୨୦୨୭ ଅନୁସାରେ ଯାଜପୁର ଟାଉନ ସେନସସ୍ ଚାର୍ଜ ଅଧିନରେ ଥିବା ଭିଭିଆଇପି କାଟାଗୋରୀରେ ଥିବା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ପୌରାଧ୍ୟକ୍ଷ ଯଯାତି କେଶରୀ ଦାସଙ୍କ ବାସଗୃହର ଗୃହଗଣନା କାର୍ଯ୍ୟ ସୋମବାର କରାଯାଇଛି। ଯାଜପୁର ଟାଉନ ସେନସସ୍ ଚାର୍ଜ ଅଫିସର ଲକ୍ଷ୍ମୀଧର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଣନାକାରୀ ଅଦୃଶ୍ୟନ୍ତୀ ମିଶ୍ର, ବିଜୟଲକ୍ଷ୍ମୀ ସାହୁ ଏବଂ ସୁପରଭାଇଜର ହେମନ୍ତ କୁମାର ସାହୁ, ରଜତ କମଲ ଏବଂ ସୁବାସ ଚନ୍ଦ୍ର ଦାସ ଯାଜପୁର ଟାଉନ ଅନ୍ତର୍ଗତ ୟୁନିଟ -୧୦ ଏବଂ ୟୁନିଟ -୧୨ ରେ ଥିବା ବାସଗୃହ ଗଣନା କାର୍ଯ୍ୟ ସମ୍ପାଦନ କରିଥିଲେ। ବର୍ତ୍ତମାନ ଟାଉନସେନସସ ଅଧିନରେ ୯୦ ଗୋଟି ଏଚ୍‌ଏଲ୍‌ବିରେ ୯୦ ଜଣ ଜନଗଣନାକାରୀ ଓ ୧୫ ଜଣ ସୁପରଭାଇଜର ଗୃହ ଗଣନା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏହି ଗୃହ ଗଣନା କାର୍ଯ୍ୟ ୧୬।୪।୨୦୨୬ ଠାରୁ ୧୫।୫।୨୦୨୬ ରିଖ ପର୍ଯ୍ୟନ୍ତ ଚାଲୁ ରହିବ। ବର୍ତ୍ତମାନ ଭାରତ ସରକାର ତଥା ଓଡ଼ିଶା ସରକାରଙ୍କ ଜନଗଣନା ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ମତେ ପ୍ରମୁଖ ଜନଗଣନା ଅଧିକାରୀ ତଥା ଜିଲାପାଳ ଅମ୍ବର କୁମାର କର ଏବଂ ଜିଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର ଯାଜପୁର ଜିଲାରେ ଗୃହ ଗଣନା କାର୍ଯ୍ୟ ଚାଲୁ ରହିଛି।

# ଚାଲାଣ ବେଳେ ବାଲି ବୋଝେଇ ଗାଡ଼ି ଜବତ

**ରସୁଲପୁର,୨୭।୪(ରଞ୍ଜିତ ରାଉତ)**

ରସୁଲପୁର ତହସିଲ ଅଧିନ ଖଣ୍ଡିତର ବାଲିଘାଟ ଉପରେ ସୋମବାର ତହସିଲଦାର, ଯାଜପୁର ଜିଲା ଲଘୁ ଖଣିଜ ବିଭାଗ, କୁଆଖିଆ ଥାନା ପୋଲିସ ପକ୍ଷରୁ ମିଳିତ ଚଢାଉ କରାଯାଇଥିଲା। ଉକ୍ତ ଚଢାଉ ବେଳେ ପ୍ରଶାସନିକ ଅଧିକାରୀମାନେ ବେଆଇନ ବାଲି ପରିବହନରେ ନିୟୋଜିତ ଏକ ଟ୍ରାକ୍ଟର ଜବତ କରିଥିଲେ। ଚଢାଉ ସମ୍ପର୍କରେ ଅବଗତ ହେବା ପରେ ବାଲି ପରିବହନକାରୀମାନେ ସତର୍କ ହୋଇଯାଇଥିଲେ। ଫଳରେ ଦିନତମାମ ବାଲି ପରିବହନ ବନ୍ଦ ରହିଥିଲା। ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ବିଭିନ୍ନ ସ୍ଥାନରେ ବେଆଇନ ବାଲିଘାଟ ବିରୋଧରେ ଯାଜପୁର ଜିଲା ଏକତା ମଞ୍ଚ, ଆମ୍ବେଦକର ଟ୍ରଷ୍ଟ ପକ୍ଷରୁ ଜିଲାପାଳ, ରସୁଲପୁର ତହସିଲଦାର, ଯାଜପୁର ଜିଲା ଲଘୁ ଖଣିଜ ବିଭାଗ, ପୋଲିସ ପ୍ରଶାସନ ନିକଟରେ ଅଭିଯୋଗ ହୋଇଆସୁଥିଲା। ସଙ୍ଗଠନ ପକ୍ଷରୁ ଘାଟ ବନ୍ଦ କରା ନ ଗଲେ ତହସିଲ ଅଫିସ ଘେରାଉ କରିବାକୁ ଖବରଦାତା ସମ୍ମିଳନୀ ଜରିଆରେ ଚେତାବନୀ ଦିଆଯାଇଥିଲା। ଅଭିଯୋଗକାରୀ ତହସିଲକୁ ଦାବିପତ୍ର ନେଇ ପହଞ୍ଚିବା ପୂର୍ବରୁ ଏହି ଚଢାଉ କରାଯାଇଥିଲା।

# କୋଶିଦାରେ ନାଟ୍ୟ ମହୋତ୍ସବ



ନାଟକର ଏକ ଦୃଶ୍ୟ।

**ଡେରାବିଶ, ୨୭।୪(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ କୋଶିଦା ଗ୍ରାମରେ ଚାଲିଥିବା ନାଟ୍ୟ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ମା'ଯୋକେଇଶୁଣୀ ଡ୍ରାମାଟିକ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଦୁଇ ଦିନିଆ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଥିଲା। ଶିକ୍ଷାବିତ ଜାଗର ପ୍ରସାଦ ଜେନା,ସାଧନ କର୍ମୀ ନିର୍ମଳ କୁମାର ଜେନା, ଅନନ୍ତ ସାମଲ, ଅବନୀ ଜେନା ଓ ଶିକ୍ଷକ ପ୍ରଭାତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଅନୁଷ୍ଠାନମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପ୍ରଫୁଲ୍ଲ କୁମାର ମହାରଣାଙ୍କ ନାଟ୍ୟ ନିର୍ଦ୍ଦେଶନାରେ ଶନିବାର "ଦରିଆ କୂଳର ଦରଦୀ ବନ୍ଧୁ" ଓ ଦ୍ୱିତିୟ ରାତ୍ରରେ ରବିବାର " ତୋ ନାଁ ରେ ମୋ ନାଁ କୁ ଦେଇଛି ଯୋଡ଼ି" ନାଟକ ପରିବେଷଣ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରୁ ହଜାର ହଜାର ନାଟ୍ୟପ୍ରେମୀ ଉପସ୍ଥିତ ରହି ନାଟକ ଉପଭୋଗ କରିଥିଲେ। ମଧୁସୂଦନ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ନାଟ୍ୟ ମହୋତ୍ସବରେ ପ୍ରଦୀପ ସାମଲ,ସନ୍ଦୀପ ବସନ୍ତିଆ,ଚନ୍ଦନ ସାମଲ, ଗୋପାଳ ବେହେରା,ମହେଶ ବସନ୍ତିଆ ଓ ପ୍ରଦୀପ ଦାସଙ୍କ ସମେତ ବହୁ କଳାକାର ନାଟକ ପରିବେଷଣ କରିଥିଲେ।

# ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ଆରାଧନା ଦିବସ ପାଳିତ

**ବଡ଼ଚଣା, ୨୭।୪ (ଦିଲ୍ଲୀପ କୁମାର ମହାନ୍ତି)**

ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀ ଚଣ୍ଡୀଖୋଲ ପକ୍ଷରୁ ଆରାଧନା ଦିବସ ନିଶିମଳା ଗ୍ରାମର ସାଇ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ୫ଘଟିକାରେ ସାଇ ସେବକମାନେ ଭଜନ କୀର୍ତ୍ତନ କରି ଗ୍ରାମ ପରିକ୍ରମା କରିଥିଲେ। ସକାଳ ୭ଟାରେ ଭଗବାନ୍ ଶ୍ରୀ ସତ୍ୟସାଇ ବାବାଙ୍କ ଫଟୋଚିତ୍ର ସମ୍ମୁଖରେ ଷୋଡଶ ଉପଚାର ପୂଜା କରାଯାଇଥିଲ। ବାଲ ବିକାଶ କେନ୍ଦ୍ରର ଛାତ୍ରୀଛାତ୍ରମାନେ ବାବାଙ୍କ ଭଜନ ଗାନ କରିଥିଲେ। ସମାଜର କଲ୍ୟାଣ ପାଇଁ ବାବାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମସ୍ତଙ୍କୁ ଭଲ ପାଇବା ଓ ସେବା କାର୍ଯ୍ୟ ପାଇଁ ନିଜକୁ ନିୟୋଜିତ କରି ପାରିଲେ ଆମେ ଜଣେ ଭଲ ମଣିଷ ହୋଇ ପରିଚୟ ସୃଷ୍ଟି କରିପାରିବା ବୋଲି କହିଥିଲେ। ସେଠାର ଲକ୍ଷାର୍ଚ୍ଚନ କାର୍ଯ୍ୟକ୍ରମ କରାଯାଇଥିଲା। ମଧ୍ୟାହ୍ନରେ ନାରାୟଣ ସେବା, ସନ୍ଧ୍ୟାରେ ମନ୍ଦିରଠାରେ ଦୀର୍ଘ ୧ଘଣ୍ଟା ଧରି ଭଜନ କରାଯାଇଥିଲା। ଶେଷରେ ବାବାଙ୍କ ସମ୍ମୁଖରେ ଆଳତି ପ୍ରଦାନ କରାଯାଇଥିଲା। ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀ ଆବାହନ ଦୁଷ୍ମନ୍ତ ଖିଲାର, ଗୁରୁମା ପ୍ରଭାସିନୀ ଖିଲାର ଆୟୋଜକ ଭାବେ ଦାୟିତ୍ୱ ବହନ କରିଥିଲେ। ତାଙ୍କ ସହିତ ପୂର୍ବତନ ଆବାହନ ପ୍ରଦୀପ୍ତ କୁମାର ଜେନା, ବୀରକିଶୋର ଖଣ୍ଡାଇ, ଅଶାନ୍ତ ମଲ୍ଲିକ, ତାପସ ମଲ୍ଲିକ, ବୁଟୁ ହାଁସଦା, ଶାନ୍ତିଲତା ବଳ ଏଥିରେ ସହଯୋଗ କରିଥିଲେ।

# ତାଉଁତରାରୁ ସିଂହପୁର ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ



**ଯାଜପୁର,୨୭।୪ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ବିଞ୍ଝାରପୁର ତାଉଁତରାରୁ ସିଂହପୁର ମୁଖ୍ୟ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବିଶେଷକରି ତାଉଁତରାଠାରୁ ସୟଦପୁର ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଖାଲ ଢିପରେ ପରିଣତ ହୋଇଛି। ପ୍ରତି ବର୍ଗଫୁଟରେ ୩ରୁ ୪ ଟି ଖାଲ ରହିଥିବାରୁ ଦୈନିକ ଗାଡ଼ିମୋଟର ଓ ସାଇକେଲ ଚାଳକ ଖଣ୍ଡିଆଖାବରା ହେଉଛନ୍ତି। ଦୁର୍ଘଟଣାରେ ୨ ବର୍ଷ ମଧ୍ୟରେ ଏହି ରାସ୍ତାରେ ୪ ଜଣଙ୍କ ମୃତ୍ୟୁ ଘଟିଲାଣି ଏବଂ ୨୦୦ରୁ ଊର୍ଦ୍ଧ୍ୱ ଆହତ ହେଲେଣି। ଏହି ରାସ୍ତା ଦେଇ ଶତାଧିକ ସ୍କୁଲ କଲେଜ ଛାତ୍ରୀଛାତ୍ର ଯିବାଆସିବା କରୁଥିବାବେଳେ ସେମାନେ ନିଜକୁ ନିରାପଦ ମନେକରୁନାହାନ୍ତି। ଜିଲାପାଳ, ବିଧାୟିକା, ଏମ୍‌ପି ପ୍ରମୁଖ ଏହି ରାସ୍ତାର ଶୋଚନୀୟ ଅବସ୍ଥା ଦେଖି ସାରିବା ପରେ ବି ନୀରବଦ୍ରଷ୍ଟା ସାଜିଛନ୍ତି। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଛି। ଏସମ୍ପର୍କରେ କେତେଜଣ ବରିଷ୍ଠ ନାଗରିକ ରାସ୍ତାରୋକୋ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହିଭଳି ଖରସ୍ରୋତା ନଦୀବନ୍ଧର ଅବସ୍ଥା ଶୋଚନୀୟ ଆଡ଼କୁ ଗତି କରୁଛି। ୪ ଚକିଆ ଯାନ ସେହି ବନ୍ଧ ଉପରେ ଯିବାଆସିବା କରୁଥିବାବେଳେ ଏବେ ତାହା ବିପଦପୂର୍ଣ୍ଣ ହୋଇପଡ଼ିଛି। ଏଥିପ୍ରତି ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଗହୀରମଥାରୁ ମୁହଁ ଫେରାଉଛନ୍ତି ଅଲିଭ୍‌ରିଡ୍‌ଲେ କଇଁଛ



**ରାଜନଗର,୨୭।୪ (ଭାସ୍କର ରାଉତରାୟ)**

୭୦ଦଶକରୁ ଆଜିଯାଏ ଅଣ୍ଡା ଦେଉ ଆସୁଥିବା ସାମୁଦ୍ରିକ କଇଁଛ ଅଲିଭ୍ ରିଡ୍‌ଲେ ଚଳିତ ବର୍ଷ ସମୂହ ଅଣ୍ଡା ନ ଦେଇ ଧୀରେ ଧୀରେ ସେମାନଙ୍କ ସ୍ଥାନକୁ ଫେରିଯାଉଥିବା ଦେଖିବାକୁ ମିଳିଛି। ଗତ ବର୍ଷ ସବୁ ଆଶଙ୍କାକୁ ପଛରେ ପକାଇ ୨୦୦୦ ପରଠୁ ସର୍ବାଧିକ ୬ ଲକ୍ଷରୁ ଊର୍ଦ୍ଧ୍ୱ କଇଁଛ ସମୂହ ଅଣ୍ଡାଦାନ କରି ସର୍ବକାଳୀନ ରେକର୍ଡ ସ୍ଥାପନ କରିଥିଲେ। ଚଳିତ ବର୍ଷ ଲକ୍ଷ ଲକ୍ଷ କଇଁଛ ଅଣ୍ଡାଦାନ ପାଇଁ ପ୍ରତୀକ୍ଷା କରି ପରିବେଶ ଅନୁକୂଳ ନ ହେବାରୁ ଗହୀରମଥାରୁ ମୁହଁ ଫେରାଉଥିବା ଦେଖିବାକୁ ମିଳୁଛି। ଏହା କଇଁଛ ବିଶାରଦ ପରିବେଶବିତ୍‌ଙ୍କ ପାଇଁ ଚିନ୍ତା ବଢ଼ାଇଦେଇଛି। ଅବଶ୍ୟ ଅତୀତରେ ୩ ଥର ଅଣ୍ଡା ନ ଦେଇ ଫେରିଯାଇଥିବା ରାଜନଗର ବନ ବିଭାଗ ତରଫରୁ ସୂଚନା ଦିଆଯାଇଛି। କ'ଣ ପାଇଁ ଏତେ ସଂଖ୍ୟକ କଇଁଛ ଗହୀରମଥାରେ ରୁଣ୍ଡ ହୋଇ ଅଣ୍ଡା ନ ଦେଇ ଫେରିଯିବା ପଛରେ କି ରହସ୍ୟ ଲୁଚି ରହିଛି ଏନେଇ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ଏହି କଇଁଛଙ୍କ ଜୀବନଶୈଳୀକୁ ଅନୁଧ୍ୟାନ କରାଯିବ ବୋଲି ସାମୁଦ୍ରିକ ଜୀବ ଗବେଷକ ଡ. ଶିବପ୍ରସାଦ ପରିଡ଼ା ମତ ଦେଇଛନ୍ତି।

ରାଜନଗର ଡିଏଫ୍‌ଓ ଭରଦରାଜ ଗାଉଁକର କହିଛନ୍ତି, ଆମେ ଏବେବି ଆଶାବାଦୀ ରହିଛୁ ବର୍ଷ ପରେ ବର୍ଷ ବିତିଗଲାଣି ହେଲେ ଅଲିଭ୍ ରିଡ୍‌ଲେଙ୍କ ବାସ୍ତବ ଠିକଣା ମିଳିପାରୁନାହିଁ। ବୈଜ୍ଞାନିକ ଦୃଷ୍ଟିକୋଣରୁ କଇଁଛଙ୍କ ଆଗମନ ଏବଂ ବିସ୍ତୀର୍ଣ୍ଣ ନୀଳ ଜଳରାଶିରେ ସେମାନଙ୍କ ଅପୂର୍ବ ଲୀଳାଖେଳା ବାସ୍ତବିକ ମନମୁଗ୍ଧକର। ଏହାଛଡ଼ା କଇଁଛଙ୍କ ଆଗମନରେ ପ୍ରଚୁର ମାଛ ସମ୍ପଦ ବୃଦ୍ଧି ପାଇଥାଏ। ସାମୁଦ୍ରିକ ପରିବେଶ ସନ୍ତୁଳନ କ୍ଷେତ୍ରରେ ଏମାନଙ୍କ ଦାନ ଅତୁଳନୀୟ। ଏବେ ଶହ ଶହ ବେଆଇନ ଟ୍ରଲରଙ୍କ ଆତଯାତ ସେମାନଙ୍କ ମିଳନ ପର୍ବରେ କ୍ରମାଗତ ବାଧା ଯୋଗୁ ସେନେଇ ସେମାନେ ଆଉ ଗହୀରମାଥାକୁ ନିରାପଦ ମଣୁନାହାନ୍ତି।

# ଗ୍ରାମ ସଂଯୋଗୀକରଣ ରାସ୍ତାକାର୍ଯ୍ୟ ସରୁନି

**କେନ୍ଦ୍ରାପଡ଼ା, ୨୭।୪ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାର ୧୫ ପଞ୍ଚାୟତକୁ ସଂଯୋଗୀକରଣ ରାସ୍ତା ନାହିଁ ସେତୁ ନ ଥିବାରୁ ଡଙ୍ଗାରେ ପାରହେଉଛନ୍ତି। ସେହିପରି ୬୦୦ରୁ ଅଧିକ ପଡ଼ା ଗ୍ରାମକୁ ଭଲ ନାହିଁ ଏଥିସହ ୧୫୫୨ ପଡ଼ା ଗ୍ରାମରେ ରାସ୍ତା ନିର୍ମାଣ ଅତ୍ୟନ୍ତ ଧୀମା ଗତିରେ ଚାଲିଛି। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ଗୋପବନ୍ଧୁ ଗ୍ରାମୀଣ ଯୋଜନା ଆଦିକୁ ବାଦ୍ ଦେଲେ କେବଳ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଥିବା ଗ୍ରାମ ସଂଯୋଗୀକରଣ ରାସ୍ତାର ୧୯୦୦୬ ପ୍ରକଳ୍ପ କାର୍ଯ୍ୟ ସରିନାହିଁ। ଏହି ରାସ୍ତା ପ୍ରକଳ୍ପ ସରି ନ ଥିବାରୁ ଆପତ୍କାଳୀନ ସମୟରେ ଅଞ୍ଚଳବାସୀ ହୀନସ୍ଥା ହେଉଥିବା ଦର୍ଶାଇଛନ୍ତି। ଆଗାମୀ ବର୍ଷାଦିନ ପୂର୍ବରୁ ପଡ଼ା ଗ୍ରାମାଞ୍ଚଳକୁ ସଂଯୋଗୀକରଣ ପ୍ରକଳ୍ପକୁ ସାରିବା ପାଇଁ ସେମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ପ୍ରମୋଦ କୁମାର ସ୍ୱାଇଁ, ପ୍ରଭାତ କୁମାର ତ୍ରିପାଠୀ, ପ୍ରତାପ ଚନ୍ଦ୍ର ପାଢ଼ୀ, କ୍ଷିତୀଶ କୁମାର ସିଂହ ଓ ବାନାମ୍ବର ସାହୁ ପ୍ରମୁଖ କହିଛନ୍ତି, ସୁଦୃଢ଼ ଯୋଗାଯୋଗ ଦେଶକୁ ସମୃଦ୍ଧିଶାଳୀ କରିଥାଏ। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ରାସ୍ତାର ଉନ୍ନତୀକରଣ ଉପରେ ଜୋର ଦେଉଛନ୍ତି। ମାତ୍ର ବହୁ ସମୟରେ ପ୍ରଶାସନିକ ଅଧିକାରୀ ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଏସବୁର ଲାଭ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରୁନାହିଁ। ଏହାର ଉଦାହରଣ ପଟ୍ଟାମୁଣ୍ଡାଇ ବ୍ଲକ୍ ସିଂହଗାଁ ପଞ୍ଚାୟତଠାରୁ ଆରମ୍ଭକରି ଏକମାଣିଆ, ପଦନୀପାଳ ଓ ବଡିଘର ଆଦି ୧୫ ପଞ୍ଚାୟତରେ ଦେଖିବାକୁ ମିଳିବ। ଏହି ୧୫ ପଞ୍ଚାୟତକୁ ସେତୁ ନିର୍ମାଣ ହୋଇ ନ ଥିବା ଯୋଗୁ ସଡ଼କ ଯୋଗାଯୋଗ ପଥ ବନ୍ଦ ରହିଛି। ବର୍ଷାଦିନେ ଡଙ୍ଗା ଏକମାତ୍ର ଭରସା ହୋଇଥିବା ବେଳେ ପ୍ରସୂତି, ଅପପୁଷ୍ଟିର ଶିକାର ଶିଶୁଙ୍କୁ ଟିକାକରଣରେ ବିଫଳତା ଦେଖିବାକୁ ମିଳୁଛି। ସେହିପରି ଗ୍ରାମାଞ୍ଚଳରେ ଅଗ୍ନିକାଣ୍ଡ, ଆଇନ ଶୃଙ୍ଖଳା ପରିସ୍ଥିତି, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ବିଦ୍ୟୁତ୍ ସେବା ଆଦି କ୍ଷେତ୍ରରେ ସହାୟତା ଯୋଗାଇ ଦିଆଯାଇ ପାରୁନାହିଁ। ସିଂହଗାଁ ପଞ୍ଚାୟତ ପାଇଁ ୨୦୧୪ରେ, ବଡିଘର ପାଇଁ ୨୦୧୬ରେ, ସିଓପଡ଼ା-ବାମଣ୍ଡା ପାଇଁ ୨୦୦୩ରେ ପ୍ରକଳ୍ପ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି ସଡ଼କ ପଥ ସମ୍ଭବ ହୋଇପାରି ନାହିଁ।

ଚଳିତ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ମୋଟ ୧୯୦୦୬ ଗ୍ରାମାଞ୍ଚଳ ସଡ଼କର ଉନ୍ନତୀକରଣ ପାଇଁ ପ୍ରସ୍ତାବ ଆସିଛି। ଏଥିମଧ୍ୟରୁ ୧୦୭୨୩ ପ୍ରକଳ୍ପର କାର୍ଯ୍ୟ ଚାଲିଛି। ୧୩୭ଟି ପ୍ରକଳ୍ପ କୌଣସି କାରଣରୁ ବନ୍ଦ ହୋଇଛି। ରାସ୍ତା ପ୍ରକଳ୍ପ କାର୍ଯ୍ୟକାରୀ କ୍ଷେତ୍ରରେ ରାଜନଗର ବ୍ଲକ୍ ସର୍ବାପେକ୍ଷା ପଛରେ ପଡ଼ିଛି। ଏହି ବ୍ଲକ୍ ଅଞ୍ଚଳରେ ମୋଟ ୧୬୦୦ ରାସ୍ତା ଉନ୍ନତୀକରଣ ସହ ଚାରା ରୋପଣ ହେବାକୁ ଅଛି। ସେହିପରି ଚଳିତ ଆର୍ଥିକ ବର୍ଷରେ ମାତ୍ର ୪ଟି ରାସ୍ତାର ନିର୍ମାଣ ସୋମବାର ସୁଦ୍ଧା ଶେଷ କରାଯାଇଥିବା ସୂଚନା ମିଳିଛି। ବର୍ଷାଦିନ ପୂର୍ବରୁ ଗ୍ରାମାଞ୍ଚଳ ରାସ୍ତାର ଉନ୍ନତୀକରଣ ପାଇଁ ସେମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି କହିଛନ୍ତି, ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। କେତେକ ରାସ୍ତାର ନିର୍ମାଣ ସମୟରେ ଜମିଜମାକୁ ନେଇ ବିବାଦ ଉଠିଥିବା ସେ କହିଛନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରହିଛି ୧୯୦୦୬ ପ୍ରକଳ୍ପ
## ବର୍ଷା ପୂର୍ବରୁ ସାରିବାକୁ ଦାବି



# ଜେଏମ୍‌ଜି ଅଟୋମୋବାଇଲ୍ସ କେନ୍ଦ୍ରାପଡ଼ାରେ ନୂଆ ଶାଖା



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜେଏମ୍‌ଜି କର୍ମକର୍ତ୍ତା ।

**କେନ୍ଦ୍ରାପଡ଼ା, ୨୭।୪ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସହର ଲ କଲେଜ ଛକଠାରେ ଜେଏମ୍‌ଜି ଅଟୋ ମୋବାଇଲ୍ସର ନୂଆ ଶାଖା ସୋମବାର ଖୋଲିଛି। ଏହାକୁ ଜୋନାଲ ମ୍ୟାନେଜର ଲକ୍ଷ୍ମୀଶା ନଲ୍ଲୁରାୟ, ସିନିୟର ଏରିଆ ମ୍ୟାନେଜର ଉଜ୍ଜ୍ୱଳ କୋହିଲି, ଦୟାନିଧି ପାଢ଼ୀ, ମ୍ୟାନେଜିଂ ଡାଇରେକ୍ଟର ପ୍ରଦୀପ ଅଗ୍ରୱାଲ ପ୍ରମୁଖ ଉଦ୍‌ଘାଟନ କରିଛନ୍ତି। ଏ ସମ୍ପର୍କରେ ମ୍ୟାନେଜିଂ ଡାଇରେକ୍ଟର ଅଗ୍ରୱାଲ କହିଛନ୍ତି, ହିରୋ ମୋଟୋକର୍ପର ଅଥରାଇଜଡ୍ ଡିଲର ଭାବେ ଦୀର୍ଘ ୨୬ ବର୍ଷ ଧରି ଜେଏମ୍‌ଜି ଅଟୋ ମୋବାଇଲ କାର୍ଯ୍ୟ କରିଆସିଛି। ଏହି ଅବଧି ମଧ୍ୟରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଦୁଇଚକିଆ ଗାଡ଼ି ବିକ୍ରି ସହ କ୍ରେତାଙ୍କ ସନ୍ତୁଷ୍ଟି ଦିଗରେ କାର୍ଯ୍ୟ କରିଆସିଛି। କେନ୍ଦ୍ରାପଡ଼ା ଜିଲାର ଏହି ମୁଖ୍ୟ ସହରରେ ଖୋଲାଯାଇ ଥିବା ଶାଖାର ଆକାର ବୃହତ୍ ୧୦ ହଜାର ବର୍ଗଫୁଟ ଅଞ୍ଚଳରେ ଅବସ୍ଥିତ ଏହି ଶାଖାରେ ହିରୋର ମୋଟରସାଇକେଲ, ସ୍କୁଟର, ଭିଡା ଇଲେକ୍ଟ୍ରିକ୍ ସ୍କୁଟର, ସର୍ଭିସିଂ, ଆବଶ୍ୟକ ଯନ୍ତ୍ରପାତି ବିକ୍ରୟ ଷ୍ଟୋର ଆଦି ରହିଛି। କ୍ରେତାଙ୍କ ସମସ୍ତ ସମସ୍ୟାର ନିରାକରଣ ବ୍ୟବସ୍ଥା ରହିଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶାଖା ପରିଚାଳକ ପ୍ରଦୀପ୍ତ ସେଠୀ, ନେଟ୍‌ୱର୍କ ମ୍ୟାନେଜର ଦିଲୀପ ରାଉତଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

# ଗାଈକୁ ରାଷ୍ଟ୍ରମାତା ଘୋଷଣା ଦାବି

**କେନ୍ଦ୍ରାପଡା, ୨୭।୪ (ଜଗନ୍ନାଥ ଧଳ)**

ରାଷ୍ଟ୍ରୀୟସ୍ତରରେ ଗୋ ସମ୍ମାନ ଆହ୍ୱାନ ଅଭିଯାନ ଆରମ୍ଭ ହୋଇଛି। ସମଗ୍ର ଭାରତ ବର୍ଷରେ ଗୋ ହତ୍ୟା ସମ୍ପୂର୍ଣ୍ଣ ସମାପ୍ତ କରିବା ଓ ଗାଈଙ୍କୁ ରାଷ୍ଟ୍ରୀସ୍ତରରେ ମାତା ଭାବେ ସ୍ୱୀକୃତି ଦେବା ଏହି ଅଭିଯାନର ଲକ୍ଷ୍ୟ ରହିଛି। ଏହିକ୍ରମରେ କେନ୍ଦ୍ରାପଡା ଜିଲାର ସମସ୍ତ ତହସିଲ ଅଞ୍ଚଳବାସୀଙ୍କର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ସମ୍ପୃକ୍ତ ତହସିଲଦାରଙ୍କୁ ସୋମବାର ପ୍ରଦାନ କରାଯାଇଛି । ସଂଯୋଜକ ଶଶାଙ୍କ ଜେନା କହିଛନ୍ତି, ଗୋମାତା ପୂଜନ ସନାତନ ଧର୍ମର ଅବିଚ୍ଛେଦ୍ୟ ଅଙ୍ଗ । ଏହି ଧର୍ମରେ ପ୍ରକୃତିକୁ ଭଲ ପାଇବା ଶିଖାଇଛି। ଗୋମାତା ଆମ ଜୀବନ ଚର୍ଚ୍ଚା ସାମିଲ ହୋଇ ଆମକୁ ପାଳନ କରୁଛି। ମାତ୍ର ସାମ୍ପ୍ରତିକ ସମୟରେ ଗୋମାତା ଅସୁରକ୍ଷିତ ହୋଇଛନ୍ତି । ନିର୍ମମ ଭାବେ ହତ୍ୟା କରାଯାଉଛି। ରାଷ୍ଟ୍ରମାତାର ମାନ୍ୟତା ସହ ସେମାନଙ୍କ ସୁରକ୍ଷା ଏବେ ଜରୁରୀ ହୋଇଥିବା ସଂଯୋଜକ ଜେନା କହିଛନ୍ତି। କେନ୍ଦ୍ରାପଡାରେ ଏହି ଦାବିପତ୍ର ପ୍ରଦାନ ସମୟରେ ମାଧବ ପ୍ରଧାନ, ପ୍ରକାଶ ଚନ୍ଦ୍ର ରାଉତ, ଗୌତମ ସାହୁ ଓ ଲକ୍ଷ୍ମୀସାଗର ନାୟକ ପ୍ରମୁଖ ସାମିଲ ହୋଇଥିଲେ।




ରାଷ୍ଟ୍ରୀୟସ୍ତରରେ ଗୋ ସମ୍ମାନ ଆହ୍ୱାନ ଅଭିଯାନ କର୍ମକର୍ତ୍ତାମାନେ ଦାବିପତ୍ର ଦେବାକୁ ଯାଉଛନ୍ତି।

# କୋଶିଦାରେ ନାଟ୍ୟ ମହୋତ୍ସବ



ନାଟକର ଏକ ଦୃଶ୍ୟ ।

**ଡେରାବିଶ, ୨୭।୪ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ କୋଶିଦା ଗ୍ରାମରେ ଚାଲିଥିବା ନାଟ୍ୟ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ମା'ଯୋକେଇଶୁଣୀ ଡ୍ରାମାଟିକ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଦୁଇ ଦିନିଆ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଥିଲା। ଶିକ୍ଷାବିତ ଜାଗର ପ୍ରସାଦ ଜେନା, ସାଧନ କର୍ମୀ ନିର୍ମଳ କୁମାର ଜେନା, ଅନନ୍ତ ସାମଲ, ଅବନୀ ଜେନା ଓ ଶିକ୍ଷକ ପ୍ରଭାତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଅନୁଷ୍ଠାନମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପ୍ରଫୁଲ୍ଲ କୁମାର ମହାରଣାଙ୍କ ନାଟ୍ୟ ନିର୍ଦ୍ଦେଶନାରେ ଶନିବାର "ଦରିଆ କୂଳର ଦରଦୀ ବନ୍ଧୁ" ଓ ଦ୍ୱିତୀୟ ରାତ୍ରରେ ରବିବାର "ତୋ ନାଁ ରେ ମୋ ନାଁ କୁ ଦେଇଛି ଯୋଡ଼ି" ନାଟକ ପରିବେଷଣ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରୁ ହଜାର ହଜାର ନାଟ୍ୟପ୍ରେମୀ ଉପସ୍ଥିତ ରହି ନାଟକ ଉପଭୋଗ କରିଥିଲେ। ମଧୁସୂଦନ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ନାଟ୍ୟ ମହୋତ୍ସବରେ ପ୍ରଦୀପ ସାମଲ, ସନ୍ଦୀପ ବସନ୍ତିଆ, ଚନ୍ଦନ ସାମଲ, ଗୋପାଳ ବେହେରା, ମହେଶ ବସନ୍ତିଆ ଓ ପ୍ରଦୀପ ଦାସଙ୍କ ସମେତ ବହୁ କଳାକାର ନାଟକ ପରିବେଷଣ କରିଥିଲେ।

# ଅଇନିପଡ଼ା କଲ୍ୟାଣ ମଣ୍ଡପ ପାଇଁ ୩୫ଲକ୍ଷ ମଞ୍ଜୁର, ଏମ୍‌ପିଙ୍କୁ କୃତଜ୍ଞତା

**ପଟ୍ଟାମୁଣ୍ଡାଇ, ୨୭।୪ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ନରସିଂହପୁର ପଞ୍ଚାୟତ ଅଇନିପଡା କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଅଞ୍ଚଳବାସୀ ଦୀର୍ଘ ଦିନ ହେବ ଦାବୀ କରି ଆସୁଥିଲେ। ଏ ସମ୍ପର୍କରେ ନରସିଂହପୁର ସରପଞ୍ଚ ଦୀପ୍ତିମୟି ପରିଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ଭେଟି ଅଇନିପଡା କଲ୍ୟାଣ ମଣ୍ଡପ ପାଇଁ ଅର୍ଥ ମଞ୍ଜୁର କରିବାକୁ ଅନୁରୋଧ କରିଥିଲେ। ଏମ୍‌ପି ପଣ୍ଡା ସରପଞ୍ଚଙ୍କ ଅନୁରୋଧ ରକ୍ଷା କରି ଅଇନିପଡା କଲ୍ୟାଣ ମଣ୍ଡପ ପାଇଁ ତାଙ୍କ ପାଣ୍ଠିରୁ ୩୫ ଲକ୍ଷ ଟଙ୍କା ମଞ୍ଜୁର କରି ମଞ୍ଜୁରୀପତ୍ର କେନ୍ଦ୍ରାପଡ଼ା ଜିଲାପାଳ ଓ ନରସିଂହପୁର ସରପଞ୍ଚଙ୍କ ନିକଟକୁ ପଠାଇଛନ୍ତି ।ଏଥି ପାଇଁ ନରସିଂହପୁର ସରପଞ୍ଚ ଦୀପ୍ତିମୟି ପରିଡା, ଯୁବନେତା ସୁଶୀଲ ପରିଡା, ଗିରିଜାଶଙ୍କର ସାମଲ, ଚନ୍ଦନ ପାତ୍ର, ପରେଶ କୁମାର ସାହୁ ପ୍ରମୁଖ ଏମ୍‌ପିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଗୋ-ସମ୍ମାନ ଆହ୍ୱାନ ଅଭିଯାନ ନେଇ ତହସିଲଦାରଙ୍କୁ ଦାବିପତ୍ର



ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି।

**ରାଜନଗର, ୨୭।୪ (ଭାସ୍କର ରାଉତରାୟ)**

ସମଗ୍ର ଭାରତ ବର୍ଷରେ ଗୋ – ହତ୍ୟା ସମ୍ପୂର୍ଣ୍ଣ ଶେଷ କରିବା ଏବଂ ଗୋମାତାଙ୍କୁ ରାଷ୍ଟ୍ରସ୍ତରୀୟ ସମ୍ମାନ ଦେବା ନେମନ୍ତେ ସୋମବାର ଗୋ-ସମ୍ମାନ ଦିବସରେ ପୂର୍ବାହ୍ନ ୧୧ ଟାରେ ତହସିଲ ମୁଖ୍ୟାଳୟରେ ପହଞ୍ଚି ପ୍ରାର୍ଥନାମ ଦାଖଲ କରନ୍ତୁ ଗୋ ସୁରକ୍ଷା ଆଇନ ଲାଗୁ କରିବା ପାଇଁ ଏକ ବୈଠକ ଅନୁଷ୍ଠାପନା କରାଯାଇଥିଲା। ରାଜନଗର ନିର୍ବାଚନମଣ୍ଡଳୀ ଗୋ ସମ୍ମାନ ଆହ୍ୱାନ ଅଭିଯାନ ପାଇଁ ରାଜନଗର ବ୍ଲକରେ ପ୍ରାୟ ୩ହଜାର ଲୋକଙ୍କ ସ୍ୱାକ୍ଷର ନେଇ ସାରଦା ପ୍ରସାଦ ରାଉତଙ୍କ ସହ ସମସ୍ତ ଗୋ ସେବକ ଯଥା ବିମଳ କୁମାର କୁଣ୍ଡ, ଆଲୋକ କୁମାର ବେହେରା, ରଶ୍ମି ରଞ୍ଜନ ପାତ୍ର, ନଳିନୀ କାନ୍ତ ମହାନ୍ତି, ସର୍ବେଶ୍ୱର ମଲ୍ଲିକ ଓ ପ୍ରଫୁଲ୍ଲ ଚନ୍ଦ୍ର ଭୂୟାଁ ପ୍ରମୁଖଙ୍କ ସ୍ୱାକ୍ଷର ନେଇ ରାଜନଗର ତହସିଲଦାରଙ୍କ ନିକଟରେ ପହଞ୍ଚି ଦାବିପତ୍ର ଦିଆଯାଇଛି ।

# ଶ୍ରୀଅରବିନ୍ଦଙ୍କ ଦଶମ ବାର୍ଷିକ ପବିତ୍ର ଦେହାଂଶ ପ୍ରତିଷ୍ଠା ଦିବସ

**ପାଟକୁରା, ୨୭।୪ (ରବୀନ୍ଦ୍ର ନାଥ ବାରିକ)**

ଗରଦପୁର ବ୍ଲକ ପାଖଡ ପଞ୍ଚାୟତ ଜଗଦେଇପୁର ଗ୍ରାମରେ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଅରବିନ୍ଦଙ୍କ ଦଶମ ବାର୍ଷିକ ପବିତ୍ର ଦେହାଂଶ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ଶ୍ରୀଅରବିନ୍ଦ ନବଜ୍ୟୋତି ଶିକ୍ଷାନିକେତନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଭାପତି ଶରତ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରୀମା' ଅରବିନ୍ଦ ସଂଗଠନ ରାଜ୍ୟ ସଂଗଠକ ଅନାଦି ଚରଣ ସ୍ୱାଇଁ, ସମ୍ମାନିତ ବକ୍ତା ଭାବେ ରାଜ୍ୟ ସଂଗଠକ ପ୍ରସାଦ ତ୍ରିପାଠୀ, ସାମାଜିକକର୍ମୀ ଶ୍ରୀକାନ୍ତ ନାୟକ ଯୋଗଦେଇ ଶ୍ରୀଅରବିନ୍ଦଙ୍କ ବାଣୀ, ତାଙ୍କ ଜୀବନଦର୍ଶନ ଉପରେ ଆଲୋକପାତ କରିଥିଲେ। ଶ୍ରୀଅରବିନ୍ଦ ଏକାଧାରରେ ଜଣେ ବିପ୍ଳବୀ ସ୍ୱାଧୀନତା ସଂଗ୍ରାମୀ, ଜାତୀୟତାବାଦୀ ନେତା, ଦାର୍ଶନିକ ଏବଂ ମହାନ ଯୋଗୀ ଭାବେ ପରିଚିତ ଥିଲେ। ତେଣୁ ଶ୍ରୀଅରବିନ୍ଦଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ। ଶ୍ରୀଅରବିନ୍ଦଙ୍କ ଭଳି ଜଣେ ଜଣେ ଦେଶଭକ୍ତ ହେବାକୁ ବିଦ୍ୟାର୍ଥୀମାନଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାଜପା ରାଜ୍ୟ ପ୍ରବକ୍ତା ତେଜେଶ୍ୱର ପରିଡା ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମାଧାନ ପାଇଁ ସରକାରୀ ଓ ବେସରକାରୀସ୍ତରରେ ଚେଷ୍ଟା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷାନିକେତନ ପ୍ରତିଷ୍ଠାତା କୁଳମଣି ଦାସ ଉପସ୍ଥିତ ଥିଲେ। ସମ୍ପାଦକ ଅଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ଶିକ୍ଷାନିକେତନର ଗୁରୁଜୀ, ଗୁରୁମା'ମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ଆଲୋଚନାଚକ୍ରରେ ଅତିଥି ବୃନ୍ଦ।

# ମାଣିଖଣ୍ଡି ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ଡେରାବିଶ, ୨୭।୪ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ବାଲିଆ ପଞ୍ଚାୟତ ମାଣିଖଣ୍ଡି ମହାପୁରୁଷଙ୍କ ପୀଠରେ ବହୁ ପ୍ରାଚୀନ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ଏହି ମହାଯଜ୍ଞ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପଣ୍ଡିତ ରମେଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅକ୍ଷୟ ତୃତୀୟା ଦିନ କଳସ ଶୋଭାଯାତ୍ରା କରାଯାଇ ଯଜ୍ଞସ୍ଥଳରେ ଘଟସ୍ଥାପନ କରାଯାଇଥିଲା। ପରେ ୭ ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ବିଶେଷ ବିଭିନ୍ନ ଦିବସରେ ଯୋଗଦେଇ ଯଜ୍ଞ ପୁରୁଷଙ୍କ ଆଶୀର୍ବାଦ କାମନା କରିଥିଲେ। ଯଜ୍ଞ କମିଟି ସଭାପତି ବନମାଳୀ ଦୁବେଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମାପନ ହୋଇଥିବା ବେଳେ କର୍ତ୍ତା କର୍ତ୍ତୀଭାବେ ବରେନ୍ଦ୍ର ମହାନ୍ତି ଓ ନଳିନୀ ମହାନ୍ତି ଦାୟିତ୍ୱ ନିର୍ବାହ କରିଥିଲେ। ଯଜ୍ଞକମିଟି ପକ୍ଷରୁ ସୁନୀଲ କୁମାର ସାହୁ, ବିଷ୍ଣୁ ପ୍ରସାଦ ବେହେରା, ବ୍ରଜ ସୁନ୍ଦର ମହାନ୍ତି, ପରମାନନ୍ଦ ବେହେରା, ଜ୍ଞାନରଞ୍ଜନ କର ଓ ତୁଷାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମାଣିଖଣ୍ଡି ମହାପୁରୁଷ।

# ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷାଦାନ କକ୍ଷ ଉଦ୍‌ଘାଟିତ



ଅତିଥିଙ୍କ ସହ ଛାତ୍ରୀଛାତ୍ର ।

**ରାଜକନିକା, ୨୭।୪ (ସଞ୍ଜୟ କୁମାର ଦାଶ)**

## କନିକା ରିଡିଂ ରୁମ୍

ରାଜକନିକା ସଦରରେ ଥିବା କନିକା ରିଡିଂ ରୁମରେ ସୋମବାର ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷାଦାନ କକ୍ଷ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଡ଼. ଫକୀର ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ନିଖିଳ ଉତ୍କଳ ଓଷ୍ଟା ଶିକ୍ଷକ ସଂଘ ପ୍ରାକ୍ତନ ସାଧାରଣ ସମ୍ପାଦକ କାଳୀପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ହୋଇ ଆଗାମୀ ପିଢ଼ି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ ପ୍ରାଣ ପ୍ରତିଷ୍ଠାତା ତଥା ସାଧାରଣ ସମ୍ପାଦକ ପରିବେଶବିତ୍ ଗୋପୀନାଥ ଦାଶ, ପରିବେଶବିତ୍ ତଥା ସୁନାମଧନ୍ୟ ସଙ୍ଗଠକ ସୁବାସ ଚନ୍ଦ୍ର ରାଉତ, ସୁଧା ସାହିତ୍ୟ ପତ୍ରିକା ସମ୍ପାଦକ ହରେକୃଷ୍ଣ ବାରିକ, ବାଗ୍ମୀ ତଥା ସଙ୍ଗଠନର ବରିଷ୍ଠ ସଦସ୍ୟ ଗୋପୀନାଥ ବିଶ୍ୱାଳ, ଅଧ୍ୟାପକ ସଞ୍ଜୟ କୁମାର ମହାନ୍ତି, ସାମାଜିକକର୍ମୀ ତଥା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ମୁଖ୍ୟଲିପିକ ଲକ୍ଷ୍ମଣ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି କନିକା ରିଡିଂ ରୁମର ଏହି ମହତ୍ କାର୍ଯ୍ୟକ୍ରମର ଭୂୟସୀ ପ୍ରଂଶସା କରିଥିଲେ । ଏହାଦ୍ୱାରା ପ୍ରାୟ ୬୦ ଛାତ୍ରୀଛାତ୍ର ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଡ଼. ମିର୍ଜା ଇବ୍ରାହିମ ବେଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଗହୀରମଥାରୁ ମୁହଁ ଫେରାଉଛନ୍ତି ଅଲିଭ୍‌ରିଡ୍‌ଲେ କଇଁଛ

**ରାଜନଗର, ୨୭।୪ (ଭାସ୍କର ରାଉତରାୟ)**

୭୦ଦଶକରୁ ଆଜିଯାଏ ଅଣ୍ଡା ଦେଉ ଆସୁଥିବା ସାମୁଦ୍ରିକ କଇଁଛ ଅଲିଭ୍ ରିଡ୍‌ଲେ ଚଳିତ ବର୍ଷ ସମୂହ ଅଣ୍ଡା ନ ଦେଇ ଧୀରେ ଧୀରେ ସେମାନଙ୍କ ସ୍ଥାନକୁ ଫେରିଯାଉଥିବା ଦେଖିବାକୁ ମିଳିଛି। ଗତ ବର୍ଷ ସବୁ ଆଶଙ୍କାକୁ ପଛରେ ପକାଇ ୨୦୦୦ ପରଠୁ ସର୍ବାଧିକ ୬ ଲକ୍ଷରୁ ଊର୍ଦ୍ଧ୍ୱ କଇଁଛ ସମୂହ ଅଣ୍ଡାଦାନ କରି ସର୍ବକାଳୀନ ରେକର୍ଡ ସ୍ଥାପନ କରିଥିଲେ। ଚଳିତ ବର୍ଷ ଲକ୍ଷ ଲକ୍ଷ କଇଁଛ ଅଣ୍ଡାଦାନ ପାଇଁ ପ୍ରତୀକ୍ଷା କରି ପରିବେଶ ଅନୁକୂଳ ନ ହେବାରୁ ଗହୀରମଥାରୁ ମୁହଁ ଫେରାଉଥିବା ଦେଖିବାକୁ ମିଳୁଛି। ଏହା କଇଁଛ ବିଶାରଦ ପରିବେଶବିତ୍‌ଙ୍କ ପାଇଁ ଚିନ୍ତା ବଢ଼ାଇଦେଇଛି। ଅବଶ୍ୟ ଅତୀତରେ ୩ ଥର ଅଣ୍ଡା ନ ଦେଇ ଫେରିଯାଇଥିବା ରାଜନଗର ବନ ବିଭାଗ ତରଫରୁ ସୂଚନା ଦିଆଯାଇଛି। କ'ଣ ପାଇଁ ଏତେ ସଂଖ୍ୟକ କଇଁଛ ଗହୀରମଥାରେ ରୁଣ୍ଡ ହୋଇ ଅଣ୍ଡା ନ ଦେଇ ଫେରିଯିବା ପଛରେ କି ରହସ୍ୟ ଲୁଚି ରହିଛି ଏନେଇ ଅଧିକ ଗବେଷଣାର ଆବଶ୍ୟକତା ରହିଛି । ଏହି କଇଁଛଙ୍କ ଜୀବନଶୈଳୀକୁ ଅନୁଧ୍ୟାନ କରାଯିବ ବୋଲି ସାମୁଦ୍ରିକ ଜୀବ ଗବେଷକ ଡ. ଶିବପ୍ରସାଦ ପରିଡ଼ା ମତ ଦେଇଛନ୍ତି।



ରାଜନଗର ଡିଏଫ୍‌ଓ ଭରଦରାଜ ଗାଓଁକର କହିଛନ୍ତି, ଆମେ ଏବେବି ଆଶାବାଦୀ ରହିଛୁ ବର୍ଷ ପରେ ବର୍ଷ ବିତିଗଲାଣି ହେଲେ ଅଲିଭ୍ ରିଡ୍‌ଲେଙ୍କ ବାସ୍ତବ ଠିକଣା ମିଳିପାରୁନାହିଁ। ବୈଜ୍ଞାନିକ ଦୃଷ୍ଟିକୋଣରୁ କଇଁଛଙ୍କ ଆଗମନ ଏବଂ ବିସ୍ତୀର୍ଣ୍ଣ ନୀଳ ଜଳରାଶିରେ ସେମାନଙ୍କ ଅପୂର୍ବ ଲୀଳାଖେଳା ବାସ୍ତବିକ ମନମୁଗ୍ଧକର। ଏହାଛଡ଼ା କଇଁଛଙ୍କ ଆଗମନରେ ପ୍ରଚୁର ମାଛ ସମ୍ପଦ ବୃଦ୍ଧି ପାଇଥାଏ। ସାମୁଦ୍ରିକ ପରିବେଶ ସନ୍ତୁଳନ କ୍ଷେତ୍ରରେ ଏମାନଙ୍କ ଦାନ ଅତୁଳନୀୟ। ଏବେ ଶହ ଶହ ବେଆଇନ ଟ୍ରଲରଙ୍କ ଆତଯାତ ସେମାନଙ୍କ ମିଳନ ପର୍ବରେ କ୍ରମାଗତ ବାଧା ଯୋଗୁ ସେନେଇ ସେମାନେ ଆଉ ଗହୀରମାଥାକୁ ନିରାପଦ ମଣୁନାହାନ୍ତି।

# ରାଲିରେ ଆସି ଏସ୍‌ପି, ଜିଲାପାଳଙ୍କୁ ଭେଟିଲେ ଛାତ୍ରୀଛାତ୍ର

ଫୁଲବାଣୀ, ୨୭।୪(ରାକେଶ କୁମାର ରାଉତ)

ଫୁଲବାଣୀ ବ୍ଲକ୍ ତୁଡିପାଜୁ ସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟର ଯୁକ୍ତ ୨ ଛାତ୍ର ଗୋକୁଳ କହଁର ହଷ୍ଟେଲରେ ଆତ୍ମହତ୍ୟା କରିବା ଘଟଣାକୁ ନେଇ ଛାତ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଘଟଣାର ୭ ଦିନ ବିତି ଥିଲେ ବି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସୋମବାର ଛାତ୍ରୀଛାତ୍ରମାନେ ବିଦ୍ୟାଳୟରୁ ଆସି ସହରରେ ଜୋରଦାର ପ୍ରତିବାଦର ସ୍ୱର ଉଠାଇଛନ୍ତି। ଗୋକୁଳଙ୍କୁ ନ୍ୟାୟ ଦେବା ଏବଂ ଏହି ଘଟଣାରେ ପ୍ରିନ୍ସିପାଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ସେମାନେ ଦାବି କରିଛନ୍ତି । ଛାତ୍ରୀଛାତ୍ର ଏବଂ ଗୋକୁଳଙ୍କ ପରିବାର ଲୋକେ ଏସ୍‌ପି ଏବଂ ଜିଲାପାଳଙ୍କୁ ଭେଟି ଆଲୋଚନା କରିଛନ୍ତି। ଛାତ୍ରୀଛାତ୍ରଙ୍କ କହିବା ଅନୁସାରେ, ଆମର ବାର୍ଷିକ ଖେଳ ପ୍ରତିଯୋଗିତା ଶେଷ ହୋଇଥିଲା। ୨୦ ତାରିଖରେ କିଛି ପିଲାଙ୍କ ଦେହ ଖରାପ ଥିବାରୁ ଗୋକୁଳ କ୍ଲାସ ନ ଆସ ସେହି ପିଲାଙ୍କ ପାଖରେ ଥିଲେ। କିଛି ଘଣ୍ଟା ପରେ ସେ ତାଙ୍କ ରୁମ୍‌କୁ ଯାଇ ଫ୍ୟାନରେ ବେଡସିଟ ଲଗାଇ ଆତ୍ମହତ୍ୟା କରିଥିବା ଆମେ ଜାଣିବାକୁ ପାଇଲୁ । ଗୋପୁଳ ବହୁତ ଭଲ ପିଲା ଥିଲେ ତାଙ୍କ ପ୍ରତି ଅନ୍ୟାୟ କରାଯାଇଛି। ପ୍ରିନ୍ସିପାଲ ତାକୁ ବାରମ୍ବାର ଦୁର୍ବ୍ୟବହାର କରୁଥିଲେ । ଘଟଣା ଦିନ ମଧ୍ୟ ତାକୁ କଟୁ କଥା କହିବାରୁ ସେ ଏଭଳି ପଦକ୍ଷେପ ନେଇଛନ୍ତି । ଖାଲି ଏତିକି ନୁହେଁ, ଅଭିଭାବକ ମିଟିଂରେ ମଧ୍ୟ ଗୋକୁଳଙ୍କ ପରିବାର ଲୋକଙ୍କୁ ସମସ୍ତଙ୍କ ଆଗରେ ପ୍ରିନ୍ସିପାଲ ଖରାପ ବ୍ୟବହାର କରିଥିଲେ । ବହୁ ଛାତ୍ରଙ୍କ ପାଖରେ ମୋବାଇଲ ରହିଛି । କିନ୍ତୁ ପ୍ରିନ୍ସିପାଲ ଗୋକୁଳଙ୍କୁ ସବୁ ବେଳେ ଟାର୍ଗେଟ କରୁଥିଲେ ବୋଲି କିଛି ସହପାଠୀନୀ କହିଛନ୍ତି।



ପରିବାର ଲୋକେ ଏସ୍‌ପିଙ୍କ ସହ ଆଲୋଚନା କରୁଛନ୍ତି।

**ନବୋଦୟ ବିଦ୍ୟାଳୟ ଛାତ୍ର ଆତ୍ମହତ୍ୟା ଘଟଣା**

- ପ୍ରିନ୍ସିପାଲଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ
- ମୃତ ଛାତ୍ରଙ୍କୁ ଦେଉଥିଲେ ନିର୍ଯାତନା

ଏନେଇ ଏସ୍‌ପି ହରିଶ ବିସି କହିଛନ୍ତି ଯେ, ପୋଲିସ ଏହି ଘଟଣାରେ ତଦନ୍ତ କରୁଛି । ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହୋଇଛି। ବିଦ୍ୟାଳୟରେ ପରିଚାଳନାଗତ ତ୍ରୁଟି ହୋଇଛି। ବର୍ତ୍ତମାନ ସୁଦ୍ଧା ପ୍ରିନ୍ସିପାଲଙ୍କ ନାମରେ ବିଭାଗୀୟ ତଦନ୍ତ ଚାଲିଛି। ପିଲାମାନେ ଯେଉଁ ଦାବି କରିଛନ୍ତି ତାହା ଉପରେ ମଧ୍ୟ ତଦନ୍ତ ହେବ। ପ୍ରିନ୍ସିପାଲଙ୍କର ନିଶ୍ଚିତ ଭାବେ ଦାୟିତ୍ୱ ହୀନତା ରହିଛି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆମେ ଜିଲାପାଳଙ୍କୁ ରିପୋର୍ଟ ଦେବୁ ବୋଲି ଏସ୍‌ପି ସୂଚନା ଦେଇଛନ୍ତି । ସେହିପରି ଜିଲାପାଳ ବେଦଭୂଷଣ କହିଛନ୍ତି ଯେ, ଏହି ଘଟଣା ଗୁରୁତ୍ୱର ସହ ନିଆଯାଇଛି । ପ୍ରିନ୍ସିପାଲଙ୍କ ବିରୋଧରେ ବିଭାଗୀୟ ତଦନ୍ତ ପାଇଁ ଆମେ ଜେଏନ୍‌ଭି ବିଭାଗକୁ ଜଣେଇ ସାରିଛୁ । ତଦନ୍ତ ଆରମ୍ଭ ହୋଇଛି । ଏବେ ଏସ୍‌ପି ଯେଉଁ ରିପୋର୍ଟ ଦେବେ ତାହା ଆଧାରରେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ଯୁକ୍ତ ଦୁଇ ଛାତ୍ର ଗୋକୁଳ କହଁର(୧୭)ଙ୍କ ଝୁଲନ୍ତା ମୃତଦେହ ହଷ୍ଟେଲ ରୁମରୁ ଠାବ କରା ଯାଇଥିଲା। ଏନେଇ ପରିବାର ଲୋକ ଖବର ପାଇ ହଷ୍ଟେଲରେ ପହଞ୍ଚି କବାଟ ଖୋଲିବାରୁ ପୁଅର ମୃତଦେହ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ସେଠାରୁ ପରିବାର ଲୋକେ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଛାତ୍ରଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣି ସଦର ଥାନାରେ ଏତଲା ଦେଇଥିଲେ। ଦିନ ୧୨ଟା ବେଳେ ପୁଅ ଫୋନ କରି ଶିକ୍ଷକମାନେ ଗାଳି ଗୁଲଜ କରୁଛନ୍ତି। ମୋତେ ଆସି ଘରକୁ ନେଇ ଯାଅ ନ ହେଲେ ସେମାନେ ମୋତେ ମାରିଦେବେ ବୋଲି କହିଥିଲା। ମୁଁ ସ୍ତ୍ରୀଙ୍କ ସହ ବିଦ୍ୟାଳୟରେ ପହଞ୍ଚିବା ପରେ ପୁଅ ରହୁଥିବା ହଷ୍ଟେଲ ରୁମରେ ବାହାର ପଟୁ ତାଲା ପଡ଼ିଥିଲା । ବିଦ୍ୟାଳୟ ଶିକ୍ଷକଙ୍କ ଉପସ୍ଥିତିରେ ଘର ଖୋଲା ଯିବା ପରେ ପୁଅ ଝୁଲୁ ଥିବା ଦେଖିବାକୁ ପାଇଥିଲି । ତେଣୁ ବିଦ୍ୟାଳୟ କର୍ତ୍ତୃପକ୍ଷ ପୁଅକୁ ହତ୍ୟା କରି ଆତ୍ମହତ୍ୟା ରୂପ ଦେବାକୁ ଝୁଲାଇ ଦେଇଥିବା ଗୋକୁଳଙ୍କ ବାପା ସୁରେଶ ଏତଲାରେ ଦର୍ଶାଇଥିଲେ ।

## ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

ରଣପୁର, ୨୭।୪(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ସୋମବାର ରଣପୁର ବ୍ଲକ୍‌ରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ମଧୁସ୍ମିତା ରଥ ଜନସାଧାରଣଙ୍କର ବିଭିନ୍ନ ଅଭିଯୋଗର ଶୁଣାଣି କରିବା ସହ ଯେଉଁମାନେ ଯୋଗ୍ୟ ସେମାନଙ୍କ ଅଭିଯୋଗ ଯାଞ୍ଚ କରିବା ସହ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମୋଟ ୯୪ ଅଭିଯୋଗ ପଞ୍ଜୀକୃତ କରାଯାଇଥିଲା। ସେଥିରୁ ୮୩ ବ୍ୟକ୍ତିଗତ, ୬ ଗ୍ରାମ ସମସ୍ୟା, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତାର ୫ ଅଭିଯୋଗର ଶୁଣାଣି କରାଯାଇଥିଲା। ୪୧ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଶିବିରରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ଅତିରିକ୍ତ ଜିଲାପାଳ, ଉପଜିଲାପାଳ ,ଆରକ୍ଷୀ ଅଧୀକ୍ଷକ, ବିଡିଓ ଏବଂ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ ।

## ଇନ୍‌ଡୋର ଷ୍ଟାଡିଅମ୍‌ରେ ଏସି ଅଚଳ

**କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନି**

ଓଡଗାଁ,୨୭।୪(ନାରାୟଣ ପାଣିଗ୍ରାହୀ)

ଓଡଗାଁସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିଅମ ଆରମ୍ଭ ବେଳେ ଯୋଗ,ବ୍ୟାଡ଼ମିଣ୍ଟନ ଖେଳିବା ପାଇଁ କିମ୍ବା ଜିମ୍ କରିବା ପାଇଁ ଆବଶ୍ୟକ ସମସ୍ତ ସୁବିଧା ସୁଯୋଗର ବ୍ୟବସ୍ଥା କରାଯାଇଥିଲା । ଏଥିପାଇଁ ସ୍ୱତନ୍ତ୍ର ଭାବରେ ପ୍ରଶିକ୍ଷକ ମଧ୍ୟ ନିଯୁକ୍ତ ହୋଇଛନ୍ତି। ସରକାରୀ ନିୟମ ଅନୁସାରେ ପଞ୍ଜୀକରଣ କରିଥିବା ବହୁ ଜିମ ପ୍ରେମୀ ସକାଳ ଓ ସନ୍ଧ୍ୟାରେ ବ୍ୟାୟାମ କରିବାକୁ ଏଠାକୁ ଆସନ୍ତି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ମାତ୍ର ୩ ଟା ବର୍ଷ ହେଇନି ଏଠାରେ ଲାଗିଥିବା ୪ ଟା ଏୟାର କଣ୍ଡିସନ ମଧ୍ୟରୁ ୩ଟି ଦୀର୍ଘ ଦିନ ଧରି ଅଚଳ ହୋଇ ରହିବା ସତ୍ତ୍ୱେ ମରାମତି ପାଇଁ କୌଣସି ପଦକ୍ଷେପ ନିଆ ଯାଉନାହିଁ । ବର୍ତ୍ତମାନ ଏତେ ତାପମାତ୍ରା ସତ୍ତ୍ୱେ ଏସି ଚାଲୁ ନ ଥିବାରୁ ପ୍ରବଳ ଗରମରେ ବ୍ୟାୟାମ କରିବା କଷ୍ଟକର ହେଇପଡୁଛି । ଏହା ଛଡା ସାଇକେଲିଂ ଯନ୍ତ୍ର, ଗୋଡ଼ ବ୍ୟାୟାମ ପାଇଁ ଉଦିଷ୍ଟ ଯନ୍ତ୍ର ମଧ୍ୟ ବହୁ ଦିନରୁ ଅଚଳ ହୋଇ ପଡିଛି । ୱାସ ରୁମର ବେସିନ ଟ୍ୟାପ ମଧ୍ୟ ଅସଜଡ଼ା ହୋଇ ପଡି ରହିଛି । ବହୁ ଟଙ୍କା ବ୍ୟୟରେ ନିର୍ମିତ ଏଭଳି ଅତ୍ୟାଧୁନିକ ଷ୍ଟାଡିଅମ୍‌ରେ ଏଭଳି ଅବହେଳାକୁ ବୁଦ୍ଧିଜୀବୀ ତଥା କ୍ରୀଡା ପ୍ରେମୀମାନେ ନାପସନ୍ଦ କରିଛନ୍ତି। ଜିଲା କ୍ରୀଡା ଅଧିକାରୀ ସୁଜାତା ସାହୁଙ୍କୁ ଯୋଗାଯୋଗ କରି ଏ ବିଷୟରେ ପଚାରିବାରୁ ଯଥାଶୀଘ୍ର ଏସବୁ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

## ଧରାକୋଟରେ ୪୨ ଡିଗ୍ରୀ ତାପମାତ୍ରା

**ଦିନ ୧୧ଟା ପରେ ରାସ୍ତାଘାଟ ବଜାର ଶୁନଶାନ**

ଧରାକୋଟ,୨୭।୪(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଦିନକୁ ଦିନ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇ ଗ୍ରୀଷ୍ମ ପ୍ରକୋପ ବଢ଼ିବାରେ ଲାଗିଛି। ସବୁଠି ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ଗଞ୍ଜାମ ଜିଲା ମଧ୍ୟ ସେଥିରୁ ବାଦ ପଡିନି। ଜିଲାର ଧରାକୋଟରେ ସୋମବାର ତାପମାତ୍ରା ୪୨ ଡିଗ୍ରୀରେ ପହଞ୍ଚିଛି। ଏଥିନେଇ ଲୋକେ ନାହିଁ ନ ଥିବା କଷ୍ଟ ଭୋଗିଛନ୍ତି। ପ୍ରବଳ ଖରା ଓ ଗୁଳିଗୁଳି ଯୋଗୁ ଦିନ ୧୧ଟା ପରେ ବଜାର ରାସ୍ତା ଘାଟ ସବୁ ଶୁନ୍‌ଶାନ ହୋଇପଡୁଛି। ଖରା ତାତି ବଢୁଥିବାରୁ ପିଇବା ପାଣି ପାଇଁ ପଶୁପକ୍ଷୀ ବେଶି ପ୍ରଭାବିତ ହେଉଥିବା ଦେଖିବାକୁ ମିଳିଛି। ପଞ୍ଚାୟତଗୁଡ଼ିକ ପକ୍ଷରୁ ଛକ ସ୍ଥାନଗୁଡିକରେ ଏ ପର୍ଯ୍ୟନ୍ତ ଜଳଛତ୍ର ଖୋଲାଯାଇ ନାହିଁ। ଏପ୍ରିଲ ମାସ ଶେଷ ହେବାକୁ ବସିଥିବା ବେଳେ ଜଳଛତ୍ର ଖୋଲା ନ ଯିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଆଗାମୀ ଦିନରେ ଚାରାରୋପଣ ସହ ଜଳ ସଂରକ୍ଷଣ ବ୍ୟବସ୍ଥା ନ ହେଲେ ଅଗାମୀ ଦିନରେ ସ୍ଥିତି ଆହୁରି ସାଙ୍ଘାତିକ ହୋଇପଡିବ ଏଥିରେ ସନ୍ଦେହ ନାହିଁ।

# ଗୋରୁ ବୋଝେଇ କଣ୍ଟେନର ଛାଡ଼ି ପଳାଇଲେ ମାଫିଆ

- ଜବତକଲା ପୋଲିସ
- ପୋଲିସ ଜାଣତରେ ଗୋରୁ ଚାଲାଣ ହେଉଥିବା ସମିତି ବୈଠକରେ ଅଭିଯୋଗ

ନୂଆଗାଁ ୨୭।୪ (ଧନେଶ୍ୱର ସାହୁ)

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ନୟାଗଡ଼ ଜିଲା ନୂଆଗାଁ ଥାନା ନୂଆଗାଁ ମୁଦୁରାଙ୍ଗଠାରେ ଅଟକି ରହିଥିବା ଗୋଟିଏ ଗୋରୁ ବୋଝେଇ କଣ୍ଟେନରକୁ ସୋମବାର ସକାଳୁ ନୂଆଗାଁ ପୋଲିସ ଜବତ କରିଛି । ଦଶପଲ୍ଲା ପଟୁ ନୟାଗଡ଼ ଅଭିମୁଖେ ଯାଉଥିବା ଗୋଟିଏ ଆଇଚର କଣ୍ଟେନର ନଂ. ଆର୍‌ଜେ ୨୯ ଜିବି ୨୩୪୧ ନୂଆଗାଁ ଥାନାଠାରୁ ମାତ୍ର ଗୋଟିଏ କିଲୋମିଟର ଦୂର ମୁଦୁରାଙ୍ଗଠାରେ କୌଣସି କାରଣରୁ ଅଟକି ରହିଥିଲା, କିନ୍ତୁ ଡ୍ରାଇଭର ନ ଥିଲେ। ସେହି କଣ୍ଟେନରରେ ଗୋରୁ ବୋଝେଇ ହୋଇଥିବା ନେଇ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଡୋର ଖୋଲି ତନଖି କରିବାରୁ ସେଥିରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଗୋରୁ ଥିବା ଦେଖିବାକୁ ପାଇଥିଲା । ସେଠାରେ ଗାଡ଼ିରୁ ସବୁ ଗୋରୁଙ୍କୁ ଖାଲିକରି ସ୍ଥାନୀୟ ଲୋକଙ୍କୁ ଜିମାଦେଇ ଗାଡ଼ିଟିକୁ ନିଜ ହେପାଜତକୁ ନେଇଛି। ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଗୋରୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଗୋରୁ ବୋଝେଇ ଗାଡ଼ି ପୋଲିସ ଜବତ କରିଥିବା ବେଳେ ନଂ. ୯୧/୨୮ ରେ ମାମଲା ରୁଜୁ କରାଯାଇଛି। ନୂଆଗାଁ ଥାନାଧିକାରୀ ରଶ୍ମିରଞ୍ଜନ ସାହୁ ପଚାରିବାରେ ୧୮ ଗୋରୁଙ୍କୁ ଉଦ୍ଧାରକରି ସ୍ଥାନୀୟ ଲୋକଙ୍କୁ ଜିମାଦେବା ସହ କଣ୍ଟେନର ଜବତକରି ତଦନ୍ତ ଚଳାଇଛି ବୋଲି କହିଛନ୍ତି । ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଦେଇ ପ୍ରତିଦିନ ଶହ ଶହ ଗୋରୁ ଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଛି । ସେହିପରି ଓଡ଼ଗାଁ ଥାନା ବାହାଡ଼ାଖୋଲା ଫାଣ୍ଡି ଅଧୀନ କାପ୍ତାପଲି ରାସ୍ତା ଦେଇ ମଧ୍ୟ ବଡ଼ କଣ୍ଟେନରରେ ଗୋରୁ ଚାଲାଣ ହେଉଛି। ଏ ନେଇ ବୁଧବାର ନୂଆଗାଁ ପଞ୍ଚାୟତ ସମିତି ବୈଠକରେ ଜଣେ ଜନ ପ୍ରତିନିଧି ଅଭିଯୋଗ ଆଣି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ଉଠାଇବା ସହ ରେଗୁଲେଶନରେ ସ୍ଥାନ ଦେଇ ଗୋଚାଲଣକୁ ରୋକିବାକୁ ନିବେଦନ କରିଥିଲେ।



କଣ୍ଟେନରରୁ ଗୋରୁଙ୍କୁ ଉଦ୍ଧାର କରାଯାଉଛି।

## ଗାଡ଼ି ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ନୟାଗଡ଼,୨୭।୪(ଲୋକନାଥ ମିଶ୍ର)

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ନୟାଗଡ଼ ବାଇପାସ୍‌ର ପଣ୍ଡୁସରଠାରେ ସୋମବାର ପୂର୍ବାହ୍ନରେ ସଡକ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କର ମୃତ୍ୟୁ ଘଟିଛି। ମୃତକ ଇଟାମାଟି ଥାନା ଚନ୍ଦ୍ରଶେଖରପୁର ଗାଁର ମାନସ ସାହୁ(୨୭)। ମାନସ ନିଜ କାମ ସାରି ବାଇକ୍ ଯୋଗେ ବାଇପାସ୍ ରାସ୍ତାରେ ଘରକୁ ଫେରୁଥିଲେ। ସକାଳ ପ୍ରାୟ ସାଢେ ୮ଟାରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଏହାପରେ ଡ୍ରାଇଭର ଗାଡ଼ିକୁ ନେଇ ପଳାଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର ବାଟରେ ମାନସଙ୍କର ମୃତ୍ୟୁ ଘଟିଥିଲା। ଇଟାମାଟି ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦକରି ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଦୁର୍ଘଟଣା ଜନିତ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ କରୁଛି।

## ପ୍ରତିଭା ପୂଜା, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**କଳାଶ୍ରୀ ଉପାଧିରେ ସମ୍ମାନିତ ହେଲେ ଓଡ଼ଗାଁ ପୁଅ ରବି ବାରିକ**

ଓଡ଼ଗାଁ,୨୭।୪(ନାରାୟଣ ପାଣିଗ୍ରାହୀ)

ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଜୟଦେବ ସଂସ୍କୃତି ବିକାଶ ପରିଷଦ ଓ ବିଶ୍ୱଦେବ ସମାଜର ମିଳିତ ଆନୁକୂଲ୍ୟରେ ୨୬ତମ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଓ ପ୍ରତିଭା ପୂଜାଉତ୍ସବ କଟକସ୍ଥିତ କଳାବିକାଶ କେନ୍ଦ୍ରଠାରେ ରବିବାର ଅନୁଷ୍ଠିତ ହୋଇ ଯାଇଛି। ଓଡ଼ିଶାର ପ୍ରତି ଜିଲାରୁ ୧୦ଜଣ କରି ୩୦୦କଳାକାର, ସାହିତ୍ୟିକ, ସମାଜ ସେବକ, କୃଷକ, ଶିକ୍ଷକ, କ୍ରୀଡ଼ାବିତ୍, ଆଦର୍ଶ ଗୃହିଣୀ ଏବଂ ସାମ୍ବାଦିକଙ୍କୁ ମାନପତ୍ର, ପଦକ, ସମ୍ମାନ ମୁକୁଟ, ଟ୍ରଫି ସହିତ ୧ ଲକ୍ଷ ଟଙ୍କାର ନାଗରିକ ସୁରକ୍ଷା ପଲିସି ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଓଡ଼ଗାଁ ବ୍ଲକ ରଙ୍ଗଣୀପାଟଣା ପଞ୍ଚାୟତ ବାହାଡ଼ାପିଠା ଗ୍ରାମର ମନ୍ଦିର ନିର୍ମାଣ ଶିଳ୍ପୀ ରବି ବାରିକଙ୍କୁ ଓଡ଼ିଶା କଳାଶ୍ରୀ ଉପାଧିରେ ସମ୍ବର୍ଦ୍ଧିତ କରାଯାଇଛି। କଳାଭୂଷଣ ଡ.ପ୍ରଶାନ୍ତ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବକୁ ମୁଖ୍ୟ ଅତିଥିଭାବେ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଡ.ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା, ଏମ୍‌ପି ରବିନାରାୟଣ ବେହେରା, ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ଅତିରିକ୍ତ ଜିଲାପାଳ କମଳତିତ ଦାସ, ନଟବର ଶତପଥୀ ପ୍ରମୁଖ ଯୋଗଦେଇ ବାରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ନରେନ୍ଦ୍ରନାଥ ଓଝା ପରିଚାଳନା କରିଥିଲେ। ବାରିକ ସମ୍ବର୍ଦ୍ଧିତ ହେବାପରେ ଓଡ଼ଗାଁ ଅଞ୍ଚଳର ମନ୍ଦିର ନିର୍ମାଣ ଶିଳ୍ପୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସରପଞ୍ଚ ସସ୍ମିତା ପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ରବିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ମନ୍ଦିର ନିର୍ମାଣ ଶିଳ୍ପୀ ରବି ବାରିକଙ୍କୁ ଓଡ଼ିଶା କଳାଶ୍ରୀ ଉପାଧିରେ ସମ୍ବର୍ଦ୍ଧିତ କରାଯାଉଛି।

## ସିଂହଦ୍ୱାର ବିଗ୍ରହ ପ୍ରତିଷ୍ଠା ଉତ୍ସବ

କବିସୂର୍ଯ୍ୟନଗର, ୨୭।୪(କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ନାରାୟଣପୁର ଶାସନଠାରେ ବିଜେ କରିଥିବା ଶ୍ରୀନିଳକଣ୍ଠେଶ୍ୱର ମହାପ୍ରଭୁଙ୍କ ମନ୍ଦିର ସମ୍ମୁଖରେ ନବନିର୍ମିତ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି । ପଣ୍ଡିତଙ୍କ ଦ୍ୱାରା ସିଂହଦ୍ୱାର ବିଗ୍ରହ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଥିଲା। ଅଧିବାସ, ଅଙ୍କୁରୋପଣ, ସୂର୍ଯ୍ୟପୂଜା, ଘୃତଯଜ୍ଞ ଆଦି କାର୍ଯ୍ୟ କରାଯାଇ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମରେ ଭାଗିରଥି ଶତପଥୀ,ତାଙ୍କ ସ୍ତ୍ରୀ ସୁପ୍ରଭା ଶତପଥୀ, ସମାଜିକ କର୍ମୀ ମାହେଶ୍ୱରୀ ଦୋରା, ଶ୍ୱେତ ଦୋରା, ଇଂ.ଦିଲୀପ ଖଣ୍ଡୁଆଳ, କୃପାସିନ୍ଧୁ ସ୍ୱାଇଁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ୩୩ ଅଭିଯୋଗର ଶୁଣାଣି କଲେ ଅତିରିକ୍ତ ଜିଲାପାଳ

ପାରଳାଖେମୁଣ୍ଡି,୨୭।୪(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ନୂଆଗଡ ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମ୍ୟମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ମୁନୀନ୍ଦ୍ର ହୋନେନାଗ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ ଯୋଗଦେଇ ୩୩ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ସେଥିରୁ ୧୩ଟି ବ୍ୟକ୍ତିଗତ ସମସ୍ୟାମୂଳକ ଅଭିଯୋଗ ଥିବା ବେଳେ ୨୦ଟି ଗ୍ରାମ ସମସ୍ୟାମୂଳକ ଅଭିଯୋଗ ରହିଥିଲା। ସାମାଜିକ ସୁରକ୍ଷା, ଜମି ପଟ୍ଟା, ଏମ୍‌ଜିଏନଆରଇଜିଏସ୍,ଗୃହ ନିର୍ମାଣ, ରାଶନ କାର୍ଡ, ଶିକ୍ଷା, ଜଳସେଚନ ରାସ୍ତା ଓ ସ୍ୱାସ୍ଥ୍ୟସେବାରେ ରହିଥିବା ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଥିଲା। ସମସ୍ୟା ଅଭିଯୋଗଗୁଡିକର ସମାଧାନ ଲାଗି ଅତିରିକ୍ତ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୮ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଥିଲା।

## ଆଇନ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୨୭।୪(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୁମ୍ମା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ମାନବ ଓ ବନ୍ୟପ୍ରାଣୀ ସଂଘର୍ଷକୁ ନେଇ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ପ୍ରାଧିକରଣ ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶରେ ହୋଇଥିଲା। ପ୍ରାଧିକରଣ ସଚିବ ବିମଳ ରାଉଳ ଅଧ୍ୟକ୍ଷତା କରିଥିଲେ। ବାଲ୍ୟ ବିବାହ ନିରୋଧ ଆଇନ, ପୋସ୍କୋ ଆଇନ, ବନ୍ୟଜନ୍ତୁ ସଂରକ୍ଷଣ ଆଇନ ସମ୍ପର୍କରେ ସଚିବ ରାଉଳ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଉପସ୍ଥିତ ଅତିଥି ଜିଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ ମିଶ୍ର ମାନବ ବନ୍ୟପ୍ରାଣୀ ସଂଘର୍ଷ ପିଡୀତଙ୍କ ପାଇଁ ରହିଥିବା ସରକାରୀ କ୍ଷତିପୂରଣ ବ୍ୟବସ୍ଥା ଓ ସାଇବର କ୍ରାଇମ ରୋକିବା ନେଇ ରହିଥିବା ବିଭିନ୍ନ ଆଇନ ଉପରେ ସମସ୍ତଙ୍କୁ ଅବଗତ କରାଇଥିଲେ। ପାରା ଲିଗାଲ ଭଲ୍ୟୁଣ୍ଟର ଶଶୀରେଖା ବିଷୋୟୀ, ପ୍ରାଧିକରଣର କର୍ମଚାରୀ ଓ ଅନ୍ୟମାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

## ଗଞ୍ଜାମ ଏନ୍‌ଏସିରେ ନୂଆ କଲ୍ୟାଣମଣ୍ଡପ



କଲ୍ୟାଣମଣ୍ଡପରେ ଚାଲିଥିବା ଏନ୍‌ଏସି କାର୍ଯ୍ୟାଳୟ।

ଗଞ୍ଜାମ,୨୭।୪(ବିଦ୍ୟାଧର ସାହୁ)

ଗଞ୍ଜାମ ସହର ବଡ଼ ବଜାର ଠାରେ ଥିବା ବହୁ ପୁରାତନ ଏନ୍‌ଏସି କାର୍ଯ୍ୟାଳୟ ଏବେ ଖାଁ ଖାଁ ଲାଗୁଛି। ବର୍ତ୍ତମାନ କଲ୍ୟାଣ ମଣ୍ଡପ ଗଞ୍ଜାମ ଏନ୍‌ଏସିକୁ ନୂଆ ପରିଚୟ ଦେଇଛି। ଗତ ଅକ୍ଷୟ ତୃତୀୟାରୁ କଲ୍ୟାଣ ମଣ୍ଡପରେ ପୂଜାର୍ଚ୍ଚନା କରାଯିବା ପରେ ବିଧିବଦ୍ଧ ଭାବେ ଅଫିସ କାର୍ଯ୍ୟ ଆରମ୍ଭ ହୋଇଥିବା ଏନ୍‌ଏସି ଗୋଷ୍ଠୀ ସଙ୍ଗଠିକା ଅଞ୍ଜଳି ପାଢ଼ୀ ସୂଚନା ଦେଇଛନ୍ତି। ବହୁ ପୁରାତନ ଏନ୍‌ଏସି କାର୍ଯ୍ୟାଳୟ କୋଠା ଗୁଡ଼ିକ ଭଗ୍ନ ଅବସ୍ଥାରେ ଥିବା ହେତୁ ସେଗୁଡ଼ିକୁ ଭାଙ୍ଗି ନୂତନ କୋଠା ନିର୍ମାଣ ହେବ ବୋଲି ଏନ୍‌ଏସି ଗୋଷ୍ଠୀ ସଙ୍ଗଠିକା କହିଛନ୍ତି। ଏନ୍‌ଏସି ପୁରୁଣା ଗୃହ ଗୁଡ଼ିକ ଭାଙ୍ଗି ସେଠାରେ ନୂତନ ବିଲଡିଂ ନିର୍ମାଣ କରାଯିବା ନେଇ ପୂର୍ବରୁ ଏନ୍‌ଏସି କାଉନ୍‌ସିଲର ବୈଠକରେ ପ୍ରସ୍ତାବ ଦିଆଯିବା ଏବଂ ତାହା ମଞ୍ଜୁର ହୋଇଥିଲା। ଉକ୍ତ ପ୍ରକଳ୍ପ ନିର୍ମାଣ ପାଇଁ ମୋଟ ୬କୋଟି ବ୍ୟୟ ଅଟକଳ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୩ କୋଟି ଏବଂ ପରବର୍ତ୍ତୀ ସମୟରେ ଆଉ ୩ କୋଟି ବ୍ୟୟ ବରାଦରେ ଅନୁସାଙ୍ଗିକ ବ୍ୟବସ୍ଥା ସହ ଅତ୍ୟାଧୁନିକ ଗୃହ ନିର୍ମାଣ ହେବ ବୋଲି ଏନ୍‌ଏସି ଇଓ ଅପର୍ଣ୍ଣା ଡାଙ୍ଗୁଆ ସୂଚନା ଦେଇଛନ୍ତି। ସହରବାସୀଙ୍କ ଅବଗତି ନିମନ୍ତେ କଲ୍ୟାଣ ମଣ୍ଡପରେ ଅଫିସ କାର୍ଯ୍ୟ ଆରମ୍ଭ ହୋଇଥିବା ନେଇ ହୋର୍ଡିଂ ଲଗାଯିବ ବୋଲି ଏନଏସି ପକ୍ଷରୁ କୁହାଯାଇଛି।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର

ଛତ୍ରପୁର, ୨୭।୪ (ଦିଲ୍ଲୀପ ସାମଲ)

**ଗୋସମ୍ପଦର ସମ୍ମାନ ଓ ସୁରକ୍ଷା ଅଭିଯାନ**



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଗୋ ସମ୍ପଦର ସୁରକ୍ଷା ଓ ଗୋ ସମ୍ପଦ ଉଚିତ ସମ୍ମାନ ଦାବିରେ ଗୋ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଏକ ସ୍ମାରକପତ୍ର ଛତ୍ରପୁର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ମହାମହିମ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହା ପ୍ରଦାନ କରାଯାଇଛି। ଗୋ ହାତ୍ୟା ସମ୍ପୂର୍ଣ୍ଣ ଭାବେ ବନ୍ଦ ହେଉ, ସେମାନଙ୍କ ସୁରକ୍ଷା ଆଇନଗତ ଭାବେ ସୁନିଶ୍ଚିତ କରିବା, ଗୋ ମାତାକୁ ସମ୍ମାନ, ଗୋ ମାତାକୁ ରାଷ୍ଟ୍ରମାତା ଭାବେ ସମ୍ମାନ ଦାବି କରାଯାଇଛି । ଏନେଇ ଗୋ ସମ୍ମାନ ଆହ୍ୱାନ ଅଭିଯାନ କରାଯାଇଛି। ଛତ୍ରପୁର ସହରରକୁ ବହୁ ଗୋ ପ୍ରେମୀ ଓ ଗୋ ସୁରକ୍ଷାକର୍ମୀମାନେ ଏକ ରାଲିରେ ଆସି ତହସିଲଦାର ଦିବ୍ୟା ମହାନ୍ତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ସୂଚନା ଥାଉକି ଦିନ କୁ ଦିନ ଗୋ ଚାଲାଣ ଅଧିକ ହେଉଛି, ଗୋ ମାତା କୁ ହତ୍ୟା କରାଯାଉଛି ବୋଲି କହିଥିଲେ। ଏହି ସ୍ମାରକ ପତ୍ର ପ୍ରଦାନ ବେଳେ ଛତ୍ରପୁର ଅଞ୍ଚଳର ବହୁ ଗୋ ଭକ୍ତ ମାନେ ଉପସ୍ଥିତ ଥିଲେ।

**ଆସିକା, (ସୁରେନ୍ଦ୍ର ନାଥ ସାହୁ):** ଗୋ ସମ୍ମାନ ଆବାହନ ଅଭିଯାନ ଆସିକା ଶାଖା ପକ୍ଷରୁ ଗୋ ସମ୍ପଦର ସମ୍ମାନ, ସୁରକ୍ଷା ଓ ଗୋହତ୍ୟାକୁ ସମ୍ପୂର୍ଣ୍ଣ ନିଷେଧ କରିବା ଲାଗି ଦାବିରେ ସୋମବାର ଏକ ଶୋଭାଯାତ୍ରା କରାଯାଇଥିଲା। ଏହି ଅବସରରେ ତହସିଲଦାର ସଙ୍ଗୀତା ସେନଙ୍କ ଜରିଆରେ ଭାରତର ମହାମହିମ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଓଡିଶା ରାଜ୍ୟପାଳ ଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ରରେ ଏକଦା ଦେଶ ସ୍ୱାଧୀନ ବେଳେ ଦେଶରେ ଜଣ ପିଛା ୧୦ଟି ଗାଈ ରହିଥିଲା ବେଳେ ବର୍ତ୍ତମାନ ୧୦ଜଣଙ୍କ ପାଇଁ ଗୋଟିଏ ଗାଈ ପହଞ୍ଚିଲାଣି । ଏହାଛଡା ବିଭିନ୍ନ ସମୟରେ ଗୋରୁ ଗାଈଙ୍କ ପ୍ରତି ଉପଯୁକ୍ତ ଯତ୍ନ ଅଭାବରୁ ରାସ୍ତା ଦୁର୍ଘଟଣା ଓ ରାସ୍ତାଘାଟରେ ପଡିଥିବା ପଲିଥିନ ଖାଇ ଗୋସମ୍ପଦ ମୃତ୍ୟୁର ଶିକାର ହେଉଛନ୍ତି । ଏପରି ସ୍ଥିତିରେ ଗୋମାତାଙ୍କ ସୁରକ୍ଷା, ସମ୍ମାନ ଓ ଗୋ ସମ୍ପଦର ବୃଦ୍ଧି ଲାଗି ଦେଶରେ ଗୋ ସମ୍ମାନ ଦିବସ ଘୋଷଣା ଲାଗି ମଧ୍ୟ ଦାବି କରାଯାଇଥିଲା। ସାଧୁ, ସନ୍ଥ, ଗୋସେବକ ଓ ସଚେତନ ନାଗରିକଙ୍କ ସମାଗମରେ ଆସିକା ତାଲୁକା ଛକସ୍ଥିତ ବାଲୁଙ୍କେଶ୍ୱର ମନ୍ଦିରରୁ ସଂକୀର୍ତ୍ତନ ସହ ପଦଯାତ୍ରା ବାହାରିଥିଲା । ଯୁବ ସଂଯୋଜକ ହରିହର ପାଢୀଙ୍କ ତତ୍ତ୍ୱାବଧାନ ଓ ଯୋଗେନ୍ଦ୍ରନାଥ ପ୍ରଧାନ ଓ ବିଦ୍ୟାଧର ପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବ୍ରଜବନ୍ଧୁ ଆଚାରୀ, ପ୍ରଶାନ୍ତ ଦାସ, ବୃନ୍ଦାବନ ବେହେରା, ଶିବରାମ ମହାରଣା, ରାଧାକୃଷ୍ଣ ପାଣିଗ୍ରାହୀ, ଅନିଲ ସ୍ୱାଇଁ, ମଳୟ ସ୍ୱାଇଁ, ରବିନ୍ଦ୍ର ଆଚାରୀ, ଶ୍ରୀନିବାସ ପାତ୍ର, ସୁରେଶ ବିଷୋୟୀ, ଭେଙ୍କଟରମଣ ପାତ୍ର, ରାଘବ ସିଅଙ୍କ ସମେତ ବହୁ ଗୋ ପ୍ରେମୀ ସାମିଲ ହୋଇଥିଲେ ।

**ଗଞ୍ଜାମ, (ବିଦ୍ୟାଧର ସାହୁ):** ଗଞ୍ଜାମରେ ମଧ୍ୟ ଗଞ୍ଜାମ ଗୋ ରକ୍ଷକ ସେବା ସମିତି ଓ ଗୋ ସମ୍ମାନ ଆହ୍ୱାନ ଅଭିଯାନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଲିଲି କୁମାରୀ ଦାବିପତ୍ର ଗ୍ରହଣ କରିଥିଲେ। ଏହି ସମୟରେ ଗୋ ରକ୍ଷକ କେ. ଇଲେୟା ରେଡ୍ଡୀ, ମନୋଜ ପ୍ରଧାନ, ଦୀପକ ବେହେରା, ନିଲୁ ତରାଇ, ଜିତୁ ବାରିକି, ଶେଷ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ମହିଳା, ଖବରଦାତାଙ୍କୁ ଦୁର୍ବ୍ୟବହାର କଲେ ଜିଲାପାଳ


ଅଭିଯୋଗ ଶୁଣାଣି ଶିବିରକୁ ଗରା, ବାଲ୍‌ଟି ଧରି ମହିଳାମାନେ ଆସିଛନ୍ତି ।

**ଜଗତ୍‌ସିଂହପୁର, ୨୭।୪ (ପ୍ରମୋଦ କୁମାର ନାୟକ):**

- ଏରସମା ବ୍ଲକ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର
- ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା

ଏରସମା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ସୋମବାର ଅଭାବନୀୟ ଘଟଣା ଘଟିଛି। ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଗୁହାରି କରିବାକୁ ସେଠାରେ ପହଞ୍ଚିଥିବା କେତେଜଣ ମହିଳାଙ୍କୁ ଜିଲାପାଳ ଜେ. ସୋନାଲ ଚିତ୍କାର କରି ଦୁର୍ବ୍ୟବହାର କରିଛନ୍ତି। ଏଥିସହ ଏହି ସମୟରେ ଫଟୋ ଉଠାଉଥିବା ଖବରଦାତାଙ୍କୁ ମଧ୍ୟ ଜିଲାପାଳ ଛାଡି ନ ଥିଲେ। ପାଟି କରି ତୁରନ୍ତ ପୋଲିସକୁ କହି ଖବରଦାତାଙ୍କ ମୋବାଇଲରେ ଥିବା ଫଟୋକୁ ଡିଲିଟ୍ କରି ଦେଇଥିବା ସଙ୍ଗିନ ଅଭିଯୋଗ ହୋଇଛି। ଏହି ଖବର ପ୍ରଚାରିତ ହେଲା ପରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଏ ସମ୍ପର୍କରେ ଗଡ଼ବିଶୁନପୁର ପଞ୍ଚାୟତ ୧୨ ନମ୍ବର ୱାର୍ଡସଭ୍ୟା ପ୍ରତିମା ଭୌମିକଙ୍କ ସମେତ କେତେଜଣ ମହିଳା ପ୍ରତିକ୍ରିୟାରେ କହିଛନ୍ତି, ପାନୀୟ ଜଳ ସମସ୍ୟା ଯୋଗୁ ସେମାନେ ଅସୁବିଧାରେ ପଡୁଛନ୍ତି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ପ୍ରତିକାର ହେଉନାହିଁ। ତେଣୁ କେତେଜଣ ମହିଳାଙ୍କ ସହ ସେ ଗରା, ବାଲଟି ଆଦି ଧରି ଏରସମା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳଙ୍କୁ ଦେଖା କରିବାକୁ ଚାହିଁଥିଲେ। କିନ୍ତୁ କାହାକୁ ଭିତରକୁ ଯିବାକୁ ଅନୁମତି ଦିଆଯାଇ ନ ଥିଲା। ପ୍ରଥମେ ଜଣେ ଯିବାକୁ କୁହାଯାଇଥିଲା। ଏଥିରେ ସେମାନେ ରାଜି ନ ହେବାରୁ ପରେ ୪ ଜଣଙ୍କୁ ଯିବାକୁ କୁହାଯାଇଥିଲା। ସେମାନେ ଜିଲାପାଳଙ୍କ ନିକଟରେ ପହଞ୍ଚି ଦରଖାସ୍ତ ଦେଇଥିଲେ। ଜିଲାପାଳ ଏହା ପଢି ସବୁ ବୁଝି ପୁଣି ଥରେ କ'ଣ ପାଇଁ ଆସିଛ ବୋଲି ପଚାରିଥିଲେ। ସେମାନେ ପାଣି ଆସୁ ନ ଥିବା କହିବା ମାତ୍ରେ ଟ୍ୟାଙ୍କର ଯୋଗେ ପଠାଯିବ ବୋଲି ଜିଲାପାଳ କହିଥିଲେ। ଏହି ସମୟରେ ସେମାନେ ଅଧିକ କିଛି କହିବା ତ ଦୂରର କଥା କେବଳ ଟ୍ୟାଙ୍କର ଶବ୍ଦ ଉଚ୍ଚାରଣ ମାତ୍ରେ ଜିଲାପାଳ ରାଗି ନିଆଁ ହୋଇ ଯାଇଥିଲେ। ହଠାତ୍ ଚିତ୍କାର କରି ଚୁପ୍, ଆଗକୁ ମୋ ସାମ୍ନାରେ ପାଟି କରିବନି ବୋଲି କହିଥିଲେ। ଜିଲାପାଳଙ୍କ ଏଭଳି ବ୍ୟବହାର ସେମାନଙ୍କୁ ଗଭୀର ଆଘାତ ଦେଇଛି। ଏତେ ଅଧିକାରୀ ଓ ଲୋକଙ୍କ ଆଗରେ ଜିଲାପାଳ ସେମାନଙ୍କୁ ଯେଉଁଭଳି କୁକୁର, ମାଙ୍କଡ଼ ଭଳି ବ୍ୟବହାର କଲେ ତାହା ଯନ୍ତ୍ରଣାଦାୟକ। ଏହାଦ୍ୱାରା ସେମାନଙ୍କ ମାନ, ସମ୍ମାନ ହାନି ଘଟିଛି। ମହିଳାମାନଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା କୁହାଯାଉଥିବାବେଳେ ଜନ ଶୁଣାଣି ଶିବିରରେ ଜିଲାପାଳଙ୍କ ଏତାଦୃଶ ବ୍ୟବହାର ସେମାନଙ୍କୁ ମର୍ମାହତ କରିଥିବା ମହିଳାମାନେ ଦୁଃଖର ସହ କହିଛନ୍ତି। ଏ ସମ୍ପର୍କରେ ଧରିତ୍ରୀ ଏରସମା ଖବରଦାତା ଦୀପ୍ତିରଞ୍ଜନ ଖଣ୍ଡୁଆଳ କହିଛନ୍ତି, ମହିଳାମାନେ ଜିଲାପାଳଙ୍କୁ ଅଭିଯୋଗ କଲାବେଳେ ସେ ଶିବିରରେ ପହଞ୍ଚି ଫଟୋ ଉଠାଉଥିଲେ। କିନ୍ତୁ ଜିଲାପାଳ କ୍ରୋଧାନ୍ୱିତ ହୋଇ ଫଟୋ, ଭିଡିଓ ତୁରନ୍ତ ଡିଲିଟ୍ କର କହିଥିଲେ। ସେ କିଛି ବୁଝିବା ପୂର୍ବରୁ ତାଙ୍କୁ ଜଣେ ଅପରାଧୀ ଭଳି ବ୍ୟବହାର କରାଯାଇଥିଲା। ତାଙ୍କ ମୋବାଇଲରୁ ବଳପୂର୍ବକ ଫଟୋ, ଭିଡିଓ ଆଦି ଡିଲିଟ୍ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ତାଙ୍କ ମୋବାଇଲ ଅନୁଧ୍ୟାନ କରି ଫଟୋ ଡିଲିଟ୍ କରି ଦେଇଥିଲା। ଯାହା ତାଙ୍କ ସାମାଜିକ ପ୍ରତିଷ୍ଠାରେ ଘୋର ଆଞ୍ଚ ଆଣିଥିବା ଖଣ୍ଡୁଆଳ କହିଛନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କ ସହ ତାଙ୍କ ମୋବାଇଲ ଯୋଗେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ ଉଠାଇ ନ ଥିଲେ।

### ଏମାନେ ଯାହା କୁହନ୍ତି...

**ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା**

ପାଣି ସମସ୍ୟାର ସମାଧାନ ନେଇ ଜନଶୁଣାଣିକୁ ଯାଇଥିବା ମହିଳାମାନଙ୍କ ସହ ଜିଲାପାଳଙ୍କ ଦୁର୍ବ୍ୟବହାର ଓ ଆଇଆଇସିଙ୍କ ମାଧ୍ୟମରେ ଗଣମାଧ୍ୟମ ପ୍ରତିନିଧିଙ୍କ ଫଟୋ ଡିଲିଟ୍ କରିଦେବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା ।

**– ଶଶିଭୂଷଣ ସ୍ୱାଇଁ, ଅଖିଳ ଭାରତ କୃଷକ ସଭା ରାଜ୍ୟ ସଭାପତି**

**ଏଭଳି ବ୍ୟବହାର ଠିକ୍ ନୁହେଁ**

ପାନୀୟ ଜଳସଙ୍କଟ ଉପରେ ଗୁହାରି କରିବାକୁ ଯାଇଥିବା ମହିଳା ଓ ଖବରଦାତାଙ୍କ ପ୍ରତି ଜିଲାପାଳଙ୍କ ଏଭଳି ବ୍ୟବହାର ଠିକ୍ ହୋଇନାହିଁ।

**–ନୃସିଂହ ସାହୁ, ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ଉପସଭାପତି**

**ମୁଖ୍ୟମନ୍ତ୍ରୀଙ୍କୁ ବେଖାତିର ସହ ସମାନ**

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି ୱାର୍ଡ ସଭ୍ୟଠାରୁ ଆରମ୍ଭ କରି ପ୍ରତ୍ୟେକ ଲୋକପ୍ରତିନିଧିଙ୍କୁ ସରକାରୀ କର୍ମଚାରୀମାନେ ଉଚିତ ବ୍ୟବହାର ପ୍ରଦର୍ଶନ କରିବା ବାଧ୍ୟତାମୂଳକ। ଅଭିଯୋଗ ଶୁଣି ତୁରନ୍ତ ନ୍ୟାୟ ଦେବା ଦରକାର। ମାତ୍ର ପାଣି ସମସ୍ୟା କଥା ଜଣାଇବାକୁ ଯାଇଥିବା ୱାର୍ଡସଭ୍ୟା ପ୍ରତିମା ଭୌମିକ ଓ ଅନ୍ୟମାନଙ୍କୁ ଜିଲାପାଳ ଦୁର୍ବ୍ୟବହାର କରିବା ପ୍ରକାରାନ୍ତରରେ ମୁଖ୍ୟମନ୍ତ୍ରୀଙ୍କୁ ବେଖାତିର ସହ ସମାନ

**–ଶିଶିର ପରିଜା, ରାଜ୍ୟ ଗଣଶିକ୍ଷା ବିଭାଗର ପୂର୍ବତନ ଉପଦେଷ୍ଟା**

**ଜିଲାପାଳ ଜିଲାର ମାଲିକ ନୁହନ୍ତି**

ହିତାଧିକାରୀମାନଙ୍କ ସମସ୍ୟାର ସମାଧାନ କରିବା ଜିଲାପାଳଙ୍କ ଦାୟିତ୍ୱ, ଜିଲାର ମାଲିକାନା ଦେଖାଇବା ନୁହେଁ। ୱାର୍ଡସଭ୍ୟା ଓ ଖବରଦାତାଙ୍କୁ ଜିଲାପାଳଙ୍କ ଦୁର୍ବ୍ୟବହାର ଅତ୍ୟନ୍ତ ନିନ୍ଦନୀୟ ଘଟଣା।

**–ପ୍ରସନ୍ନ କୁମାର କୁଅଁର, ନବନିର୍ମାଣ କୃଷକ ସଂଗଠନ ରାଜ୍ୟ କର୍ମକର୍ତ୍ତା।**

# ବସ୍ ରିଜର୍ଭ କରି ଯାଉଛନ୍ତି ଲୋକେ

**ପଶ୍ଚିମବଙ୍ଗରେ ନିର୍ବାଚନ**

**ପାରାଦୀପ,୨୭।୪(ଶରତ ରାଉତ)**

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଶେଷ ପର୍ଯ୍ୟାୟ ମତଦାନ ବୁଧବାର ଅନୁଷ୍ଠିତ ହେବ। ଏଥିପାଇଁ ପାରାଦୀପରୁ ପଶ୍ଚିମବଙ୍ଗ ଯିବା ପାଇଁ ଲୋକଙ୍କ ଭିଡ଼ ଜମୁଛି। ସବୁଦିନିଆ ବସ୍‌ରେ ଅଧିକ ଯାତ୍ରୀ ଯାଉଥିବା ବେଳେ କେତେଜଣ ଲୋକ ଗାଡି ରିଜର୍ଭ କରି ମଧ୍ୟ ଯାଉଛନ୍ତି। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କର୍ମୀମାନେ ପଶ୍ଚିମବଙ୍ଗର ଲୋକଙ୍କୁ ଖୋଜି ନେବା ପାଇଁ ଲିଷ୍ଟ ଧରି ବୁଲୁଛନ୍ତି। ମୋବାଇଲ ନମ୍ବରରେ ଯୋଗାଯୋଗ ହେବା ପରେ ବସ୍ ରିଜର୍ଭ କରି ଯାତାୟାତ ଫାଇନାଲ ହେଉଥିବା ଜଣାପଡ଼ିଛି।

ସୋମବାର ସନ୍ଧ୍ୟାରେ ଲୋକନାଥ ନାମକ ଏକ ଘରୋଇ ବସ୍ ପଶ୍ଚିମବଙ୍ଗ ବାବୁଘାଟ ପର୍ଯ୍ୟନ୍ତ ଯିବା ଦେଖିବାକୁ ମିଳିଥିଲା। ସେଥିରେ ପ୍ରାୟ ୨୦ ଜଣ ବସିଥିଲେ। ବସ୍ ମାଲିକ ହରି ଦାସଙ୍କ କହିବା ମୁତାବକ, ଆଉ ୪୦ ଜଣ ଦୋଛକି ଓ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇରୁ ଉଠିବେ। ଗତ ସପ୍ତାହ ମଧ୍ୟରେ ଲାଇନ୍ ବସ ବ୍ୟତୀତ ଆଉ ଅଧିକ ବସ୍ ମଧ୍ୟ ରିଜର୍ଭ କରି ଲୋକେ ଯାଉଥିବା ଜଣାପଡ଼ିଛି। ସବୁଦିନିଆ ବସ୍ ଭଡା ୬୦୦ ଟଙ୍କା ଥିଲା ବେଳେ ଏବେ ନିର୍ବାଚନ ପାଇଁ ୭୦୦ ଟଙ୍କା ହୋଇଛି ବୋଲି ହରି କୁହନ୍ତି। ସେହିପରି ଟିକେଟ କାଟୁଥିବା ଆଲୋକ ସାମଲ କୁହନ୍ତି, ପାରାଦୀପରୁ କୋଲକାତା ଓ ମେଦିନାପୁର, ନନ୍ଦକୁମାର ଯାଉଥିବା ୧୨ ଲାଇନ ବସ୍‌ରେ ଏବେ ଭିଡ ଅଧିକ ରହୁଛି। କାରଣ ନିର୍ବାଚନ ପାଇଁ ଲୋକ ଯାତାୟାତ କରୁଛନ୍ତି। ରିଜର୍ଭ ବସରେ ଯାଉଥିବା ଯାତ୍ରୀ ଉତ୍ତମ ବର୍ମନ କୁହନ୍ତି, ସୁନ୍ଦରବନ ନିର୍ବାଚନମଣ୍ଡଳୀ ଅଞ୍ଚଳର ଅନେକ ଲୋକ ଯାଉଛୁ। ବସ୍ ଭଡା ପାଇଁ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପକ୍ଷରୁ ଖର୍ଚ୍ଚ ମିଳିଛି। ସେହିପରି ଉତ୍ତର ଚବିଶିପ୍ରଗଣା ଅଞ୍ଚଳର ମିଥୁନ ମଣ୍ଡଳ, ବୟରମାରି ଅଞ୍ଚଳର କୁନିମା ଜାନା ମଧ୍ୟ ଖର୍ଚ୍ଚ ଦେଇଛନ୍ତି।



ଏକ ଘରୋଇ ବସ୍‌ରେ ସୋମବାର ସନ୍ଧ୍ୟାରେ ଲୋକେ ପଶ୍ଚିମବଙ୍ଗ ଯାଉଛନ୍ତି।

# ପାଣି ପାଇଁ ବ୍ଲକ୍ କାର୍ଯ୍ୟାଳୟ ଘେରିଲେ ମହିଳା

**ଆଳି, ୨୭।୪(ବନମାଳୀ ସେନାପତି)**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ୍ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ବଢ଼ିଛି ଜଳକଷ୍ଟ। ପାରମ୍ପରିକ ଜଳଉତ୍ସ ସବୁ ଶୁଷ୍କପ୍ରାୟ ହୋଇପଡ଼ିଛି। ସ୍ନାନଶୌଚଠାରୁ ଆରମ୍ଭକରି ପିଇବା ଯାଏ ପାଣି ପାଇଁ ଲୋକେ ଡହଳବିକଳ ହେଉଛନ୍ତି। ଆଳି ବ୍ଲକ୍ ସଦର ପଞ୍ଚାୟତ ଦେମାଳର ଗିରିବନ୍ଧ ଗ୍ରାମରେ ଏହିଭଳି ସମସ୍ୟା ଦେଖାଦେଇଛି। ଗାଁରେ ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ ଲୋକଙ୍କୁ ପାଇପ ପାଣି ଯୋଗାଇଦେବାର ବ୍ୟବସ୍ଥା ଥିଲେ ବି ଲୋକେ ଆବଶ୍ୟକତା ଅନୁସାରେ ପାଉନାହାନ୍ତି। ଏହାର ପ୍ରତିବାଦକରି ସୋମବାର ଗାଁର ଶତାଧିକ ମହିଳା ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ପ୍ରକଳ୍ପର ପମ୍ପ ଚଳାଇବା ଦାୟିତ୍ୱରେ ଥିବା ବ୍ୟକ୍ତି ଠିକ୍‌ଭାବେ ପାଣି ଦେଉନାହାନ୍ତି। ୮ ଦିନରେ ଥରେ ପାଣି ମିଳୁଛି। ଏପରିକି କେତେବେଳେ ସକାଳେ ପାଣି ଆସୁଛି ତ ଆଉ କେତେବେଳେ ରାତି ଅଧରେ ଆସୁଛି। ଫଳରେ ଗ୍ରାମବାସୀ ଏହି ନିଦାଘ ଗ୍ରୀଷ୍ମରେ ପାଇପ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘଦିନ ଧରି ଏହି ସମସ୍ୟା ଲାଗି ରହିଛି। ହେଲେ ଏବେ ଖରାଦିନେ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଏ ବିଷୟରେ ବିଡିଓ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିବାରୁ ପଞ୍ଚାୟତର ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଗ୍ରାମବାସୀଙ୍କ ସହ ଏକ ବୈଠକ କରି ତୁରନ୍ତ ସମସ୍ୟା ସମାଧାନ କରିବା ନିମନ୍ତେ କୁହାଯାଇଛି ବୋଲି କହିଛନ୍ତି।


ବ୍ଲକ୍ ଅଫିସକୁ ଅଭିଯୋଗ କରିବାକୁ ଆସିଥିବା ଗିରିବନ୍ଧ ଗ୍ରାମର ମହିଳାମାନେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଆନି


@ ଅଶୋକ


@ ଚନ୍ଦ୍ରମଣି


@ ପ୍ରିୟଦର୍ଶିନୀ


@ ଶିଶିର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସମବାୟ ସମିତି ଭଙ୍ଗାରୁଜା, ଆକ୍ରମଣ କରିବା ଅଭିଯୋଗରେ ଯୁବକ ଗିରଫ

**ଧର୍ମଶାଳା, ୨୭।୪(ବଟକୃଷ୍ଣ ପରିଡା)**

ଧର୍ମଶାଳା ବ୍ଲକ ଦେଓଦା ପଞ୍ଚାୟତ ଦେଓଦା ସମବାୟ ସମିତି ଭଙ୍ଗାରୁଜା ଓ କର୍ମଚାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଦେଓଦା ଗ୍ରାମର ଲାଲୁ ମଲିକ(୨୮)। ଗତ ୨୩ ତାରିଖ ରାତିରେ ଲାଲୁ ଦେଓଦା ସମବାୟ ସମିତି ଗୃହ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଥିଲା। ସିସି କ୍ୟାମେରା ଫୁଟେଜ ଆଧାରରେ ଜଣାପଡ଼ିବା ପରେ ସମବାୟ ସମିତି କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ଶରଣ ଗତ ୨୪ତାରିଖରେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ଅଭିଯୋଗ ହୋଇଥିବା ଖବର ପାଇ ଲାଲୁ ସମବାୟ କାର୍ଯ୍ୟାଳୟରେ ପହଞ୍ଚି କର୍ମଚାରୀଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। ଏନେଇ ସମ୍ପାଦକ ଶରଣଙ୍କ ଅଭିଯୋଗକ୍ରମେ ଏକ ମାମଲା(ନଂ.୧୭୨/୨୬)ରୁଜୁ କରି ପୋଲିସ ଲାଲୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

# ଜିଲାପାଳଙ୍କ ଗାଡ଼ି ଆଗରେ ଧାରଣାରେ ବସିଲେ ମହିଳା

**ଆଗ ଥଇଥାନ, ପରେ ଉଚ୍ଛେଦ**

**ଆଳି,୨୭।୪(ବନମାଳୀ ସେନାପତି):**

ଜନମଙ୍ଗଳକାରୀ ଯୋଜନାକୁ ଆମର ବିରୋଧ ନାହିଁ । କିନ୍ତୁ ଆମକୁ ଥଇଥାନ କରିବାର ବ୍ୟବସ୍ଥା ଆଗ କର ତା' ପରେ ଉଚ୍ଛେଦ କର । ଯଦି ପ୍ରଶାସନ ଥଇଥାନ ନ କରି ଉଚ୍ଛେଦ କରିବାକୁ ପ୍ରୟାସ କରେ ତେବେ ଆମକୁ ଆଗ ମାରିଦେଇ ତା'ପରେ ଆମ ଘରକୁ ଉଚ୍ଛେଦକରି ପ୍ରକଳ୍ପ କରାଯାଉ, ଏଭଳି ଜିଦ୍‌ରେ ଅଟଳ ରହି ଜିଲାପାଳଙ୍କ ଗାଡ଼ି ସମ୍ମୁଖରେ ଧାରଣା ଦେଲେ ମହିଳା ଏଭଳି ଏକ ଅଭିଯୋଗ ଆସିଛି ଆଳି ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମରୁ । ରାଜ୍ୟ ସରକାରଙ୍କ ପକ୍ଷରୁ ପତ୍ରପୁରଠାରେ ଥିବା ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ ନିମନ୍ତେ ପ୍ରକ୍ରିୟା ଜାରି ରହିଛି। ଗୋପାଳପୁରଠାରେ କିଛି ପରିବାର ସମେତ ମନ୍ଦିର, କମ୍ୟୁନିଟି ସେଣ୍ଟର ପକ୍ଷରୁ ସରକାରୀ ଜମିକୁ ଦୀର୍ଘ ବର୍ଷ ଧରି ଦଖଲ ରଖିଥିବାରୁ ଆଳି ତହସିଲ ପକ୍ଷରୁ ଦଖଲରେ ଥିବା ଜମିଗୁଡ଼ିକୁ ମୁକ୍ତକରିବା ନିମନ୍ତେ ନୋଟିସ ଦିଆ ଯାଇଥିଲା। ନୋଟିସ ଲାଗିବା ପରେ ମଧ୍ୟ ସେମାନେ ସେହି ଜାଗା ଖାଲି ନ କରିବାରୁ ଏପ୍ରିଲ ୨୮ ସୁଦ୍ଧା ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଏହାକୁ ଅବମାନନା କରାଯାଏ ତେବେ ୨୯ ତାରିଖରେ ସେମାନଙ୍କୁ ଉଚ୍ଛେଦ କରାଯିବ ବୋଲି ତହସିଲ ପକ୍ଷରୁ ନୋଟିସ ଦିଆଯାଇଛି। ଏହି ନୋଟିସ ପାଇବା ପରେ ମହିଳାମାନେ ସୋମବାର ଜିଲାପାଳଙ୍କୁ ଭେଟି ସେମାନଙ୍କୁ ଥଇଥାନର ବ୍ୟବସ୍ଥା କରିବା ପରେ ଉଚ୍ଛେଦ ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏପରିକି ଜିଲାପାଳ ଜନଶୁଣାଣି ଶିବିରରୁ ବାହାରିବା ପରେ ତାଙ୍କ ଗାଡ଼ିକୁ ଅଟକ ରଖି ଗାଡ଼ି ସମ୍ମୁଖରେ ଧାରଣା ଦେଇଥିଲେ ।

ଏ ନେଇ ଜିଲାପାଳ ରଘୁରାମ ଆର୍ ଆୟାରଙ୍କୁ ପଚାରିବାରୁ ସେମାନଙ୍କୁ ବସୁନ୍ଧରା ଯୋଜନାରେ ସାମିଲ କରାଯିବା ନିମନ୍ତେ ତହସିଲ ପକ୍ଷରୁ ତଦନ୍ତ ପ୍ରକ୍ରିୟା ଚାଲିଥିବା ବେଳେ ବିଡିଓଙ୍କୁ କୁହାଯାଇଛି। ସେମାନଙ୍କୁ ସରକାରୀ ଯୋଜନାରେ ସାମିଲ କରିବା ନିମନ୍ତେ ଉଦ୍ୟମ କରାଯାଉଛି ବୋଲି କହିଛନ୍ତି।



ଜିଲାପାଳଙ୍କ ଗାଡ଼ି ଆଗରେ ମହିଳାମାନେ ବସି ପ୍ରତିବାଦ କରୁଛନ୍ତି ।

## ଜମିବାଡ଼ିକୁ କେନ୍ଦ୍ରକରି ମାରପିଟ୍, ୨ଗିରଫ

**ଧର୍ମଶାଳା, ୨୭।୪(ବଟକୃଷ୍ଣ ପରିଡା)**

ଯାଜପୁର ଜିଲା ଧର୍ମଶାଳା ଥାନା ଉତ୍ତରପ୍ରତାପ ପଞ୍ଚାୟତ ଅନ୍ତର୍ଗତ ମାଝିପାଟଣା ଗ୍ରାମରେ ଘର ଓ ଜମିବାଡ଼ିକୁ କେନ୍ଦ୍ରକରି ହୋଇଥିବା ମାରପିଟ୍ ଘଟଣାରେ ପୋଲିସ ସୋମବାର ୨ଜଣଙ୍କୁ ଗିରଫ କରିଛି। ଗ୍ରାମର ବିଜୟ ତରାଇ ଧର୍ମଶାଳା ଥାନାରେ କରିଥିବା ଅଭିଯୋଗ ଅନୁସାରେ ଘର ଓ ଜମିବାଡ଼ିକୁ କେନ୍ଦ୍ର କରି ପଡ଼ୋଶୀ ଅଙ୍କୁର ମଲିକ(୫୫), ତାଙ୍କ ପୁଅ ହେମନ୍ତ ମଲିକ (୩୦) ଓ ପରିବାର ଲୋକ ଗତ ୨୫ ତାରିଖରେ ତାଙ୍କ ଉପରେ ଆକ୍ରମଣ କରିଥିଲେ। ଏଥିରେ ବିଜୟଙ୍କ ମୁଣ୍ଡ ଫାଟି ଯାଇଥିଲା। ବିଜୟଙ୍କ ଏତଲାକ୍ରମେ ଏକ ମାମଲା(ନଂ.୧୭୬/୨୬)ରୁଜୁ କରି ପୋଲିସ ଅଙ୍କୁର ଓ ତାଙ୍କ ପୁଅ ହେମନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ଚିନ୍ମୟୀ ସାହୁ ଓ ଏସ୍‌ଆଇ କୈଳାସ ଚନ୍ଦ୍ର ଭଦ୍ର ସୂଚନା ଦେଇଛନ୍ତି।



## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଆନି


@ ଅଶୋକ


@ ଚନ୍ଦ୍ରମଣି


@ ପ୍ରିୟଦର୍ଶିନୀ


@ ଶିଶିର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସଫେଇ ଅନୁମତି ନେଇ କାଟିଦେଲେ ଶାଳ ଗଛ

■ସିଜର ଏଫଆରରେ ଅଟକିଛି ବନବିଭାଗର ତଦନ୍ତ

■ଜଙ୍ଗଲରୁ ଶାଳ ଗଛ କାଟି ଚାଲିଛି ସୌର ପ୍ରକଳ୍ପ

ନୟାଗଡ଼/ ଖଣ୍ଡପଡା,୨୭।୪(ଲୋକନାଥ ମିଶ୍ର/ ଅଜୟ କୁମାର ମହାରଣା)

ନୟାଗଡ଼ ବନଖଣ୍ଡ ଖଣ୍ଡପଡା ରେଞ୍ଜ ସିଂଘାପଡା ପଞ୍ଚାୟତ ଅଞ୍ଚଳର ସଂରକ୍ଷିତ ଜଙ୍ଗଲ ଜମିରୁ ସୌର ପ୍ରକଳ୍ପ ନିର୍ମାଣ ଓ ଫାର୍ମ ହାଉସ୍ ନିର୍ମାଣ ଲାଗି ଶାଳ ଗଛ କଟା ଚାଲିଛି। ବନବିଭାଗ ସୂଚନାକୁ ଅନୁଧ୍ୟାନ କଲେ ସୌର ପ୍ରକଳ୍ପଧାରୀ ଗଛ ସଫେଇ କରିବାକୁ ଅନୁମତି ନେଇ ଗଛକୁ କ୍ଲିଅର ଫିଲିଂ (ମୂଳରୁ ଗଛ କଟା) କରି ଦେଇଛନ୍ତି। ବଲା କାଟିବାକୁ ଅନୁମତି ନ ଥିବାବେଳେ ପୋଲ୍ ସାଇଜର ଶାଳ ଗଛ କିପରି କଟାଗଲା, କିଏ ଅନୁମତି ଦେଲା ତାହା ତଦନ୍ତ ସାପେକ୍ଷ। ସେପଟେ ବନବିଭାଗ ସିଜର ଏଫଆର କରି ଚୁପ ହୋଇ ବସି ରହିଛି। ଗଛ କଟାଯିବା ପରେ ସ୍ଥାନୀୟ ଗାଁଲୋକ, ପରିବେଶବିତ୍ କିନ୍ତୁ ଚୁପ୍ ନାହାନ୍ତି। ସେମାନଙ୍କ ଯୁକ୍ତି ସମସ୍ତଙ୍କ ନଜର ଗଛ ଉପରେ। ହେଲେ ପରିବେଶ ଉପରେ ନଜର ନ ଥିବାରୁ ନୟାଗଡ଼ ଜିଲାରେ ଜଙ୍ଗଲ ହ୍ରାସ ପାଇ ଚାଲିଛି।


ସାପୁଆ ସଂରକ୍ଷିତ ଜଙ୍ଗଲରୁ ଗଛକଟା ।

ଅଭିଯୋଗ ଅନୁସାରେ ଖଣ୍ଡପଡା ରେଞ୍ଜ ସିଂଘାପଡା ପଞ୍ଚାୟତ ନୂଆଗାଁ, ଦତପୋଖରୀ, ହରିହରପ୍ରସାଦ ମୌଜା ନିକଟସ୍ଥ ସଂରକ୍ଷିତ ଜଙ୍ଗଲ ଜମିରୁ ଶତାଧିକ ଶାଳ ଗଛ କାଟି ସୌର ପ୍ରକଳ୍ପ ନିର୍ମାଣ କରାଯାଉଥିବା ଜିଲାପାଳ, ଖଣ୍ଡପଡା ରେଞ୍ଜରଙ୍କ ନିକଟରେ ଅଭିଯୋଗ ହୋଇ ଆସୁଛି। ଜଙ୍ଗଲରୁ ପ୍ରକୃତରେ କେତେ ଗଛ କଟା ହୋଇଛି ତାହା ସ୍ପଷ୍ଟ ହେଉନି। ବନବିଭାଗ ମଧ୍ୟ ଗଛ କଟା ନେଇ ସ୍ପଷ୍ଟ କରିପାରୁ ନାହିଁ। ସେପଟେ ସୌର ପ୍ରକଳ୍ପଧାରୀ ଓ ବନବିଭାଗ ଉପରେ ଅସନ୍ତୋଷ ଓ ଉଦ୍‌ବେଗ ବଢ଼ି ଚାଲିଛି। ଏନେଇ ପରିବେଶବିତ୍ ବିଭୁ ପ୍ରସାଦ ଦାଶ କୁହନ୍ତି, ଜଙ୍ଗଲରୁ ଗଛ କଟା ହୋଇ ପାରୁ ନ ଥିବାରୁ ବୃତଙ୍ଗ ଜଳସେଚନ ପ୍ରକଳ୍ପର କାମ ଆଗେଇ ପାରୁନି। ସାମୁହିକ ପ୍ରକଳ୍ପ ପାଇଁ କାମ ହେବା ବିଳମ୍ବ ହେଉଥିବା ବେଳେ ସୌର ପ୍ରକଳ୍ପଧାରି କ୍ଲିନିଂ ଆଳରେ ଗଛ କାଟିବା ଠିକ୍ ନୁହେଁ। ବନବିଭାଗ ଏହାକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେଉ ବୋଲି କହିଛନ୍ତି।

ଖଣ୍ଡପଡା ରେଞ୍ଜର ଦିଲ୍ଲୀପ ପଟନାୟକ କୁହନ୍ତି, ଗଛ କଟାଯିବା ସମ୍ପର୍କରେ ଅଭିଯୋଗ ମିଳିବାରୁ ଫରେଷ୍ଟର ଯାଇ ଅନୁଧ୍ୟାନ କରିଥିଲେ। ସଂପୃକ୍ତ ଜଙ୍ଗଲିଆ ଅଞ୍ଚଳରୁ ୧୦ରୁ ୧୨ ପୋଲ୍ ସାଇଜ୍‌ର ଶାଳ ଗଛ କଟାଯାଇଥିବା ଜଣାପଡିଛି। ତେବେ ଗଛ କଟାଯିବା ସମ୍ପର୍କରେ ମୁଁ ନିଜେ ଯାଇ କେଉଁଠୁ ଗଛ କଟା ହୋଇଛି, କେତେ କଟା ହୋଇଛି ତାର ତଦନ୍ତ କରିବି। ତେବେ ଗଛ କାଟିବାର ଅନୁମତି ଦିଆଯାଇ ନାହିଁ। ଗଛ କ୍ଲିନିଂ କରିବାର ସୌର ପ୍ରକଳ୍ପଧାରୀ ଅନୁମତି ପାଇଛନ୍ତି। ଆମେ ସୌର ପ୍ରକଳ୍ପଧାରୀଙ୍କ ନାଁରେ ସିଜର ଏଫଆଇଆର କାଟିଛୁ। ତଦନ୍ତ ଶେଷ ପରେ ଡିଏଫଓଙ୍କୁ ରିପୋର୍ଟ ଦେଇ ସୋଲାର ପ୍ରକଳ୍ପଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛନ୍ତି।

### ନୋଟିସ ଗ୍ରହଣ କରୁନାହାନ୍ତି ଜବର ଦଖଲକାରୀ

ଖଣ୍ଡପଡା ବ୍ଲକ ସିଂଘାପଡା ଅଞ୍ଚଳର ମୋଡାନାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ରୁପାପଲି କେନାଲକୁ ଜବରଦଖଲ କରାଯାଇଛି। ସୌର ପ୍ରକଳ୍ପ ଓ ଫାର୍ମ ହାଉସ୍ ନିର୍ମାଣ ଆଳରେ ଏହାକୁ ଜବରଦଖଲ କରାଯାଇଥିବା ଅଭିଯୋଗ ରହିଛି। ଏପରିକି ଚାଷୀ କେନାଲରୁ ପାଣି ପାଉନଥିବା ବେଳେ ଆମ୍ବ ବଗିଚାରେ ପାଣି ମଡାଯାଇ ଲିଜ୍ ଦିଆଯାଇଛି। ଖଣ୍ଡପଡାର ବିବାଦୀୟ ଏସ୍‌ଡିପିଓଙ୍କ ସମୟରେ ଜବରଦଖଲ ବଢି ଚାଲିଥିଲା। ରାଜସ୍ୱ ବିଭାଗର ମାପଚୁପ ପରେ ଜବରଦଖଲ କରିଥିବା ପ୍ରମାଣିତ ହୋଇ ଚାଲିଛି। ଏନେଇ ଖଣ୍ଡପଡା ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀ କୁହନ୍ତି, ଜବରଦଖଲର ଅଭିଯୋଗ ପରେ ମାପଚୁପ ଚାଲିଛି। ଆରଆଇ, ଅମିନ, ଲ୍ୟାଣ୍ଡ ଆକ୍ୟୁଜେଶନ ଅଫିସର ମାପଚୁପରେ ସାମିଲ ଥିଲେ। ଜବରଦଖଲକାରୀଙ୍କୁ ୪ଟା ଏନ୍‌କ୍ରୋଚ୍‌ମେଣ୍ଟ ନୋଟିସ କରାଯାଇଛି। ଜବରଦଖଲକାରୀ ପ୍ରଥମ ନୋଟିସ୍ ଗ୍ରହଣ କରିନଥିବାରୁ ୨ୟ ନୋଟିସ୍ ପୁଣି ଯାଉଛି। ଆଉ ୨ରୁ ୩ଦିନ ମାପଚୁପ ପାଇଁ ସମୟ ଲାଗିପାରେ। ମାପଚୁପ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି।

# ୩୦ ସୁଦ୍ଧା ମରାମତି ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର,୨୭।୪(ରବିନାରାୟଣ ଜେନା)

**ଖୋର୍ଦ୍ଧା-ନୟାଗଡ଼ ଏନ୍‌ଏଚ୍-୫୭ରେ ୧୦ ଦୁର୍ଘଟଣାପ୍ରବଣ ସ୍ଥାନ**

ଖୋର୍ଦ୍ଧାରୁ ନୟାଗଡ଼ ମଧ୍ୟରେ ଯାଇଥିବା ଜାତୀୟ ରାଜପଥ-୫୭ରେ ୧୦ଟି ପ୍ରମୁଖ ଦୁର୍ଘଟଣା ପ୍ରବଣ ସ୍ଥାନ ଭାବେ ଚିହ୍ନଟ ହୋଇଛି। ଉକ୍ତ ଚିହ୍ନଟ ଅଞ୍ଚଳକୁ ତୁରନ୍ତ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରିବା ଲାଗି ନିର୍ମାଣ ବିଭାଗ ପକ୍ଷରୁ ଜାତୀୟ ରାଜପଥ ମୁଖ୍ୟଯନ୍ତ୍ରୀଙ୍କୁ କୁହାଯାଇଛି। ଏପ୍ରିଲ ୩୦ ସୁଦ୍ଧା ଏହାର କାର୍ଯ୍ୟକାରିତା ରିପୋର୍ଟ ଦେଲେ ମୁଖ୍ୟ ଶାସନ ସଚିବ ସମୀକ୍ଷା କରିବେ ବୋଲି ବିଭାଗ ପକ୍ଷରୁ ପତ୍ରରେ ଦର୍ଶାଯାଇଛି।

ଏ ସଂକ୍ରାନ୍ତରେ ନିର୍ମାଣ ବିଭାଗର ଅନୁସଚିବ ପ୍ରତାପ କୁମାର ଜେନା ଜାତୀୟ ରାଜପଥ(ଏନ୍‌ଏଚ୍) ମୁଖ୍ୟଯନ୍ତ୍ରୀ-୧କୁ ପତ୍ର ଲେଖି ଦର୍ଶାଇଛନ୍ତି, ଏନେଇ ବିଭାଗ ପକ୍ଷରୁ ଜିଲାସ୍ତରୀୟ କର୍ମଚାରୀମାନଙ୍କୁ ନେଇ ଏକ ବୈଷୟିକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ଖୋର୍ଦ୍ଧାରୁ ନୟାଗଡ଼ ପର୍ଯ୍ୟନ୍ତ ଜାତୀୟ ରାଜପଥ-୫୭ରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ କରି ଅଡିଟ୍ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଏହି ରିପୋର୍ଟଟି ଖୋର୍ଦ୍ଧା ଜିଲାପାଳଙ୍କ ଦ୍ୱାରା ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଜାତୀୟ ରାଜପଥ ଭୁବନେଶ୍ୱରଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ୧୦ଟି ସ୍ଥାନରେ ତୁରନ୍ତ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ସୁପାରିସରେ କୁହାଯାଇଛି। ଏହି ପରିସ୍ଥିତିରେ ଉକ୍ତ ୧୦ଟି ଚିହ୍ନିତ ସମ୍ବେଦନଶୀଳ ସ୍ଥାନରେ ଅଳ୍ପକାଳୀନ ଓ ଦୀର୍ଘକାଳୀନ ସମଗ୍ର ପଦକ୍ଷେପ ଗ୍ରହଣ କରି ୩୦ ଏପ୍ରିଲ ୨୦୨୬ ମଧ୍ୟରେ କାର୍ଯ୍ୟଗ୍ରହଣ ଅବସ୍ଥା ପ୍ରତିବେଦନ (ଏଟିଆର୍) ଦାଖଲ କରିବାକୁ ଅନୁସଚିବ ପତ୍ରରେ ଦର୍ଶାଇଛନ୍ତି।

# ଶିକ୍ଷାନୁଷ୍ଠାନ ଖୋଲିବା ପରେ ମଧ୍ୟ ମିଳିନି ପାଠ୍ୟ ପୁସ୍ତକ

ଖଣ୍ଡପଡ଼ା,୨୭।୪(ଅଜୟ କୁମାର ମହାରଣା)

ପରୀକ୍ଷା ଫଳ ଘୋଷଣା ପରେ ଶିକ୍ଷାନୁଷ୍ଠାନ ଗୁଡ଼ିକ ଖୋଲାଯାଇ ପଢାପଢି ଆରମ୍ଭ ହେଲାଣି। ମାତ୍ର ପିଲାମାନଙ୍କ ପାଇଁ ପାଠ୍ୟ ପୁସ୍ତକ ମିଳି ନ ଥିବାରୁ ସମସ୍ୟା ସୃଷ୍ଟି ହୋଇଛି । ଫଳରେ ଶିକ୍ଷା ଅବ୍ୟବସ୍ଥା ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରାୟ ମାସେ ତଳୁ ପରୀକ୍ଷା ଫଳ ଘୋଷଣା ସରିଥିଲେ ମଧ୍ୟ ଖଣ୍ଡପଡା ବ୍ଲକ ଅଞ୍ଚଳର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ମିଳିନି ପାଠ୍ୟପୁସ୍ତକ। ବହି ମିଳିନଥିବାରୁ ପିଲାମାନଙ୍କ ପାଠପଢା ଗଭୀର ଭାବେ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି। ଏଣେ ସ୍କୁଲ ଛୁଟି ହୋଇଛି। ପାଠ୍ୟ ପୁସ୍ତକ ବିନା ପିଲାଙ୍କ ପାଠ ପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ରେଜଲ୍ଟ ବାହାରିବା ସଂଗେ ସଂଗେ ପାଠ୍ୟପୁସ୍ତକ ବଣ୍ଟନ ଶେଷ ହେବା କଥା। ତେବେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଯିବା ସହ ପାଠ୍ୟ ପୁସ୍ତକ ଯୋଗାଣରେ ଅହେତୁକ ବିଳମ୍ବ ଯୋଗୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କ ପ୍ରତିକ୍ରିୟା ନେବାରେ ବ୍ଲକକୁ ଏପର୍ଯ୍ୟନ୍ତ ଆବଶ୍ୟକ ଥିବା ବହି ଆସିନଥିବା କହିଛନ୍ତି।

# ପୋଇନେଖା କଣ୍ଟା ଉପରେ ଗଡ଼ିଲେ ଭଗତା


ପୋଇନେଖା କଣ୍ଟା ଉପରେ ଭଗତାମାନେ ଗଡୁଛନ୍ତି।

ରଣପୁର,୨୭।୪(ସୁକାନ୍ତ କିଶୋର ଡାକୁଆ)

**ନିଆରା ମେରୁ ଉତ୍ସବ ଦେଖିବାକୁ ଭକ୍ତଙ୍କ ଭିଡ଼**

ନୟାଗଡ଼ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ବଜ୍ରକୋଟରେ ଉଦଣ୍ଡ ଠାକୁର ଶ୍ରୀ ଶ୍ରୀ ବାବା ବାଲୁଙ୍କେଶ୍ୱର ଦେବଙ୍କ ପବିତ୍ର ମେରୁ ଉତ୍ସବ ଅବସରରେ ସୋମବାର କଣ୍ଟାଗଡ଼ା ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାୟ ୫୦ ଭଗତା ଓ ମାନସିକଧାରୀ ପୋଇନେଖା କଣ୍ଟାରେ ଗଡ଼ି ନିଜ ଭକ୍ତି ଓ ନିଷ୍ଠା ପ୍ରଦର୍ଶନ କରିଥିଲେ। ଏହି ଅଲୌକିକ ଦୃଶ୍ୟ ଦେଖିବା ପାଇଁ ଶହ ଶହ ଭକ୍ତଙ୍କର ଭିଡ଼ ଲାଗି ରହିଥିଲା। ଭକ୍ତମାନେ ଭଗବାନଙ୍କ ପ୍ରତି ନିଜର ଅତୁଟ ଶ୍ରଦ୍ଧା ଓ ଆସ୍ଥା ପ୍ରକାଶ କରିଥିବା ଦେଖିବାକୁ ମିଳିଥିଲା।

ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଅକ୍ଷୟ ତୃତୀୟାରୁ ଏହି ପାରମ୍ପରିକ ଉଦଣ୍ଡ ଯାତ୍ରାର ଆରମ୍ଭ ହୋଇଥିଲା। ସୋମବାର ମେରୁ ଉତ୍ସବ ଅବସରରେ ଭଗତା ଓ ମାନସିକ ଧାରୀମାନେ କଣ୍ଟା ଉପରେ ଗଡ଼ି ନିଜ ମନକାମନା ପୂରଣ ପାଇଁ ପ୍ରାର୍ଥନା କରିଥିଲେ। ଏହି ପୋଇନେଖା କଣ୍ଟାଗଛକୁ ଭଗତାମାନେ ଦୁଇଦିନ ତଳେ ନିକଟସ୍ଥ ଜଙ୍ଗଲରୁ ଆଣି ତାକୁ ପାଣି ଦେଇ ଛିଞ୍ଚି ଖରାରେ ଶୁଖାଇଥାନ୍ତି। ଏହି କଣ୍ଟା ବହୁତ ମଜଭୁତ ହୋଇଯାଇଥାଏ। କଣ୍ଟାର ଲମ୍ବ ଦେଢ଼ ଇଞ୍ଚରୁ ଏକ ଇଞ୍ଚ ହୋଇଥାଏ। ଏହି କଣ୍ଟା ଗଛକୁ ମନ୍ଦିର ଆଗରେ ଗଦାକରି ପରାଯାଏ। ଏହା ଉପରେ ଭଗତାମାନେ ଖାଲି ଦେହରେ ଗଡ଼ିଥାନ୍ତି । ଏହା ଦେଖିବା ପାଇଁ ଏଠାରେ ବହୁ ଜନସମାଗମ ହୋଇଥାଏ। ମଙ୍ଗଳବାର ସକାଳ ୮ଟାରେ ଠାକୁରଙ୍କ ପବିତ୍ର ଝାମୁ ଚଲା ଅନୁଷ୍ଠିତ ହେବାକୁ ଥିବାରୁ ଏହାକୁ ନେଇ ଭକ୍ତମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଯାଉଛି।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ସ୍ମାରକପତ୍ର



ତହସିଲଦାରଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗୋସମ୍ମାନ ଆହ୍ୱାନ କର୍ମକର୍ତ୍ତା

ନୟାଗଡ଼, ୨୭।୪(ଲୋକନାଥ ମିଶ୍ର)

**ଗୋହତ୍ୟା ବନ୍ଦ ପାଇଁ ଗୋ ସମ୍ମାନ ଆହ୍ୱାନ ଅଭିଯାନ**

ସମଗ୍ର ଭାରତ ବର୍ଷରେ ଗୋ ହତ୍ୟା ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ଓ ଗୋ ମାତାଙ୍କୁ ରାଷ୍ଟ୍ରୀୟସ୍ତରରେ ରାଷ୍ଟ୍ରମାତା ସମ୍ମାନ ପାଇଁ ଦାବି ତ୍ୱରାନ୍ୱିତ ହୋଇଛି। ଏ ଅବସରରେ ସୋମବାର ଗୋସମ୍ମାନ ଦିବସ ଅବସରରେ ନୟାଗଡ଼ ତହସିଲଦାରଙ୍କୁ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ନୟାଗଡ଼ ଜିଲାରେ ଥିବା ଅନ୍ୟତହସିଲଦାରଙ୍କ ମାଧ୍ୟମରେ ମଧ୍ୟ ଗୋସେବକମାନେ ଅନୁରୂପ ଦାବିପତ୍ର ଦେଇଥିବା ପ୍ରକାଶ କରିଛନ୍ତି।

# ଗୋ ସମ୍ମାନ ଅଭିଯାନ

ଓଡଗାଁ,୨୭।୪(ନାରାୟଣ ପାଣିଗ୍ରାହୀ)

ହିନ୍ଦୁ ଧର୍ମରେ ଗାଈକୁ ମାତା ରୂପରେ ପୂଜା କରାଯାଏ। କିନ୍ତୁ ଗୋ ହତ୍ୟା ତଥା ଗୋ ଚାଲାଣର ଘଟଣା ବାରମ୍ବାର ସାମ୍ନାକୁ ଆସୁଥିବାରୁ ଏହା ହିନ୍ଦୁମାନଙ୍କ ମନରେ ଆଘାତ ଦେଇଛି। ସୋମବାର କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀଙ୍କ ନେତୃତ୍ୱରେ ହିନ୍ଦୁବାଦୀ ସଂଗଠନ କର୍ମକର୍ତ୍ତାମାନେ ଏକ ବିଶାଳ ଶୋଭାଯାତ୍ରାରେ ଓଡଗାଁ ରଘୁନାଥ ଜୀଉଙ୍କ ମନ୍ଦିରଠାରୁ ତହସିଲ କାର୍ଯ୍ୟାଳୟ ଯାଇ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ , ମୁଖ୍ୟମନ୍ତ୍ରୀ ତଥା ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରିଥଲେ। ପ୍ରମୁଖ ଦାବୀ ଗୁଡିକ ମଧ୍ୟରେ ଦେଶରେ ଗୋ ବଂଶ ଯତ୍ନ ଓ ସୁରକ୍ଷା ପାଇଁ କେନ୍ଦ୍ରୀୟ ନିୟମ, ଗୋମାତାକୁ ରାଷ୍ଟ୍ରୀୟ ସମ୍ପତ୍ତି ଘୋଷଣା, ଗୋବଂଶ ବୃଦ୍ଧି ପାଇଁ ସ୍ୱତନ୍ତ୍ର ମନ୍ତ୍ରଣାଳୟ ସ୍ଥାପିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆରଏସ୍‌ଏସ୍ ସଂଯୋଜକ ପ୍ରତାପ କୁମାର ଦାସ, ସୁଶାନ୍ତ କୁମାର ସାହୁ, ଅଚ୍ୟୁତାନନ୍ଦ ପଣ୍ଡା, ଜଗନ୍ନାଥ ପାଣିଗ୍ରାହୀ, ସମୀର ସାହୁ, ରାଜେଶ ସେଠୀ, ବାଦଲ ମହାରଣା, କାର୍ତ୍ତିକ ପଣ୍ଡା ଓ ଭଗବାନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଭବିଷ୍ୟତରେ ଗୋ ଚାଲାଣ କିମ୍ବା ଗୋ ହତ୍ୟାକୁ ଆଦୌ ସହ୍ୟ କରାଯିବ ନାହିଁ ବୋଲି ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଏବଂ ଆରଏସ୍‌ଏସ ପକ୍ଷରୁ ମିଳିତ ଭାବରେ ଚେତାବନୀ ଦିଆଯାଇଛି।

# ଗୋଚାଲାଣ ବନ୍ଦ ପାଇଁ ଦାବିପତ୍ର

ଦଶପଲ୍ଲା, ୨୭।୪
(ପ୍ରକାଶ କୁମାର ପାଣି)

ଦଶପଲ୍ଲା ତହସିଲଦାରଙ୍କୁ ସୋମବାର ଓଡ଼ିଶାରେ ଗୋ ଚାଲାଣ ସହ ଗୋ ହତ୍ୟା ବନ୍ଦ ପାଇଁ ଭାରତର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆରଏସ୍‌ଏସ୍‌ର ମାନସ ସାହୁ, ଶୀତିକଣ୍ଠ ମିଶ୍ର, ଆଦିତ୍ୟ ବାହିନୀର ଚିତ୍ରସେନ ପାତ୍ର ଓ ଗୋବର୍ଦ୍ଧନପୁର ଗୋଶାଳା ପ୍ରମୁଖ ବାବା ଓଁକାର ପୁରୀ ମହାରାଜା ଓ ସରକାରୀ ଓକିଲ ଚିତ୍ତରଞ୍ଜନ ମହାପାତ୍ର ପ୍ରମୁଖ ବହୁ ବ୍ୟକ୍ତି ଦାବିପତ୍ର ପ୍ରଦାନରେ ସାମିଲ ହୋଇଥିଲେ। ଦଶପଲ୍ଲା ବ୍ଲକର ୧୧ ପଞ୍ଚାୟତ ପ୍ରାୟ ୧ ହଜାର ଜନସାଧାରଣଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଦଶପଲ୍ଲା ଅତିରିକ୍ତ ତହସିଲଦାର ଚନ୍ଦ୍ର ଶେଖର ବାରିକଙ୍କୁ ପ୍ରଦାନ କରାଯାଇଥିଲା।


ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ପାଲଟିଛି ଲୋକଙ୍କ ଆଡ୍ଡାସ୍ଥଳୀ

ଓଡ଼ଗାଁ,୨୭।୪(ନାରାୟଣ ପାଣୀଗ୍ରାହୀ)

ଓଡ଼ଗାଁ ଏନ୍‌ଏସିସ୍ଥିତ କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ଲୋକଙ୍କ ଆଡାସ୍ଥଳୀ ପାଲଟିଛି। ମନଇଚ୍ଛା କାର୍ଯ୍ୟାଳୟରେ ପଶି ପଣସ ଚୋରି କରିବା ସହିତ ଦିନରେ ଶୌଚକରି ନିତ୍ୟକର୍ମ କରୁଛନ୍ତି। ବେଶ କିଛିଦିନ ହେବ ଏଭଳି ଚାଲିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଓଡ଼ଗାଁ କଲେଜ ରୋଡରେ କ୍ଷୁଦ୍ର ଜଳ ସେଚନ ବିଭାଗ କାର୍ଯ୍ୟାଳୟ ରହିଛି। ଏଠାରେ ୨ ଏକର ଜାଗାରେ କାର୍ଯ୍ୟାଳୟ ସହିତ କ୍ୱାର୍ଟର୍ସ ନିର୍ମାଣ କରାଯାଇଛି। କିନ୍ତୁ କର୍ମଚାରୀ ରହୁନଥିବାରୁ କେତେକ ଲୋକ କାର୍ଯ୍ୟାଳୟ ଭିତରେ ମନଇଚ୍ଛା ପ୍ରବେଶ କରୁଛନ୍ତି। ଏବେ ଏଭଳି ପରିସ୍ଥିତି ସୃଷ୍ଟି ହେଲାଣି କାର୍ଯ୍ୟାଳୟ ଭିତରେ ଥିବା ପଣସ ଚୋରି କରି ନେଉଛନ୍ତି। କର୍ମଚାରୀଙ୍କ ପାଇଁ ନିର୍ମାଣ ହୋଇଥିବା ଶୌଚାଳୟ ଓ ଗାଧୁଆ ଘର ବ୍ୟବହାର କରୁଛନ୍ତି। କିଛିମାସ ଧରି ଏଭଳି ଅରାଜକତା ଚାଲିଥିଲେ ମଧ୍ୟ କ୍ଷୁଦ୍ର ଜଳସେଚନ ବିଭାଗ ପାଖରେ ଏହାର ଟିକେବି ଖବର ନାହିଁ। କାର୍ଯ୍ୟାଳୟ ଭିତରେ କ୍ୱାର୍ଟର୍ସ ଥିଲେ ମଧ୍ୟ କର୍ମଚାରୀ ରହୁନଥିବାରୁ ବାହାର ଲୋକ ଭିତରେ ପଶି ଆଡା ଜମାଉଛନ୍ତି।



ଏହି ଘଟଣାରେ କ୍ଷୁଦ୍ର ଜଳସେଚନ ଯନ୍ତ୍ରୀ ମନୋଜ କୁମାର ରାଉତ ଘଟଣାକୁ ସ୍ୱୀକାର କରିଛନ୍ତି। ଆମେ ଅଭିଯୋଗ ପାଇଛୁ। କାର୍ଯ୍ୟାଳୟ ମଧ୍ୟରେ ଅବାଧ ପ୍ରବେଶ କରୁଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି କହିଛନ୍ତି।



## ସଂକ୍ଷେପରେ

### ବିରୂପା ନଦୀରେ ବୁଡ଼ି ଜଣେ ମୃତ

ଚଣ୍ଡିଖୋଲ,୨୭।୪(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନାନପୁରଠାରେ ବିରୂପା ନଦୀରେ ବୁଡି ସୋମବାର ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ନାନପୁର ଗ୍ରାମର ପ୍ରତାପ ଚନ୍ଦ୍ର ଜେନା (୫୫)। ସେ ସୋମବାର ମଧ୍ୟାହ୍ନରେ ଘର ପାଖ ବିରୂପା ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକ ତାଙ୍କୁ ଖୋଜାଖୋଜି କରିଥିଲେ। ଗାଧୁଆ ତୁଠରେ ତାଙ୍କ ଚପଲ ଥିବା ଦେଖି ନଦୀରେ ଭାସି ଯାଇ ଥାଇପାରନ୍ତି ଅନୁମାନ କରି ଚଣ୍ଡିଖୋଲ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଖୋଜିବା ପରେ ଗାଧୁଆ ତୁଠର କିଛି ଦୂର କୂଳରେ ସେ ଲାଗିଥିବା ଦେଖାଯାଇଥିଲା। ଅବିଳମ୍ବେ ଉଦ୍ଧାର କରି ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ପ୍ରତାପଙ୍କୁ ମୃତ ଘୋଷଣା କରିଥିଲେ।

### ହାଇଲେଭଲ କେନାଲରେ ପାଣି ଛଡାଗଲା

ବଡ଼ଚଣା, ୨୭।୪(ଦିଲ୍ଲୀପ କୁମାର ମହାନ୍ତି)

ଜଗତପୁରରୁ ବାହାରି ଜେନାପୁରର ଯାଏ ଯାଇଥିବା ହାଇଲେଭଲ କେନାଲରେ ରବିବାର ପାଣି ଛଡାଯାଇଛି। କେନାଲରେ ପାଣି ଆସିବା ଫଳରେ କଟକ ଜିଲାର ଟାଙ୍ଗୀ ଓ ଯାଜପୁର ଜିଲାର ବଡ଼ଚଣା, ଧର୍ମଶାଳା ଏବଂ ରସୁଲପୁର ବ୍ଲକର ରବିଧାନ ଓ ପନିପରିବା ଚାଷୀ ଉପକୃତ ହେବେ। ଏଥିସହିତ ଏହି ନିଦାଘ ଗ୍ରୀଷ୍ମରେ ଜନସାଧାରଣଙ୍କ ଜଳକଷ୍ଟ ଅନେକାଂଶରେ ଲାଘବ ହେବ। ପାଣି ପାଇଁ ଦାବି ଜଣାଇ ଥିବା ଲୋକେ ଜଳସେଚନ ବିଭାଗ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ବିକାଶ ପରିଷଦର ବନ୍ଧୁମିଳନ କାର୍ଯ୍ୟକ୍ରମ

କାଏମା, ୨୭।୪(ଶିବ ପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ବିକାଶ ପରିଷଦର ବନ୍ଧୁମିଳନ ସମାରୋହ ମା' ବିମଳାଇ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପବିତ୍ରମୋହନ ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ସରପଞ୍ଚ ମାଗୁଣି ଚରଣ ପଣ୍ଡା, କାହ୍ନୁପଦ ଜେନାସାମନ୍ତ, ସଂଗ୍ରାମ କେଶରୀ ଜେନା, ରବୀନ୍ଦ୍ର ଦାସ, ପ୍ରାକ୍ତନ ସମିତି ସଭ୍ୟ ମାଗୁଣି ଚରଣ ବେହେରା, ସୁଦାମ ପ୍ରଧାନ, ପ୍ରକାଶ ଚନ୍ଦ୍ର ପଣ୍ଡା, ଗୋପାଳ ମହାନ୍ତି, ବିରୁପାକ୍ଷ ପଣ୍ଡା, ଅମର ପ୍ରଧାନ, ଚୈତନ୍ୟ ବାରିକ, ରମାକାନ୍ତ ବାରିକ, ରାଜେନ୍ଦ୍ର ଦାସ, ମାନସୀ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ଆଗାମୀ ଦିନରେ ବିକାଶ ପରିଷଦର ସଦସ୍ୟମାନେ ସୁସମାଜ ଗଠନ ସହିତ ଅଞ୍ଚଳର ବିଭିନ୍ନ ସମସ୍ୟା ପ୍ରତି ସଚେତନ ହୋଇ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ।

# ପୋଲିସ କବ୍‌ଜାରେ ୨ ଅଭିଯୁକ୍ତ

- ବାଲିଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତାରେ ଲୁଟ୍‌ପାଟ ଘଟଣା
- ଅଭିଯୁକ୍ତଙ୍କ ସହ ଧରାପଡ଼ିଲେ ୩ ନାବାଳକ
- ବନ୍ଧୁକ, ବାଇକ୍, ମୋବାଇଲ ଜବତ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୨୭।୪ (ପ୍ରଦୀପ୍ତ କୁମାର ପୃଷ୍ଟି/ଗିରିଜା ପ୍ରସାଦ ସାହୁ)



ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

ବାଲିଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତାରେ ଗତ ୨୪ତାରିଖ ରାତିରେ ଘଟିଥିବା ଲୁଟ୍‌ପାଟ ଘଟଣାରେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଘଟଣାର ମୁଖ୍ୟ ଅଭିଯୁକ୍ତ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଭରତପୁର ଗ୍ରାମର ଶିବପ୍ରସାଦ ସାମଲ(୨୨) ଓ ତାଙ୍କ ସହଯୋଗୀ ମାହାଙ୍ଗା ଥାନା ଅନ୍ତର୍ଗତ କୋଳିଅଠା ଗ୍ରାମର ଚିନ୍ମୟ ମଲ୍ଲିକ(୨୧)। ଏହି ଲୁଟ୍‌ପାଟରେ ସଂଶ୍ଳିଷ୍ଟ ଅଭିଯୋଗରେ ୩ ଜଣ ନାବାଳକ ଧରାପଡ଼ିଛନ୍ତି। ଅଭିଯୁକ୍ତମାନଙ୍କ ନିକଟରୁ ପୋଲିସ ୨ଟି କ୍ୟାମେରା, ୪ଟି ମୋବାଇଲ ଫୋନ୍, ୨ଟି ବାଇକ୍, ଗୋଟିଏ ବନ୍ଧୁକ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୫୪/୨୬) ରୁଜୁକରି ପୋଲିସ ୨ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଛି। ଅପରପକ୍ଷରେ ଧରାପଡ଼ିଥିବା ୩ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଥିବା ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ବାଲିଚନ୍ଦ୍ରପୁର ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗ୍ୟାଙ୍ଗ୍‌ର ମୁଖ୍ୟ ଶିବପ୍ରସାଦ ସାମଲଙ୍କ ଆପରାଧିକ ପୃଷ୍ଠଭୂମି ଥିବା ଏସ୍‌ଡିପିଓ ପାତ୍ର କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବରୁହାଁ- ବାଲିଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତାର ଅରେଇକଣା ନିକଟରେ ଗତ ୨୪ ତାରିଖ ରାତି ୧ ଟାରେ ବରୀ ରାମଚନ୍ଦ୍ରପୁର ଥାନା ଛାଇଛନ୍ତା ଗ୍ରାମର ବିଶ୍ୱଜିତ ସାହୁ ଓ ତାଙ୍କର ଜଣେ ସାଙ୍ଗ ଏକ ବିବାହ କାର୍ଯ୍ୟକ୍ରମରେ ମାହାଙ୍ଗା ଥାନା ଅନ୍ତର୍ଗତ କୋଳିଅଠା ଗ୍ରାମକୁ ଭିଡିଓ ଶୁଟିଂ କରିବା ପାଇଁ ଯାଇଥିଲେ। ଶୁଟିଂ ସାରି ବାଇକ୍ ଯୋଗେ ନିଜ ଗ୍ରାମକୁ ଫେରିବା ସମୟରେ ରାତି ପ୍ରାୟ ୧ଟା ବେଳେ ୫ ଜଣ ଯୁବକ ସେମାନଙ୍କୁ ଅରେଇକଣାରୁ ଅଣକା ମଝିରେ ଅଟକାଇଥିଲେ। ମାଡ ମାରିବା ସହ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ପରେ ସେମାନଙ୍କଠାରୁ ୨ଟି କ୍ୟାମେରା ଓ ୨ଟି ମୋବାଇଲ ଫୋନ ଛଡ଼ାଇନେଇ ପଳାଇଥିଲେ। ଏନେଇ ବିଶ୍ୱଜିତ ୨୫ତାରିଖରେ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଯାଜପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ୨ଟି ଟିମ୍ ଗଠନ କରି ବାଲିଚନ୍ଦ୍ରପୁର ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଆଖାପାଖ ଅଞ୍ଚଳରେ ଲଗିଥିବା ସିସି କ୍ୟାମେରାର ଫୁଟେଜ ଆଧାରରେ ପୋଲିସ ଏହି ଗ୍ୟାଙ୍ଗ୍‌ର ମୁଖ୍ୟ ଭରତପୁରର ଶିବପ୍ରସାଦ ସାମଲଙ୍କୁ ପ୍ରଥମେ ଗିରଫ କରିଥିଲା। ପଚରାଉଚରା ପରେ ତାଙ୍କ ସହଯୋଗୀ ମାହାଙ୍ଗା ଥାନା କୋଳିଅଠାର ଚିନ୍ମୟ ମଲ୍ଲିକଙ୍କୁ ଗିରଫ କରାଯାଇଥିଲା। ଲୁଟ୍‌ପାଟରେ ସେମାନଙ୍କୁ ସହଯୋଗ କରୁଥିବା ୩ ଜଣ ନାବାଳକଙ୍କୁ ମଧ୍ୟ ପୋଲିସ ଧରିଥିଲା। ଖବରଦାତା ସମ୍ମିଳନୀରେ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ଦିଲୀପ କୁମାର ମହାନ୍ତି, ଇନ୍ସପେକ୍ଟର ଦୀପାଲିସା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୬୭ ଅଭିଯୋଗ ଶୁଣିଲେ ଜିଲାପାଳ




ଅଧିକାରୀମାନେ ଜନ ଅଭିଯୋଗର ଶୁଣାଣି କରୁଛନ୍ତି।

ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ବରୀ,୨୭।୪(ମହେନ୍ଦ୍ର ସ୍ୱାଇଁ)

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ବରୀ ବ୍ଲକ୍ କାର୍ଯ୍ୟାଳୟ ପରିସରସ୍ଥ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଉପସ୍ଥିତ ରହି ଜିଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗଗୁଡ଼ିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ମୋଟ ୬୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୫୪, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୨, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୧ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଜିଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଉପଜିଲାପାଳ ତାପସ ରଞ୍ଜନ ଦେହୁରି, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ମାଝୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ମିଶ୍ର, ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ, ତହସିଲଦାର ଦୀପ୍ତିମୟୀ ବେହେରାଙ୍କ ସହ ଜିଲା, କ୍ଷେତ୍ରୀୟ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ, ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତ କୁମାର ଜେନା ସହଯୋଗ କରିଥିଲେ

## ଧର୍ମଶାଳା, ଦଶରଥପୁର ଇଂଲିଶ ନାମ ସଂଶୋଧନ ନେଇ ସୂଚନା ଜାରି

ଯାଜପୁରଟାଉନ, ୨୭।୪
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ରାଜ୍ୟର ବିଭିନ୍ନ ସ୍ଥାନର ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ଇଂଲିଶ ବନାନ ସଂଶୋଧନ ସମ୍ବନ୍ଧରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସାର୍ବଜନୀନ ସୂଚନା ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ ଓଡ଼ିଶାର ସମସ୍ତ ସଚିବଙ୍କ ମାଧ୍ୟମରେ ସାଂସଦ, ବିଧାୟକ ଓ ଜିଲାପାଳଙ୍କୁ ଚିଠି କରିଛନ୍ତି। ଏହି ଚିଠି ଅନୁଯାୟୀ ଯାଜପୁର ଜିଲାର ଦଶରଥପୁର ଓ ଧର୍ମଶାଳାର ଇଂଲିଶ ନାମ ସଂଶୋଧନ କରାଯାଇଛି। ପୂର୍ବରୁ ଏ ସମ୍ପର୍କରେ ପ୍ରସ୍ତାବ ସଂଗ୍ରହ କରାଯାଇଥିଲା। ବିଶିଷ୍ଟ ଓଡ଼ିଆ ସାହିତ୍ୟିକା ପଦ୍ମଭୂଷଣ ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ଦ୍ୱାରା ସମସ୍ତ ପ୍ରସ୍ତାବକୁ ସମୀକ୍ଷା କରାଯାଇଥିଲା। କମିଟି ସୁପାରିଶ କରିଥିବା ପ୍ରସ୍ତାବଗୁଡିକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରାଯାଇ ମତାମତ ଓ ପରାମର୍ଶ ଆହ୍ୱାନ କରାଯାଇଛି। ଉକ୍ତ ପ୍ରସ୍ତାବଗୁଡ଼ିକ ଉପରେ ଜନପ୍ରତିନିଧି ଓ ଜନସାଧାରଣ ସେମାନଙ୍କ ସୁଚିନ୍ତିତ ମତାମତ ଓ ପରାମର୍ଶ ଏପ୍ରିଲ ୨୨ଠାରୁ ଏକ ମାସ ମଧ୍ୟରେ ଚିଠି କିମ୍ବା ରାଜସ୍ୱ ବିଭାଗର ଇମେଲ ମାଧ୍ୟମରେ ଜଣାଇବାକୁ ଅନୁରୋଧ କରାଯାଇଛି।

# ଭାଜପାର ଜନଆକ୍ରୋଶ ମହିଳା ସମାବେଶ

କାଏମା, ୨୭।୪(ଶିବ ପ୍ରସାଦ ମହାନ୍ତି)

ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଜାରକାସ୍ଥିତ ମହୋତ୍ସବ ପଡିଆରେ ମହିଳା ସଂରକ୍ଷଣ ବିଲ୍ ପାସ ନହେବା ପ୍ରତିବାଦରେ ଭାଜପା ପକ୍ଷରୁ ଜନ ଆକ୍ରୋଶ ମହିଳା ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ଦେବଯାନୀ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ, ଆସିକା ଏମ୍‌ପି ଅନିତା ଶୁଭଦର୍ଶନୀ ପଟ୍ଟନାୟକ, ଯାଜପୁର ଏମ୍‌ପି ରବିନ୍ଦ୍ର ନାରାୟଣ ବେହେରା, ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ପୂର୍ବତନ ଏମ୍‌ପି ରୀତା ତରେଇ, ଯାଜପୁର ଜିଲା ଭାଜପା ସଭାନେତ୍ରୀ ଦିପ୍ତୀପ୍ରଭା ମିଶ୍ର, ପୂର୍ବତନ ଜିଲା ସଭାପତି ଆଶୁତୋଷ ପରିଡା, ଧର୍ମଶାଳା ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର ଯୋଗଦେଇଥିଲେ। ନେତୃବୃନ୍ଦ କହିଥିଲେ, ମହିଳାମାନଙ୍କ ପାଇଁ ମୋଦୀ ସରକାର ଆଣିଥିବା ମହିଳା ସଂରକ୍ଷଣ ବିଲକୁ କଂଗ୍ରେସ ସମେତ ବିରୋଧୀ ଦଳମାନେ ଚକ୍ରାନ୍ତ କରି ସଂସଦରେ ବିଲ ପାସ କରାଇ ଦେଇ ନ ଥିଲେ। ବିରୋଧିଙ୍କ ଚକ୍ରାନ୍ତ ଫଳରେ ମହିଳା ସଂରକ୍ଷଣ ବିଲ ସଂସଦରେ କାଟ ଖାଇଲା। କଂଗ୍ରେସ ହେଉଛି ମହିଳା ବିରୋଧି ଦଳ। ଆଗାମୀ ଦିନରେ ସାଧାରଣ ମହିଳା ବିରୋଧିଙ୍କୁ ଏହାର ଉଚିତ ଜବାବ ଦେବେବୋଲି ନେତୃବୃନ୍ଦ କହିଥିଲେ। ସଭାକାର୍ଯ୍ୟ ଶେଷ ହେବା ପରେ ମହିଳାମାନେ ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ନବୀନ ପଟ୍ଟନାୟକ ଓ ମମତା ବାନାର୍ଜୀଙ୍କ କଶପୁତ୍ତଳିକା ସେଠାରେ ଦାହ କରିଥିଲେ। କାର୍ଯ୍ୟକ୍ରମକୁ ଯୁବ ସଙ୍ଗଠକ ରାଜେଶ ପାଳ, କାହ୍ନୁ ଚରଣ ଦାଶ, ଦେବରାଜ ମିଶ୍ର, ଜିତେନ୍ଦ୍ର ରାଉତ, ତପନ ମାହୁନ୍ତ, ପ୍ରଦୀପ ପରିଡା, ଦେବଦତ ପଣ୍ଡା, ସିବୁଲି ଧିର, ଆଲୋକ ଲେଙ୍କା, ଚନ୍ଦ୍ରମଣି ପଣ୍ଡିତ, ଉପେନ୍ଦ୍ର କର, ଲୋକନାଥ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।




ଜନ ଆକ୍ରୋଶ ମହିଳା ସମାବେଶରେ ମଞ୍ଚାସୀନ ଭାଜପା ନେତୃବର୍ଗ।

# ଭାଜପା ପକ୍ଷରୁ କୁଆଖିଆ ବଜାରରେ ଜଳଦାନ କେନ୍ଦ୍ର ଉଦ୍‌ଘାଟିତ



ଜଳଦାନ କେନ୍ଦ୍ର ଉଦ୍‌ଘାଟନ ଅବସରରେ ଉପସ୍ଥିତ ନେତୃବର୍ଗ।

ରସୁଲପୁର,୨୭।୪(ରଞ୍ଜିତ ରାଉତ)

ଯାଜପୁର ଜିଲା ରସୁଲପୁର ବ୍ଲକ୍ ଅଞ୍ଚଳରେ ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି କୁଆଖିଆ ବଜାରରେ ଭାଜପା ରସୁଲପୁର ମଣ୍ଡଳ ପକ୍ଷରୁ ଏକ ଜଳଦାନ କେନ୍ଦ୍ର ଖୋଲାଯାଇଛି । କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ନିର୍ଦ୍ଦେଶକ୍ରମେ ଖୋଲାଯାଇଥିବା ଉକ୍ତ ଜଳଦାନ କେନ୍ଦ୍ରକୁ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କୋରେଇ ବିଧାୟକଙ୍କ ପ୍ରତିନିଧି ପ୍ରହଲାଦ ପଣ୍ଡା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଶଶିଭୂଷଣ ସାହୁ, ମଣ୍ଡଳ ସଭାପତି ବିନୋଦ ମହାରଣା, ଜିଲା ପରିଷଦ ସଦସ୍ୟ ଶିଶିର କୁମାର ମହାନ୍ତି, ବିଧାୟକଙ୍କ ମିଡିଆ ସେଲ୍ ପ୍ରତିନିଧି ପଦ୍ମଲୋଚନ ନାୟକ, ହିଙ୍ଗୁଳା ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ମାମି ମହାନ୍ତି, ଯୁବମୋର୍ଚ୍ଚା ସଭାପତି ହିମାଂଶୁ ବେହେରା, ଭାଜପା ନେତା ଅତୁଲ୍ୟ ପ୍ରଧାନ, ଅନିଲ ସାମନ୍ତରାୟ, ସୁବାସ ନାୟକ, ସୁବ୍ରତ ନାୟକ, ଶଶାଙ୍କ ଶେଖର ରାଉତ, ପ୍ରଶାନ୍ତ ପରିଡ଼ା, ଦିଲୀପ ଦାସ, ସାମାଜିକ କର୍ମୀ କାଳିନ୍ଦୀ କଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ । ଏହି କେନ୍ଦ୍ରରୁ ଦୈନିକ ଶତାଧିକ ଯାତ୍ରୀ, ବ୍ୟବସାୟୀ, ଯାତାୟାତ କରୁଥିବା ଜନସାଧାରଣ ଥଣ୍ଡା ବିଶୁଦ୍ଧ ପାନୀୟ ଜଳ ପିଇ ପାରିବାର ସୁଯୋଗ ପାଇବେ। ରୌଦ୍ରତାପ ଜାରି ରହିଥିବା ପର୍ଯ୍ୟନ୍ତ ଜଳଦାନ କେନ୍ଦ୍ର ଜାରି ରହିବ ବୋଲି ଭାଜପା କାର୍ଯ୍ୟକର୍ତ୍ତାମାନେ ସୂଚନା ଦେଇଛନ୍ତି ।

# ୪ ବର୍ଷରେ ୬ ଲକ୍ଷ ଚାରାରୋପଣ ଲକ୍ଷ୍ୟ

## କଳିଙ୍ଗନଗର ଏନ୍‌ଆଇଏନ୍‌ଏଲ୍

- ବାର୍ଷିକ ଉତ୍ପାଦନ କ୍ଷମତା ୪.୮ ନିୟୁତ ଟନକୁ ବୃଦ୍ଧି ଯୋଜନା

ଯାଜପୁର/କଳିଙ୍ଗନଗର(ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷରାଉତ),୨୭।୪:



କଳିଙ୍ଗନଗର ଟାଟା ଷ୍ଟିଲ୍ ପକ୍ଷରୁ ପରିଚାଳିତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ (ଏନ୍‌ଆଇଏନ୍‌ଏଲ୍) ସବୁଜିମା ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନରେ ଆଗାମୀ ୪ ବର୍ଷ ମଧ୍ୟରେ ୬ ଲକ୍ଷ ଚାରାରୋପଣ କରିବାକୁ କମ୍ପାନୀ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଧୂଳି ଓ ଶବ୍ଦ ପ୍ରଦୂଷଣରୁ ବାରଗାଡ଼ିଆ, ଡୁବୁରୀ ଏବଂ ନିକଟସ୍ଥ ଗ୍ରାମଗୁଡ଼ିକୁ ରକ୍ଷା କରିବା ପାଇଁ ଏହି ବନୀକରଣ ଏକ ବୈଜ୍ଞାନିକ ପ୍ରତିବନ୍ଧକ (ବଫର୍) ଭାବେ କାର୍ଯ୍ୟ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚିତ କରାଯାଇଛି। ଏହି ପରିବେଶ ପ୍ରତିବଦ୍ଧତାକୁ ଆଧାର କରି ଏନ୍‌ଆଇଏନ୍‌ଏଲ୍ ନିଜର ବାର୍ଷିକ କ୍ରୁଡ୍ ଷ୍ଟିଲ୍ ଉତ୍ପାଦନ କ୍ଷମତାକୁ ୧ରୁ ୪.୮ ନିୟୁତ ଟନକୁ ବୃଦ୍ଧି କରିବାକୁ ଯୋଜନା କରିଛି। ସୂଚନା ଅନୁସାରେ ପରିବେଶ ସୁରକ୍ଷା ରୋଡ୍‌ମ୍ୟାପ୍ ଅନୁଯାୟୀ, କମ୍ପାନୀ ୪୫୫ ହେକ୍ଟର ପରିମିତ ଅଞ୍ଚଳରେ ସବୁଜ ବଳୟର ରକ୍ଷଣାବେକ୍ଷଣ କରିବ, ଯେଉଁଥିରୁ ୧୦୫ ହେକ୍ଟର କେବଳ ଗୋଡିଗୋଠ ଅଞ୍ଚଳରେ ରହିଛି। ସରକାରୀ ନିୟମ ଅନୁଯାୟୀ ୨୫% ସବୁଜ ବଳୟ ରଖିବା ବାଧ୍ୟତାମୂଳକ ଥିବାବେଳେ ଏନ୍‌ଆଇଏନ୍‌ଏଲ୍ ପ୍ଲାଣ୍ଟରେ ବର୍ତ୍ତମାନ ସୁଦ୍ଧା ୪୨.୬% ଅଞ୍ଚଳରେ ସବୁଜିମା ରହିଛି। ଏହାବ୍ୟତୀତ ପ୍ରଦୂଷଣ ରୋକିବା ପାଇଁ ପ୍ଲାଣ୍ଟ ସୀମାରେ ଏକ ଧାତବ 'ୱିଣ୍ଡ-ସ୍କ୍ରିନ୍ ବ୍ୟାରିୟର' ସ୍ଥାପନ କରାଯିବ। ସିଣ୍ଟର ପ୍ଲାଣ୍ଟ ଏବଂ ବ୍ଲାଷ୍ଟ ଫର୍ନେସ ଭଳି ପ୍ରମୁଖ ଉତ୍ପାଦନ ୟୁନିଟ୍‌ଗୁଡ଼ିକରେ ଉନ୍ନତ ମାନର ବ୍ୟାଗ୍ ଫିଲ୍ଟର ଏବଂ ଇଲେକ୍ଟ୍ରୋଷ୍ଟାଟିକ ପ୍ରେସିପିଟେଟର (ଇଏସ୍‌ପି) ଭଳି ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା ଲଗାଯିବ। ଏହାବାଦ୍ ଜଳ ପ୍ରଦୂଷଣ ରୋକିବା ପାଇଁ ଏନ୍‌ଆଇଏନ୍‌ଏଲ୍ ଜିରୋ ଏଫ୍ଲୁଏଣ୍ଟ ଡିସ୍‌ଚାର୍ଜ(ଜେଡ୍‌ଇଡି) ନୀତି ଆପଣାଇଛି। ଏଥିପାଇଁ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ଏଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଇଟିପି) ଏବଂ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ସିଷ୍ଟମ କାର୍ଯ୍ୟକାରୀ ହେବ। ଡିକାର୍ବୋନାଇଜେଶନ (କାର୍ବନ ନିର୍ଗମନ ହ୍ରାସ) ଉପରେ ଗୁରୁତ୍ୱ ଦେଇ କମ୍ପାନୀ ସୌର ଓ ପବନ ଶକ୍ତି ଭଳି ଅକ୍ଷୟ ଶକ୍ତି ବ୍ୟବହାର କରିବାକୁ ଲକ୍ଷ୍ୟ ରଖିଛି। ପରିବହନ କ୍ଷେତ୍ରରେ ମଧ୍ୟ ଡିଜେଲ ଗାଡ଼ି ପରିବର୍ତ୍ତେ ଇଲେକ୍ଟ୍ରିକ କିମ୍ବା ହାଇଡ୍ରୋଜେନ-ଚାଳିତ ଟ୍ରକ ବ୍ୟବହାର କରିବାକୁ ଯୋଜନା ରହିଛି। ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ୧୦୦% ରିସାଇକ୍ଲିଂ କିମ୍ବା ପୁନଃ ବ୍ୟବହାର ଲକ୍ଷ୍ୟ ରଖାଯାଇଛି। ନିକଟସ୍ଥ କବତି ନାଳର ପ୍ରାକୃତିକ ପ୍ରବାହକୁ ସୁରକ୍ଷିତ ରଖିବା ପାଇଁ ଜଳ ନିଷ୍କାସନ ବ୍ୟବସ୍ଥାକୁ ଅଧିକ ଉନ୍ନତ କରାଯିବ। ସୂଚନାଯୋଗ୍ୟ, ଟାଟା ଷ୍ଟିଲ କଳିଙ୍ଗନଗର ମଧ୍ୟ ଏହାର କାର୍ଯ୍ୟାରମ୍ଭ ଦିନଠାରୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୭ ଲକ୍ଷ ଚାରାରୋପଣ କରିସାରିଛି ବୋଲି କମ୍ପାନୀ ପକ୍ଷରୁ ଦର୍ଶାଯାଇଛି।

# 'ଦ୍ୱିଭୁଜା ବିରଜାଙ୍କ ସମ୍ପର୍କରେ ଗବେଷଣା ହେଉ'

## ବିରଜା ଜ୍ୟୋତିର ରଜତ ଜୟନ୍ତୀ ସମାରୋହ

ଯାଜପୁର ଟାଉନ, ୨୭।୪
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)



ବିରଜା ଜ୍ୟୋତିର ରଜତ ଜୟନ୍ତୀ ବିଶେଷାଙ୍କ ସଂକଳନକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଯାଜପୁରର ଐତିହ୍ୟ ଓ ସଂସ୍କୃତି ଆଧାରିତ ଗବେଷଣାଧର୍ମୀ ସାଂସ୍କୃତିକ ପତ୍ରିକା ବିରଜା ଜ୍ୟୋତିର ରଜତ ଜୟନ୍ତୀ ସମାରୋହ ରବିବାର ଗୌତମବୁଦ୍ଧ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ୩ଗୋଟି ସୋପାନରେ ଆୟୋଜିତ ଏହି ବର୍ଣ୍ଣାଢ୍ୟ ଉତ୍ସବର ପ୍ରଥମ ସୋପାନରେ ବିରଜା ସାହିତ୍ୟଚର୍ଚ୍ଚା, ଦ୍ୱିତୀୟ ସୋପାନରେ ବିରଜା କବିତା ପାଠୋତ୍ସବ ଓ ତୃତୀୟ ସୋପାନରେ ଆଲୋଚନା ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିରଜା ଚେତନା ଗବେଷଣା ପରିଷଦ ପକ୍ଷରୁ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଡ. ଜ୍ଞାନରଞ୍ଜନ ପତି ଅଧ୍ୟକ୍ଷତା କରିଥିଲେ। ଏହି ସମାରୋହକୁ ଉଦ୍‌ଘାଟନ କର ବିଶିଷ୍ଟ ଭାଷା ସଂସ୍କୃତି ଗବେଷକ ପଦ୍ମଶ୍ରୀ ଡ. ଅନ୍ତର୍ଯ୍ୟାମୀ ମିଶ୍ର ୩ହଜାର ବର୍ଷ ପୂର୍ବରୁ ପ୍ରସିଦ୍ଧି ଲାଭ କରିଥିବା ବିରଜା କ୍ଷେତ୍ର ଯାଜପୁର ଓ ପ୍ରାଚୀନତମା ଦ୍ୱିଭୁଜା ବିରଜାଙ୍କ ସମ୍ପର୍କରେ ଗବେଷଣା କରାଯିବା ଉଚିତ ବୋଲି କହିଥିଲେ। ଏଥିପାଇଁ ଯାଜପୁରର ସଂସ୍କୃତିପ୍ରେମୀ ଇତିହାସ ମନସ୍କ ବିଦ୍ୱାନମାନେ ପ୍ରୟାସ କରିବା ଉଚିତ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ.ସତ୍ୟନାରାୟଣ ଆଚାର୍ଯ୍ୟ ଶ୍ରୀଜଗନ୍ନାଥ ଓ ବିରଜା ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ବରେଣ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରଭାତ କୁମାର ମହାପାତ୍ର ମା' ବିରଜା ଓ ଯାଜପୁରର ଆଧ୍ୟାତ୍ମିକ ମହତ୍ତ୍ୱ ବିଷୟରେ ନିଜର ଅନୁଭୂତି ପ୍ରକାଶ କରିଥିଲେ।

ମୁଖ୍ୟବକ୍ତାଭାବେ ଯୋଗଦେଇ ଭାରତୀୟ ଇତିହାସ ଗବେଷଣା ପରିଷଦ ଦିଲ୍ଲୀର ଓଡ଼ିଶା ରାଜ୍ୟ ସଦସ୍ୟ ପ୍ରଫେସର ଡ. ହରିହର ପଣ୍ଡା ଓଡ଼ିଶାର ପ୍ରାଚୀନ ରାଜଧାନୀ ଯାଜପୁରର ରାଜନୈତିକ ଓ ପୌରାଣିକ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଡ. ମଥୁରେନ୍ଦ୍ର ପୃଷ୍ଟି ଯାଜପୁରର ଗାଣପତ୍ୟ ସୌର ଓ ଶାକ୍ତ ସଂସ୍କୃତିର ପ୍ରାଚୀନତା ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିଭାବେ ଡାକ୍ତର ଜୟକୃଷ୍ଣ ଦାସ ବିରଜାଙ୍କ ମହିମା ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ବିରଜାମନ୍ଦିର ସେବାୟତ ପରିଷଦ ପକ୍ଷରୁ ମା' ବିରଜାଙ୍କ କୃପା ବସ୍ତ୍ର ଅତିଥିମାନଙ୍କୁ ପ୍ରଦାନ କରାଯାଇଥିଲା। ଅଧାପକ ପୂର୍ଣ୍ଣଚନ୍ଦ୍ର ସାମଲ, ଡ. ହରିଶ୍ଚନ୍ଦ୍ର ପଣ୍ଡା ଓ ଅଭିଲିପ୍ସା ମିଶ୍ର ମା' ବିରଜାଙ୍କ ସ୍ତୁତି ଗାନ କରିଥିଲେ। ସୁରେନ୍ଦ୍ର କୁମାର ଦୋବାଇ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରମୋଦ କୁମାର ନାୟକ ସମ୍ପାଦକୀୟ ବିବରଣୀ ଓ ଅଭିମନ୍ୟୁ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଅତିଥିମାନେ ବିରଜା ଜ୍ୟୋତିର ରଜତ ଜୟନ୍ତୀ ବିଶେଷାଙ୍କ ସଂକଳନକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ବିରଜା ସଂସ୍କୃତି ପ୍ରସାର ଓ ଗବେଷଣା ପାଇଁ ଡ. ଦୁଷ୍ମନ୍ତ କୁମାର ନାୟକଙ୍କୁ ବିରଜା ଜ୍ୟୋତି ଗବେଷକ ସମ୍ମାନ, ରାମଚନ୍ଦ୍ର ଦାଶଙ୍କୁ ପ୍ରାବନ୍ଧିକ ସମ୍ମାନ ସହ ୩୨ଜଣ ବ୍ୟକ୍ତି, ଅନୁଷ୍ଠାନ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ବିରଜା ଜ୍ୟୋତି ପତ୍ରିକାର ସମ୍ମାନ ଓ ବିରଜା ଜ୍ୟୋତି ବିଜ୍ଞାପକ ସମ୍ମାନ ପ୍ରଦାନ କରାଯାଇଥିଲା। ମଞ୍ଚ ପରିଚାଳନାରେ ଅନୁପମା ରଣା, ଗଦାଧର କୁଣ୍ଡୁ, ବୃନ୍ଦାବନ ମିଶ୍ର, ବୈଦ୍ୟନାଥ ପଣ୍ଡା ଆନନ୍ଦ ଚନ୍ଦ୍ର ସାହୁ, ଦାମୋଦର ନନ୍ଦ ସହଯୋଗ କରିଥିଲେ।

## ଅଧ୍ୟାପିକାଙ୍କ ମାତୃ ବିୟୋଗ

ପଟ୍ଟାମୁଣ୍ଡାଇ, ୨୭।୪(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟାପିକା ସରୋଜିନୀ ମିଶ୍ରଙ୍କ ମାତା ତଥା ବିଶିଷ୍ଟ ସାମାଜିକକର୍ମୀ ସ୍ୱର୍ଗତ ରାଧାଶ୍ୟାମ ମିଶ୍ରଙ୍କ ସ୍ତ୍ରୀ ସଚି ମିଶ୍ର(୯୧)ଙ୍କ ଚଉଦକୁଲାଟ ତମାଳ ଶାସନ ବାସଭବନରେ ପରଲୋକ ହୋଇଯାଇଛି।


ସଚି ମିଶ୍ର

ମୃତ୍ୟୁ ଶଯ୍ୟା ନିକଟରେ ଗୌରୀ କୁମାର ମିଶ୍ର, ସରୋଜିନୀ ମିଶ୍ର, ମମତା ମିଶ୍ର ଅରବିନ୍ଦ ରଥ ଓ ସ୍ମୃତି ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେ ଜଣେ ମିଷ୍ଟଭାଷୀ ପରୋପକାରୀ ମହିଳା ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଧିବାସୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି। ଏକମାତ୍ର ପୁତ୍ର ଗୌରୀ କୁମାର ମିଶ୍ର ମୁଖାଗ୍ନି ଦେଇଥିଲେ।

# ଜନ ସମସ୍ୟାର ସମାଧାନ ପାଇଁ ଡକାଯାଉନି ବୈଠକ

- ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶର ଅବମାନନା
- ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଲେ ଏରସମା-ବାଲିକୁଦା ବିଧାୟକ

କୁଜଙ୍ଗ, ୨୭।୪ (ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ଚାରିଦେଶ ଯଥାକ୍ରମେ ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ପଞ୍ଚାୟତରେ ଦୀର୍ଘ ୨ ବର୍ଷ ହେବ ଏକ ଘରୋଇ କମ୍ପାନୀ ତା'ର ମେଗା ଇସ୍ପାତ ପ୍ରକଳ୍ପ ନିମନ୍ତେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ ବି ଜନ ସମସ୍ୟା ସମ୍ପର୍କିତ ଆଲୋଚନା ଓ ତା'ର ନିରାକରଣ ନିମନ୍ତେ କୌଣସି ବୈଠକ ଡକାଯାଉନାହିଁ। କମ୍ପାନୀ କର୍ତ୍ତୃପକ୍ଷ କି ଜିଲା ପ୍ରଶାସନ କେହି ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଖାଲି ସେତିକି ନୁହେଁ ଏସମ୍ପର୍କରେ ନିୟମିତ ଭାବେ ସ୍ଥାନୀୟ ଜନପ୍ରତିନିଧି, ଜିଲା ପ୍ରଶାସନ ଓ କମ୍ପାନୀ ମଧ୍ୟରେ ବୈଠକ କରିବାକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଜଗତ୍‌ସିଂହପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉନାହିଁ। ଏନେଇ ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା ଅସନ୍ତୋଷ ପ୍ରକାଶ କରିବା ସହ ଜିଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ବିରୋଧରେ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେ ତାଙ୍କ ପତ୍ର (ନଂ.୬୧/୨୬)ରେ ଉଲ୍ଲେଖ କରିଛନ୍ତି ଯେ, କମ୍ପାନୀର ପ୍ରକଳ୍ପ ପାଇଁ ସ୍ଥାନୀୟ ୩ ପଞ୍ଚାୟତର ଅଧିବାସୀ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିଯୁକ୍ତି କ୍ଷେତ୍ରଠାରୁ ଆରମ୍ଭ କରି କ୍ଷତିପୂରଣ, ପରିବେଶ ଓ ଉନ୍ନୟନ କ୍ଷେତ୍ର ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହେଉନାହିଁ। ଏସବୁ ସମସ୍ୟାର ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ନିୟମିତ ବୈଠକ ହେବା କଥା। କିନ୍ତୁ ତାହା ହେଉନାହିଁ। ଫଳରେ ଅଞ୍ଚଳବାସୀଙ୍କ ସମସ୍ୟା ଚାପି ହୋଇଯାଉଛି। ଏଥିଯୋଗୁ ଜିଲା ପ୍ରଶାସନ ଉପରୁ ଅଞ୍ଚଳବାସୀଙ୍କ ଆସ୍ଥା ତୁଟିଯାଉଛି। ଯଦି ଏହି ପ୍ରସଙ୍ଗକୁ ନେଇ ତୁରନ୍ତ ବୈଠକ ନ ବସେ ତେବେ ଅଞ୍ଚଳବାସୀ ଆଇନ ହାତକୁ ନେବାକୁ ବାଧ୍ୟ ହେବେ। ଏହାଦ୍ୱାରା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବାର ଆଶଙ୍କା ରହିଛି। ଏଭଳି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବାକୁ ହେଲେ ତୁରନ୍ତ ବୈଠକ ଡାକିବା ନିମନ୍ତେ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ ବିଧାୟକ ଜେନା ତାଙ୍କ ଚିଠିରେ ମୁଖ୍ୟ ଶାସନ ସଚିବଙ୍କୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ କମ୍ପାନୀର ପାରାଦୀପର ଲୋକସମ୍ପର୍କ ଅଧିକାରୀଙ୍କ ସହ ମୋବାଇଲ୍ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ।

## କବୟିତ୍ରୀ ଗୀତା ଦାସ ରାଜ୍ୟସ୍ତରୀୟ ବିଶ୍ୱଦେବ ସମାଜ ସମ୍ମାନରେ ସମ୍ମାନିତ




କୁଜଙ୍ଗ,୨୭।୪ ( ମନୋଜ ପ୍ରଧାନ)

କୁଜଙ୍ଗର ସୁପ୍ରତିଷ୍ଠିତା କବୟିତ୍ରୀ ଗୀତା ଦାସ ବିଶ୍ୱଦେବ ସମାଜ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ରବିବାର ରାଜ୍ୟ କଳା ଗବେଷଣା, ପ୍ରଶିକ୍ଷଣ ପରିଷଦ ଓ ଜୟଦେବ ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ପ୍ରତିଭା ପୂଜା ଓ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ନ୍ୟାୟମୂର୍ତ୍ତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ଯାଜପୁର ଏମ୍‌ପି ରବିନାରାୟଣ ବେହେରା, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ କୁଜଙ୍ଗ ଅଞ୍ଚଳର କବୟିତ୍ରୀ ତଥା ସେବା ନିବୃତ୍ତ ଶିକ୍ଷୟିତ୍ରୀ ଗୀତା ଦାସଙ୍କୁ ରାଜ୍ୟସ୍ତରୀୟ ବିଶ୍ୱଦେବ ସମାଜ ସମ୍ମାନରେ ସମ୍ମାନିତ କରିଛନ୍ତି । ଏହି ଉତ୍ସବରେ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଆୟୋଗ ଅଧ୍ୟକ୍ଷ ସଞ୍ଜୟ ପାତ୍ର, ସାହିତ୍ୟିକ ପ୍ରଫେସର ନଟବର ଶତପଥୀ ଓ ପୂର୍ବ ଭାରତୀୟ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର କ୍ଷେତ୍ରୀୟ ସଂଯୋଜକ ଡ. ନୀହାର ରଞ୍ଜନ ରାୟ, ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ସଭାପତି ଡ. ପ୍ରଶାନ୍ତ କୁମାର କର ଏବଂ ଡ. ସବିତା ଶତପଥୀଙ୍କ ଉପସ୍ଥିତିରେ କବି ଗୀତା ଦାସଙ୍କୁ ମାନପତ୍ର, ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଥିଲା। ଏଥିସହ ତାଙ୍କ ଜୀବନ ବ୍ୟାପୀ ସାହିତ୍ୟ ସାଧନା ପାଇଁ ସମ୍ମାନିତ କରାଯାଇଥିଲା।

## ତହସିଲଦାରଙ୍କୁ ୧୯ ଦଫା ଦାବି ସମ୍ବଳିତ ଦାବିପତ୍ର ଦେଲା ଗୋ ସମ୍ମାନ ଆହ୍ୱାନ ଅଭିଯାନ

ନାଉଗାଁ,୨୭।୪(ସୁଧା ବେହୁରା)

ଗୋ ସମ୍ମାନ ଦିବସ ଅବସରରେ ଗୋ ସମ୍ମାନ ଆହ୍ୱାନ ଅଭିଯାନ ପକ୍ଷରୁ ୧୯ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ତହସିଲଦାର ଅକ୍ଷୟ କୁମାର ବଡୁଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ,ରାଜ୍ୟପାଳ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରକୁ ଜ୍ଞାନ ରଞ୍ଜନ ଜେନା, ଶିବ ପ୍ରସାଦ ରାଉତ, ରାଜ ପ୍ରସାଦ ମହାନ୍ତି, ସତ୍ୟଜିତ ନାୟକ, ଚନ୍ଦନ କୁମାର ସ୍ୱାଇଁ, ଅମନ ଦାସ, ଶୁଭମ ପଣ୍ଡା, ତୁଷାର ଲେଙ୍କା, ଅଭିଜିତ ଲେଙ୍କା ପ୍ରମୁଖ ପ୍ରଦାନ କରିଛନ୍ତି। ଦାବିଗୁଡିକ ମଧ୍ୟରେ ଗୋ ମାତାଙ୍କ କ୍ଷୀର,ଦହି, ଗୋବର ଆଦିକୁ ପ୍ରୋତ୍ସାହନ ଦେବା ପାଇଁ ସରକାରଙ୍କ ପକ୍ଷରୁ ଉପଯୁକ୍ତ ନୀତି ପ୍ରଣୟନ, ରାସାୟନିକ କୃଷିକୁ ନିୟନ୍ତ୍ରିତ କରି ଗୋ ଆଧାରିତ କୃଷିକୁ ପ୍ରୋତ୍ସାହନ, ସମସ୍ତ ରାଜ୍ୟରେ ଥିବା ବେସାହରା ଗୋଶାଳାଗୁଡିକୁ ଅନୁଦାନ ପ୍ରଦାନ ସହ ସମଗ୍ର ଦେଶରେ ସଂରକ୍ଷିତ ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ କରାଯିବା ସହ ଗୋଚର ବୋର୍ଡ ସ୍ଥାପନ କରାଯାଇ ଗୋଶାଳା ପରିଚାଳନା ଓ ଗୋରୁ ଚରିବା ପାଇଁ ବ୍ୟବସ୍ଥା କରିବା, ଗୋ-ହତ୍ୟା ଓ ଗୋ-ଚାଲାଣରେ ସମ୍ପୃକ୍ତ ଅପରାଧୀଙ୍କ ପାଇଁ ଆଜୀବନ କାରାଦଣ୍ଡର ବ୍ୟବସ୍ଥା କରିବା, ଜିଲାସ୍ତରରେ ପୃଥକ ଭାବେ ପଞ୍ଚଗବ୍ୟ ଚିକିତ୍ସାଳୟ ସ୍ଥାପନ କରିବା, ବଳଦ ଆଧାରିତ କୃଷି କରୁଥିବା କୃଷକମାନଙ୍କୁ ବିଶେଷ ଆର୍ଥିକ ସହାୟତା ପ୍ରଦାନ, ପ୍ରତ୍ୟେକ ପଞ୍ଚାୟତରେ ନିରାଶ୍ରିତ ନନ୍ଦି ବଂଶ ମାନଙ୍କ ପାଇଁ ନନ୍ଦିଶାଳା ସ୍ଥାପନ,ଗୋ ବଂଶର ମୃତ ଦେହର ସସମ୍ମାନ ସହ ଶେଷ କୃତ ସମ୍ପନ୍ନ କରିବା ପାଇଁ ସରକାରୀ ସ୍ଥାନ ଯୋଗାଣ ଓ ସମାଧିରେ ଉଚିତ ବ୍ୟବସ୍ଥା କରିବା,ଗୋଶାଳାରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ଶହେ ଦିନର ଗୋପାଳକ ମଞ୍ଜୁରୀ ମିଳିବା ଆଦି ଦାବି ରଖାଯାଇଛି। ଦାବିଗୁଡିକ ଅଢେଇ ମାସ ମଧ୍ୟରେ ପୁରଣ ନ ହେଲେ ଜିଲାପାଳ ଓ ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ପ୍ରଦାନ କରାଯିବ ବୋଲି ଅଭିଯାନ ପକ୍ଷରୁ ସୂଚନା ଦିଆଯାଇଛି।

## ବଙ୍ଗଳା ନାଟକ 'ନୀଳ ପରୀଟିର ଫୁଲ' ମଞ୍ଚସ୍ଥ

ଜାତୀୟ ନାଟ ମହୋତ୍ସବ

ପାରାଦୀପ ,୨୭।୪(ଶରତ ରାଉତ)

ପାରାଦୀପ ଜୟଦେବ ଭବନରେ ଚାଲିଥିବା ଜାତୀୟ ନାଟ ମହୋତ୍ସବର ସପ୍ତମ ସନ୍ଧ୍ୟାରେ ସୋମବାର ବଙ୍ଗଳା ନାଟକ ନୀଳ ପରିଟିର ଫୁଲ ମଞ୍ଚସ୍ଥ ହୋଇଛି।ଏ ବଙ୍ଗୋ ଆମର ବଙ୍ଗଳା ଅନୁଷ୍ଠାନ ଦ୍ୱାରା ପ୍ରଯୋଜିତ ଏବଂ କଲ୍ଲୋଳ ଭଟ୍ଟାଚାର୍ଯ୍ୟଙ୍କ ନିର୍ଦ୍ଦେଶିତ ଏହି ନାଟକରେ ରାଜତନ୍ତ୍ର ବେଳର ବିବାହ ପରମ୍ପରା କଥା ଦର୍ଶାଯାଇଥିଲା। ଯଥା ଜଣେ ରାଜା ବାଲ୍ୟକାଳରେ ତାଙ୍କର ଝିଅକୁ କାହାକୁ ବିବାହ ଦେବେ ତାର ନିଷ୍ପତ୍ତି ନେଇଛନ୍ତି। ପରେ ସେହି ରାଜ୍ୟର ରାଜାଙ୍କ ଅହଙ୍କାର ଯୋଗୁ ପତନ ହେବା ପରେ ପ୍ରସ୍ତାବିତ ରାଜକୁମାରଙ୍କ ସହ ବିବାହ ହୋଇପାରୁନାହିଁ। ସେତେବେଳେ ସେହି ରାଜକୁମାରୀ କିପରି ଜଙ୍ଗଲରେ ଜୀବନ ବିତାଉଛନ୍ତି ଏବଂ ଅନେକ ସଂଘର୍ଷ ପରେ ପୁଣି ବିବାହ କରୁଛନ୍ତି ତାହା ନାଟକରେ ଦର୍ଶାଯାଇଛି।


କଳାକାରମାନେ ଅଭିନୟ କରୁଛନ୍ତି।

## ଦ୍ରୁତ ଗାଡ଼ି ଚାଳନାରୁ ଦୁର୍ଘଟଣା: ଜଣେ ମୃତ

କୁଜଙ୍ଗ,୨୭।୪(ମନୋଜ ପ୍ରଧାନ)

ବେପରୁଆ ଭାବେ ଦ୍ରୁତଗତିରେ ବାଇକ୍ ଚଳାଇ ଦୁର୍ଘଟଣା ଘଟାଇବା ଯୋଗୁ ଜଣଙ୍କ ମୃତ୍ୟୁ ଘଟିଛି। ପୋଲିସ ଚାଳକଙ୍କୁ ଗିରଫ କରିବା ସହ ବାଇକ୍ ଜବତ କରିଛି। ମୃତକ ହେଲେ କୁଜଙ୍ଗ ଥାନା ହଁସୁରା ପଞ୍ଚାୟତ ଅନ୍ତର୍ଗତ ଅନୋଳୀ ପାଟଣା ଗ୍ରାମର ଗନ୍ଧର୍ବ ମଲ୍ଲିକ। ରବିବାର ଅପରାହ୍ନରେ ଗନ୍ଧର୍ବ ରାସ୍ତାକଡରେ ପରିସ୍ରା କରୁଥିଲେ। ଏହି ସମୟରେ ଏହି ଥାନା ଅନ୍ତର୍ଗତ ବଡବାଲିକଣି ଗ୍ରାମର ବନମାଳୀ ବାରିକ(୩୩)ଏକ ବାଇକ୍‌ରେ ଦ୍ରୁତଗତିରେ ଆସି ଗନ୍ଧର୍ବଙ୍କୁ ଧକ୍କା ଦେଇଥିଲେ। ଫଳରେ ଗନ୍ଧର୍ବ ଗୁରୁତର ହୋଇଥିଲେ। ଚିକିତ୍ସା ନିମନ୍ତେ ତାଙ୍କୁ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ କୁଜଙ୍ଗ ପୋଲିସ ଦୁର୍ଘଟଣା ଘଟାଇଥିବା ବାଇକ ଜବତ କରିବା ସହ ଚାଳକ ବନମାଳୀଙ୍କୁ ଗିରଫ କରିଛି। ଏଥିସହ ମାମଲା (ନଂ.୧୧୭/୨୬) ରୁଜୁ କରି ବନମାଳୀଙ୍କୁ କୋର୍ଟ ଚାଲାଣ କରିଛି। ବନମାଳୀ ସ୍ଥାନୀୟ ଶାସକ ଦଳ ରାଜନେତାଙ୍କ ବ୍ୟବସାୟିକ କାର୍ଯ୍ୟାଳୟରେ ରୋଷେୟା ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି।

## ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି


ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଅଭିଯୋଗ ଶୁଣୁଛନ୍ତି ।

ଆଳି,୨୭।୪(ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକରେ ସୋମବାର ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଧାରଣ ଲୋକମାନେ ନିଜ ନିଜ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ଜିଲା ପ୍ରଶାସନ ଦୃଷ୍ଟିକୁ ଆଣିଥିଲେ। ମୋଟ ୬୩ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୪୮ ବ୍ୟକ୍ତିଗତ ଏବଂ ୧୫ ସାମୂହିକ ରହିଥିଲା। ସେଥିରୁ ୭ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ପ୍ରଚାରପ୍ରସାର ଅଭାବରୁ ଅନେକ

### ଜନଶୁଣାଣି ସମ୍ପର୍କରେ ଜାଣିପାରିଲେନି ଅନେକ

ଜନଶୁଣାଣି ବିଷୟରେ ଜାଣିପାରି ନ ଥିଲେ। ଶିବିରରେ ଜଲାପାଳ ରଘୁରାମ ଆର ଆୟର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା, ଉପଜିଲାପାଳ ଅରୁଣ କୁମାର ନାୟକ ଓ ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ) ସରୋଜ କୁମାର ବେହେରାଙ୍କ ସହ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆଳି ବ୍ଲକରେ ଗତ ୨ ଫେବୃଆରୀରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୯୩ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବର୍ତ୍ତମାନ ସୁଦ୍ଧା ୬୩ ଅଭିଯୋଗର ସମାଧାନ ହୋଇଛି। ଅନେକ ଲୋକ ଖବରପାଇ ବ୍ଲକରେ ପହଞ୍ଚିବା ବେଳକୁ ଶିବିର ଶେଷ ହୋଇ ଯାଇଥିଲା । ଫଳରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା।

## ଆଳି ପୋଲିସ ପକ୍ଷରୁ ଖୋଲିଲା ଜଳଛତ୍ର

ଆଳି,୨୭।୪(ବନମାଳୀ ସେନାପତି)

ଗ୍ରୀଷ୍ମ ତାତିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ବେଳେ ରାଜରାସ୍ତାରେ ଯାତାୟାତ କରୁଥିବା ପଥଚାରୀମାନେ ପାଣି ଟୋପେ ପାଇଁ ହନ୍ତସନ୍ତ ହୋଇଥାନ୍ତି । ପଥଚାରୀଙ୍କ ତୃଷ୍ଣା ମେଣ୍ଟାଇବା ନିମନ୍ତେ କେନ୍ଦ୍ରାପଡ଼ା ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଆଳି ପୋଲିସ ପକ୍ଷରୁ ଥାନା ଛକରେ ଜଳଛତ୍ର ଖୋଲାଯାଇଛି। ସୋମବାର ଏହି ଜଳଛତ୍ରକୁ କେନ୍ଦ୍ରାପଡ଼ା ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସୁକାନ୍ତ ପାତ୍ର, ଆଳି ଥାନା ଆଇଆଇସି ଅନ୍ତର୍ଯାମୀ ଶ୍ରୀଚନ୍ଦନ ଉପସ୍ଥିତ ଥିଲେ। ଜଳଛତ୍ର ଖୋଲାଯିବା ପରେ ରାସ୍ତାରେ ଯାତାୟାତ କରୁଥିବା ପଥିକମାନେ କେନ୍ଦ୍ରରେ ଦହିପାଣି ପିଇଥିଲେ।



ପୋଲିସ ଅଧିକାରୀମାନେ ବାଟୋଇଙ୍କୁ ପାଣି ଦେଉଛନ୍ତି।

## ବୁଢ଼ା ଭାଗବତଙ୍କ ବାର୍ଷିକ ଉତ୍ସବ

ରାଜକନିକା,୨୭।୪(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ନହୁଣୀ ପଞ୍ଚାୟତ ମଦନ ମୋହନ ପାଟଣା ଗାଁରେ ୨୭ତମ ବୁଢା ଭାଗବତଙ୍କର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଅକ୍ଷୟ ତୃତୀୟାରୁ ୭ ଦିନ ବ୍ୟାପୀ ସପ୍ତା, ଭାଗବତ ପରାୟଣ ଆରମ୍ଭ ହୋଇ ୨୭ରେ ସମପନ ହୋଇଯାଇଛି। ମଦନ ମୋହନ ସାଂସ୍କୃତିକ ପରିଷଦ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ପ୍ରଥମ ଦିନ ସନ୍ଥ ଅସିତ ଜେନାଙ୍କ ଦ୍ୱାରା ପ୍ରବଚନ ପରିବେଷଣ କରାଯାଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ପାଲା, ନାଚ, ଦେବଦାସୀ ଘୁଙ୍ଗୁର ଓ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ୨୬ରେ ଅଷ୍ଟପ୍ରହର ସଂକୀର୍ତ୍ତନ ଓ ହରିହାଟ ଅନୁଷ୍ଠିତ ହୋଇଥିଲା। ୨୭ରେ ନଗର କୀର୍ତ୍ତନ ପଞ୍ଚାୟତ ପରିକ୍ରମା କରିଥିଲା।



## ଦାମବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା : ତହସିଲ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

ଏରସମା, ୨୭।୪ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଶିଆଳି ବେଳାଭୂମିରୁ ଦାମବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା ପ୍ରତିବାଦରେ ସୋମବାର ଏରସମା ତହସିଲ ସମ୍ମୁଖରେ ସ୍ୱାଭିମାନ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଜୟ ପାଲଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ପାରାଦୀପର ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ଉପସ୍ଥିତ ହୋଇ ଏହି ଘଟଣାକୁ ତୀବ୍ର ନିନ୍ଦା କରିଥିଲେ। ସେ କହିଥିଲେ, ଦାମବାବୁ ଥିଲେ ଏରସମାର ପ୍ରାଣସଦୃଶ। ତାଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଘଟଣା ଏରସମାବାସୀଙ୍କୁ ଆଘାତ ଦେଇଛି। ଏନେଇ ସେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଏହାପରେ ୭ ଦିନ ମଧ୍ୟରେ ତଦନ୍ତ କରି ପ୍ରତିମୂର୍ତ୍ତି ଅନ୍ୟତ୍ର ପ୍ରତିଷ୍ଠା କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ନଚେତ୍ ଏହା ବିରୋଧରେ ଧାରଣା ଦିଆଯିବ ବୋଲି ରାଉତରାୟ କହିଛନ୍ତି। ଏହି ଅବସରରେ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ପାର୍ଥସାରଥି ରାଉତ, ଗଣଶିକ୍ଷା ବିଭାଗର ପୂର୍ବତନ ଉପଦେଷ୍ଟା ଶିଶିର ପରିଜା, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର ଯୋଗ ଦେଇ ଘଟଣାକୁ ଦୃଢ଼ ନିନ୍ଦା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଦାମପ୍ରେମୀ ଉପସ୍ଥିତ ହୋଇଥିଲେ।



ପ୍ରତିବାଦ ସଭାରେ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ବକ୍ତବ୍ୟ ଦେଉଛନ୍ତି।

# କୃଷ୍ଣଚନ୍ଦ୍ର କାର୍ଯ୍ୟକାରୀ ସଭାପତି, ୪ ଉପସଭାପତି

### ତିର୍ତ୍ତୋଲ ବ୍ଲକ କଂଗ୍ରେସ କମିଟି ନୂଆ କର୍ମକର୍ତ୍ତା ଚୟନ

- ସାଧାରଣ ସମ୍ପାଦକ ୧୦, ସମ୍ପାଦକ ୨୧
- ରଞ୍ଜୀବ, ଦେବ, ହିମାଂଶୁ ପ୍ରମୁଖ ସ୍ୱତନ୍ତ୍ର ନିମନ୍ତ୍ରିତ

ଜଗତ୍‌ସିଂହପୁର, ୨୭।୪ (ପ୍ରମୋଦ କୁମାର ନାୟକ)

ଜିଲା କଂଗ୍ରେସ କମିଟି (ଡିସିସି)ର ଅନୁମୋଦନକ୍ରମେ ତିର୍ତ୍ତୋଲ ବ୍ଲକ କଂଗ୍ରେସ କମିଟିର ନୂଆ କର୍ମକର୍ତ୍ତା ଚୟନ କରାଯାଇଛି। ଏ ସମ୍ପର୍କରେ ବ୍ଲକ ସଭାପତି ସାଫି ଆଜମଙ୍କୁ ଚିଠି କରାଯାଇଛି। ଏଥିସହ ୪ଟି ଜିଲା ପରିଷଦ ସଭାପତି ଚୟନ କରାଯାଇଛି। କମିଟିର କାର୍ଯ୍ୟକାରୀ ସଭାପତି ହୋଇଛନ୍ତି କୃଷ୍ଣ ଚନ୍ଦ୍ର ସ୍ୱାଇଁ। ସେହିପରି ଉପସଭାପତି ଭାବେ ଜିତେନ୍ଦ୍ର କୁମାର ମହାନ୍ତି, ମହମ୍ମଦ ଅଥର ଅଲ୍ଲୀ, ଦେବେନ୍ଦ୍ର ମହାପାତ୍ର ଓ ସୁଶାନ୍ତ କୁମାର ନାୟକଙ୍କୁ ମନୋନୀତ କରାଯାଇଛି। କୋଷାଧ୍ୟକ୍ଷ ହୋଇଛନ୍ତି ଦେବାଶିଷ ଦାସ। ସାଧାରଣ ସମ୍ପାଦକ ଭାବେ ଗଗନ ମହାନ୍ତି, ଲଲାଟ କେଶରୀ ମହାପାତ୍ର, ସୁରେନ୍ଦ୍ର ମଲ୍ଲିକ, ବିକ୍ରମ କେଶରୀ ଦାଶ, ସରୋଜ ସାମଲ, ଶର୍ମିଷ୍ଠା ଦାସ, ଚିତ୍ତରଞ୍ଜନ ମହାପାତ୍ର, ସଏଦ୍ ମିରାଜ, ଶଶଧର ମଲ୍ଲିକ ଓ ପ୍ରାଚୀ ଚୟିନୀଙ୍କୁ ନୂଆ ଦାୟିତ୍ୱ ଦିଆଯାଇଛି। ସମ୍ପାଦକ ଭାବେ ତ୍ରିଲୋଚନ ସାହୁ, ଆଶିଷ କୁମାର ମଲ୍ଲିକ, ସଚ୍ଚିଦାନନ୍ଦ ସାହୁ, ଅରୁଣ ମଲ୍ଲିକ, ତନ୍ମୟ କୁମାର ସ୍ୱାଇଁ, ଧିରେନ୍ଦ୍ର ବିଶ୍ୱାଳ, ଅମିତାଭ ମହାନ୍ତି, ସୁଧାଂଶୁ ବେହେରା, ସଏଦ୍ ସୟକ ରସୁଲ, ମାନସ ନନ୍ଦ, ସୁରେନ୍ଦ୍ର ନାଥ ସ୍ୱାଇଁ, ବଂଶୀଧର ପାତ୍ର, ଲକ୍ଷ୍ମୀଧର ନାୟକ, ହିମାଂଶୁ ମହାନ୍ତି, ପ୍ରଗତି ପରିଜା, ମନୋଜ କୁମାର ବେହେରା, ସୁକାନ୍ତ ସେଠୀ, ମଳୟ ବାରିକ, ଶ୍ରୀପତି କୁମାର ଲେଙ୍କା, ରଞ୍ଜନ କୁମାର ସାହୁ, ଦେବାଶିଷ ରଥ, ପ୍ରହଲ୍ଲାଦ ସାହୁ, ରବୀନ୍ଦ୍ର କୁମାର ବିଶ୍ୱାଳ, ସୁରେନ୍ଦ୍ର କୁମାର ସାମଲ, ନିରଞ୍ଜନ ମୁଦୁଲି, ବ୍ରଜକିଶୋର ମଲ୍ଲିକ ଓ ପ୍ରଦ୍ୟୁମ୍ନ କିଶୋର ଚଇନି ଦାୟିତ୍ୱ ନେଇଛନ୍ତି। କାର୍ଯ୍ୟକାରୀ ସଭ୍ୟ ତାଲିକାରେ ସଏଦ ଖଲିକେଜ ଜାମା, ରାଜେଶ ସାହାଣୀ, ଅଶୋକ ମହାନ୍ତି, ସରୋଜ ନାୟକ, ନିରଞ୍ଜନ ମହାନ୍ତି, ବିଜୟ କୁମାର ସ୍ୱାଇଁ, ନିରଞ୍ଜନ ସାହୁ, ନିମାଇଁ ଚରଣ ମଲ୍ଲ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଅମିୟ ଦାସ, ରବୀନ୍ଦ୍ର ନାଥ ବାରିକ, ନୃସିଂହ ଚରଣ ସେନାପତି ଓ ଜୟନ୍ତୀ ପରିଜା ସ୍ଥାନ ପାଇଛନ୍ତି। ତେବେ କମିଟିରେ ପୂର୍ବତନ ଏମ୍‌ପି ରଞ୍ଜୀବ ବିଶ୍ୱାଳ, ଡିସିସି ସଭାପତି ଦେବ ପ୍ରସାଦ ନାୟକ, ପିସିସି ସଭ୍ୟ ତଥା ତିର୍ତ୍ତୋଲ ଦଳୀୟ ନେତା ହିମାଂଶୁ ଭୂଷଣ ମଲ୍ଲିକ ଓ ଡିସିସି କାର୍ଯ୍ୟକାରୀ ସଭ୍ୟ ଅକ୍ଷୟ କୁମାର ଦାସଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ଭାବେ କମିଟିରେ ରଖାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଡିସିସି ଉପସଭାପତି ମହମ୍ମଦ ଅବ୍‌ଦୁଲ ଓହିଦ, ଡିସିସି କାର୍ଯ୍ୟକାରୀ ସଭ୍ୟ ଲକ୍ଷ୍ମୀଧର ଦାଶ, ଓପିସିସି ଏସ୍‌ସି ସେଲ ସାଧାରଣ ସମ୍ପାଦକ ଦେବବ୍ରତ ବେହେରା, ଡିସିସି ସାଧାରଣ ସମ୍ପାଦକ ଧନଞ୍ଜୟ ସୂତାର, ଡିସିସି ସାଧାରଣ ସମ୍ପାଦକ ଶୁଭନାରାୟଣ ନାୟକ, ଡିସିସି ଉପସଭାପତି ଅଶ୍ୱିନୀ କୁମାର ସ୍ୱାଇଁ, ଡିସିସି ସମ୍ପାଦକ ସରୋଜିନୀ ପରିଜା, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସର ପ୍ରତ୍ୟୁଷ କୁମାର ନାୟକ ଓ ପୂର୍ବତନ ଏନ୍‌ଏସୟୁଆଇ ସଭାପତି ସାଇ ପ୍ରଭଞ୍ଜନ ମଲ୍ଲିକଙ୍କୁ ମଧ୍ୟ ଏହି ସ୍ୱତନ୍ତ୍ର ନିମନ୍ତ୍ରିତ ତାଲିକାରେ ରଖାଯାଇଛି। ୪ ଜିଲା ପରିଷଦ ସଭାପତି ଭାବେ ଅର୍ଥାତ୍ ଜୋନ୍ ୧ ସଭାପତି ଜ୍ଞାନିଲ ମହାପାତ୍ର, ଜୋନ୍ ୨ର ଧ୍ରୁବ ଚରଣ ପରିଡ଼ା, ଜୋନ ୩ର ଶୁଭାଶିଷ ସ୍ୱାଇଁ ଓ ଜୋନ୍ ୪ ସଭାପତି ଭାବେ ଅଜୟ କୁମାର ବସ୍ତିଆଙ୍କୁ ଦାୟିତ୍ୱ ଦିଆଯାଇଥିବା ସୂଚନା ମିଳିଛି।

# ଟ୍ୟୁଶନ ଶିକ୍ଷକଙ୍କୁ ୩ ବର୍ଷ ଜେଲ

## ନାବାଳିକାଙ୍କୁ ଅସଦାଚରଣ ମାମଲା

ବ୍ରହ୍ମପୁର,୨୭।୪(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ନାବାଳିକା ଛତ୍ରୀଙ୍କୁ ଅସଦାଚରଣ ପ୍ରଦର୍ଶନ ମାମଲାର ବିଚାର କରି ବ୍ରହ୍ମପୁରସ୍ଥିତ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଜ୍ ପ୍ରଣତୀ ପଟ୍ଟନାୟକ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଦୋଷୀ ସାବ୍ୟସ୍ତ ହୋଇଥିବା ଯୁବକ ଜଣକ ହେଲେ କେ.ନୂଆଗାଁ ଥାନା ଅଞ୍ଚଳର ମହେନ୍ଦ୍ର ସାହୁ(୨୬)। ସେ ଜଣେ ଟ୍ୟୁଶନ ଶିକ୍ଷକ ଥିଲେ। ତାଙ୍କୁ ଜେଲ ଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା କରାଯାଇଛି। ଏହା ଅନାଦାୟ ହେଲେ ଅତିରିକ୍ତ ୫ ମାସ ଜେଲ ଦଣ୍ଡ ଭୋଗିବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପିଡ଼ିତା ନାବାଳିକାଙ୍କୁ ୩ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାର ବିବରଣୀରୁ ପ୍ରକାଶ, ୭।୮।୨୦୨୧ରେ ଉକ୍ତ ଥାନା ଅଞ୍ଚଳର ଏକ ଗ୍ରାମର ଜଣେ ଛାତ୍ରୀ (୧୩) ନିଜ ଘରେ ବସି ଟିଭି ଦେଖୁଥିଲେ। ସେହି ସମୟରେ ଘରେ କେହି ନ ଥିଲେ। ଏହାର ସୁଯୋଗ ନେଇ ଟ୍ୟୁଶନ ଶିକ୍ଷକ ମହେନ୍ଦ୍ର ଘର ଭିତରକୁ ଯାଇ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଛାତ୍ରୀ ଜଣକ ଏହାର ପ୍ରତିବାଦ କରିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ସନ୍ଧ୍ୟାରେ ଛାତ୍ରୀଙ୍କୁ ଟ୍ୟୁଶନ କହି ସେ ଚାଲିଯାଇଥିଲେ। ଛାତ୍ରୀଜଣକ ଟ୍ୟୁଶନ ଆସିବା ପରେ ସେଠାରେ ଟ୍ୟୁଶନ ଶିକ୍ଷକ ତାଙ୍କୁ ଏନେଇ କାହାକୁ ନ କହିବାକୁ କହିଥିଲେ। ଯଦି ସେ କାହାକୁ କହେ ତେବେ ଉଠାଇନେବି ବୋଲି ଧମକଚମକ ଦେଇଥିଲେ। ଘରକୁ ଫେରି ଛାତ୍ରୀ ଜଣକ ତାଙ୍କ ମା'ଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ତାଙ୍କ ମା' ଏନେଇ ଗାଁରେ ଜଣାଇ ବୈଠକ କରିବାକୁ କହିଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା। ଶେଷରେ ପୀଡ଼ିତାଙ୍କ ମା' ଥାନାର ଦ୍ୱାରସ୍ଥ ହୋଇଥିଲେ। ଘରେ ପଶି ଟ୍ୟୁଶନ ଶିକ୍ଷକ ଝିଅକୁ ଅସଦାଚରଣ କରିଥିବା ନେଇ ସେ ଏତଲା ଦେଇଥିଲେ। ପୋଲିସ ୧୫୭/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ମହେନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ସେ ଜାମିନରେ ମୁକୁଳିଥିଲେ। ମାମଲାର ବିଚାର ବେଳେ ୧୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ସୋମବାର ଉପରୋକ୍ତ ରାୟ ଦେଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମାମଲା ପରିଚାଳନା କରୁଥିଲେ ।

# ଭାଜପା ମହିଳା ମୋର୍ଚ୍ଚାର ଜନ ଆକ୍ରୋଶ ସମାବେଶ

ମୋହନା, (ମନ୍ମଥ ମିଶ୍ର): ମୋହନାରେ ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଜନ ଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଛି। ମୋର୍ଚ୍ଚା ସଭାନେତ୍ରୀ ଅରୁଣିମା ସାହୁଙ୍କ ନେତୃତ୍ୱରେ ଶତାଧିକ ମହିଳା ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଶିଶୁ ବିଦ୍ୟା ମନ୍ଦିରଠାରେ ଆୟୋଜିତ ମହିଳା ସମାବେଶରେ ଯୋଗ ଦେଇଥିଲେ। ସରକାର ମହିଳାଙ୍କ ସାମଗ୍ରିକ ବିକାଶ ପାଇଁ ୩୩ ପ୍ରତିଶତ ମହିଳା ଆରକ୍ଷଣ ବିଲ ଆଣିଥିବା ବେଳେ କଂଗ୍ରେସ ବିରୋଧ କରିଥିଲା। କଂଗ୍ରେସର ଏହି ମହିଳା ବିରୋଧୀ ଆଭିମୁଖ୍ୟକୁ ଭାଜପା ମହିଳା ମୋର୍ଚ୍ଚା ବିରୋଧ କରି ରାହୁଲ ଗାନ୍ଧିଙ୍କ କୁଶପୁତ୍ତଳିକା ଦାହ କରିଥିଲା। ସମାବେଶରେ ଅରୁଣିମାଙ୍କ ସହ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ପଙ୍କଜିନୀ, ରାଜ୍ୟ ମହିଳା ମୋର୍ଚ୍ଚା ଗୌରୀ ଗମାଙ୍ଗ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଦକ୍ଷିଣ ଓଡ଼ିଶା ପ୍ରସିଦ୍ଧ ଚନ୍ଦନ ଯାତ୍ରା


ଶୁଖିଲା ପଡିଥିବା ପୋଖରୀ।

## ପୋଖରୀରେ ପାଣି ନାହିଁ

ରମ୍ଭା,୨୭।୪(ବନବାସୀ ସେଠୀ)

ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ଜଳ ସଙ୍କଟ ଦେଖାଦେଇଛି। ପୋଖରୀ ଗାଡ଼ିଆ ସବୁ ଶୁଖିଲା ପଡିଛି। ଏପରିସ୍ଥଳେ ଠାକୁରଙ୍କ ଚନ୍ଦନଯାତ୍ରା କିପରି ହେବ ସେନେଇ ରମ୍ଭାବାସୀ ଚିନ୍ତାରେ ପଡିଛନ୍ତି। ଆସନ୍ତା ମାସ ୪ ତାରିଖରୁ ଦକ୍ଷିଣ ଓଡ଼ିଶା ପ୍ରସିଦ୍ଧ ଚନ୍ଦନ ଯାତ୍ରା ଆରମ୍ଭ ହେବ। ହେଲେ ପୋଖରୀରେ ଜଳ ନ ଥିବାରୁ ଚନ୍ଦନଯାତ୍ରା ଅବସରରେ ଠାକୁରଙ୍କ ଚାପଖେଳ କିପରି ହେବ ଏବେ ଚିନ୍ତାର ବିଷୟ ହୋଇଛି। ରମ୍ଭା ସହରର ମିଞ୍ଜିନି ପାଟଣା ୧-ନଂ ୱାର୍ଡ ରାଜପଥ ପାର୍ଶ୍ୱରେଥିବା ପୋଖରୀ ପୋଖରୀ ଶୁଖିଲା ପଡ଼ିଛି। ରମ୍ଭା ଏନଏସି ପୋଖରୀର ପୁନଃରୁଦ୍ଧାର କରି ଜଳ ଭର୍ତ୍ତି କରିବା ଚିନ୍ତା କରିନି। ସହର ଉପକଣ୍ଠ ତଥା ରାଜପଥ ପାର୍ଶ୍ୱରେ ଥିବା ପୋଖରୀ ଉପରେ ସ୍ଥାନୀୟ ବାସିନ୍ଦାଙ୍କ ପରିବର୍ତ୍ତେ ଆଗନ୍ତୁକ, ଯାତ୍ରୀ ନିର୍ଭର କରନ୍ତି। ସହରରେ ଥିବା ଅନ୍ୟ କେତେକ ପୋଖରୀରେ ମଧ୍ୟ ପାଣି ନାହିଁ। ଏନଏସି ପ୍ରଶାସନ ଆଗାମୀ ଚନ୍ଦନ ଯାତ୍ରାକୁ ଦୃଷ୍ଟିରେ ରଖି ପୋଖରୀକୁ ତୁରନ୍ତ ଜଳ ପୂର୍ଣ୍ଣ କରିବାକୁ ସାଧାରଣରେ ଦାବି ହେଉଛି।

# ୪ ମହଲା କୋଠାରୁ ଖସି ଦାଦନ ଶ୍ରମିକଙ୍କ ମୃତ୍ୟୁ



ଦାରିଙ୍ଗବାଡ଼ି, ୨୭।୪ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ଥାନା ଲୋହରା ସାହିର ଜଣେ ଯୁବକ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ସାହିର ଶଙ୍କର ବିଶୋଇ (୪୦)। ଶଙ୍କରଙ୍କ ମୃତଦେହ କିଭଳି ଦାରିଙ୍ଗବାଡିରେ ପହଞ୍ଚିବ ସେମାନେ ଏନେଇ ପରିବାର ଲୋକେ ଚିନ୍ତାରେ ରହିଛନ୍ତି। ପୋଲିସ ପ୍ରଶାସନ, ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ କରିଥିବା ଶଙ୍କରଙ୍କ ମା' ତମାଳ ବିଶୋଇ ଓ ବାପା ପୁନିଆ ବିଶୋଇ କହିଛନ୍ତି। ଘଟଣାଟି ମୁମ୍ବାଇରେ ହୋଇଥିବାରୁ ମୃତଦେହ ଆଣିବାକୁ ଖର୍ଚ୍ଚ କରିବାରେ ପରିବାର ସମ୍ପୂର୍ଣ୍ଣ ଅସମର୍ଥ ବୋଲି କହିଛନ୍ତି। ପ୍ରକାଶ ଯେ, ଶଙ୍କର ଦାରିଙ୍ଗବାଡ଼ିରେ ବୁଲିବୁଲି ପାମ୍ପଡ଼ ବିକ୍ରୀ କରୁଥିଲେ। ସେଥିରେ ତାଙ୍କ ପରିବାର ପେଟପୋଷଣ ହେବା କଷ୍ଟ ହେବାରୁ ସେ ଗୁରୁବାର ଦାଦନ ଖଟିବାକୁ ମୁମ୍ବାଇ ବାହାରିଥିଲେ। ସେ ୨୫ରେ ମୁମ୍ବାଇରେ ପହଞ୍ଚିଥିଲେ ଓ ଗୋଟିଏ ଦିନ ବିଶ୍ରାମ କରିବା ପରେ ସୋମବାର ଏକ କୋଠା ନିର୍ମାଣ କାର୍ଯ୍ୟରେ ଶ୍ରମିକ ଭାବେ କାର୍ଯ୍ୟରେ ଯୋଗଦାନ କରିଥିଲେ। କାର୍ଯ୍ୟରେ ଯୋଗଦେବାର କିଛି ସମୟ ମଧ୍ୟରେ ୪ ମହଲା ଉପରୁ ଅସାବଧାନତା ଯୋଗୁ ଖସି ପଡିଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଯେଉଁଠି କାର୍ଯ୍ୟକରୁଥିଲେ ସେଠାରୁ ତାଙ୍କ ପରିବାର ଲୋକଙ୍କୁ ଫୋନ ଆସିଥିଲ। ପ୍ରଥମେ ପରିବାର ଲୋକ ବିଶ୍ୱାସ କରିପାରିନଥିଲେ। ପରେ ସେଠାରୁ ଭିଡିଓ କଲିଂରେ ମୃତଦେହକୁ ପରିବାର ଲୋକ ଚିହ୍ନଟ କରିଛନ୍ତି। ଶଙ୍କରଙ୍କ ମୃତ୍ୟୁକୁ ନେଇ ପରିବାର ଏବଂ ଗ୍ରାମବାସୀ ଶୋକରେ ରହିଛନ୍ତି। ଶଙ୍କରଙ୍କ ମୃତଦେହ ଗାଁ ଆଣିବା ପାଇଁ ଚିନ୍ତା ବଢ଼ିଛି।

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ସ୍ମାରକପତ୍ର



ଗୋବଂଶ ସୁରକ୍ଷା ନେଇ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ଗୋରକ୍ଷକ ଓ ଅନ୍ୟମାନେ।

## ଗୋ-ସମ୍ମାନ ରକ୍ଷା ଆହ୍ୱାନ ଅଭିଯାନ

ପାରଳାଖେମୁଣ୍ଡି/କାଶୀନଗର, ୨୭।୪ (ଗିରିଧାରୀ ପରିଚ୍ଛା/ପି. ମୁରଲୀ)

ଗୋ ବଂଶର ସଂରକ୍ଷଣ, ବିକାଶ ଏବଂ ହତ୍ୟା ଉପରେ ସମ୍ପୂର୍ଣ୍ଣ ନିଷେଧ ପାଇଁ କଠୋର ଆଇନ ପ୍ରଣୟନ ପାଇଁ ଗୋ-ସମ୍ମାନ ରକ୍ଷା ଆହ୍ୱାନ ଅଭିଯାନ ପାରଳାଖେମୁଣ୍ଡିରେ ଆରମ୍ଭ ହୋଇଛି। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପାରଳାଖେମୁଣ୍ଡି ତହସିଲଦାରଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

ପାରଳାଖେମୁଣ୍ଡିସ୍ଥିତ ଗୁଣ୍ଡିଚାବାଡି ପରିସରରୁ ଗୋମାତାଙ୍କୁ ଧରି ଏକ ଶୋଭାଯାତ୍ରା ସହର ପରିକ୍ରମା କରି ତହସିଲ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ, 'ଉତ୍କଳ' ସଂସ୍କୃତି ଏବଂ ଏଠାକାର ଲୋକଙ୍କ ଆଧ୍ୟାତ୍ମିକ ଜୀବନର କଳ୍ପନା ଗୋ-ମାତାର ସମ୍ମାନ, ଯତ୍ନ ଏବଂ ସୁରକ୍ଷା ବିନା ଅସମ୍ପୂର୍ଣ୍ଣ । ବର୍ତ୍ତମାନ ଗୋବଂଶର ସୁରକ୍ଷା ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି। ଦେଶ ସ୍ୱାଧୀନ ସମୟରେ ପ୍ରତି ବ୍ୟକ୍ତି ପାଇଁ ୧୦ଟି ଗାଈ ବଂଶ ଉପଲବ୍ଧ ଥିବା ବେଳେ ଏବେ ପ୍ରତି ୧୦ ଜଣଙ୍କ ପାଇଁ ୧ଟି ଗାଈ ରହିଛି ।

ଗୋବଂଶର ବିଲୁପ୍ତି ଆମ ଗ୍ରାମୀଣ ଅର୍ଥନୀତି, ମୌଳିକ ଗଣତାନ୍ତ୍ରିକ ବ୍ୟବସ୍ଥା ଏବଂ ସାଂସ୍କୃତିକ ମୂଳ ଉତ୍ସକୁ ଦୁର୍ବଳ କରୁଛି। ଗୋ ଚାଲାଣ, କଂସେଇଖାନାରେ ଗୋମାତାଙ୍କୁ ହତ୍ୟା, ରାସ୍ତାରେ ଦୁର୍ଘଟଣା ବୃଦ୍ଧି ଏବଂ ସହରାଞ୍ଚଳରେ ପଲିଥିନ ବ୍ୟବହାର ହେତୁ ପ୍ରତେହ ଗୋବଂଶ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଏହାକୁ ଗୁରୁତ୍ୱ ଦେଇ ସମନ୍ୱିତ କେନ୍ଦ୍ରୀୟ ଆଇନ ଏବଂ ସ୍ୱାଧୀନ ମନ୍ତ୍ରଣାଳୟ ସ୍ଥାପନ କରିବା, ଗୋଚାଲାଣ ଏବଂ ଗୋହତ୍ୟାକୁ ନେଇ କଠୋର ଦଣ୍ଡ ବ୍ୟବସ୍ଥା କରିବା, ଆର୍ଥିକ ଆତ୍ମନିର୍ଭରଶୀଳତା ଅବଲମ୍ବନ କରିବା, ରାଜପଥ ସୁରକ୍ଷା ଏବଂ ଚିକିତ୍ସା ସେବା ବ୍ୟବସ୍ଥା କରିବା, ଗୋବିଜ୍ଞାନକୁ ନେଇ ସ୍କୁଲ ପାଠ୍ୟକ୍ରମରେ ଏକ ବିଷୟ ବାଧ୍ୟତାମୂଳକ କରିବା ଆଦି ସ୍ମାରକପତ୍ରରେ ଉଲ୍ଲେଖ ରହିଛତ। ସ୍ମାରକପତ୍ର ଅତିରିକ୍ତ ତହସିଲଦାରଙ୍କୁ ପ୍ରଦାନ ବେଳେ ଦେବୀ ମଠର ମହନ୍ତ ରାମାନନ୍ଦ ଦାସଜୀ ଲୋକନାଥ ମିଶ୍ର, ଜି.କୁର୍ମା ରେଡ୍ଡୀ, ମନୋଜ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ। କାଶୀନଗରରେ ମଧ୍ୟ ଗୋ ସମ୍ପଦ ସୁରକ୍ଷାକାରୀମାନେ ତହସିଲଦାରଙ୍କୁ ଦାବିପତ୍ର ଦେଇଛନ୍ତି।

# ପାରଳାଖେମୁଣ୍ଡି ବାଇପାସ ଜମି ଅଧିଗ୍ରହଣ ସମ୍ବନ୍ଧୀୟ ଜନଶୁଣାଣି

ଗୁମ୍ମା,୨୭।୪(ପ୍ରବୀଣ କୁମାର ଲିମା)

ଖାମୀ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପାରଳାଖେମୁଣ୍ଡି ବାଇପାସ ଜମି ଅଧିଗ୍ରହଣ ସମ୍ବନ୍ଧିୟ ଜନଶୁଣାଣି ଅନୁଷ୍ଠିତ ହୋଇଛି। ପାରଳାଖେମୁଣ୍ଡି ସହର ଦିନକୁଦିନ ଟ୍ରାଫିକ ସମସ୍ୟାରେ କବଳିତ ହେଉଥିବାବେଳେ ସହରବାସୀଙ୍କ ଦାବି ଅନୁସାରେ ସରକାର ଅରୁନ ଗ୍ରାମ ବିକାଶ ପ୍ରତିଷ୍ଠାନ ଦ୍ୱାରା ୪.୨ କି.ମି ରାସ୍ତା ସର୍ଭେ କରି ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ଜମି ଅଧିଗ୍ରହଣରେ ସାତଗୋଟି ମୌଜାର ପ୍ରାୟ ୩୩ ଏକର ଜମି ଅଧିଗ୍ରହଣ ହେଉଥିବାବେଳେ ଗୁମ୍ମା ବ୍ଲକର ଖାମୀ ଓ ବେତାଗୁଡା ମୌଜାର ୧୫ ଏକରରୁ ଅଧିକ ଜମି ଅଧିଗ୍ରହଣ କରାଯିବ। ତେଣୁ ସୋମବାର ୨ ମୌଜାର ଅଧିଗ୍ରହଣ ହେଉଥିବା ଜମି ମାଲିକ ମାନଙ୍କୁ ନେଇ ସେମାନଙ୍କ ମତାମତ ଏବଂ ସରକାରଙ୍କ ଜମି ଅଧିଗ୍ରହଣର ନିୟମ ସଚେତନ ନିମନ୍ତେ ଖାମୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜନଶୁଣାଣୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପ ଜିଲାପାଳ ଅନୁପ ପଣ୍ଡା, ପୂର୍ତ୍ତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଭିଷେକ ସେଠି, ସ୍ଥାନୀୟ ସରପଞ୍ଚ, ସର୍ଭେ ସଂସ୍ଥାର ମନରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ପ୍ରଥମେ ସାଧାରଣ ଜନତାଙ୍କ ମତାମତ ଗ୍ରହଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସାଧାରଣ ଜନତାଙ୍କସମସ୍ୟା ଗୁଡ଼ିକୁ ନେଇ ଜ୍ଞାନ ରଞ୍ଜନ ଜେନା ଓ ଭାରତ ଭୂଷଣ ମହାନ୍ତି ନିଜ ନିଜ ମତାମତ ରଖିବା ସହ ଉପସ୍ଥାପନ କରାଯାଇଥିବା ବିଷୟବସ୍ତୁକୁ କମିଟି ଜରିଆରେ ସରକାରଙ୍କୁ ଅବଗତ କରିବାପାଇଁ ଅନୁରୋଧ କରିଥିଲେ। ପ୍ରଶାସନ ପକ୍ଷରୁ ଉପ ଜିଲାପାଳ ଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସରକାରଙ୍କ ଜମି ଅଧିଗ୍ରହଣ ପାଇଁ ଯାହା ନୀତିନିୟମ ରହିଛି ତାହା ସବୁ ଉପସ୍ଥିତ ପ୍ରତ୍ୟେକଙ୍କୁ ଅବଗତ କରିଥିଲେ। ମଙ୍ଗଳବାର ଗୋସାଣି ବ୍ଲକର କତଲକୈଠା ଗ୍ରାମରେ ଜନଶୁଣାଣି ହେବ ଏବଂ ଆସନ୍ତା ୫ ରେ ମ୍ୟୁନିସିପାଲିଟିରେ ହେବ ବୋଲି ଉପ ଜିଲାପାଳ ସୂଚନା ଦେଇଛନ୍ତି।

# କୁଟୁରୁମାଳିରେ ଖଣି ଖନନ ଜନ ଶୁଣାଣି ବାତିଲ ଦାବି

ବ୍ରହ୍ମପୁର, ୨୭।୪(ସୁବାସ ଚନ୍ଦ୍ର ପାଢ଼ୀ)

ରାୟଗଡା ଜିଲାର କୁଟୁରୁମାଳିରେ ଖଣି ଖନନ ପାଇଁ ପରିବେଶ ମଞ୍ଜୁରୀ ଲାଗି ଜନଶୁଣାଣି ପାଇଁ ସ୍ଥିର ହୋଇଥିବା ସ୍ଥାନ ଓ ସମୟ ବାତିଲ କରିବାକୁ ଲୋକ ଶକ୍ତି ଅଭିଯାନର ରାଷ୍ଟ୍ରୀୟ ଆବାହକ ଓ ସେଣ୍ଟର୍ ଫର କ୍ଲାଇମେଟ ଜଷ୍ଟିସର ସଂସ୍ଥାପକ ପ୍ରଫୁଲ୍ଲ ସାମନ୍ତରା ସୋମବାର ଦାବି କରିଛନ୍ତି। ହିଲପାଟଣାସ୍ଥିତ ନିଜ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏହା ଦାବି କରି କହିଛନ୍ତି, ରାୟଗଡ଼ା ଏବଂ କଳାହାଣ୍ଡି ଉଭୟ ଜିଲାରେ ଥିବା କୁଟୁରୁମାଳି ବକ୍ସାଇଟ ଖଣି ପାଇଁ ପରିବେଶ ମଞ୍ଜୁରୀ ନେଇ ଆସନ୍ତା ମେ ୧୩।୫।୨୦୨୬ରେ କାଶୀପୁର ବ୍ଲକ କାର୍ଯ୍ୟାଳୟ ଠାରେ ଜନଶୁଣାଣି ପାଇଁ ସ୍ଥିର ହୋଇଛି। ଏହାକୁ ସେ ବିରୋଧ କରି ଏନେଇ ଜନ ଆନ୍ଦୋଳନ ଚାଲିଥିବା ବେଳେ ଅଞ୍ଚଳରେ ଆଉ ଏକ ବକ୍ସାଇଟ ଖଣି ପାଇଁ ଜନଶୁଣାଣି କରିବାର ଏହା ଠିକ ସମୟ ନୁହେଁ ବୋଲି ପ୍ରକାଶ କରି ଏହାକୁ ବାତିଲ କରିବାକୁ ସାମନ୍ତରା ଦାବି କରିଛନ୍ତି।

# ଭଞ୍ଜନଗର କେଭି ଭଲିବଲ ଟିମ୍‌ର ବ୍ରହ୍ମପୁର ଯାତ୍ରା


ପ୍ରତିଯୋଗିତାରେ ଭାଗ ନେବାକୁ ଯାଇଥିବା ଛାତ୍ରୀଛାତ୍ର।

ଭଞ୍ଜନଗର,୨୭।୪(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟଭଲିବଲ ଟିମ୍ ଦୁଇଟି ବର୍ଗରେ ୨୮ ଜଣ ଛାତ୍ରୀଛାତ୍ର ବ୍ରହ୍ମପୁରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ଭାଗ ନେବାପାଇଁ ବ୍ରହ୍ମପୁର ଯାତ୍ରା କରିଛନ୍ତି। ସୋମବାରଠାରୁ ବୁଧବାର ପର୍ଯ୍ୟନ୍ତ ଏହି ଖେଳ ହେବ। ଏଠାରୁ ଚୟନ ଖେଳାଳିମାନେ ଜାତୀୟସ୍ତରୀୟ କେନ୍ଦ୍ରୀୟ ବିଦ୍ୟାଳୟ ଭଲିବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଅଧ୍ୟକ୍ଷ ପ୍ରଦୀପ କମାନୁଙ୍କ ନିର୍ଦ୍ଦେଶରେ କ୍ରୀଡା ଶିକ୍ଷକ, ଗ୍ରନ୍ଥାଗାର ସୁମନ କୁମାରୀ, ଶିକ୍ଷକ ରାଜେଶ ପାହାଡ଼ିଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ବ୍ରହ୍ମପୁର କେନ୍ଦ୍ରୀୟ ବିଦ୍ୟାଳୟକୁ ଯାଇଛନ୍ତି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଦାରିଙ୍ଗବାଡ଼ି, ୨୭।୪ (ଅରୁଣ ସାହୁ )

■ ହତ୍ୟା ଅଭିଯୋଗ ଆଣିଲେ ପରିବାର

■ ପୋଲିସର ତଦନ୍ତ ଆରମ୍ଭ

ଦାରିଙ୍ଗବାଡ଼ି ଥାନା ପୋଲିସ ଏକ ଗଛରେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଉକ୍ତ ଥାନା ସିଆଙ୍ଗବାଲି ପଞ୍ଚାୟତ କାଜୁରିବାଦେରୀ ଗ୍ରାମର ଉଜ୍ୱଳ ସିଂ ଦିଗାଲ (୩୦)। ମୃତଦେହଟି ଦନେକବାଡି ପଞ୍ଚାୟତ ମାଣ୍ଡୁବାଡ଼ି ଗ୍ରାମ ବାଲାମାହା ଜଙ୍ଗଲ ଡବାଡ଼ଙ୍ଗା ଗଛରେ ଝୁଲନ୍ତା ଅବସ୍ଥାରେ ମିଳିଥିବା ଆଇଆଇସି ସଂଗ୍ରାମ କେଶରୀ ଜେନା କହିଛନ୍ତି। ପୋଲିସ ଘଟଣାକୁ ଗୁରୁତର ସହ ନେବା ସହ କେଶ୍ ନଂ.୫/୨୬ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଝୁଲନ୍ତା ଅବସ୍ଥାରେ ମୃତଦେହ ମିଳିଥିବା ବେଳେ ଏହା ଆତ୍ମହତ୍ୟା ନୁହଁ ପୁଅଙ୍କୁ କେହି ହତ୍ୟା କରି ଏଭଳି ଗଛରେ ଝୁଲାଇଦେଇଥିବା ଉଜ୍ୱଳ ବାପା ଭଗବାନ ଦିଗାଲ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ସୋମବାର ଅପରାହ୍ନରେ ଏକ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ରହିଥିବା ପୋଲିସକୁ ଖବର ମିଳିଥିଲା। ଖବର ପାଇ ଆଇଆଇସି ସଂଗ୍ରାମ କେଶରୀ ଜେନା, ତହସିଲଦାର ଧୀରଜ ପାତ୍ର, ତଦନ୍ତକାରୀ ଅଧିକାରୀ ବାସନ୍ତୀ ବେହେରା ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଯୁବକଙ୍କ ମୃତ୍ୟୁ ଏହି ଘଟଣାକୁ ନେଇ ସେଠାରେ ଚାପା ଉତ୍ତେଜନା ଦେଖାଯାଇଥିଲା। ଏହାର ସଠିକ ତଦନ୍ତ କରିବାକୁ ପରିବାର ଲୋକ ଦାବି କରିଥିଲେ। ପରେ ମୃତଦେହକୁ ମାଜିଷ୍ଟ୍ରେଟ ତଥା ତହସିଲଦାରଙ୍କ ଉପସ୍ଥିତିରେ ଜବତ କରି ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ପୋଲିସ ଉଜ୍ୱଳଙ୍କ ମୋବାଇଲ, ସାର୍ଟ ଆଦିକୁ ଜବତ କରିଥିବା ଓ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ବାସନ୍ତୀ ବେହେରା କହିଛନ୍ତି।

# ବନ ବିଭାଗ ୱାଚଟାୱାର, କ୍ୱାର୍ଟର୍ସ ଉଦ୍‌ଘାଟିତ

## ନୂଆଁ ରୂପରେ ଚକରା ଘାଟି

ଭଞ୍ଜନଗର,୨୭।୪(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ମୁଜାଗଡ ରେଞ୍ଜ ଅଧିନରେ ଥିବା ବାପାଙ୍ଗି ମନ୍ଦିର ନିକଟରେ ସୋମବାର ଏକ ୱାଚ ଟାୱାର ଉଦ୍‌ଘାଟିତ ହୋଇଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଆଲୋଚନା ସମୟରେ କହିଥିଲେ ଯେ ଉକ୍ତ ୱାଚଟାୱାର ଉଦଘାଟନ ପରେ ଏଠାକୁ ଆସୁଥିବା ପର୍ଯ୍ୟଟକ ମାନେ ପ୍ରକୃତିକୁ ଉପଭୋଗ କରିପାରିବେ। ରାଜ୍ୟ ସରକାର ବିପୁଳ ଅର୍ଥ ଖର୍ଚ୍ଚ କରି ବନ ବିଭାଗକୁ ଆଧୁନିକୀକରଣ କରିବା ସହ ଭିତ୍ତିଭୂମି ସୁଦୃଢ କରୁଛନ୍ତି। ଜଙ୍ଗଲ ସୁରକ୍ଷା ପାଇଁ ନୂତନ ନିଯୁକ୍ତି ଦିଆଯାଉଛି। ଏହାପରେ ବିଧାୟକ ଭଞ୍ଜନଗର ଠାରେ ହୋଇଥିବା ଏସିଏଫ କ୍ୱାର୍ଟରକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ଏଥିସହ ସକାଳେ ଭଞ୍ଜନଗର ଚକରା ଘାଟି ପରିଦର୍ଶନ କରିବାକୁ ଯାଇଥିଲେ ବିଧାୟକ। ପ୍ରାୟ ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଚକରା ଘାଟି ଆଧୁନିକୀକରଣ କାର୍ଯ୍ୟ ଚାଲିଛି। କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ଖୁବଶୀଘ୍ର ଚକରା ଘାଟି ଉଦଘାଟିତ ହେବାର କାର୍ଯ୍ୟକ୍ରମ ରହିଛି। ବିଧାୟକଙ୍କ ଗସ୍ତ ସମୟରେ ଡିଏଫଓ ହିମାଂଶୁ ଶେଖର ମହାନ୍ତି, ଏସିଏଫ ବିବେକ ଦାସ, ବିମଳ କୁମାର ପ୍ରଧାନ, ରେଞ୍ଜର ବିଦ୍ୟାଧର ସାହୁ, ଏମପି ପ୍ରତିନିଧି ସନ୍ତୋଷ ତିଆଡି, ଜିଲା ପରିଷଦ ଏମପି ପ୍ରତିନିଧି ଶିବ ଶଙ୍କର ପ୍ରଧାନ, ଭଞ୍ଜନଗର ଠାକୁରାଣୀ ଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି ବିଷ୍ଣୁ ପ୍ରସାଦ ପ୍ରଧାନ, ସରକାରୀ ଓକିଲ ଧବଳେଶ୍ୱର ମାଝୀ, ଧୋବା ଗୌଡ, ବୁବୁନି ମହାନ୍ତି, ଲକ୍ଷ୍ମି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକ ନାୟକ ବନ ବିଭାଗ କ୍ୱାର୍ଟର୍ସ କୁ ଉଦଘାଟନ କରୁଛନ୍ତି।

# ୫୧ ୟୁନିଟ୍ ରକ୍ତ ସଂଗ୍ରହ

ମୋହନା, ୨୭।୪(ମନ୍ମଥ ମିଶ୍ର)

ମୋହନା ଥାନା ପକ୍ଷରୁ ସୋମବାର ଆୟୋଜିତ ରକ୍ତଦାନ ଶିବିର ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଛି। ଆର. ଉଦୟଗିରି ଏସଡ଼ିପିଓ ରାକେଶ କୁମାର ସାହୁ ଶିବିରକୁ ଉଦଘାଟନ କରି ପ୍ରଥମେ ରକ୍ତଦାନ କରିଥିଲେ। ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ରାମକୃଷ୍ଣ ପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଶିବିରରେ ପାରଳାଖେମୁଣ୍ଡି ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରୁ ୪ ଜଣିଆ ଟିମ୍ ଲ୍ୟାବ ଟେକନିସିଆନ ପ୍ରଦୀପ ମୁଦୁଲି, ଜି. ପ୍ରବୀଣ , ଡ଼ିଏମଏ ପିଙ୍କି ପାଢ଼ୀ ଓ ବି. ବାବୁଲା ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିବିରରୁ ୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଆଗାମୀ ଦିନରେ ପ୍ରତି ତିନି ମାସକୁ ଥରେ ଏହିଭଳି ରକ୍ତଦାନ ଶିବିର କରାଯିବ ବୋଲି ଥାନା ଅଧିକାରୀ ଓମ ନାରାୟଣ ପାତ୍ର କହିଛନ୍ତି।

# ରାସ୍ତା ପ୍ରଶସ୍ତୀକରଣରେ ବାଧକ ସାଜିଛି ବିଦ୍ୟୁତଖୁଣ୍ଟ

ଖଜୁରିପଡ଼ା,୨୭।୪ (ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ୍ କ୍ରାଣ୍ଡିମାସ୍କାଠାରୁ ସମ୍ବରଡେଗା ଏବଂ ବାରପୁଲିଆ ବଲସକୁମ୍ପା ଦେଇ ପକନା ଗାଁକୁ ସଂଯୋଗ କରୁଥିବା ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଜାରି ରହିଛି। ତେବେ ରାସ୍ତା କଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟ ଗୁଡ଼ିକ କାର୍ଯ୍ୟରେ ବାଧକ ସାଜୁଛି।

ସୂଚନା ଅନୁଯାୟୀ, ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଏହି ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ହାତକୁ ନିଆଯାଇଛି। ରିନୀ ପ୍ରଜ୍ଞା ନାମକ ଏକ ସଂସ୍ଥା ଦ୍ୱାରା ନିର୍ମାଣ କାର୍ଯ୍ୟ କରାଯାଉଥିବା ବେଳେ ଫୁଲବାଣୀ ଗ୍ରାମ୍ୟ ନିର୍ମାଣ ବିଭାଜନ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଏହାର ତଦାରଖ କରୁଛନ୍ତି। ତେବେ କାର୍ଯ୍ୟ ଚାଲିଥିଲେ ହେଁ ରାସ୍ତା କଡ଼ରେ ରହିଥିବା ବିଦ୍ୟୁତଖୁଣ୍ଟ ଗୁଡ଼ିକୁ ହଟାଇବା ପାଇଁ ଖବର ପ୍ରକାଶ ପାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳସ୍ୱରୂପ, ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଯଦି ଠିକ ସମୟରେ ଏହି ଖୁଣ୍ଟ ଗୁଡ଼ିକୁ ନ ହଟାଯାଏ ତେବେ ରାସ୍ତାଟି ଅଣଓସାରିଆ ହୋଇ ରହିଯିବ। ବିଦ୍ୟୁତ୍ ଖୁଣ୍ଟ ରାସ୍ତାର କଡ଼ରେ ରହିଥିବାରୁ ଗାଡ଼ି ଚଳାଚଳ ସମୟରେ ଦୁର୍ଘଟଣା ହେବାର ଆଶଙ୍କା ମଧ୍ୟ ରହିଛି। ଏନେଇ ଫୁଲବାଣୀ ଗ୍ରାମ୍ୟ ନିର୍ମାଣ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ କରିଛନ୍ତି, ବିଭାଗ ଓ ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ବିଦ୍ୟୁତ୍ ବିଭାଗ ସହ ସମନ୍ୱୟ ରକ୍ଷା କରି ଖୁଣ୍ଟ ସ୍ଥାନାନ୍ତର କରିବା ପାଇଁ ବ୍ୟବସ୍ଥା କରନ୍ତୁ। ନଚେତ୍ କୋଟିକୋଟି ଟଙ୍କା ବ୍ୟୟରେ ହେଉଥିବା ଏହି ଉନ୍ନୟନ କାର୍ଯ୍ୟର ବାଟ ବଣା ହେଇଯିବ। ଏନେଇ ଗ୍ରାମ୍ୟ ନିର୍ମାଣ ବିଭାଜନ ବିଭାଗଯନ୍ତ୍ରୀ ଦୁର୍ଗା ପ୍ରସାଦ ସିଂହ କହିଛନ୍ତି, ରାସ୍ତା କଡ଼ରୁ ବିପଦ ସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର କରିବା ପାଇଁ ଟାଟା ପାୱାର ସହିତ ଆଲୋଚନା ହୋଇଛି। ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ ହେବ।


ବିଦ୍ୟୁତ୍ ଖୁଣ୍ଟଯୋଗୁ ଅଧାରେ ରହିଥିବା ରାସ୍ତା।



ଚନ୍ଦକା ଗୋଡ଼ିବାରି ନେଚର୍ କ୍ୟାମ୍ପରେ ଦନ୍ତାହାତୀ ରାମୁ କଙ୍କାଳର ଢାଞ୍ଚା ପ୍ରସ୍ତୁତିର ଶେଷ ପର୍ଯ୍ୟାୟ କାମ ଆରମ୍ଭ ହୋଇଛି। ୨୫୦ ଖଣ୍ଡରୁ ଅଧିକ ହାଡ଼ରେ ବନବିଭାଗ ପକ୍ଷରୁ ରାମୁ କଙ୍କାଳକୁ ସୋମବାର ଛିଡ଼ା କରାଯାଇଛି। (ଫଟୋ: ଲିଙ୍ଗରାଜ ରାଉତ)

# ଆଜିଠୁ କାଳବୈଶାଖୀ

**ଝାରସୁଗୁଡ଼ା ପୁଣି ସବୁଠୁ ଉତ୍ତପ୍ତ**

**ଭୁବନେଶ୍ୱର, ୨୭।୪ (ବନ୍ଦନା ସେଠୀ)**

ଅସହ୍ୟ ଗରମ ଓ ଗୁଳୁଗୁଳିରୁ ମିଳିବ ଆଶ୍ୱସ୍ତି। ଲଗାତାର କିଛି ସପ୍ତାହ ଧରି ଜାରି ରହିଥିବା ଗ୍ରୀଷ୍ମପ୍ରବାହରେ ଲାଗିବ ବ୍ରେକ୍। ମଙ୍ଗଳବାରଠାରୁ ରାଜ୍ୟ ପାଣିପାଗରେ ବଡ଼ ପରିବର୍ତ୍ତନ ଆସିବା ନେଇ ଆକଳନ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ସୂଚନାନୁସାରେ, ବଙ୍ଗୋପସାଗରରୁ ଆସୁଥିବା ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରଭାବରେ ଆଗାମୀ ପ୍ରାୟ ୭ଦିନ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ବର୍ଷା ଲାଗି ରହିବ। ମଙ୍ଗଳବାରଠାରୁ ମେ' ୨ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ। ବିଶେଷକରି ଆସନ୍ତା ୨୯ ତାରିଖରେ ଏକ ଟ୍ରଫ୍ ଲାଇନ ଯୋଗୁ ବର୍ଷାର ପରିମାଣ ଅଧିକ ରହିବ। ଏଥିସହ ପବନର ବେଗ ଘଣ୍ଟାପ୍ରତି ୫୦ରୁ ୬୦ କି.ମି. ପର୍ଯ୍ୟନ୍ତ ରହିବାର ସମ୍ଭାବନା ରହିଛି। ଫଳରେ ଆସନ୍ତା ୨ଦିନ ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ। କିନ୍ତୁ ମଙ୍ଗଳବାର ଝାରସୁଗୁଡା, ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ, ନୟାଗଡ଼ ଏବଂ ସୋନପୁର ଜିଲାରେ ଗ୍ରୀଷ୍ମପ୍ରବାହ ଜାରି ରହୁଥିବାରୁ ୱାର୍ନିଂ ଜାରି କରାଯାଇଛି। ସେହିପରି ଝାରସୁଗୁଡ଼ା, ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ, ନୟାଗଡ଼, ସୁନ୍ଦରଗଡ଼, ସମ୍ବଲପୁର ଓ ସୋନପୁର ଜିଲାରେ ରାତି ସମୟରେ ଗୁଳୁଗୁଳି ଏବଂ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାକୁ ପ୍ରବଳ ଗରମ ଓ ଗୁଳୁଗୁଳି ପାଇଁ ୱାର୍ନିଂ ଦିଆଯାଇଛି। ତେବେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳ ଜିଲାର କିଛି ସ୍ଥାନରେ ଘଡ଼ଘଡ଼ି ସହିତ ବର୍ଷା ଓ ପବନ ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ସୋମବାର ରାଜ୍ୟର ୧୫ ସହରର ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଥିଲା। ଝାରସୁଗୁଡାରେ ସର୍ବାଧିକ ତାପମାତ୍ରା ୪୪.୭ ଡିଗ୍ରୀ ଛୁଇଁଥିବାବେଳେ ବରଗଡ଼ ୪୩.୯, ବୌଦ୍ଧ ୪୩.୫, ବଲାଙ୍ଗୀର ୪୩.୩, ସମ୍ବଲପୁର ଓ ନୂଆପଡ଼ା ୪୩.୨, ରାଉରକେଲା, ଟିଟିଲାଗଡ଼, ହୀରାକୁଦ ଏବଂ ସୁନ୍ଦରଗଡ଼ ୪୩, ସୋନପୁର ୪୨.୮, ତାଳଚେର ୪୨.୬, ଅନୁଗୋଳ ୪୨.୩, ଭବାନୀପାଟଣା ୪୨.୨ ଏବଂ ନୟାଗଡ଼ରେ ୪୧.୨ ଡିଗ୍ରୀ ରେକର୍ଡ ହୋଇଛି।

## ଆଜି ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

**କେନ୍ଦୁଝର,୧୭।୪(ନରେଶ ଚନ୍ଦ୍ର ପଟ୍ଟନାୟକ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଙ୍ଗଳବାର କେନ୍ଦୁଝର ଗସ୍ତ କରିବେ। ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସରକାରୀ ଓ ଘରୋଇ କାର୍ଯ୍ୟକ୍ରମରେ ଯୋଗ ଦେବାର ରହିଛି। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ସକାଳ ୯ଟା ୩୦ରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ପୂର୍ବାହ୍ନ ୧୦ଟା ୩୦ରେ ଯୋଡ଼ାସ୍ଥିତ ଉଚ୍ଚବାଲିଠାରେ ଘଟିକାରେ ଉଚ୍ଚ କ୍ଷମତା ସମ୍ପନ୍ନ ଗ୍ରୀଡ୍ ସବ୍‌ଷ୍ଟେଶନର ଭିତ୍ତିପ୍ରସ୍ତର ସ୍ଥାପନା କରିବେ। ମଧ୍ୟାହ୍ନ ୧୨ଟା ୨୦ରେ ଚମ୍ପୁଆସ୍ଥିତ ପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀରେ ଯୋଗଦେବାର ସୂଚନା ମିଳିଛି।

## ଆଜି 'କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ଦିବସ'

**ଭୁବନେଶ୍ୱର, ୨୭।୪(ବନ୍ଦନା ସେଠୀ)**

ଏପ୍ରିଲ ୨୮କୁ 'କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ଦିବସ' ଭାବେ ପାଳନ କରାଯାଉଛି। କାର୍ଯ୍ୟସ୍ଥଳରେ ହେଉଥିବା ଦୁର୍ଘଟଣା, ରୋଗ ଏବଂ ମୃତ୍ୟୁକୁ ରୋକିବା ଦିଗରେ ସଚେତନତା ବୃଦ୍ଧି କରିବା ସହିତ ସୁରକ୍ଷିତ ଓ ସୁସ୍ଥ କାର୍ଯ୍ୟ ବାତାବରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ଅନ୍ତଃରାଷ୍ଟ୍ରୀୟ ଶ୍ରମ ସଂଗଠନ (ଆଇଏଲ୍ଓ) ଦ୍ୱାରା ସମର୍ଥିତ ଏହି ଦିବସ ୨୦୦୩ରୁ ପ୍ରତିବର୍ଷ ପାଳନ କରାଯାଉଛି। ଚଳିତ ବର୍ଷର ପ୍ରସଙ୍ଗ ହେଉଛି 'କାର୍ଯ୍ୟସ୍ଥଳରେ ସାଇକୋଲୋଜିକାଲ୍ ରିସ୍କକୁ କମ୍ କରିବା ଏବଂ ମାନସିକ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା'। କାର୍ଯ୍ୟସ୍ଥଳରେ ନିୟମିତ ସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ, ହେଲ୍‌ମେଟ୍, ଗ୍ଲୋଭ୍‌ସ ଏବଂ ଜୋତା ଭଳି ପିପିଇ କିଟ୍ ବ୍ୟବହାର, ସୁରକ୍ଷିତ କାର୍ଯ୍ୟ ବାତାବରଣ ନୀତି ଲାଗୁ କରିବା ଆଦି ସୁରକ୍ଷା ପଦକ୍ଷେପ ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ରହିଛି।

## ବିଚାରପତି ସତ୍ୟପୀର ମିଶ୍ରଙ୍କ ପରଲୋକ



**ତାଳଚେର, ୨୭।୪ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର ବ୍ରାହ୍ମଣ ଶାସନର ଆଇନଜୀବୀ ସ୍ୱର୍ଗତ ଦିବାକର ମିଶ୍ରଙ୍କ ୪ର୍ଥ ପୁତ୍ର ତଥା କଟକ ଜିଲା ଟ୍ୟାକ୍ସ ଟ୍ରିବ୍ୟୁନାଲର ବିଚାରପତି ଭାବେ କାର୍ଯ୍ୟରତ ସତ୍ୟପୀର ମିଶ୍ର (୫୮)ଙ୍କ ପରଲୋକ ଘଟିଛି। ସ୍ୱର୍ଗତ ମିଶ୍ର ରାଜ୍ୟର ବିଭିନ୍ନ ସ୍ଥାନରେ ବିଚାରପତି ଭାବେ କାର୍ଯ୍ୟ କରିଥିଲେ। କିଛିଦିନ ହେଲା ଅସୁସ୍ଥତା କାରଣରୁ ସେ ଶଯ୍ୟାଶାୟୀ ଥିଲେ। ରବିବାର ରାତି ୧୨ଟାରେ କଟକସ୍ଥିତ ବାସଭବନଠାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ପରଲୋକ ସମ୍ପର୍କରେ ଜଣାପଡ଼ିବା ପରେ କଟକ ଓ ତାଳଚେରରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀର ତାଳଚେରସ୍ଥିତ ବାସଭବନରେ ପହଞ୍ଚିବା ପରେ ଢେଙ୍କାନାଳର ପୂର୍ବତନ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ତାଳଚେର ଓକିଲ ସଂଘ କର୍ମକର୍ତ୍ତା, ସରକାରୀ ଓକିଲ, ଶତାଧିକ ଆଇନଜୀବୀ, ତାଳଚେର କୋର୍ଟର ପୂର୍ବତନ ସ୍ୱତନ୍ତ୍ର ସରକାରୀ ଓକିଲ ଗିରିଜା ଶଙ୍କର ମିଶ୍ର, ଓକିଲ ସଂଘର ପୂର୍ବତନ ସଭାପତି ଓ କର୍ମକର୍ତ୍ତା ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସହର ପରିକ୍ରମା ପରେ ମଣ୍ଡପାଳସ୍ଥିତ ଶାନ୍ତି ଧାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ଫାଶୀ ଲଗାଇ ଶାଳୀ, ଭିଣୋଇଙ୍କ ଆତ୍ମହତ୍ୟା

**ବାଲେଶ୍ୱର,୨୭।୪ (ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅଧୀନ ସାହାଦା ଗ୍ରାମରେ ସୋମବାର ଘରେ କେହି ନ ଥିବାବେଳେ ଶାଳୀ ଓ ଭିଣୋଇ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଉକ୍ତ ଗ୍ରାମର ରବି ମାଝୀ(୨୩) ଏବଂ ତାଙ୍କ ଶାଳୀ ମୁନି ମୁର୍ମୁ(୧୮)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରବିଙ୍କ ବାପାଙ୍କ କହିବା ଅନୁଯାୟୀ, ରବି ମୟୂରଭଞ୍ଜ ଜିଲା ତେନ୍ତୁଳିମୁଣ୍ଡା ଗ୍ରାମରେ ବିବାହ କରିଥିଲେ। ପରେ ସେ ତାଙ୍କ ସ୍ତ୍ରୀଙ୍କ ବଡ଼ବାପାଙ୍କ ଝିଅ ମୁନିଙ୍କୁ ଗୋପନରେ ପ୍ରେମକରି ଚେନ୍ନାଇରେ ଯାଇ ରହୁଥିଲେ। ଏ ସମ୍ପର୍କରେ ରବିଙ୍କ ସ୍ତ୍ରୀ ଜାଣିବା ପରେ ବାପଘରକୁ ପଳାଇ ଯାଇଥିଲେ। କିଛିଦିନ ତଳେ ରବି ଓ ମୁନି ଚେନ୍ନାଇରୁ ଆସି ସହାଦା ଗ୍ରାମରେ ରବିଙ୍କ ଘରେ ରହୁଥିଲେ। ସୋମବାର ଘରେ କେହି ନ ଥିବା ସମୟରେ କୌଣସି କଥାକୁ ନେଇ ଦୁଇଜଣଙ୍କ ମଧ୍ୟରେ ଝଗଡ଼ା ଲାଗି ଉଭୟ ଘରେ ଫାଶୀ ଲଗାଇ ଦେଇଛନ୍ତି। ପରିବାର ଲୋକେ ଘରେ ପହଞ୍ଚି ଦେଖିବା ପରେ ଦୁଇଜଣଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ୨ ଜଣଙ୍କୁ ମୃତ ଘୋଷଣା କରିଥିଲେ।

## ବସ୍‌ରେ ଆନ୍ଧ୍ର ଚାଲାଣବେଳେ ୧୩ ନାବାଳକ ଉଦ୍ଧାର

**ମାଲକାନଗିର,୨୭।୪ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲାରେ ଶିଶୁ ଚୋରା ଚାଲାଣ ଓ ଧର୍ମାନ୍ତରୀକରଣ ଘଟଣା ପୁଣି ସାମ୍ନାକୁ ଆସିଛି। ଆନ୍ଧ୍ରପ୍ରଦେଶର ବିଜୟୱାଡା ଅଭିମୁଖେ ଯାଉଥିବା ଏକ ଘରୋଇ ବସ୍‌ରୁ ୧୩ ଜଣ ନାବାଳକଙ୍କୁ ମାଲକାନଗିରି ପୋଲିସ ସୋମବାର ଉଦ୍ଧାର କରିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ପୋଲିସ ଓ ଚାଇଲ୍ଡ ହେଲ୍ପଲାଇନ ପକ୍ଷରୁ ତଦନ୍ତ ଜାରି ରହିଛି।

ସୂଚନା ଅନୁଯାୟୀ, ସାଇ କ୍ରିଷ୍ଣା ନାମକ ଏକ ବସ୍ ମାଲକାନଗିରିରୁ ବିଜୟୱାଡା ଅଭିମୁଖେ ଯାଉଥିଲା। ଏହି ବସ୍‌ରେ କେତେଜଣ ପିଲାଙ୍କୁ ଚୋରା ଚାଲାଣ କରାଯାଉଥିବା ନେଇ ଚାଇଲ୍ଡ ହେଲ୍ପଲାଇନ ନମ୍ବର ୧୦୯୮କୁ ଏକ ସୂଚନା ମିଳିଥିଲା। ଖବରପାଇ ମାଲକାନଗିରି ପୋଲିସ ଏବଂ ଚାଇଲ୍ଡ ହେଲ୍ପଲାଇନ ଟିମ୍ ମାଲକାନଗିରି ଥାନା ସମ୍ମୁଖରେ ବସ୍‌କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ବସ୍‌ରୁ ୧୪ ଜଣ ପିଲାଙ୍କୁ ଉଦ୍ଧାର କରାଯାଇଥିଲା। ଯେଉଁଥିରେ ୧୩ ଜଣ ନାବାଳକ ଥିବା ଜଣାପଡିଛି। ଅନ୍ୟପଟେ ଉଦ୍ଧାର ହୋଇଥିବା ପିଲାମାନଙ୍କୁ ପ୍ରଥମେ ଡ୍ୟାନ୍ସ ପ୍ରୋଗ୍ରାମ କହି ନିଆଯାଉଥିବା ବେଳେ ପରେ ସେମାନଙ୍କୁ ଖ୍ରୀଷ୍ଟଧର୍ମର ଶିକ୍ଷା ଦେବା ପାଇଁ ନିଆଯାଉଥିବା କଥା ସାମ୍ନାକୁ ଆସିଛି। ପୋଲିସ ପକ୍ଷରୁ ପିଲାମାନଙ୍କୁ ସୁରକ୍ଷିତ ରଖାଯାଇଥିବା ବେଳେ ସେମାନଙ୍କ ମା'ବାପାଙ୍କୁ ଖବର ଦିଆଯାଇଛି। ବର୍ତ୍ତମାନ ସମସ୍ତ ପିଲାଙ୍କୁ ମାଲକାନଗିରି ଥାନାରେ ରଖାଯାଇଛି। ଜିଲା ଶିଶୁ ମଙ୍ଗଳ କମିଟିର ନିଷ୍ପତ୍ତି ପରେ ପିଲାମାନଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ତେବେ ଏହି ଘଟଣାରେ କୌଣସି ବଡ଼ ର୍ୟାକେଟ ସାମିଲ ଅଛି କି ନାହିଁ ସେ ନେଇ ପୋଲିସ ଅଧିକ ଖୋଳତାଡ଼ ଜାରି ରଖିଛି।



ଉଦ୍ଧାର ହୋଇଥିବା ପିଲାମାନେ।

## ହାତୀ ଆକ୍ରମଣରେ ଜଣେ ମୃତ

**ବନ୍ତଳା,୨୭।୪(ସୁଶାନ୍ତ ସାହୁ)**

ଅନୁଗୋଳ ରେଞ୍ଜ ଶରଧାପୁର ପଞ୍ଚାୟତ ଗଦେଇମୁଣ୍ଡା ଗାଁର ଭୁବନ ପ୍ରଧାନ(୫୦)ଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ସବୁଦିନ ଭଳି ସୋମବାର ସକାଳେ ଭୁବନ ଏବଂ ତାଙ୍କ ସ୍ତ୍ରୀ ଗାଁ ନିକଟରେ ଥିବା ଜଙ୍ଗଲକୁ ଗାଈ ଚରେଇବା ପାଇଁ ଯାଇଥିଲେ। ସେହି ସମୟରେ ଭୁବନଙ୍କ ସ୍ତ୍ରୀଙ୍କୁ ହାତୀ ଗୋଡ଼ାଇଥିଲା। ଭୁବନ ତାଙ୍କୁ ପଳାଇଯିବା ପାଇଁ କହିଥିଲେ। ତାଙ୍କ ସ୍ତ୍ରୀ ଦୌଡ଼ି ପଳାଇଥିବାବେଳେ ଭୁବନ ହାତୀ ମୁହଁରେ ପଡ଼ିଯାଇଥିଲେ। ସେଠାରେ ହାତୀ ଭୁବନଙ୍କୁ ଦଳି ଦେଇଥିଲା। ଅପରପକ୍ଷେ ଭୁବନଙ୍କ ସ୍ତ୍ରୀ ଗାଁକୁ ଆସି ଗାଁଲୋକଙ୍କ ମାଧ୍ୟମରେ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅନୁଗୋଳ ରେଞ୍ଜର ସଦଳବଳ ଗାଁରେ ପହଞ୍ଚି ଗାଁ ଲୋକଙ୍କ ସହାୟତାରେ ଜଙ୍ଗଲକୁ ଯାଇ ଖୋଜିବା ସହ ଭୁବନ ହାତୀ ଆକ୍ରମଣରେ ଜଙ୍ଗଲ ଭିତରେ ପଡ଼ିରହିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ବନ ବିଭାଗ ଗାଡ଼ି ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଭୁବନଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁରୁଣାକୋଟ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଅନୁଗୋଳ ଡିଏଫ୍ଓଙ୍କ ସହ ଆଲୋଚନାକରି ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ ପାଇଁ ବ୍ୟବସ୍ଥା କରିଥିଲେ। ଏଥିସହ ମୃତଦେହ ସତ୍କାର ପାଇଁ କିଛି ଆର୍ଥିକ ସାହାଯ୍ୟ କରିଥିଲେ।

## ୯ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ନିଯୁକ୍ତ

**ଭୁବନେଶ୍ୱର,୨୭।୪ (ରବିନାରାୟଣ ଜେନା)**

ରାଜ୍ୟରେ ମହିଳା କଂଗ୍ରେସକୁ ଅଧିକ ଶକ୍ତିଶାଳୀ କରିବା ଲକ୍ଷ୍ୟ ନେଇ ସୋମବାର ଏଆଇଏମ୍‌ସି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏଆଇଏମ୍‌ସି ଅଧକ୍ଷା ଅଲକା ଲାମ୍ବା ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କୁ ପତ୍ର ଲେଖି ୯ ଜିଲାର ମହିଳା କଂଗ୍ରେସ ସଭାନେତ୍ରୀ ନିଯୁକ୍ତି ସଂକ୍ରାନ୍ତରେ ଅବଗତ କରାଇଛନ୍ତି। ଅଲକାଙ୍କ ଅନୁମୋଦନକ୍ରମେ ବଲାଙ୍ଗୀର ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ଜୟନ୍ତୀ ପଟେଲ ନିଯୁକ୍ତ ହୋଇଥିବାବେଳେ ଗଞ୍ଜାମ(ପଶ୍ଚିମ) ପାଇଁ ସୁରଭି ବିଶୋୟୀ, ଖୋର୍ଦ୍ଧା ପାଇଁ ଅପସନା ବେଗମ, ରାଉରକେଲା ପାଇଁ ଝରଣା ତ୍ରିପାଠୀ ନିଯୁକ୍ତ ହୋଇଛନ୍ତି। ସେହିପରି ବାଲେଶ୍ୱର ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ଉର୍ମିଳା ମାଝୀ ନିଯୁକ୍ତ ହୋଇଥିବାବେଳେ ଭଦ୍ରକ ପାଇଁ ଅମିତାବାଳା ଆଚାର୍ଯ୍ୟ, ଭୁବନେଶ୍ୱର ପାଇଁ ଶ୍ରୀୟା ମହାନ୍ତି, ଯାଜପୁର ପାଇଁ ଆରତୀ ସ୍ୱାଇଁ ଏବଂ ସୁନ୍ଦରଗଡ଼ ପାଇଁ କଳ୍ପନା ଆପଟ ନିଯୁକ୍ତ ହୋଇଛନ୍ତି।

## ସମୁଦ୍ର ଜଳରୁ ପଥର କଙ୍କଡ଼ା ଚିହ୍ନଟ

**ବ୍ରହ୍ମପୁର, ୨୭।୪(ସୁବାସ ଚନ୍ଦ୍ର ପାଢ଼ୀ)**

ଗୋପାଳପୁର ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ର ପକ୍ଷରୁ ପଥର କଙ୍କଡ଼ାର ଚିହ୍ନଟ ହୋଇଛି। ଏହି କଙ୍କଡ଼ା ବାଲେଶ୍ୱର ଜିଲାର ବାହାବଳପୁରରୁ ୨୦୨୩ରେ ପ୍ରଥମଥର ପାଇଁ ମିଳିଥିବାରୁ 'ଲାଇଫିରା ଗାଙ୍ଗୀ' ନାମ ରଖାଯାଇଛି। ୨୦୨୩ରେ ବାହାବଳପୁରରୁ ଗବେଷକ ଡ.ସନ୍ଦୀପ କୁମାର ମହାପାତ୍ର ଏବଂ ଚିତ୍ରକ ଦେ ଏହାକୁ ସଂଗ୍ରହ କରି ଗୋପାଳପୁର ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ରକୁ ଏହାର ପରୀକ୍ଷା ପାଇଁ ଆଣିଥିଲେ। ଏଠାରେ କେନ୍ଦ୍ରର ବୈଜ୍ଞାନିକ ଡ.ଅନିଲ ମହାପାତ୍ରଙ୍କ ନେତୃତ୍ୱରେ ଏହି କଙ୍କଡାର ବିଭିନ୍ନ ପରୀକ୍ଷା କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ପ୍ରଜାତିର କଙ୍କଡା ସମୁଦ୍ରର କୂଳବର୍ତ୍ତୀର ବାଲି ଓ ପଙ୍କ ଅଞ୍ଚଳମାନଙ୍କରେ ମିଳିଥାନ୍ତି। ଏହାର ଖୋଳର ସମ୍ମୁଖ ଅଂଶରେ ୨ଟି କଣ୍ଟା ରହିବା, ଖୋଳର ଉପରି ଭାଗରେ ଗୋଲାକୃତ ଚିହ୍ନ ରହିଛି। ଅଣ୍ଡିରା କଙ୍କଡ଼ାର ଗୋଡ଼ ପତଳା ଏବଂ ତାହାର ଶୀର୍ଷ ଭାଗ ଉଠିଲା ଭଳି ଦେଖିବାକୁ। ଏହାର ମୁଖରେ ଥିବା ମ୍ୟାକ୍ସିଲିପେଡ ପାଖୁଡା ଭଳି। ପେଟର ତଳ ଭାଗରେ ଗୋଟିଏ ଦାନ୍ତ ରହିଛି। ଏହି ପ୍ରଜାତିର କଙ୍କଡାଟି ଦକ୍ଷିଣ ଚାଇନାରୁ ୨୦୨୪ରେ ଚିହ୍ନଟ ହୋଇଥିଲା। ଏହି କଙ୍କଡ଼ାଟି ଦେଖିବାକୁ ଛୋଟ ପ୍ରଜାତିର, ଏହାର ୧୦ଟି ଗୋଡ଼, ଗୋଲେଇ ୧.୫ ରୁ ୨ ସେମି । ଏହାର ପରୀକ୍ଷା ନିରୀକ୍ଷା ପରେ ଏହା ଭିନ୍ନ ହୋଇଥିବାର ଅନ୍ତର୍ଜାତୀୟ ପତ୍ରିକା ନାଉପ୍ଲିୟର୍ଶରେ ଚଳିତ ମାସରେ ପ୍ରକାଶିତ ହୋଇଛି। ତାହାସହ ଏହାର ଅଧିକ ତଥ୍ୟ ଜାଣିବା ପାଇଁ ବିଭିନ୍ନ ନିରୀକ୍ଷା କରାଯାଉଥିବା କେନ୍ଦ୍ରର ବୈଜ୍ଞାନିକ ଡ. ମହାପାତ୍ର ସୂଚନା ଦେଇଛନ୍ତି।



## ରେଙ୍ଗାଳି ବାମ କେନାଲ ଡିଭିଜନ ଅଫିସ ସିଲ୍

**କାମାକ୍ଷାନଗର,୨୭।୪ (ସୁଧୀର ପରିଡ଼ା)**

ଜଣେ ଠିକାଦାରଙ୍କ ପ୍ରାୟ ୩ କୋଟିରୁ ଅଧିକ ଟଙ୍କାର ବିଲ୍ ପ୍ରଦାନ କରି ନ ଥିବାରୁ ଢେଙ୍କାନାଳ ଜିଲା କାମାକ୍ଷାନଗର ରେଙ୍ଗାଳି ବାମ କେନାଲ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସୋମବାର ସିଲ୍ କରାଯାଇଛି। କଟକ କମର୍ସିଆଲ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ କୋର୍ଟ କର୍ମଚାରୀ ଉକ୍ତ କାର୍ଯ୍ୟାଳୟକୁ ସିଲ୍ କରିଛନ୍ତି।

ସୂଚନା ଅନୁଯାୟୀ, କାମାକ୍ଷାନଗର ଅଞ୍ଚଳରେ ୨୦୦୪ ମସିହାରେ ପ୍ରାୟ ୯ କୋଟି ଟଙ୍କାର କେନାଲ କାମ କରିବା ପାଇଁ ଏକ ଠିକା ସଂସ୍ଥା ଚୁକ୍ତି କରିଥିଲା। ତେବେ କାମ ଚାଲିଥିବା ସମୟରେ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ସାଇଟ ଯୋଗାଇ ଦିଆଯାଇ ନ ପାରିବାରୁ ବିଭାଗ ନିଜ ଆଡୁ କାମ ବନ୍ଦ କରିଦେଇଥିଲା। ଏହାସହ ଠିକାଦାରଙ୍କ ୨ଟି କାମ ବାବଦକୁ ପ୍ରାୟ ୫୨ ଲକ୍ଷ ଏବଂ ୨୯ ଲକ୍ଷ ଟଙ୍କା ପ୍ରାପ୍ୟକୁ ମଧ୍ୟ ଅଟକାଇ ଦେଇଥିଲା। ଉକ୍ତ ବେକୟା ଅର୍ଥ ବର୍ତ୍ତମାନ ସୁଧ ସହ ମିଶି ପ୍ରାୟ ୩ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଠିକାସଂସ୍ଥା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତେବେ ଠିକା ସଂସ୍ଥା ବିରୋଧରେ ଜଳସେଚନ ବିଭାଗ ପକ୍ଷରୁ ଜିଲା କୋର୍ଟ, ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ମାମଲା କରାଯାଇଥିଲେ ମଧ୍ୟ ରାୟ ସପକ୍ଷରେ ଯାଇ ନ ଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବିଭାଗ ପକ୍ଷରୁ ଠିକାଦାରଙ୍କୁ ଟଙ୍କା ପ୍ରଦାନ କରା ନ ଯିବାରୁ ମାମଲା କଟକ କମର୍ସିଆଲ କୋର୍ଟକୁ ଯାଇଥିଲା। ୨ ବର୍ଷ ଧରି ମାମଲା ଚାଲିବା ପରେ ଅଧିକାରୀଙ୍କ ଉପସ୍ଥିତିରେ ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଫିସକୁ ସିଲ୍ କରାଯାଇଛି।



କାମାକ୍ଷାନଗରସ୍ଥିତ ରେଙ୍ଗାଳି ବାମ କେନାଲ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସିଲ୍ କରାଯାଉଛି।

## ଢେଙ୍କାନାଳ ଡିଏଫ୍ଓ, ଯାଜପୁର ଜିଲାପାଳଙ୍କୁ ନୋଟିସ୍

**ନିଶ୍ଚିନ୍ତା ପାହାଡ଼ରୁ ପଥର ଚୋରି ମାମଲା**

**ଢେଙ୍କାନାଳ,୨୭।୪ (ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ତହସିଲ ନିହଲପ୍ରସାଦ ଥାନା ଅଞ୍ଚଳରେ ଥିବା ନିଶ୍ଚିନ୍ତା ପାହାଡ଼ରୁ ପଥର ଚୋରି ଘଟଣାରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲଙ୍କ ପକ୍ଷରୁ ଆସନ୍ତା ୪ ତାରିଖରେ ଢେଙ୍କାନାଳ ଜିଲା ବନଖଣ୍ଡ ଅଧିକାରୀ ଓ ଯାଜପୁର ଜିଲାପାଳଙ୍କୁ ହାଜର ହେବାକୁ ନୋଟିସ ଜାରି ହୋଇଥିବା ପୂର୍ବତନ ବିଧାୟକ ନବୀନ ନନ୍ଦ ସୋମବାର ସନ୍ଧ୍ୟାରେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସେ ସୋସିଆଲ ମିଡିଆରେ ମଧ୍ୟ ପୋଷ୍ଟ କରିଛନ୍ତି। ଏତଦ୍‌ବ୍ୟତୀତ ନିଶ୍ଚିନ୍ତା ପାହାଡ଼ ଅଞ୍ଚଳରେ ନିଜସ୍ୱ ଉତ୍ସ ନ ଥିବା ୬ଟି କ୍ରଶରକୁ ତୁରନ୍ତ ବନ୍ଦ କରିବାକୁ ମଧ୍ୟ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ପକ୍ଷରୁ ଢେଙ୍କାନାଳ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ନିଶ୍ଚିନ୍ତା ପାହାଡ଼ ପଛ ପାର୍ଶ୍ୱରେ ଥିବା ରାହାଲପୁର ଦେଇ ଯାଜପୁର ଅଞ୍ଚଳକୁ ବ୍ୟାପକ ଭାବେ ପଥର ଚୋରାଚାଲାଣ ହେଉଥିବା ଯୋଗୁ ଏ ସଂକ୍ରାନ୍ତରେ ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କ ପକ୍ଷରୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲରେ ମାମଲା ରୁଜୁ କରାଯାଇଥିଲା ବୋଲି ନନ୍ଦ ସୂଚନା ଦେଇଛନ୍ତି।

## ଜିଲାପାଳ, ଏସ୍‌ପି, ସଂପୃକ୍ତ ବିଭାଗକୁ ଆୟୋଗଙ୍କ ନୋଟିସ୍

**ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀ ମୃତ୍ୟୁ ଘଟଣା**

**ଭୁବନେଶ୍ୱର, ୨୭।୪(ସୁନିତ୍ ମିଶ୍ର)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକର ନଳଗଜା ପଞ୍ଚାୟତରେ ଥିବା କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ଜଣେ ପଞ୍ଚମ ଶ୍ରେଣୀର ଛାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏହାସହ ଅନେକ ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିଲେ। ଏହି ଘଟଣାକୁ ନେଇ ଜାତୀୟ ଅନୁସୂଚିତ ଜନଜାତି ଆୟୋଗଙ୍କ ପକ୍ଷରୁ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି। ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ପକ୍ଷରୁ ଏନେଇ ଏକ ଅଭିଯୋଗ ଦାଖଲ କରାଯାଇଥିଲା। ଏହି ଅଭିଯୋଗ ଉପରେ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ତଦନ୍ତ ଆରମ୍ଭ କରିଛନ୍ତି। ଏ ବିଷୟରେ ମୟୂରଭଞ୍ଜର ଜିଲାପାଳ, ଏସ୍‌ପି ଏବଂ ରାଜ୍ୟ ସରକାରଙ୍କ ଏସ୍‌ସି, ଏସ୍‌ଟି ଉନ୍ନୟନ ବିଭାଗକୁ ନୋଟିସ୍ ଜାରି କରାଯାଇଛି। ଆୟୋଗଙ୍କ ନୋଟିସ୍ ଅନୁଯାୟୀ, ସମ୍ପୃକ୍ତ ଅଧିକାରୀମାନେ ୭ ଦିନ ମଧ୍ୟରେ ଉକ୍ତ ଘଟଣାରେ କ'ଣ ପଦକ୍ଷେପ ନିଆଯାଇଛି ତା'ର ରିପୋର୍ଟ ଦାଖଲ କରିବେ। ଯଦି ସମୟ ଭିତରେ ଉତ୍ତର ନ ମିଳେ ତେବେ ଆୟୋଗଙ୍କ ପକ୍ଷରୁ ସିଭିଲ୍ କୋର୍ଟର କ୍ଷମତା ପ୍ରୟୋଗ କରି ସମନ୍ ଜାରି କରିବେ ବୋଲି ବିଜେଡି କହିଛି।

## ପ୍ରଧାନଶିକ୍ଷକ, ୨ ଶିକ୍ଷୟିତ୍ରୀଙ୍କୁ ତାଲା ପକାଇଲେ ଅଭିଭାବକ

**ଶିକ୍ଷୟିତ୍ରୀଙ୍କ ବଦଳି ସମ୍ପର୍କରେ ନ ଜଣାଇବାରୁ ଅସନ୍ତୋଷ**

**ନୀଳଗିରି, ୨୭।୪ (ପାଶାନ୍ତ କୁମାର ବିଶ୍ୱାଳ)**

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଶାସନପଦା ୟୁଜି ୟୁପି ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ବଦଳି ସମ୍ପର୍କରେ କମିଟିକୁ ନ ଜଣାଇବାରୁ ଅଶାନ୍ତି ଦେଖାଯାଇଛି। ଏ ନେଇ ଅଭିଭାବକ ଓ ଗ୍ରାମବାସୀ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାମଲଙ୍କ ସହିତ ୨ ଶିକ୍ଷୟିତ୍ରୀଙ୍କୁ ଅଫିସ ରୁମ୍‌ରେ ତାଲା ପକାଇଥିଲେ।

ଅଭିଯୋଗ ଅନୁଯାୟୀ, ସ୍କୁଲର ଶିକ୍ଷୟିତ୍ରୀ ଶୁଭସ୍ମିତା ପାଢ଼ିଙ୍କ ବଦଳି ନିକଟରେ ସ୍କୁଲ କମିଟି ଅଜାଣତରେ ହୋଇଥିଲା। ଏ ନେଇ ଜଣାପଡ଼ିବା ପରେ ସୋମବାର ସକାଳେ ଅଭିଭାବକ ସମେତ କମିଟି ସଦସ୍ୟ ପ୍ରଧାନ ଶିକ୍ଷକଙ୍କୁ ପଚାରିବାକୁ ଆସିଥିଲେ। ସନ୍ତୋଷ ଜନକ ଉତ୍ତର ପରିବର୍ତ୍ତେ ପ୍ରଧାନ ଶିକ୍ଷକ ସଭିଙ୍କୁ ଖରାପ ବ୍ୟବହାର କରିଥିଲେ। ଅଭିଭାବକ ଉତକ୍ଷିପ୍ତ ହୋଇ ସ୍କୁଲ ଅଫିସ ରୁମ୍‌ରେ ୨ ଶିକ୍ଷୟିତ୍ରୀଙ୍କ ସମେତ ପ୍ରଧାନ ଶିକ୍ଷକଙ୍କୁ ୩ ଘଣ୍ଟା ଧରି ତାଲା ପକାଇଥିଲେ। ଖନ୍ତାପଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା ପରେ ସମାଧାନ ହେବା ସହ ତାଲା ଖୋଲାଯାଇଥିଲା ।



ଘଟଣାସ୍ଥଳରେ ପୋଲିସ୍ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରୁଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଚିନ୍ତା ବଢ଼ାଇଲା ପାମ୍ ଅଏଲ ଦରବୃଦ୍ଧି
# ରୋଷେଇ ଘରେ ମହଙ୍ଗା ମାଡ଼

**ନୂଆଦିଲ୍ଲୀ, ୨୭।୪**

ଇରାନ ଓ ଆମେରିକା ମଧ୍ୟରେ ପ୍ରାୟ ଦୁଇ ମାସ ଧରି ଚାଲିଥିବା ଯୁଦ୍ଧର ପ୍ରଭାବ ଭାରତର ସାଧାରଣ ଲୋକଙ୍କ ରୋଷେଇଘର ଉପରେ ପଡ଼ିଛି। ଖାଦ୍ୟ ତେଲ, ରନ୍ଧନ ଗ୍ୟାସ୍, ସାବୁନ, ବିସ୍କୁଟ୍ ସବୁ ଜିନିଷ ଧୀରେ ଧୀରେ ମହଙ୍ଗା ହେଉଛି। ସବୁଠୁ ବଡ଼ ସମସ୍ୟା ହେଉଛି ପାମ୍ ତେଲ। ଏହି ତେଲ ସାବୁନ, ବିସ୍କୁଟ୍, କେଶ ତେଲ, ନୁଡଲ୍ସ ଓ ଖାଦ୍ୟ ତେଲରେ ବ୍ୟବହାର ହୁଏ। ଫର୍ଚ୍ୟୁନ୍, ଜେମିନି, ରୁଚି ଗୋଲ୍ଡ ଭଳି ଲୋକପ୍ରିୟ ଖାଦ୍ୟ ତେଲରେ ମଧ୍ୟ ବହୁତ ପାମ୍ ତେଲ ଥାଏ। ତେଣୁ ପାମ୍ ତେଲ ମହଙ୍ଗା ହେଲେ ରୋଷେଇ ଖର୍ଚ୍ଚ ସିଧାସଳଖ ବଢ଼ିଯାଏ। ଭାରତ ପ୍ରତି ବର୍ଷ ପ୍ରାୟ ୧.୬୭ କୋଟି ଟନ୍ ଖାଦ୍ୟ ତେଲ ବାହାରୁ ଆମଦାନୀ କରିଥାଏ। ଏଥିରେ ୪୦ ପ୍ରତିଶତ ହେଉଛି ପାମ୍ ତେଲ। ଏହା ଇଣ୍ଡୋନେସିଆ ଓ ମାଲେସିଆରୁ ଜାହାଜ ଯୋଗେ ଆସେ। ମାତ୍ର ଯୁଦ୍ଧ ଯୋଗୁ ବିଶ୍ୱରେ ଜାହାଜ ବୀମା ଓ ଭଡ଼ା ବହୁତ ବଢ଼ିଯାଇଛି। ଏହି ଅଧିକ ଖର୍ଚ୍ଚ ଶେଷରେ ଭାରତୀୟ ବଜାରର ତେଲ ଉପରେ ପଡୁଛି। ଇଣ୍ଡୋନେସିଆ ଏବେ କହିଛି ଯେ, ସେ ପାମ୍ ତେଲ ବାହାରକୁ କମ୍ ରପ୍ତାନି କରି ନିଜ ଦେଶରେ ବ୍ୟବହାର କରିବ, କାରଣ ଏଥିରୁ ବାୟୋ ଡିଜେଲ୍ ତିଆରି ହୁଏ ଓ ସେମାନେ ଡିଜେଲ୍ ସହ ମିଶାଇ ବ୍ୟବହାର କରନ୍ତି। ତେଣୁ ପାମ୍ ତେଲ ଯୋଗାଣ ନେଇ ଅନିଶ୍ଚିତତା ଲାଗି ରହିଛି। ମାର୍ଚ୍ଚ ୨୦୨୬ରେ ଭାରତର ପାମ୍ ତେଲ ଆମଦାନୀ ୧୯% କମିଛି। ପାମ୍ ତେଲ ଦରରେ ଅତ୍ୟଧିକ ବୃଦ୍ଧି କାରଣରୁ ଆମଦାନୀକାରୀମାନେ ତେଲ କିଣିବା କମାଇଦେଇଥିଲେ। ଫେବୃଆରୀରେ ସନ୍‌ଫ୍ଲାୱାର ତେଲ ଆମଦାନୀ ମଧ୍ୟ ଅଧା ହୋଇଥିଲା। ଏପ୍ରିଲ୍‌ରେ ମଧ୍ୟ ଏହି ତେଲ କମ୍ ଆସୁଛି। ୨ଟି ବଡ଼ ତେଲ ଉପଲବ୍ଧତା ଏକା ସଙ୍ଗରେ କମ୍ ହେଲେ ବଜାରରେ ଦାମ ବଢ଼ିବା ସ୍ୱାଭାବିକ । କେତେକ ସ୍ଥାନରେ ଖାଇବା ତେଲ ଲିଟର ପିଛା ୧୮୨ ଟଙ୍କାରେ ପହଞ୍ଚିଛି। ଯୁଦ୍ଧ ଯୋଗୁ ଖାଦ୍ୟ ତେଲ ହାରାହାରି ୭% ମହଙ୍ଗା ହୋଇଛି। ପାମ୍ ତେଲ କେବଳ ଖାଦ୍ୟ ତେଲରେ ନୁହେଁ। ଲକ୍ସ, ଲାଇଫ୍‌ବଏ, ସିନ୍ଥଲ୍ ଭଳି ସାବୁନରେ ମଧ୍ୟ ଏହାର ଡେରିଭେଟିଭ୍ ଥାଏ। ହେୟାର ଅଏଲ୍ ଓ ବିସ୍କୁଟ୍-ନମକୀନ୍ ତିଆରିରେ ମଧ୍ୟ ବ୍ୟବହାର ହୁଏ। ଏବେ କମ୍ପାନୀଗୁଡ଼ିକ ତେଲ ଦାମ୍ ବଢ଼ାଉଛନ୍ତି ଅଥବା ସେହି ଦାମରେ ତେଲର ପରିମାଣ କମ୍ କରୁଛନ୍ତି। ଅନ୍ୟପଟେ ଯୁଦ୍ଧ ପରେ ଘରୋଇ ଗ୍ୟାସ୍ ସିଲିଣ୍ଡର ୬୦ ଟଙ୍କା ମହଙ୍ଗା ହୋଇସାରିଛି। ଢାବା-ହୋଟେଲ୍ ବ୍ୟବହାର କରୁଥିବା ବାଣିଜ୍ୟିକ୍ ଗ୍ୟାସ୍ ୧୯୫.୫୦ ଟଙ୍କା ବଢ଼ିଛି। ତେଣୁ ବାହାରେ ଖାଦ୍ୟ ଖାଇବା ମଧ୍ୟ ମହଙ୍ଗା ହୋଇଗଲାଣି। ସରକାରୀ ତଥ୍ୟ ଅନୁସାରେ ମାର୍ଚ୍ଚ ୨୦୨୬ରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ୩.୪% ହୋଇଛି। ଖାଦ୍ୟ ଓ ରନ୍ଧନ ଇନ୍ଧନର ମୁଦ୍ରାସ୍ଫୀତି ଆହୁରି ବଢୁଛି। ବିଶେଷଜ୍ଞମାନେ କହୁଛନ୍ତି ଏପ୍ରିଲରେ ଏହା ଆହୁରି ବଢ଼ିପାରେ।





ବିଏସ୍‌ଇ ସେନ୍‌ସେକ୍ସ
୭୭,୩୦୩ (+୬୩୯)



୧ ଡଲାର = ୯୪.୧୧ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୧୦୮.୩୫ ଡଲାର

# ଡିଏଭି ଜଗନ୍ନାଥ କ୍ଷେତ୍ରର ପ୍ରତିଷ୍ଠା ଦିବସ



କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ତାଳଚେର,୨୭।୪ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଜଗନ୍ନାଥ କ୍ଷେତ୍ର ଡିଏଭି ସ୍କୁଲର ୩୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜଗନ୍ନାଥ କୋଇଲା କ୍ଷେତ୍ରର ମହାପ୍ରବନ୍ଧକ ଅଶୋକ କୁମାର ଧଳ, ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ ଡିଏଭି ପବ୍ଲିକ ସ୍କୁଲ କଳିଙ୍ଗକ୍ଷେତ୍ର ପ୍ରଶାନ୍ତ କୁମାର ପଣ୍ଡା, ଅଧ୍ୟକ୍ଷା ଡିଏଭି ପବ୍ଲିକ ସ୍କୁଲ ଉଚ୍ଚ ମାଧ୍ୟମିକ ଏନ୍‌ଟିପିସି ଟିଟିପିଏସ୍ ଜ୍ୟୋତି ମିଶ୍ର, ତାଳଚେରସ୍ଥ ବିଭିନ୍ନ ଡିଏଭି ବିଦ୍ୟାଳୟର ଅଧ୍ୟକ୍ଷା ଅଧ୍ୟକ୍ଷଙ୍କ ସମେତ ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ। ଅଧ୍ୟକ୍ଷା ଶୁକ୍ଳ ଚକ୍ରବର୍ତ୍ତୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ଦେଶବ୍ୟାପୀ ୨,୯୯୪ ଏକର ଜମି ବିକ୍ରି

**ନୂଆଦିଲ୍ଲୀ, ୨୭।୪**

ଦେଶର ରିଅଲ୍ ଇଷ୍ଟେଟ୍ ସେକ୍ଟରରେ ଲିଷ୍ଟେଡ୍ ଡେଭଲପରମାନେ ପ୍ରାଇମ୍ ଲୋକେଶନ୍ ଜମି ଉପରେ ନିଜର ଦଖଲ କ୍ରମାଗତ ଭାବେ ସୁଦୃଢ଼ କରୁଛନ୍ତି। ଏନାରକର ତାଜା ରିପୋର୍ଟ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୬ରେ ଦେଶବ୍ୟାପୀ ରିଅଲ୍ ଏଷ୍ଟେଟ୍ ଡେଭଲପମେଣ୍ଟ ପାଇଁ ୨,୯୯୪ ଏକରରୁ ଅଧିକ ଜମିର ମୋଟ ୧୧୧ଟି ଲ୍ୟାଣ୍ଡ ଡିଲ୍ ସମ୍ପନ୍ନ ହୋଇଛି। ଏଥିରୁ ପ୍ରାୟ ୫୪ଟି ଡିଲ୍ କେବଳ ଲିଷ୍ଟେଡ୍ କମ୍ପାନୀଗୁଡ଼ିକ କରିଛନ୍ତି, ଯାହା ୧,୪୩୩ ଏକରରୁ ଅଧିକ ଜମି ସମ୍ବଳିତ ଅଟେ। ଲିଷ୍ଟେଡ୍ କମ୍ପାନୀଗୁଡ଼ିକର ଅଂଶ ୪୯%। ରିପୋର୍ଟ ଅନୁସାରେ ମୋଟ ଲ୍ୟାଣ୍ଡ ଡିଲର ଲିଷ୍ଟେଡ୍ କମ୍ପାନୀଗୁଡ଼ିକର ଅଂଶ ୪୯ ପ୍ରତିଶତ ରହିଛି ଏବଂ ମୋଟ କ୍ରୟ କରାଯାଇଥିବା ଜମିରେ ସେମାନଙ୍କର ଅଂଶ ୪୮ ପ୍ରତିଶତ ଅଟେ। ଏହି ଆକଳନ ଭବିଷ୍ୟତରେ ଘର କ୍ରେତାଙ୍କ ପାଇଁ ବିଶ୍ୱସନୀୟ ଓ ଉନ୍ନତ ହାଉସିଙ୍ଗ୍ ସପ୍ଲାଇ ପାଇଁ ସ୍ପଷ୍ଟ ରୋଡ଼ମ୍ୟାପ୍ ପ୍ରଦାନ କରୁଛି ବୋଲି ରିପୋର୍ଟରେ କୁହାଯାଇଛି। ଟିୟର-୨ ସହରଗୁଡ଼ିକରେ ବଡ଼ ବ୍ରାଣ୍ଡର ପ୍ରବେଶ ଲିଷ୍ଟେଡ୍‌ଓବଡ଼ଗ୍ରେଡ୍-ଏ ଡେଭଲପରମାନେ କେବଳ ବଡ଼ ମହାନଗରଗୁଡ଼ିକ ନୁହେଁ, ଟିୟର-୨ ଓ ଟିୟର-୩ ସହରଗୁଡ଼ିକ ପ୍ରତି ମଧ୍ୟ ଆକ୍ରମଣାତ୍ମକ ରୂପରେ ଅଗ୍ରସର ହେଉଛନ୍ତି। ବଦୋଦରା, ଅମୃତସର, ନାଗପୁର, ପାନିପତ୍, ମିସୋରକ, ରାୟପୁର ଓ କୋଏମ୍ବାଟୁର୍ ପରି ଟିୟର-୨ ସହରଗୁଡ଼ିକରେ ସେମାନେ ଜମି ଅଧିଗ୍ରହଣ କରିଛନ୍ତି। ବିଶେଷ କରି ପଞ୍ଜାବର ପ୍ରମୁଖ ସହର ଅମୃତସରରେ ଏକାକୀ ୫୨୦ ଏକର ଜମିର ଦୁଇଟି ବଡ଼ ଲ୍ୟାଣ୍ଡ ଡିଲ୍ ଲିଷ୍ଟେଡ୍ ଡେଭଲପରମାନେ ସମ୍ପନ୍ନ କରିଛନ୍ତି। ଟିୟର-୨ ସହରଗୁଡ଼ିକରେ ବଡ଼ ବ୍ରାଣ୍ଡର ପ୍ରବେଶ ଫଳରେ ସ୍ଥାନୀୟ ଘର କ୍ରେତାମାନେ ଉନ୍ନତ ଜୀବନଶୈଳୀ ଏବଂ ନିରାପଦ ନିବେଶର ସୁଯୋଗ ପାଇବେ ବୋଲି ଆଶା କରାଯାଉଛି।

# ଭାରତୀୟ ସେନା ଓ କିଟ୍ ମଧ୍ୟରେ ଏମ୍‌ଓୟୁ

**ଭୁବନେଶ୍ୱର, ୨୭।୪(ଅନୁରାଧା ମହାରଣା)**




ଶିକ୍ଷାଗତ ସଶକ୍ତୀକରଣ ଏବଂ ଅନ୍ତର୍ଭୁକ୍ତୀମୂଳକ ରାଷ୍ଟ୍ର ନିର୍ମାଣ ଦିଗରେ ଏକ ପଦକ୍ଷେପ ସ୍ୱରୂପ କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ସେନା ମଧ୍ୟରେ ଏକ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିବା ବେଳେ ଭାରତୀୟ ସେନା ପକ୍ଷରୁ ଏହାର ପ୍ରତିନିଧିତ୍ୱ କରୁଥିବା ସେନା ମୁଖ୍ୟାଳୟର ବ୍ରିଗେଡିୟର ଠାକୁର ମୟଙ୍କ ସିହ୍ନା ଏଥିରେ ସ୍ୱାକ୍ଷର କରିଥିଲେ। ଏହା ବୁଝାମଣାପତ୍ର ଅନୁସାରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଭାରତୀୟ ସେନା କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ସମସ୍ତ ପାଠ୍ୟକ୍ରମ (ଡାକ୍ତରୀ ପାଠ୍ୟକ୍ରମ ବ୍ୟତୀତ) ଏବଂ ସେମାନଙ୍କ ପିଲାମାନଙ୍କ ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ଉଚ୍ଚଶିକ୍ଷା ସୁଯୋଗ ଯୋଗାଇ ଦେବ। ଏଥିପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଶିକ୍ଷା ଫିସରେ ୫୦% ରିହାତି ଓ ମେଡିକାଲ୍ ଏବଂ ଡେଣ୍ଟାଲ୍ ପାଠ୍ୟକ୍ରମ ପାଇଁ ୧୦% ରିହାତି ପ୍ରଦାନ କରାଯିବ। ଏହା ସହିତ ବୀରଗତି ହାସଲ କରିଥିବା ବା ଯୁଦ୍ଧ ସମୟରେ ଶହୀଦ ହୋଇଥିବା ଭାରତୀୟ ସେନା କର୍ମଚାରୀଙ୍କ ପିଲାଙ୍କୁ ମେଡିକାଲ୍ ଓ ଡେଣ୍ଟାଲ୍ ପାଠ୍ୟକ୍ରମ ବ୍ୟତୀତ ଅନ୍ୟ ସମସ୍ତ ପାଠ୍ୟକ୍ରମର ଶିକ୍ଷା ଫିସ୍‌ରେ ୧୦୦% ବୃତ୍ତି ଦିଆଯିବ। ମେଡିକାଲ୍ ଓ ଡେଣ୍ଟାଲ୍ ପାଠ୍ୟକ୍ରମରେ ନାମ ଲେଖା ପାଇଁ ସେନା କର୍ମଚାରୀଙ୍କ ପିଲାଙ୍କୁ 'ନିଟ୍' ମାନଦଣ୍ଡ ପୂରଣ କରିବାକୁ ପଡ଼ିବ। ଅନ୍ୟ ସମସ୍ତ ପାଠ୍ୟକ୍ରମରେ ପ୍ରବେଶ ପାଇଁ ଅଧିକାରୀ ବା ପିଲାମାନଙ୍କୁ କିଟ୍ ଦ୍ୱାରା ଆୟୋଜିତ ପ୍ରବେଶିକା ପରୀକ୍ଷା (କିଟ) ମାନଦଣ୍ଡ ପୂରଣ କରିବାକୁ ପଡ଼ିବ। ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସୂଚନା ଦେଇ କହିଲେ, ଏହି ବୁଝାମଣାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତୀୟ ସେନା କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ଏବଂ ଆର୍ଥିକ ସହାୟତା ସୁନିଶ୍ଚିତ କରିବା। ସେନା କର୍ମଚାରୀ ଓ ସେମାନଙ୍କ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ କିଟ୍‌ରେ ସୁଯୋଗ ସୃଷ୍ଟି କରିଥିବାରୁ ବ୍ରିଗେଡିୟର ଠାକୁର ମୟଙ୍କ ସିହ୍ନା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ପରେ ବ୍ରିଗେଡିୟର ସିଂହ ଓ ସାମନ୍ତଙ୍କ ମଧ୍ୟରେ ସୌଜନ୍ୟମୂଳକ ସାକ୍ଷାତ ଓ ଆଲୋଚନା ହୋଇଥିଲା।

# ବ୍ୟାଙ୍କ୍ ପାଇଁ କଡ଼ା ହେଲା ଆର୍‌ବିଆଇ ନିୟମ

**ନୂଆଦିଲ୍ଲୀ,୨୭।୪**

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବ୍ୟାଙ୍କଗୁଡ଼ିକ ପାଇଁ ନୂଆ ନିୟମ ଜାରି କରିଛି। ଏଥିରେ ଆସେଟ୍ ବର୍ଗୀକରଣ ଓ ପ୍ରୋଭିଜନିଙ୍ଗ୍ ନିୟମ ଆହୁରି କଠିନ କରାଯାଇଛି। ୨୦୨୫ ଅକ୍ଟୋବରରେ ଏହି ପ୍ରସ୍ତାବର ଡ୍ରାଫ୍ଟ ଜାରି ହୋଇଥିଲା। ନୂଆ ନିୟମ, ୨୦୨୭ ଏପ୍ରିଲ୍ ୧ରୁ ଲାଗୁ ହେବ। ଏହାର ମୁଖ୍ୟ ବିଷୟ ହେଉଛି 'ଏକ୍ସପେକ୍ଟେଡ୍ କ୍ରେଡିଟ୍ ଲସ୍' (ଇସିଏଲ୍) ଫ୍ରେମୱର୍କ। ଏହି ନୂଆ ବ୍ୟବସ୍ଥା ବ୍ୟାଙ୍କକୁ ଲୋନ୍ ଦେବା ଆଗରୁ ଭବିଷ୍ୟତରେ କେତେ କ୍ଷତି ହୋଇପାରେ ତାହାର ଆକଳନ କରି ଆଗରୁ ଟଙ୍କା ରଖିବାର ଅନୁମତି ଦେବ। ଏବେ ବ୍ୟାଙ୍କଗୁଡ଼ିକ ଇନକର୍ଡ ଲସ୍ ମୋଡେଲ୍ ବ୍ୟବହାର କରନ୍ତି ଅର୍ଥାତ୍ କ୍ଷତି ହେବା ପରେ ପ୍ରୋଭିଜନିଙ୍ଗ୍ କରନ୍ତି। ବ୍ୟାଙ୍କମାନଙ୍କର ବିରୋଧ ଓ ସମୟ ବୃଦ୍ଧି ଦାବି ସତ୍ତ୍ୱେ ଆର୍‌ବିଆଇ ଏହି ନିୟମ ନିର୍ଦ୍ଧାରିତ ତାରିଖରୁ ଲାଗୁ କରିବ। ନୂଆ ନିୟମ ଅନୁସାରେ ବ୍ୟାଙ୍କକୁ ଲୋନ୍ ଆଧାରରେ ତିନି ସ୍ତରରେ ବାଣ୍ଟିବାକୁ ପଡ଼ିବ। ପ୍ରଥମ ସ୍ତରରେ ଯେଉଁ ଲୋନର କ୍ରେଡିଟ୍ ଆହ୍ୱାନ ବେଶି ନାହିଁ ସେଥିରେ କେବଳ ଏକ ବର୍ଷର ସମ୍ଭାବ୍ୟ କ୍ଷତି ପାଇଁ ପ୍ରୋଭିଜନିଙ୍ଗ୍ କରିବାକୁ ପଡ଼ିବ। ଦ୍ୱିତୀୟ ସ୍ତରରେ ଲୋନ୍ ଦେବା ପରେ ଯଦି କ୍ରେଡିଟ୍ ଆହ୍ୱାନ ବହୁତ ବଢ଼ିଯାଏ ତେବେ ଲୋନ୍‌ର ପୂରା ଅବଧିର ସମ୍ଭାବ୍ୟ କ୍ଷତି ପାଇଁ ପ୍ରାବଧାନ କରିବାକୁ ପଡ଼ିବ। ତୃତୀୟ ସ୍ତରରେ ଯେଉଁ ଲୋନ୍ ଏନ୍‌ପିଏ ହୋଇସାରିଛି ସେଥିରେ ମଧ୍ୟ ପୂରା ଅବଧିର କ୍ଷତି । ଆକଳନ କରି ପ୍ରୋଭିଜନିଙ୍ଗ୍ କରିବାକୁ ପଡ଼ିବ। ଏନ୍‌ପିଏ ଚିହ୍ନଟ ନିୟମରେ କୌଣସି ପରିବର୍ତ୍ତନ ହୋଇନାହିଁ। ଲୋନ୍ ୯୦ ଦିନ ମଧ୍ୟରେ ଗୋଟିଏ ମଧ୍ୟ କିସ୍ତି ନ ଦେଲେ ଏନ୍‌ପିଏ ବିବେଚିତ ହେବ। ଯଦି ଜଣେ ଗ୍ରାହକର ଏକ ଲୋନ୍ ଏନ୍‌ପିଏ ହୁଏ ତେବେ ତା'ର ଅନ୍ୟ ସବୁ ଲୋନ୍ ଖାତାକୁ ମଧ୍ୟ ଏନ୍‌ପିଏ ବର୍ଗରେ ରଖାଯିବ। ନୂଆ ଗାଇଡଲାଇନ୍ ଅନୁସାରେ, ବ୍ୟାଙ୍କ କ୍ଷତି ଆକଳନ ପାଇଁ ବୈଜ୍ଞାନିକ ତଥ୍ୟ ବ୍ୟବହାର କରିବାକୁ ପଡ଼ିବ। ସୁଧ ହାର ଗଣନା ସମୟରେ ସବୁ ପ୍ରକାରର ଚାର୍ଜ ଓ ଫିସ୍ ମଧ୍ୟ ଯୋଡ଼ି ହେବ। କ୍ଷତି ନିର୍ଣ୍ଣୟ କରିବା ସମୟରେ ଦେଶର ବର୍ତ୍ତମାନ ଓ ଭବିଷ୍ୟତର ଆର୍ଥିକ ସ୍ଥିତି ବିଷୟରେ ବିସ୍ତୃତ ଯାଞ୍ଚ କରିବାକୁ ପଡ଼ିବ। ତେବେ ଏନ୍‌ପିଏ ଚିହ୍ନଟ ଏବେ ସ୍ୱୟଂଚାଳିତ ଓ ପ୍ରତିଦିନ ଦିନର ଶେଷରେ ହେବ। ଏହା ଦ୍ୱାରା ଲୋନ୍‌ର ସ୍ଥିତି କୌଣସି ପ୍ରକାରେ ଗୁପ୍ତ ରହିବ ନାହିଁ ଓ ଆର୍ଥିକ ଶୃଙ୍ଖଳା ବଜାୟ ରହିବ।

# Classified Everyday
**0674-2580101, 9692975378**



REAL ESTATE
**SALE**

**DO U NEED TO INVEST on property/ Immediately house purpose ??? At Brahmanjharilo, Phulanakhara, Cuttack in between middle of CUTTACK & BHUBANESWAR at a reduced price. 7809525452.** D-254



FOR RENT

3BHK flat at Chandrama Complex, Block-A, Unit-III 3BHK flat at Park Tower, Ganga Nagar, Bhubaneswar Contact: 9348491449, 9437062777. D-230

Commercial Space Available: 200 to 1200sqft. suitable for Shop, Office, Bank, or Institute 1500 to 8000sqft. at Rajpath, Bhubaneswar Contact: 9348491449, 9437062777. D-231




Newly open health benefits spa by expert therapist. Contact- 7504222886. D-76963

Newly health benifits, Joint pain relax environment atmosphere 7653969971. D-229

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before the Notary Public, Berhampur, Ganjam, I, Nabina Kumar Das, aged about 37 years, S/o- Kailash Chandra Das, Permanent Residing of At- House No.- 54, Chandraprabha Street 2nd Lane, P.S.- B.N. Pur, Berhampur, Dist.- Ganjam, Odisha declare by this Affidavit No. A-825, date 20.04.2026 that now onwards I shall be known as Nabin Kumar Das for all future purposes. D-228

**By virtue of an affidavit sworn before Executive Magistrate, Bhubaneswar on 21.04.2026, I, Rajendra Kumar Pattanayak, resident of Plot No- 222-223, 1st. Floor, Unit-3, P.O.- GPO, P.S.- Kharvel Nagar, Bhubaneswar, Odisha, PIN- 751001 declare that I have changed my surname from Patanaik to Pattanayak. Henceforth, I shall be known as RAJENDRA KUMAR PATTANAYAK for all future purposes.** D-61984

By virtue of an affidavit before Notary Public, Kantabanji on 27.04.2026 that before my marriage my name and surname written as Dalimba Majhi, D/o- Kusha Majhi in my Aadhaar Card along with Bank Pass Book, after marriage to Biranchi Dharua, I treated as Dalimba Dharua, W/o- Biranchi Dharua of Village- Babejuri, P.O.- Gudighat, P.S.- Muribahal, Dist.- Balangir, Odisha where as Dalimba Majhi and Dalimba Dharua is same and one person and updated my present Aadhaar card. D-220

I, Dinbandhu Prasad, S/o- Late Kalika Prasad resident of Ward No- 1, near Doon Public School, Sarbahal, P.S./ P.O./Dist.- Jharsuguda, PIN- 768201, Odisha declare by this affidavit No- 4354, dtd- 17.04.26 that now onwards I shall be known as Dinabandhu Prasad for all future purposes. D-221

By virtue of an affidavit sworn before Executive Magistrate, Bhubaneswar, dated 20.04.2026, I, Mardela Avinash, Address Chorda bypass, Jajpur Road, Jajpur, Odisha, 755019 declare that I have changed my name from Mardela Avinash to M Avinash. Henceforth, my name shall be known as M Avinash for all purpose.
M Avinash D-227

By virtue of an affidavit sworn before Executive Magistrate, Sambalpur, No.2086, dated 23.04.2026, Ambubati Pan, W/o- Goutam Pan, R/o.- At- Jhankarpada, P.O./P.S.- Hirakud, Dist.- Sambalpur, Odisha, PIN- 768016 declare that I have changed my name from Sukanti Sohela to Ambubati Pan. Henceforth, I shall be known as Ambubati Pan for all purposes.
Ambubati Pan D-224

**Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

By virtue of an affidavit sworn before the Notary Public, Titilagarh, dt. 27.04.2026, I, Surendra Nag, S/o- Cheru Nag, R/o. Village- Rengali, P.O.- Kamarlaga, P.S.- Saintala, Dist.- Balangir (Odisha), PIN- 767032 declare that now I have changed my son's name from Subham Nag to Kairav Nag. Henceforth, he shall be known as Kairav Nag for all purposes.
Surendra Nag D-223

I, Gyanaranjan Das, S/o- Sulabh Charan Das, Vill- Patarajpur, P.O./ P.S.- Balichandrapur, Dist.- Jajpur, PIN- 754205, Odisha are by this affidavit No.- 279, dt. 22.04.2026 that now onwards I shall be known as Gyana Ranjan Das for all future purposes. D-226

Your Classified Advertisement published in Dharitri will be listed free in Dharitri Online Edition:
**dharitriepaper.in**

## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ ରଜତ କୁମାର ମହାପାତ୍ର
(Retd Forest range officer)
ଆବିର୍ଭାବ : ୧୫.୦୫.୧୯୬୧
ତିରୋଧାନ: ୧୯.୦୪.୨୦୨୬

ଆପଣ ଙ୍କ ଅନୁପସ୍ଥିତି ଆମ ମାନଙ୍କୁ ଶୋକ ସାଗର ରେ ଭସାଇ ଦେଇଛି. ଆମ ମାନଙ୍କୁ ଅବିରତ ଲୁହ ଦେଇ ଆପଣ ଚାଲିଗଲେ. ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଚରଣ କମଳ ରେ ଆପଣ ଙ୍କର ଆତ୍ମା ଲୀନ ହୋଇଯାଉ. କେବଳ ଏତିକି ପ୍ରାର୍ଥନା.

ଶୋକସନ୍ତପ୍ତ
ପବିତ୍ର ପ୍ରସାଦ ମହାପାତ୍ର (ଲକି) ଏବଂ ପରିବାର ଓ ବନ୍ଧୁ ବର୍ଗ
D-311


ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଭଲ ନୁହେଁ ନୀରବତା

**କଥାବାର୍ତ୍ତା ନ କରି ପରସ୍ପରଠାରୁ ଦୂରେଇ ରହିଲେ କିଛିଦିନ ପରେ ସମ୍ପର୍କ ସଜାଡ଼ି ହେବ ବୋଲି ଭାବନ୍ତି ଅନେକେ। ହେଲେ ଦାମ୍ପତ୍ୟରେ ଏହି ସାଇଲେଣ୍ଟ ଟ୍ରିଟ୍‌ମେଣ୍ଟ ବେଶି ସମୟ ରହିବା ଠିକ୍ ନୁହେଁ। ଭାବନାତ୍ମକ ଦୂରତା ବଢ଼ିବା ପୂର୍ବରୁ ସଚେତନ ହେବା ଜରୁରୀ...**



ବେଳେବେଳେ ଦାମ୍ପତ୍ୟରେ ଝଗଡ଼ା କିମ୍ବା ମତଭେଦ ହେବା କାରଣରୁ ପରସ୍ପର କଥାବାର୍ତ୍ତା ବନ୍ଦକରି ଦେଇଥାନ୍ତି। କିଛିଦିନ ବା କିଛି ଘଣ୍ଟା ଚୁପ୍ ରହିଲେ ସମ୍ପର୍କ ଆପେ ଆପେ ସଜାଡ଼ି ହୋଇଯିବ ବୋଲି ଭାବନ୍ତି ଅନେକେ। ସେଥିପାଇଁ ଉଭୟେ କଥାବାର୍ତ୍ତା ବନ୍ଦ କରିଦିଅନ୍ତି। ଅନେକ ସମୟରେ ଉଭୟଙ୍କ ମଧ୍ୟରୁ ଜଣେ ବି କଥାବାର୍ତ୍ତା ନ କଲେ ସମ୍ପର୍କରେ ନୀରବତା ଘରକରି ନେଇଥାଏ। ଏଭଳି ସାଇଲେଣ୍ଟ ଟ୍ରିଟ୍‌ମେଣ୍ଟକୁ ଆପଣେଇଥିବା ସାଥୀ ବା ଦମ୍ପତି ଭାବନ୍ତି ଏମିତି କିଛିଦିନ ପରେ ସମ୍ପର୍କ ଆପେ ଆପେ ସଜାଡ଼ି ହୋଇଯିବ। ହେଲେ ଅଧିକ ସମୟ ପର୍ଯ୍ୟନ୍ତ ଏହି ଅବସ୍ଥା ରହିଲେ ସମ୍ପର୍କରେ ଭାବନାତ୍ମକ ଦୂରତା ବି ବଢ଼ିଚାଲେ। ଆଉ କେତେବେଳେ ହୁଏତ ଏଇ ଦୂରତା ସମ୍ପର୍କରେ ଫାଟ ସୃଷ୍ଟି କରିଥାଏ।

**କାରଣ**

ସାଇଲେଣ୍ଟ ଟ୍ରିଟ୍‌ମେଣ୍ଟ ବା ନୀରବତାର ମୁଖ୍ୟ କାରଣ ହେଉଛି ଅସନ୍ତୋଷ, କ୍ରୋଧ କିମ୍ବା ମତଭେଦ। ଏଇସବୁ କାରଣରୁ ହିଁ ପରସ୍ପର ମଧ୍ୟରେ ଛୋଟମୋଟ ଝଗଡ଼ା ସୃଷ୍ଟି ହୋଇଥାଏ। ଏମିତି ଏକ ପରିସ୍ଥିତିରେ ସାଥୀଙ୍କ ମଧ୍ୟରୁ କେହି ଯଦି ରାଗିଥାନ୍ତି କିମ୍ବା ଅସନ୍ତୁଷ୍ଟ ରହିଥାନ୍ତି ତେବେ ଅନେକ ସମୟରେ ସେ ପ୍ରାୟତଃ ଚୁପ୍ ରହିବାକୁ ପସନ୍ଦ କରନ୍ତି। ଏହି ପରିସ୍ଥିତି ଉଭୟଙ୍କ ମଧ୍ୟରେ ଏକ ଭାବନାତ୍ମକ ଦୂରତା ବି ସୃଷ୍ଟି କରିଥାଏ। ବାରମ୍ବାର ପରସ୍ପର ମଧ୍ୟରେ କମ୍ ସମୟ କଥାବାର୍ତ୍ତା କାରଣରୁ ମନରେ ଏକ ପ୍ରକାର ଅଭିମାନ ସୃଷ୍ଟିହୁଏ। ଫଳରେ ସେମାନେ ନୀରବ ରହିବା ବାଟକୁ ବାଛି ନିଅନ୍ତି। ଅର୍ଥାତ୍ ସମ୍ପୂର୍ଣ୍ଣ ରୂପେ କଥାବାର୍ତ୍ତା ବନ୍ଦ କରିଦିଅନ୍ତି। ନିଜ ନିଜ ଜିଦ୍‌ରେ ଏଭଳି ସେମାନେ ଅଟଳ ରହନ୍ତି ଯେ ସମ୍ପର୍କରେ ଏହା ବିପରୀତ ପ୍ରଭାବ ପଡୁଛି ବୋଲି ଭୁଲିଯାଆନ୍ତି। ତେଣୁ ଉଭୟ ଦମ୍ପତି ଏସବୁ ଦୃଷ୍ଟିରୁ ଯଦି ଠିକ୍ ସମୟରେ ସଚେତନ ରହିପାରିବେ ତାହେଲେ ଏକ ସୁନ୍ଦର ମଧୁର ସମ୍ପର୍କକୁ ଅନୁଭବ କରିପାରିବେ।

**ସମ୍ପର୍କରେ ପ୍ରଭାବ**

ସାଥୀଙ୍କ ମଧ୍ୟରୁ ଜଣେ ଚୁପ୍ ରହିବା ଅନ୍ୟ ଜଣଙ୍କ ପାଇଁ ଯନ୍ତ୍ରଣା ଭଳି।





ଏଭଳି ସ୍ଥିତିରେ ଉଭୟ ସାଥୀ ଏକୁଟିଆ ମନେକରନ୍ତି। ଉଭୟ ବିଚାର କରନ୍ତି ଯେ ତାଙ୍କ ସମ୍ପର୍କକୁ ତାଙ୍କର ଯୋଗ୍ୟତାକୁ ସାଥୀଜଣକ ଗ୍ରହଣ କରୁନାହାନ୍ତି। ବାରମ୍ବାର ସାଥୀଙ୍କ ପାଖରୁ ଇଗ୍ନୋର ହେବା କାରଣରୁ ତାଙ୍କର ଆତ୍ମସମ୍ମାନରେ ମଧ୍ୟ ଆଞ୍ଚ ଆସିଥାଏ। ସାଥୀଙ୍କ ନୀରବତା ପାଇଁ ସେ ନିଜକୁ ଦୋଷୀ ମନେକରନ୍ତି କିମ୍ବା ପ୍ରତିକ୍ରିୟାଶୀଳ ହୋଇପଡ଼ନ୍ତି। ଫଳରେ ଅଭିମାନ ଅହଙ୍କାରର ରୂପ ନିଏ ଆଉ ସେତେବେଳେ ସାଥୀଜଣକ ସବୁଦିନ ପାଇଁ ଚୁପ୍ ରହିବାକୁ ପସନ୍ଦ କରନ୍ତି। ଏମିତି ଅନେକ ଦିନ ରହିବା ଫଳରେ କିଛିଦିନ ପରେ ପରସ୍ପର ଉପରୁ ବିଶ୍ୱାସ ଓ ଭରସା କମ୍ ହୋଇଯାଏ। ତା'ପରେ ଧୀରେ ଧୀରେ ସମ୍ପର୍କରେ ଦୂରତା ସୃଷ୍ଟି ହୋଇଥାଏ।

**କରନ୍ତୁ ସମାଧାନ**

ଆପଣଙ୍କ ସାଥୀ ଯଦି ଆପଣଙ୍କର କୌଣସି କଥା ବା ବ୍ୟବହାରରେ ଅସନ୍ତୁଷ୍ଟ ହୋଇଛନ୍ତି ବା ଅଭିମାନକରି କିଛି କହୁନାହାନ୍ତି ତେବେ ଆପଣ ହିଁ ପ୍ରଥମେ କଥାବାର୍ତ୍ତା ଆରମ୍ଭ କରନ୍ତୁ। ନିଜର ବ୍ୟବହାରରେ ଭୁଲ୍ ଥିବାର ପ୍ରଥମେ ସ୍ୱୀକାର କରି ତା'ପରେ ସାଥୀଙ୍କ ସହ କଥା ହୁଅନ୍ତୁ। ଏହାପରେ ସାଥୀଙ୍କ ଅଭିମାନର କାରଣ ସମ୍ପର୍କରେ ଜାଣିବା ପାଇଁ ଚେଷ୍ଟା କରନ୍ତୁ। ଏହାପରେ ଆପଣ ପ୍ରକୃତ କାରଣ ଜାଣିପାରିବେ ଓ ସେହି ଅନୁସାରେ ସାଥୀଙ୍କୁ ବୁଝାଇ ପାରିବେ। ଏମିତି ଏକ ଛୋଟ ପ୍ରୟାସ ଦ୍ୱାରା ଦୁଇଜଣଙ୍କ ଜୀବନରେ ଖୁସି ଫେରିପାରିବ। ଫଳରେ ପୂର୍ବଭଳି କଥାବାର୍ତ୍ତା କରି ସମ୍ପର୍କ ମଜଭୁତ କରିପାରିବେ।





## ଏମାନେ କ'ଣ କରନ୍ତି

### ଅଭିମାନରେ କଥା ବନ୍ଦ କରେ



ବେଳେବେଳେ ଅଭିମାନରେ କଥାବାର୍ତ୍ତା ବନ୍ଦ କରିଦିଏ। କିନ୍ତୁ ଅନ୍ୟ ସବୁ କାମ କରୁଥାଏ। ସେ କେତେବେଳେ ଖାଇବେ, କ'ଣ ଖାଇବେ, ଡ୍ରେସ୍ ସଫା କରିବା ଏମିତି ତାଙ୍କ ପ୍ରତି ପୂରା ସମର୍ପିତ ରହିଥାଏ। ତାଙ୍କର ଯେତେବେଳେ ଯାହା ଦରକାର ସବୁ କରିଦିଏ ହେଲେ ସିଧାସଳଖ କଥା ହୁଏନି। ତେବେ ଏମିତି ବେଶି ଦିନ ବି ରହିପାରେନି। ଦିନେ କି ଦୁଇଦିନ ଭିତରେ ଆମେ ପରସ୍ପର ସହ କଥାବାର୍ତ୍ତା ହୋଇଥାଉ। କେବେ କେବେ ସେ ଆଗ କଥା ହୁଅନ୍ତି ତ ଆଉ କେବେ ମୁଁ ବି କଥାବାର୍ତ୍ତା ଆରମ୍ଭ କରେ। ସମୟ ଗଡ଼ିଗଲେ ରାଗରୁଷା ଆପେ ଆପେ କମିଯାଏ। ତା'ଛଡ଼ା ବେଶିଦିନ କଥା ନ ହୋଇ ମୁଁ ରହିପାରିବିନି। ସେଥିପାଇଁ ଯେମିତି ହେଉ କଥା ଆରମ୍ଭ କରେ। – ***ସୁନନ୍ଦା ପଟ୍ଟନାୟକ***, *ଗୃହିଣୀ, ବ୍ରହ୍ମପୁର*

### କଥାବାର୍ତ୍ତାରେ ସମାଧାନ କରୁ



ଅନେକ ସମୟରେ ଘର କଥାକୁ ନେଇ ଆମ ଭିତରେ ମତଭେଦ ହୋଇଥାଏ। ମୋର କୌଣସି କଥାକୁ ସେ ଯଦି ଗ୍ରହଣ କରି ନ ଥାନ୍ତି ତା'ହେଲେ ମତେ ବିରକ୍ତ ଲାଗେ। ସମସ୍ତଙ୍କ ଆଗରେ ପ୍ରତିବାଦ ତ କରେନି, କିନ୍ତୁ ରାଗରେ କାହାକୁ କିଛି କହେନି। ପରେ ସେହି ବିଷୟରେ ଆମେ ଦୁଇଜଣ କଥାବାର୍ତ୍ତା ହୋଇ ସମାଧାନ କରିଥାଉ। ଏହି ସମୟରେ ଆମେ ପରସ୍ପରର ଭାବନାକୁ ବୁଝିଥାଉ। ସେ କେଉଁ ଉଦ୍ଦେଶ୍ୟ ରଖି ଘର ଲୋକଙ୍କ ଆଗରେ କିଭଳି କଥା କହନ୍ତି ସେ ସମ୍ପର୍କରେ ଜାଣିପାରେ। ତେଣୁ ଆଉ ରାଗ ଅଭିମାନ କିଛି ରହେନି। – ***ସୌମ୍ୟାଶ୍ରୀ ମିଶ୍ର***, *ଗୃହିଣୀ, ମହାନଦୀବିହାର, କଟକ*

### ଆଗ କଥା ହୁଏ



ସବୁବେଳେ ମୁଁ ଆଗ ରାଗିଯାଏ ଆଉ କଥାବାର୍ତ୍ତା ବନ୍ଦ କରିଦିଏ, ପୁଣି ଆଗୁଆ ଯାଇ କଥା ହୁଏ। କାହିଁକିନା ସେ ମତେ ଫୋନ୍‌ରେ ମେସେଜ୍ ମାଧ୍ୟମରେ ଏଭଳି ବିଭିନ୍ନ କଥା କହନ୍ତି ଯାହାଫଳରେ ମୋର ସବୁ ଅଭିମାନ ଦୂରେଇଯାଏ। ତା'ପରେ ଫୋନ୍ କରି ଆଗୁଆ ଯାଇ କଥା ହୁଏ। ଜୀବନରେ ଏମିତି ଅନେକ ଥର ଝଗଡ଼ା ହୁଏ। ହେଲେ କୌଣସି ଥର ଏମିତି ଚୁପ୍ ରହିବା ବେଶିଦିନ ହୁଏନି କି ସମ୍ପର୍କରେ କୌଣସି ପ୍ରଭାବ ପକାଇ ନ ଥାଏ। ବରଂ ଏମିତି ଛୋଟମୋଟ ଝଗଡ଼ା ପାଇଁ ଆମ ସମ୍ପର୍କ ଆହୁରି ନିବିଡ଼ ହୋଇଥାଏ। – ***ସୁଜାତା ନାୟକ***, *କର୍ମଜୀବୀ, ନୟାପଲ୍ଲୀ, ଭୁବନେଶ୍ୱର*

# ଖରାଦିନେ ଶାଢ଼ି

**ଶାଢ଼ି ପିନ୍ଧିଲେ ଅଧିକ ଗରମ ହେବ ବୋଲି ସାଧାରଣତଃ ଧାରଣା ରହିଥାଏ। ମାତ୍ର ଏଭଳି କେତେକ ଫାବ୍ରିକ୍ ରହିଛି ଯାହା ଷ୍ଟାଇଲିଶ୍ ଦେଖାଯିବା ସହ ଖରାଦିନେ ପିନ୍ଧିବା ପାଇଁ ମଧ୍ୟ ଆରାମ ଲାଗିବ...**



**କଟନ୍ ଶାଢ଼ି–** ଖରାଦିନ ପାଇଁ ସବୁଠୁ ଭଲ ଫାବ୍ରିକ୍ ଶାଢ଼ି ହେଉଛି କଟନ। ଏହି ଫାବ୍ରିକ୍‌ର ଶାଢ଼ି ହାଲୁକା ଓ ବ୍ରିଦେବଲ୍ ହୋଇଥାଏ। ତେଣୁ ଝାଳକୁ ଶୀଘ୍ର ଗ୍ରହଣ କରି ଶରୀରକୁ ଆରାମ ଦେଇଥାଏ। ତେଣୁ ଯେତେ ଅଧିକ ଗରମ ହେଲେ ବି କଟନ୍ ଶାଢ଼ି ପିନ୍ଧନ୍ତୁ ଷ୍ଟାଇଲିଶ୍ ଦେଖାଯିବା ସହ ଆରାମ ଲାଗିବ।

**ଲିନେନ୍–** ରେଗୁଲାର ଅଫିସ୍‌କୁ ଶାଢ଼ି ପିନ୍ଧି ଯାଉଥିଲେ ଲିନେନ୍ ଫାବ୍ରିକ୍ ଏକ ସୁନ୍ଦର ବିକଳ୍ପ ହୋଇପାରିବ। ଏହି ପ୍ରକାର ଶାଢ଼ି ସଫ୍ଟ ଓ ହାଲୁକା ହୋଇଥାଏ। ତେଣୁ ଅତ୍ୟଧିକ ଗରମ ହେଲେ ବି ଏହା ଝାଳକୁ ଗ୍ରହଣ କରି ଆରାମ ଅନୁଭବ କରାଇଥାଏ।

**ଖଦି ଶାଢ଼ି–** ଖରାଦିନେ ଗରମରେ ଆରାମ ଅନୁଭବ କରିବା ପାଇଁ ସବୁଠୁ ଭଲ ଫାବ୍ରିକ୍ ହେଉଛି ଖଦି। ଏହି ପ୍ରକାର ଶାଢ଼ି ବ୍ରିଦେବଲ ଓ ଇକୋ ଫ୍ରେଣ୍ଡ୍‌ଲି। ଏହି ଫାବ୍ରିକ୍ ଝାଳକୁ ଶୀଘ୍ର ଗ୍ରହଣ କରିଥାଏ ଓ ଶରୀରକୁ ଥଣ୍ଡା ରଖେ। ଏହା ଆରାମଦାୟକ ହେବା ସହ ଏଲିଗାଣ୍ଟ ଓ କ୍ଲାସି ଲୁକ୍ ଦେଇଥାଏ। ତେଣୁ ଏହାକୁ ଆପଣ ଯେକୌଣସି ସ୍ଥାନକୁ ପିନ୍ଧି ଯାଇପାରିବେ।

**ଶିଫନ ଶାଢ଼ି–** ଏହି ପ୍ରକାର ଶାଢ଼ି ଏତେ ହାଲୁକା ହୋଇଥାଏ ଯେ ପିନ୍ଧିଲେ ଖୁବ୍ ଆରାମ ଲାଗିଥାଏ। ଗରମ ଅନୁଭବ ମଧ୍ୟ କମ୍ କରିଥାଏ। ଏହାର ବିଭିନ୍ନ ଡିଜାଇନ ରହିଛି ଯାହାକୁ ଆପଣ ବିଭିନ୍ନ ସ୍ଥାନକୁ ପିନ୍ଧି ଯାଇପାରିବେ।

**ମସ୍‌ଲିନ୍ ଶାଢ଼ି–** ଏହି ପ୍ରକାର ଶାଢ଼ି ଲହୁଣି ଭଳି ନରମ ଓ ଚିକ୍‌କଣ ଲାଗିଥାଏ। ତେଣୁ ଏହାକୁ ଗରମ ଦିନେ ପିନ୍ଧିଲେ ବହୁତ ଆରାମ ଲାଗେ।

# ଏସି ଲଗାଉଥିଲେ...

**ଖରାଦିନେ ଏସି ବ୍ୟବହାର କରୁଥିଲେ ବିଭିନ୍ନ ଦିଗପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଜାଣନ୍ତୁ ସେ ସମ୍ପର୍କରେ...**

➤ ଘଣ୍ଟା ଘଣ୍ଟା ଧରି ଏସି ଚାଲିଲେ କମ୍ପ୍ରେସର ଉପରେ ଚାପ ପଡ଼ିଥାଏ। ତେଣୁ ଠିକ୍ ସମୟରେ ଟେକ୍‌ନିସିଆନ୍‌ଙ୍କୁ ଡାକି ଏହାର ସର୍ଭିସିଂ କରାନ୍ତୁ। ନଚେତ୍ ଅତ୍ୟଧିକ ଗରମ ହୋଇ ବ୍ଲାଷ୍ଟ ହେବାର ଆଶଙ୍କା ଥାଏ।

➤ ଏସିର ଆଉଟଡୋର୍ ୟୁନିଟ୍‌କୁ ଛାତ ଉପରେ ରଖିଲେ ଦିନ ସାରା ଖରା ପଡ଼ିଥାଏ। ଫଳରେ ଅନେକ ସମୟରେ ମେଶିନ୍‌ର ତାପମାତ୍ରା ସହିତ ଖରା ଯୋଗୁଁ ମେଶିନ୍ ଖରାପ ହେବାର ଆଶଙ୍କା ସୃଷ୍ଟି ହୋଇଥାଏ। ତେଣୁ ଏହାକୁ ଏଭଳି ସ୍ଥାନରେ ରଖନ୍ତୁ ଯେପରି ଉପରେ କୌଣସି ପ୍ରକାରର ଛାତ ଅଥବା ଛାଇ ହେଉଥିବ।

➤ ଖରାଦିନେ ଭୋଲଟେଜ୍ କମ୍ ବେଶି ହୋଇଥାଏ। ଏହି କାରଣରୁ ଏସି ମୋଟର ଓ ସର୍କିଟ୍ ପୋଡ଼ିଯିବାର ଆଶଙ୍କା ରହିଥାଏ। ଏହି ସମସ୍ୟା ନ ହେବା ପାଇଁ ଭଲ କ୍ୱାଲିଟିର ଭୋଲଟେଜ୍ ଷ୍ଟାବିଲାଇଜର ଲଗାନ୍ତୁ।

➤ ଏସି ଲାଗିବା ପରେ ଯଦି ଥଣ୍ଡା ହେଉ ନ ଥାଏ ତେବେ ଗ୍ୟାସ୍ ଲିକେଜ୍ ହୋଇଥାଇପାରେ। ତେଣୁ ତୁରନ୍ତ ଏହାକୁ ଠିକ୍ କରାନ୍ତୁ।

➤ ଏସି ଲଗାଇବା ପରେ ଯଦି ହଠାତ୍ କିଛି ଖରାପ ଶବ୍ଦ ହୁଏ ଅଥବା ପୋଡ଼ିବାର ଗନ୍ଧ ହୁଏ ତାହେଲେ ତୁରନ୍ତ ଏସି ବନ୍ଦ କରି ପ୍ଲଗ୍ ବାହାର କରି ଦିଅନ୍ତୁ।

➤ ଖରାପ ହୋଇଥିବା ତାର କିମ୍ବା ଢିଲା ପ୍ଲଗ୍ ଥିଲେ ଶୀଘ୍ର ବଦଳାଇ ଦିଅନ୍ତୁ।

**ଖାଦ୍ୟରୁଚି**

# ଟମାଟୋ ପକୁଡ଼ି

**ଆବଶ୍ୟକ ସାମଗ୍ରୀ–** ଟମାଟୋ– ୮ରୁ ୧୦ଟି, ବେସନ– ୫୦୦ ଗ୍ରାମ୍, ଛାଣିବା ପାଇଁ ତେଲ

**ଆଳୁ ପୁର ପାଇଁ–** ଆଳୁ ୫୦୦ ଗ୍ରାମ୍, ପିଆଜ– ୨ଟି, ପାନମଧୁରୀ, ଧନିଆ ଓ ଜିରା– ଅଧା ଚାମଚ, କଞ୍ଚାଲଙ୍କା– ୫ଟି, ଅଦା– ଖଣ୍ଡେ (୧ ଇଞ୍ଚ), ଗୋଲମରିଚ ଗୁଣ୍ଡ– ଅଧା ଚାମଚ, ହେଙ୍ଗୁ– ଅଳ୍ପ, ଲଙ୍କାଗୁଣ୍ଡ– ଅଧା ଚାମଚ, ଧନିଆ ଗୁଣ୍ଡ– ଅଧା ଚାମଚ, କସ୍ତୁରୀ ମେଥି– ଅଳ୍ପ, ଗରମ ମସଲା– ଅଧା ଚାମଚ, ଆମଚୁର ପାଉଡର– ଅଳ୍ପ, ଜୁଆଣି– ଅଧା ଚାମଚ, ସ୍ୱାଦ ଅନୁସାରେ ତେଲ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ଆଳୁକୁ ସିଝାଇ ଚୋପା ଛଡ଼ାଇ ରଖନ୍ତୁ। ପିଆଜକୁ ଛୋଟ ଛୋଟ କରି କାଟନ୍ତୁ। ଆଳୁ ପୁର ପ୍ରସ୍ତୁତି ନିମନ୍ତେ ଗ୍ୟାସ୍ ଲଗାଇ କଡ଼େଇ ଗରମ କରନ୍ତୁ। ଏଥିରେ ଅଳ୍ପ ସୋରିଷ ତେଲ ପକାନ୍ତୁ। ତେଲ ଗରମ ହେବା ପରେ ସେଥିରେ ଜିରା, ପାନ ମଧୁରୀ, ଧନିଆ ପକାନ୍ତୁ। ଏସବୁ ଫୁଟିବା ପରେ ସେଥିରେ କଞ୍ଚାଲଙ୍କା ଛୋଟ ଛୋଟ କାଟି ପକାନ୍ତୁ। ଏହାପରେ ଅଦାକୁ କୋରି ପକାନ୍ତୁ। ଏବେ ଏଥିରେ ଅଳ୍ପ ହେଙ୍ଗୁ ଓ ୨ ବଡ଼ ଚାମଚ ବେସନ ପକାଇ ହାଲୁକା ଆଞ୍ଚରେ ଭାଜନ୍ତୁ। ଗୋଲମରିଚ ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ ଓ କସ୍ତୁରୀ ମେଥି ପକାନ୍ତୁ। ଏବେ ସେଥିରେ ପିଆଜକୁ ଛୋଟ ଛୋଟ କାଟି ପକାନ୍ତୁ। ପିଆଜ ଭାଜି ହୋଇ ଆସିଲେ ସେଥିରେ ସିଝା ଆଳୁକୁ ହାତରେ ଖଣ୍ଡ ଖଣ୍ଡ କରି ପକାନ୍ତୁ। ଏବେ ସେଥିରେ ଲୁଣ, ବ୍ଲାକ୍ ସଲ୍‌ଟ, ଗରମ ମସଲା ଓ ଆମଚୁର ପାଉଡର ପକାଇ ଭାଜନ୍ତୁ। କିଛି ସମୟ ପରେ ତଳକୁ ଓହ୍ଲାଇ ଥଣ୍ଡା କରନ୍ତୁ। ଅନ୍ୟ ଏକ ପାତ୍ରରେ ବେସନ ସହ ଜୁଆଣି, ଲୁଣ ଓ ଲଙ୍କା ଗୁଣ୍ଡ ପକାଇ ଏକ ଗାଢ଼ା ଘୋଳ ତିଆରି କରି ୧୦ ମିନିଟ୍ ଘୋଡ଼ାଇ ରଖି ଦିଅନ୍ତୁ। ଟମାଟୋକୁ ଅଧାକୁ କାଟି ସେଥିରେ ଥିବା ମଞ୍ଜି ହାଲୁକା ଭାବରେ ବାହାର କରି ଦିଅନ୍ତୁ। ଏବେ ସେଥିରେ ଆଳୁପୁର ଭର୍ତ୍ତିକରି ବେସନରେ ବୁଡ଼ାଇ ତେଲ ଗରମ କରି ଛାଣି ନିଅନ୍ତୁ। ଏହାକୁ ଗରମ ଗରମ କୌଣସି ଚଟଣି କିମ୍ବା ସସ୍ ସହ ଖାଆନ୍ତୁ।



**ସୌନ୍ଦର୍ଯ୍ୟ**

# ସ୍କିନ୍ କେୟାର

**ଖରାଦିନେ ଖାଦ୍ୟପେୟ ସହ ତ୍ୱଚାର ମଧ୍ୟ ଉପଯୁକ୍ତ ଯତ୍ନନେବାକୁ ହୋଇଥାଏ। ଜାଣନ୍ତୁ ଏ ସମ୍ପର୍କରେ...**



ଖରାଦିନେ ଅଲ୍‌ଟ୍ରା ଭାଓଲେଟ୍ ରଶ୍ମି ଓ ହ୍ୟୁମିଡିଟି ଯୋଗୁ ତ୍ୱଚା ପ୍ରଭାବିତ ହୋଇଥାଏ। ବିଶେଷକରି ଟ୍ୟାନିଂ, ପିଗ୍‌ମେଣ୍ଟେଶନ ଓ ଇନ୍‌ଫେକ୍‌ଶନ ହେବାର ଆଶଙ୍କା ରହିଥାଏ। ତେଣୁ ଏହି ଦିନେ କିଭଳି ଯତ୍ନ ନେବେ ଜାଣିରଖନ୍ତୁ।



→ ଦିନକୁ ୨ଥର ଫେସ୍‌ୱାଶ୍‌ରେ ମୁହଁ ଧୁଅନ୍ତୁ। ଅଏଲି ସ୍କିନ୍ ହୋଇଥିଲେ ଜେଲ୍‌ବେସ୍‌ଡ ଫେସ୍‌ୱାଶ୍ ଲଗାନ୍ତୁ। ଡ୍ରାଏ ସ୍କିନ୍ ହୋଇଥିଲେ କ୍ରିମ୍ ବେସ୍‌ଡ ଫେସ୍‌ୱାଶ୍ ଲଗାନ୍ତୁ। ଫଳରେ ଝାଳ, ଧୂଳି ଓ ଅତ୍ୟଧିକ ଅଏଲି ହୋଇଥିଲେ ସ୍କିନ୍ ଫ୍ରେଶ୍ ଲାଗିବ।

→ ଏହି ଦିନେ ପିଏଚ୍ ବାଲାନ୍ସ କରିବା ନିମନ୍ତେ ଟୋନର ବ୍ୟବହାର ନିଶ୍ଚୟ କରନ୍ତୁ। ତେବେ ଖରାଦିନ ପାଇଁ ଆଲ୍‌କୋହଲ ଫ୍ରି ଟୋନର ଲଗାନ୍ତୁ। କିନ୍ତୁ ଡ୍ରାଏ ସ୍କିନ୍ ହୋଇଥିଲେ ହାଇଡ୍ରେଟିଂ ଟୋନର ଲଗାନ୍ତୁ।

→ ସ୍ନାନକରିବା ପରେ ଓ ଶୋଇବା ପୂର୍ବରୁ ତ୍ୱଚାରେ ମଶ୍ଚରାଇଜର ନିଶ୍ଚୟ ଲଗାନ୍ତୁ। ତେବେ ସେନ୍‌ସିଟିଭ୍ ସ୍କିନ୍ ହୋଇଥିଲେ ଆଲୋଭେରା ବେସ୍‌ଡ ମଶ୍ଚରାଇଜର ଲଗାନ୍ତୁ।

→ ତ୍ୱଚାରେ ଅଲ୍‌ଟ୍ରା ଭାଓଲେଟ୍ ରଶ୍ମିର ପ୍ରଭାବ କମ୍ କରିବା ନିମନ୍ତେ ଏସ୍‌ପିଏଫ୍ ୩୦ କିମ୍ବା ତା' ଠାରୁ ଅଧିକ ଥିବା ସନ୍‌ସ୍କ୍ରିନ୍ ଲଗାନ୍ତୁ। ପ୍ରତି ୩ ଘଣ୍ଟାରେ ଥରେ ଏହାକୁ ଲଗାନ୍ତୁ। ଯଦି ବେଶି ସମୟ ଖରାରେ ରହୁଛନ୍ତି କିମ୍ବା ଅତ୍ୟଧିକ ଝାଳ ବାହାରୁଛି ତା'ହେଲେ ପ୍ରତି ୨ ଘଣ୍ଟାରେ ଥରେ ସନ୍‌ସ୍କ୍ରିନ୍ ଲଗାନ୍ତୁ।

→ ସପ୍ତାହକୁ ୨ଥର ମୃତକୋଷ ଦୂର କରିବା ନିମନ୍ତେ ଘରେ ଫେସିଆଲ୍ କରିପାରିବେ। ଯଦି ଫେସିଆଲ କରିପାରୁନାହାନ୍ତି ତେବେ ୨–୩ ଥର କ୍ଲେ ମାସ୍କ ଲଗାନ୍ତୁ। ସପ୍ତାହକୁ ଥରେ କିମ୍ବା ୨ ଥର ସ୍କ୍ରବ୍ କରନ୍ତୁ।

→ ପ୍ରଚୁର ପାଣି ପିଅନ୍ତୁ ଓ ଫଳ ତଥା ପନିପରିବା ଖାଆନ୍ତୁ।




# ବେଙ୍ଗାଲୁରୁ ପରାଜୟର ପ୍ରତିଶୋଧ ଦିଲ୍ଲୀରେ


ଉଇକେଟ ନେବା ପରେ ଜୋଶ ହାଜେଲ୍‌ଉଡ୍‌ଙ୍କୁ କୃନାଲ ପାଣ୍ଡ୍ୟାଙ୍କ ବଧେଇ।

**ନୂଆଦିଲ୍ଲୀ,୨୭।୪**

ବେଙ୍ଗାଲୁରୁରେ ଦିଲ୍ଲୀ କ୍ୟାପିଟାଲ୍ସ ନିକଟରୁ ପରାଜୟର ପ୍ରତିଶୋଧ ଦିଲ୍ଲୀରେ ନେଇଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)। ଜୋଶ୍ ହାଜେଲଉଡ ଓ ଭୁବନେଶ୍ୱର କୁମାର (ଭୁବି)ଙ୍କ ଘାତକ ବୋଲିଂ ପରେ ଦେବଦତ୍ତ ପଡିକାଲଙ୍କ ବିସ୍ଫୋରକ ବ୍ୟାଟିଂ ସହାୟତାରେ ଆରସିବି ୯ ଉଇକେଟରେ ଦିଲ୍ଲୀକୁ ପରାସ୍ତ କରିଛି। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଦିଲ୍ଲୀ ଦଳ ୧୬.୩ ଓଭରରେ ମାତ୍ର ୭୫ ରନକରି ଅଲ୍‌ଆଉଟ ହୋଇଥିଲା। ଜବାବରେ ଆରସିବି ୬.୩ ଓଭରରେ ମାତ୍ର ୧ ଉଇକେଟ ହରାଇ ୭୭ ରନ ସଂଗ୍ରହ କରି ନେଇଥିଲା। ଜ୍ୟାକବ ବେଥେଲ ୨୦ ରନକରି ଆଉଟ ହୋଇଥିବାବେଳେ ପଡିକାଲ ୧୩ ବଲ୍‌ରୁ ୩୪ (୩ ଚୌକା, ୩ ଛକା) ଓ ବିରାଟ କୋହଲି ୨୩ ରନରେ ଅପରାଜିତ ରହି ମ୍ୟାଚ ଫିନିଶ୍ କରିଥିଲେ। ଏଥିସହ କୋହଲି ଆଇପିଏଲ୍‌ରେ ୯୦୦୦ ରନ ପୂରଣ କରିଥିଲେ। ଭୁବି ଓ ହାଜେଲଉଡ୍‌ଙ୍କ ପେସ ଯୋଡ଼ି ଦିଲ୍ଲୀର ବ୍ୟାଟିଂ ଲାଇନ୍‌ଅପ୍‌କୁ ଧ୍ୱଂସ କରି ଦେଇଥିଲା। ଘରୋଇ ଦଳ ୪ ଓଭର ମଧ୍ୟରେ ୮ ରନରେ ୬ ଉଇକେଟ ହରାଇଥିଲା। ଏପରିକି ଦଳ ପ୍ରଥମ ୬ ଓଭର ସୁଦ୍ଧା ୬ ଉଇକେଟ ହରାଇ ମାତ୍ର ୧୩ ରନ କରିଥିଲା, ଯାହାକି ଆଇପିଏଲ୍ ଇତିହାସରେ ସର୍ବନିମ୍ନ ପାୱାରପ୍ଲେ ସ୍କୋର। ଦୁଇ ପେସର ପାୱାରପ୍ଲେରେ ୩ ଲେଖାଏ ଉଇକେଟ ନେଇଥିଲେ, ଯାହାକି ଆଇପିଏଲ୍ ଇତିହାସରେ ପ୍ରଥମ। ଅଭିଷେକ ପୋରେଲଙ୍କ ଦୃଢ଼ ବ୍ୟାଟିଂ ଯୋଗୁ ଦଳୀୟ ସ୍କୋର ୫୦ ପାର ହୋଇଥିଲା। ପୋରେଲ ୩୦ ରନ୍ କରି ଆଉଟ୍ ହୋଇଥିଲେ।

## ଭୁବି-ହାଜେଲଉଡ୍‌ଙ୍କ ଘାତକ ବୋଲିଂ

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ ୨୦ ଓଭରରେ ୭୫/ଅଲଆଉଟ୍ (ଅଭିଷେକ ପୋରେଲ-୩୦, ଡେଭିଡ୍ ମିଲର-୧୯, ଭୁବନେଶ୍ୱର କୁମାର-୩/୫, ଜୋଶ ହାଜେଲଉଡ୍-୪/୧୨)। ବେଙ୍ଗାଲୁରୁ ୬.୩ ଓଭରରେ ୭୭/୧ (ଦେବଦତ୍ତ ପଡିକାଲ-୩୪*, ବିରାଟ କୋହଲି-୨୩*, ଜ୍ୟାକବ ବେଥେଲ-୨୦, କାଏଲ ଜେମିସନ ୧/୪୨)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ପଞ୍ଜାବ ବନାମ ରାଜସ୍ଥାନ
ସ୍ଥାନ: ନ୍ୟୁ ଚଣ୍ଡିଗଡ଼
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୭ | ୬ | ୦ | ୧ | ୧୩ | +୧.୩୩୩ |
| ରୟାଲ ଚ୍ୟାଲେଞ୍ଜର୍ସ | ୮ | ୬ | ୨ | ୦ | ୧୨ | +୧.୯୧୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୫ | ୩ | ୦ | ୧୦ | +୦.୮୧୫ |
| ରାଜସ୍ଥାନ ରୟାଲ୍ସ | ୮ | ୫ | ୩ | ୦ | ୧୦ | +୦.୬୦୨ |
| ଗୁଜରାଟ ଟାଇଟନ୍ସ | ୮ | ୪ | ୪ | ୦ | ୮ | -୦.୪୭୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୩ | ୫ | ୦ | ୬ | -୦.୧୨୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୩ | ୫ | ୦ | ୬ | -୧.୦୬୦ |
| ନାଇଟ ରାଇଡର୍ସ | ୮ | ୨ | ୫ | ୧ | ୫ | -୦.୭୫୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୨ | ୫ | ୦ | ୪ | -୦.୭୩୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୨ | ୬ | ୦ | ୪ | -୧.୧୦୬ |


ଭୁବନେଶ୍ୱର କୁମାର

# ଆରସିବିର ସବୁଠୁ ସଫଳ ରନ୍‌ଚେଜ୍

**ନୂଆଦିଲ୍ଲୀ, ୨୭।୪**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ସୋମବାର ଆଇପିଏଲ୍ ମ୍ୟାଚରେ ୮୧ ରନରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ବଲ୍ ଦୃଷ୍ଟିରୁ ଆରସିବିର ଏହା ସବୁଠୁ ସଫଳ ରନ୍ ଚେଜ୍। ଏହି ତାଲିକାରେ ମୁମ୍ବାଇ ଇଣ୍ଡିଆନ୍ସ ଶୀର୍ଷରେ ରହିଛି। ୨୦୦୮ରେ କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ମୁମ୍ବାଇ ୮୭ ବଲ୍ ବାକିଥାଇ ରନ୍‌ଚେଜ୍ କରିଥିଲା। ଆଇପିଏଲ୍‌ରେ ୯୦୦୦ ରନ ପୂରଣ କରିଥିବା ବିରାଟ କୋହଲି ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ସର୍ବାଧିକ ୧୧୭୪, ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୧୧୭୨ ଓ ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ୧୧୫୯ ରନ ସଂଗ୍ରହ କରିଛନ୍ତି। କୋଲକାତା ବିପକ୍ଷରେ ୧୧୬୧ ରନ ସଂଗ୍ରହ କରି ରୋହିତ ଶର୍ମା ଏହି ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି। ଦିଲ୍ଲୀ ବିପକ୍ଷରେ ୩୫ ମ୍ୟାଚରୁ ଆରସିବିର ଏହା ୨୧ତମ ବିଜୟ। ଏଥିସହ କୌଣସି ଏକ ଦଳ ବିପକ୍ଷରେ ସର୍ବାଧିକ ମ୍ୟାଚ ବିଜୟରେ ଆରସିବି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛି। କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ୩୬ ମ୍ୟାଚରୁ ୨୫ଟିରେ ଜିତି ମୁମ୍ବାଇ ଇଣ୍ଡିଆନ୍ସ ତାଲିକାର ଶୀର୍ଷରେ ରହିଛି। ମ୍ୟାଚର ୨ଟି ଇନିଂସରେ ମୋଟ ୧୫୨ ରନ ସ୍କୋର ହୋଇଥିଲା। ଆରସିବି-ଦିଲ୍ଲୀ ମ୍ୟାଚରେ ଏହା ସର୍ବନିମ୍ନ ଏଗ୍ରିଗେଟ୍।

# ଆଇସ୍ୱିମ୍ ସମର ଚ୍ୟାଲେଞ୍ଜ

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)**

ଗ୍ଲେନମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନ ଓ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ (କିସ୍) ଆନୁକୂଲ୍ୟରେ ଆଇସ୍ୱିମ୍ ସମର ଚ୍ୟାଲେଞ୍ଜ ସୋମବାର ଶେଷ ହୋଇଛି। କିଟ୍-କିସ୍ ଅନ୍ତର୍ଜାତୀୟ ସୁଇମିଂ କମ୍ପ୍ଲେକ୍ସରେ ସୁଇମରମାନେ ଏହି କାର୍ଯ୍ୟକ୍ରମରୁ ଉପଯୋଗୀ ଅଭିଜ୍ଞତା ହାସଲ କରିଛନ୍ତି। ପ୍ରବଳ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ କୋଚ୍, ବୈଷୟିକ ଅଧିକାରୀ, ଭଲ୍ୟୁଣ୍ଟିୟର ଓ ଆୟୋଜକଙ୍କ ଉଦ୍ୟମ ଯୋଗୁ ଏହି ଇଭେଣ୍ଟ ସଫଳତାର ସହ ସମ୍ପନ୍ନ ହୋଇଛି। ଓଡ଼ିଶା (ଆଇଆଇଏସ୍ ଭୁବନେଶ୍ୱର, ଜିଏଏଫ୍ କିସ୍), କର୍ଣ୍ଣାଟକ (ପିଇଟି ମଧ୍ୱ), ପଶ୍ଚିମବଙ୍ଗ (ବେଙ୍ଗଲ ସୁଇମିଂ ଏକାଡେମୀ, ଏଚ୍‌ଏଲ୍‌ଏନ୍‌କେ ସାନ୍ତାର) ଓ ଝାଡ଼ଖଣ୍ଡ (ଟାଟା) ଆଦି ଦଳର ସୁଇମରମାନେ ଏଥିରେ ଭାଗ ନେଇଥିଲେ। ଓପନ, ଗ୍ରୁପ୍-୨, ଗ୍ରୁପ୍-୩ ଏବଂ ଗ୍ରୁପ୍-୪ ବର୍ଗରେ ପ୍ରତିଯୋଗିତାରେ ମୋଟ ୫୬ଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ୧୫ଟି କ୍ଲବର ୫୧୪ ସୁଇମର ଏଥିରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ମୋଟ ୧,୯୧୪ ବ୍ୟକ୍ତିଗତ ଏଣ୍ଟ୍ରି ସନ୍ତରଣ କ୍ରୀଡ଼ାର ଲୋକପ୍ରିୟତାକୁ ସୂଚାଉଛି। ପ୍ରତି ବର୍ଗର ୩ ଜଣ ଲେଖାଏ ଶ୍ରେଷ୍ଠ ସୁଇମରଙ୍କୁ ପୁରସ୍କୃତ କରାଯାଇଛି। କିସ୍ ପକ୍ଷରୁ ସର୍ବାଧିକ ୨୯୮ ସୁଇମର ଅଂଶଗ୍ରହଣ କରିଥିଲେ। ଏହା ମଧ୍ୟରେ ୧୯୦ ବାଳିକା ଓ ୧୦୮ ବାଳକ ସାମିଲ। ପ୍ରଦର୍ଶନ ଦୃଷ୍ଟିରୁ ଇନ୍‌ସ୍ପାୟର ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟ୍ସ (ଆଇଆଇଏସ୍) ଭୁବନେଶ୍ୱରର ପ୍ରଦର୍ଶନ ପ୍ରଭାବୀ ରହିଥିଲା। ବିଭିନ୍ନ ବର୍ଗରେ ଏହାର ପ୍ରତିଯୋଗୀମାନେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗ୍ଲେନମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନର ଉଦ୍ୟମ ଯୋଗୁ କିସ୍ ପ୍ରତିଯୋଗୀମାନେ ପ୍ରଦର୍ଶନର ଛାପ ଛାଡ଼ିଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସିବ୍ୟକ୍ତ କରିଛନ୍ତି।


ଆଇସ୍ୱିମ୍ ସମର ଚ୍ୟାଲେଞ୍ଜ ପ୍ରତିଯୋଗିତା ଅବସରରେ ପ୍ରତିଯୋଗୀମାନେ।

# ଅଷ୍ଟ୍ରେଲିଆକୁ ହରାଇ କ୍ୱାର୍ଟରରେ ଭାରତ

**ହୋର୍ସେନ, ୨୭।୪ (ପି.ଟି.)**

**ଥୋମାସ୍ କପ୍ ବ୍ୟାଡ୍‌ମିଣ୍ଟନ**

ଗ୍ରୁପ୍ 'ଏ'ରେ ଅଷ୍ଟ୍ରେଲିଆ ବିପକ୍ଷରେ ୫-୦ରେ ବିଜୟ ହାସଲ କରି ଭାରତ ଏଠାରେ ଚାଲିଥିବା ଥୋମାସ କପ୍ ଫାଇନାଲ୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ସୋମବାର ଏହି ବିଜୟ ଦ୍ୱାରା ଭାରତ ଓ ଚାଇନା ଗ୍ରୁପ୍‌ରେ ପ୍ରଥମ ଦୁଇ ସ୍ଥାନ ଅଧିକାର କରିନେଇଛନ୍ତି। ୨୦୨୨ ଚାମ୍ପିୟନ ୪-୧ରେ କାନାଡାକୁ ପରାସ୍ତ କରି ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିଥିଲା। ଅନ୍ୟପକ୍ଷରେ ଚାଇନା ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷରେ ୫-୦ରେ ବିଜୟ ଲାଭ କରିଥିବା ବେଳେ ସୋମବାର ସକାଳେ କାନାଡାକୁ ୪-୧ରେ ହରାଇ ଦେଇଥିଲା। ଇଫ୍ରେମ୍ ଷ୍ଟିଫେନ ସାମ୍‌ଙ୍କୁ ୨୧-୧୪, ୨୧-୧୬ରେ ପରାସ୍ତ କରି ପ୍ୟାରିସ ଅଲିମ୍ପିଆନ ତଥା ରାଜ୍ୟଗୋଷ୍ଠୀ ଚାମ୍ପିୟନ ଲକ୍ଷ୍ୟ ସେନ୍ ଭାରତକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ଅନ୍ୟପକ୍ଷରେ ୟୁଏସ୍ ଓପନ ଚାମ୍ପିୟନ ତଥା ନିକଟରେ ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ରେ ରନରଅପ୍ ଆୟୁଷ ଶେଟ୍ଟି ଶ୍ରେ ଧଣ୍ଡଙ୍କ ବିପକ୍ଷରେ ୨୧-୮, ୨-୧୬ରେ ବିଜୟ ଲାଭ କରିଥିଲେ। ସେହିପରି ଏସିଆନ ଗେମ୍ସ ଚାମ୍ପିୟନ ତଥା ଭାରତର ଟପ୍ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ପ୍ରତିପକ୍ଷ ରିଜ୍‌କି ହିଦାୟତ ଓ ଜ୍ୟାକ୍ ୟୁଙ୍କୁ ୨୧-୧୪, ୨୧-୧୬ରେ ହରାଇ ଭାରତକୁ ୩-୦ରେ ଅଗ୍ରଣୀ କରାଇବା ସହ ବିଜୟକୁ ପକ୍କା କରିଥିଲେ।

**ଏଆଇଟିଏର ୨୦୨୪ ନିର୍ବାଚନ ଫଳାଫଳ କାର୍ଯ୍ୟ କରିବାକୁ ହାଇକୋର୍ଟଙ୍କ ଅନୁମତି**

# ଗୀତା ମିତ୍ତଲ ପ୍ରଶାସକ ନିଯୁକ୍ତ

**ନୂଆଦିଲ୍ଲୀ,୨୭।୪(ଏପି)**

ଗତ ୨୦୨୪ ସେପ୍ଟେମ୍ବର ୨୮ ତାରିଖରେ ହୋଇଥିବା ଅଲ ଇଣ୍ଡିଆ ଟେନିସ ଆସୋସିଏଶନ (ଏଆଇଟିଏ) ନିର୍ବାଚନର ଫଳାଫଳ କାର୍ଯ୍ୟକାରୀ କରିବାକୁ ଦିଲ୍ଲୀ ହାଇକୋର୍ଟ ସୋମବାର ଅନୁମତି ଦେଇଛନ୍ତି। କିନ୍ତୁ ନିର୍ବାଚିତ ପରିଷଦ କେବଳ ଏକ ଅନ୍ତରୀଣ ବ୍ୟବସ୍ଥା ଭାବେ କୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ ପୂର୍ବତନ ମୁଖ୍ୟ ବିଚାରପତି ଗୀତା ମିତ୍ତଲଙ୍କ ମାର୍ଗଦର୍ଶନରେ କାର୍ଯ୍ୟ କରିବ।

କୋର୍ଟଙ୍କ ଅର୍ଡରରେ ବିଚାରପତି ମିନି ପୁଷ୍କର୍ଣ୍ଣା ସ୍ପଷ୍ଟ କରିଛନ୍ତି, ବର୍ତ୍ତମାନ ପରିସ୍ଥିତିରେ ୨୦୨୪ ନିର୍ବାଚନକୁ ପରିବର୍ତ୍ତନ କରାଯିବ ନାହିଁ। କାର୍ଯ୍ୟକାରୀ କମିଟି ସୀମିତ ଦକ୍ଷତାରେ ଜଷ୍ଟିସ ମିତ୍ତଲଙ୍କ ମାର୍ଗଦର୍ଶନରେ କାର୍ଯ୍ୟ କରିବ। ଏହାର ଅର୍ଥ ଗୁଜରାଟ ରାଜ୍ୟ ଆସୋସିଏଶନର ସଦସ୍ୟ ଚିନ୍ତନ ପାରିଖ ଏଆଇଟିଏର ନୂଆ ସଭାପତି। ମହାରାଷ୍ଟ୍ରର ସୁନ୍ଦର ଆୟାର ସାଧାରଣ ସମ୍ପାଦକ ଓ ପଞ୍ଜାବର ଦୀନେଶ ଆରୋରା ଟ୍ରେଜରର ଭାବେ କାର୍ଯ୍ୟ କରିବେ। କୋର୍ଟ ଜଷ୍ଟିସ ମିତ୍ତଲଙ୍କୁ ଏଆଇଟିଏର ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିବା ସହ ଜାତୀୟ ସ୍ପୋର୍ଟ୍ସ କୋଡ୍ ଅନୁଯାୟୀ ଏହାର କାର୍ଯ୍ୟକାରିତା ସୁନିଶ୍ଚିତ କରିବାକୁ ଦାୟିତ୍ୱ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଏଆଇଟିଏର କାର୍ଯ୍ୟକାରୀ ପରିଷଦରେ ୨୫ ସଦସ୍ୟ ରହିଛନ୍ତି। କିନ୍ତୁ ଜାତୀୟ କ୍ରୀଡ଼ା ଶାସନ (ଏନ୍‌ଏସ୍‌ଜି) ଅନୁଯାୟୀ, ପରିଷଦରେ ୧୫ରୁ ଅଧିକ ସଦସ୍ୟ ରହିପାରିବେ ନାହିଁ।

# ଅଙ୍କିତାଙ୍କୁ ୫ ଉଇକେଟ ; ରାଉରକେଲା ବିଜୟୀ

**କଟକ,୨୭।୪(କୁମାରଶ୍ରୀ)**

**ଆନ୍ତଃଜିଲ୍ଲା ମହିଳା ଟି୨୦**


ଅଙ୍କିତା ପାଣି

ଆନ୍ତଃଜିଲ୍ଲା ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ରାଉରକେଲା ୯ ଉଇକେଟରେ ନୂଆପଡାକୁ ପରାସ୍ତ କରିଛି। ରେଲୱେ ଗ୍ରାଉଣ୍ଡରେ ପ୍ରଥମେ ବ୍ୟାଟିଂ କରିଥିବା ନୂଆପଡା ମାତ୍ର ୧୭ରନରେ ଅଲଆଉଟ ହୋଇଥିଲା। ରାଉରକେଲାର ଅଙ୍କିତା ପାଣି ୪ରନ ବିନିମୟରେ ୫ଟି ଉଇକେଟ ଦଖଲ କରି ନୂଆପଡାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ୨.୪ ଓଭରରେ ଗୋଟିଏ ଉଇକେଟ ହରାଇ ରାଉରକେଲା ବିଜୟ ହାସଲ କରିଥିଲା। ୫ ଉଇକେଟ ସଫଳତା ପାଇଥିବା ଅଙ୍କିତା ପ୍ଲେୟର ଅଫ ଦି ମ୍ୟାଚ୍ ହୋଇଥିଲେ। ଅନ୍ୟ ମ୍ୟାଚ୍ ଗୁଡିକରେ କିଟ ୩୮ରନରେ କୋରାପୁଟକୁ, ବରଗଡ ୪୧ରନରେ ଗଞ୍ଜାମକୁ, କଟକ ୬ ଉଇକେଟରେ ମୟୂରଭଞ୍ଜକୁ, ଭଦ୍ରକ ୮ ଉଇକେଟରେ ମାଲକାନଗିରିକୁ, ଜଗତସିଂହପୁର ୮ ଉଇକେଟରେ କଳାହାଣ୍ଡିକୁ, ବଲାଙ୍ଗୀର ୧୫ରନରେ ସୁନ୍ଦରଗଡକୁ, କେନ୍ଦୁଝର ୯୨ରନରେ ନୟାଗଡକୁ, ନବରଙ୍ଗପୁର ୫୮ରନରେ ଦେବଗଡକୁ ପରାସ୍ତ କରିଛି।

# ସିନିୟର ରୋଲ୍ ବଲ୍‌ରେ ଓଡ଼ିଶାକୁ ପ୍ରଥମ ପଦକ


ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ରୋଲ ବଲ୍ ଦଳ।

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)**

ଓଡ଼ିଶା ରୋଲ୍ ବଲ୍ ଦଳ ସିନିୟର ସ୍ତରରେ ପ୍ରଥମ ପଦକ ହାସଲ କରି ଇତିହାସ ରଚିଛି। ମେଘାଳୟର ଶିଲଂଠାରେ ଅନୁଷ୍ଠିତ ପୂର୍ବାଞ୍ଚଳ ସିନିୟର ରୋଲ୍ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ବ୍ରୋଞ୍ଜ ପଦକ ହାସଲ କରିଛି। ମେଘାଳୟ ରୋଲ ବଲ୍ ଆସୋସିଏଶନ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା ସିନିୟର ଦଳ ଚମତ୍କାର ପ୍ରଦର୍ଶନ କରିଥିଲା। ଓଡ଼ିଶା ପକ୍ଷରୁ ପ୍ରତୀକ ଅର୍ନବ ଜେନା ସର୍ବାଧିକ ୭ ଗୋଲ ସ୍କୋର କରିଥିଲେ। ସେ ମାତ୍ର ୧୪ ବର୍ଷର ହୋଇଥିଲେ ମଧ୍ୟ ନିଜ ଦକ୍ଷତା ମାଧ୍ୟମରେ ଓଡ଼ିଶାକୁ ଏହି ଐତିହାସିକ ସଫଳତା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଓଡ଼ିଶା ରୋଲ ବଲ୍ ଆସୋସିଏଶନ ଏବଂ ଏହାର ପ୍ରତିଷ୍ଠାତା ପାର୍ଥ ସାରଥି ଜେନା ରାଜ୍ୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଗତ କିଛିବର୍ଷ ଧରି ଓଡ଼ିଶା ଦଳ ବିଭିନ୍ନ ବୟସ ବର୍ଗରେ ପ୍ରଭାବୀ ପ୍ରଦର୍ଶନ କରି ଆସୁଛି। ଏବେ ସିନିୟର ସ୍ତରରେ ପଦକ ଜିତି ଏକ ମାଇଲଖୁଣ୍ଟ ସ୍ଥାପନ କରିଛି ବୋଲି ପାର୍ଥ ସାରଥି ପ୍ରକାଶ କରିଛନ୍ତି।

# ଭୁବନେଶ୍ୱର ପ୍ରଥମ, କୋରାପୁଟ ଜିଲ୍ଲା ଦ୍ୱିତୀୟ



ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)**

**ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା ଉଦ୍‌ଯାପିତ**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ ସ୍ତରୀୟ ୩୭ତମ ଜୁନିୟର, କ୍ୟାଡେଟ୍ ଏବଂ ୩୮ତମ ସବ୍‌ଜୁନିୟର କରାଟେ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୬୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରଭାବୀ ପ୍ରଦର୍ଶନ କରି ଭୁବନେଶ୍ୱର ୫୮ଟି ସ୍ୱର୍ଣ୍ଣ ସହ ମୋଟ ୧୮୨ ପଦକ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଛି। ୯ ସ୍ୱର୍ଣ୍ଣ ସହ ୨୬ ପଦକ ପାଇ କୋରାପୁଟ ଜିଲ୍ଲା ଦ୍ୱିତୀୟ ଏବଂ ୮ ସ୍ୱର୍ଣ୍ଣ ସହ ୩୦ ପଦକ ପାଇ ବାଲେଶ୍ୱର ଜିଲ୍ଲା ତୃତୀୟ ସ୍ଥାନ ଅଧିକାର କରିଛି। ଓଡ଼ିଶା କରାଟେ ସଂଘର ପୂର୍ବତନ ସମ୍ପାଦକ ପ୍ରକାଶ ପଟ୍ଟନାୟକ, ଉପଦେଷ୍ଟା ସନକ ନାୟକ, ସଦସ୍ୟ ହିମାଂଶୁ ଶେଖର ଦାସ ପ୍ରମୁଖ ପୁରସ୍କାର ବିତରଣ କରିଥିଲେ। ଓଡ଼ିଶା ରାଜ୍ୟ କରାଟେ ସଂଘର ସଭାପତି ହରିପ୍ରସାଦ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଗୌରୀ ମହାନ୍ତି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୩୫ ଜଣ ବିଚାରକ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଉତ୍କଳ କରାଟେ ସ୍କୁଲର କାର୍ଯ୍ୟକର୍ତ୍ତା ଅବିନାଶ ପୁହିର, ସନ୍ଦୀପ ଦାଶ, ସନ୍ତୋଷ ମହାରଣା, ଦିଲୀପ ଜେନା, ସପନ ମିଶ୍ର, ରଜନୀ ବିଶି, ସଞ୍ଜୀବ ପୁଟେଲ୍‌ଙ୍କ ସମେତ ଅନ୍ୟ ସଦସ୍ୟମାନେ ପ୍ରତିଯୋଗିତାର ସଫଳ ପରିଚାଳନାରେ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପ୍ରତିଯୋଗୀମାନେ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ୍ ଦ୍ୱାରା ହେବାକୁଥିବା ଜାତୀୟ କରାଟେ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ Business queries: <advt@dharitri.com>